ଧରିତ୍ରୀ 52 Years

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୭/୨୦୨୬ (୧୨+୮=୨୦ ପୃଷ୍ଠା) | Bhubaneswar, Friday, April 17/2026 | Page 20 | ₹ 7.00

୫୨ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 142 | ମୂଲ୍ୟ ₹୭/-








36 LAKH INDIANS TURNED THEIR OLD GOLD INTO INDIA'S NEW STRENGTH

Today, India imports 99% of its gold. You can help reduce imports by exchanging your old gold.

— GOLD — EXCHANGE

Old gold from any jeweller accepted. | Year-round Exchange. | Choose from more than 10,000 designs.

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043

Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044



# KISNA

**DIAMOND & GOLD JEWELLERY**

**BY HARI KRISHNA GROUP**

## ବଡ଼ ଉତ୍ସବର ଅଫର୍

### AKSHAYA HAPPINESS

ଠାରୁ 40% ପର୍ଯ୍ୟନ୍ତ*
ହୀରା ଅଳଙ୍କାରର ମେକିଂ ଚାର୍ଜ ଉପରେ

ଠାରୁ 30% ପର୍ଯ୍ୟନ୍ତ*
ସୁନା ଅଳଙ୍କାରର ମେକିଂ ଚାର୍ଜ ଉପରେ

ପାଆନ୍ତୁ 10 ଗ୍ରାମ ରୂପା ମୁଦ୍ରା ମାଗଣାରେ
₹1,00,000 ରୁ ₹2,99,999 ମୂଲ୍ୟର ହୀରା ଅଳଙ୍କାର କିଣିଲେ*

ପାଆନ୍ତୁ 20 ଗ୍ରାମ ରୂପା ମୁଦ୍ରା ମାଗଣାରେ
₹3,00,000 ଏବଂ ତା'ଠାରୁ ଅଧିକ ମୂଲ୍ୟର ହୀରା ଅଳଙ୍କାର କିଣିଲେ*

ପାଆନ୍ତୁ 10 ଗ୍ରାମ ରୂପା ମୁଦ୍ରା ମାଗଣାରେ
₹3,00,000 ଏବଂ ତା'ଠାରୁ ଅଧିକ ମୂଲ୍ୟର ସୁନା ଅଳଙ୍କାର କିଣିଲେ*

ଆପଣଙ୍କ ପୁରୁଣା ସୁନା ବଦଳାନ୍ତୁ
ପାଆନ୍ତୁ 100%*
— ମୂଲ୍ୟ —

ଡବଲ୍ ରେଟ୍ ସୁରକ୍ଷା*

ମାତ୍ର 25% ଡାଉନ୍ ପେମେଣ୍ଟ ସହିତ ଆପଣଙ୍କର ମୂଲ୍ୟ ସୁରକ୍ଷିତ କରନ୍ତୁ: ଯଦି ସୁନା ବୃଦ୍ଧି ପାଏ, ତେବେ ଲକ୍ ହୋଇଥିବା ମୂଲ୍ୟ ଦିଅନ୍ତୁ ଯଦି ଏହା ହ୍ରାସ ପାଏ, ତେବେ କମ୍ ମୂଲ୍ୟ ଦିଅନ୍ତୁ
ଏହି ଯୋଜନା ସୁଣା ଓ ରୂପା ମୁଦ୍ରାଗୁଡ଼ିକରେ ଲାଗୁ ହୁଏ ନାହିଁ।

90%* ବାୟବ୍ୟାକ୍ | 95%* ଏକ୍ସଚେଞ୍ଜ
ମେକିଂ ଚାର୍ଜ ସହିତ ହୀରା ଗହଣା ଉପରେ

5% ତୁରନ୍ତ ରିହାତି*
କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଉପରେ
ICICI Bank

7% ରିହାତି*
ଆମ ଦେଶର ବୀର ଯବାନଙ୍କ ପାଇଁ ସ୍ୱତନ୍ତ୍ର ଡିସକାଉଣ୍ଟ
ହିରା ମୂଲ୍ୟ ଉପରେ
(ରେୟାର ଉପରେ ପ୍ରଯୁଜ୍ୟ ନୁହେଁ)
ସୁନା ଅଳଙ୍କାରର
(ମେକିଂ ଚାର୍ଜ)
ଆମର ଚାଲୁଥିବା ପ୍ରଚାର (ପ୍ରୋମୋସନ୍) ସହିତ ଏକ ଅତିରିକ୍ତ ଲାଭ

10+1
ଫିକ୍ସଡ୍ ମାସିକ କିସ୍ତି ଯୋଜନା
10 ଟି କିସ୍ତି ପୈଠ କରନ୍ତୁ,ଏବଂ 11ଶ କିସ୍ତି ଉପରେ 100%* ରିହାତି ପାଆନ୍ତୁ

*ନିୟମ ଓ ସର୍ତ୍ତ ପ୍ରଯୁଜ୍ୟ

ଗିଫ୍ଟ ଭାଉଚର୍: ₹50,000 ର ଡାଇମଣ୍ଡ ଗହଣା କ୍ରୟରେ ₹1,000 ଛୁଟ୍ ଏବଂ ₹1,00,000 ର କ୍ରୟରେ ₹2,000 ଛୁଟ୍ ପାଆନ୍ତୁ* (ରିଡିମ୍ କରିବାର ସମୟ: 1ମେ – 30ନଭେମ୍ବର, 2026)

ମହାବୀର କଲୋନୀ, ଛୋର୍ଡା ବଜାର, ବ୍ୟାସନଗର, ଜାଜପୁର ରୋଡ୍ 77520 73792 |
କାଣ୍ଟୋନମେଣ୍ଟ ରୋଡ୍, ଲକ୍ଷ୍ମୀ TVS ପାଖରେ, ବକ୍ସି ବଜାର, କଟକ 70776 13792

ବର୍ତ୍ତମାନ କିସନା ସମଗ୍ର ଭାରତରେ 135ରୁ ଅଧିକ ଏକ୍ସକ୍ଲୁସିଭ୍ ସୋରୁମ୍ ଏବଂ 1500ରୁ ଅଧିକ ସପ୍-ଇନ୍-ସପ୍ ଆଉଟଲେଟ୍ ରେ ଉପଲବ୍ଧ ଅଛି। | www.kisna.com

SCAN HERE

ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୭/୨୦୨୬ | Bhubaneswar, Friday, April 17/2026







ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏମ୍ଓୟୁ ସ୍ୱାକ୍ଷର କରାଯାଉଛି।

# ରାଜ୍ୟରେ କାର୍ଯ୍ୟକାରୀ ହେବ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍

## ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏମ୍ଓୟୁ ସ୍ୱାକ୍ଷରିତ

### ନୀଳ ଅର୍ଥନୀତିର ଉନ୍ନତି, ସାମୁଦ୍ରିକ ପର୍ଯ୍ୟାବରଣ ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)

ରାଜ୍ୟର ଉପକୂଳ ଅର୍ଥନୀତି ତଥା ସାମୁଦ୍ରିକ ପର୍ଯ୍ୟାବରଣରେ ସନ୍ତୁଳନ ରକ୍ଷା ପାଇଁ ରାଜ୍ୟ ସରକାର ଏକ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ (ଏମ୍ଏସ୍ପି) କାର୍ଯ୍ୟକାରୀ କରିବେ। ଏଥିପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ମନ୍ତ୍ରଣାଳୟ ମଧ୍ୟରେ ଗୁରୁବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ପୂଜା ମିଶ୍ର ଏବଂ ନ୍ୟାଶନାଲ ସେଣ୍ଟର ଫର୍ କୋଷ୍ଟାଲ୍ ରିସର୍ଚ୍ଚର ନିର୍ଦ୍ଦେଶକ ଡ. ଆର୍.ଏସ୍. କନ୍‌କରା ଏଥିରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ କାର୍ଯ୍ୟକାରୀ ହେବାଦ୍ୱାରା ରାଜ୍ୟର ନୀଳ ଅର୍ଥନୀତିର ଉନ୍ନତି ହେବା ସହିତ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ୍ୟ ହୋଇପାରିବ। ସ୍ଥାନୀୟ ଉପକୂଳ ଅର୍ଥନୀତିର ଉନ୍ନତି ସହିତ ସାମୁଦ୍ରିକ ଜୀବଜଗତ ସୁରକ୍ଷିତ ରହିବେ। ମତ୍ସ୍ୟଚାଷ, ପର୍ଯ୍ୟଟନ, ବନ୍ଦର, ସାମୁଦ୍ରିକ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରର ଆବଶ୍ୟକତା ପୂରଣ କରିବା ସହିତ ମେରାଇନ୍ ଇକୋସିଷ୍ଟମର ସୁରକ୍ଷାରେ ମଧ୍ୟ ସହାୟକ ହେବ। ସମନ୍ୱିତ ଉପକୂଳ ଓ ସାମୁଦ୍ରିକ ଯୋଜନା କାର୍ଯ୍ୟକାରୀ କରିବାରେ ଏହି ଯୋଜନା ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଡ. ଏମ୍ ରବିଚନ୍ଦ୍ରନ ଓ ରୟାଲ ନରୱେଜିଆନ୍ ଏମ୍ବାସିର ଡେପୁଟି ଆମ୍ବାସାଡର ଅର୍‌ଭିନ୍ ଗାଡ୍‌ଗିଲ୍ ପ୍ରମୁଖ ଉପସ୍ଥିତ ରହି ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଭାରତ ସରକାର ଓ ନରୱେ ସରକାରଙ୍କ ମିଳିତ ସହଯୋଗରେ ୨୦୧୯ରୁ ଦେଶରେ ସଷ୍ଟେନବେଲ ଓସିଏନ୍ ପ୍ଲାନିଂ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହା ପୁଡୁଚେରୀ ଓ ଲକ୍ଷାଦ୍ୱୀପରେ କାର୍ଯ୍ୟକାରୀ ହୋଇଛି। ଗତବର୍ଷ ଅଗଷ୍ଟରେ ସାମୁଦ୍ରିକ ପର୍ଯ୍ୟାବରଣ ଓ ସ୍ଥାନୀୟ ଅର୍ଥନୀତିର ଉନ୍ନତି ପାଇଁ ବାୟୋଟେକ୍ନୋଲୋଜିର ବ୍ୟାପକ ପ୍ରୟୋଗ କରିବାକୁ ଓଡ଼ିଶା ମେରାଇନ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେଶନ କରିଡର ଆରମ୍ଭ କରାଯାଇଥିଲା।

# ମହିଳା ସଂରକ୍ଷଣ ଆଇନ ୨୦୨୩ ଲାଗୁହେଲା

**ବ୍ୟବସ୍ଥାପିକାରେ ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ ପାଇଁ ଉଦ୍ଦିଷ୍ଟ ଓମେନ ରିଜର୍ଭେଶନ ଆକ୍ଟ, ୨୦୨୩ (ନାରୀଶକ୍ତି ବନ୍ଦନ ଅଧିନିୟମ) ଗୁରୁବାରଠାରୁ ଲାଗୁ ହୋଇଛି। ଆଇନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିର ଏନେଇ ସୂଚନା ଦିଆଯାଇଛି। ଏହାର ଅର୍ଥ ହେଉଛି ୨୦୨୩ରେ ପାରିତ ହୋଇଥିବା ଏହି ଐତିହାସିକ ଆଇନ ଏବେ କେବଳ କାଗଜପତ୍ରରେ ନୁହେଁ, ବରଂ ବୈଧାନିକ ଭାବେ ସକ୍ରିୟ ହୋଇଗଲା। ୨୦୨୯ରେ ଉକ୍ତ ଆଇନ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଗୁରୁବାର ପୂର୍ବାହ୍ନରେ ଲୋକ ସଭାର ସ୍ୱତନ୍ତ୍ର ଅଧିବେଶନରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଧେୟକ ଆଣିଛନ୍ତି, ଯାହାକୁ ନେଇ ବିତର୍କ ଜାରି ରହିଛି। ଏଭଳି ସମୟରେ ଗୁରୁବାର ବିଳମ୍ବିତ ରାତିରେ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶନର କାରଣ ସ୍ପଷ୍ଟ ହୋଇନାହିଁ। ବିରୋଧୀ ଦଳଗୁଡ଼ିକ ଏନେଇ କଡ଼ା ସମାଲୋଚନା କରିଛନ୍ତି। ଲୋକ ସଭାରେ ୧୩୧ ତମ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ବିତର୍କ ଜାରି ରହିଥିବାବେଳେ ଶୁକ୍ରବାର ଏନେଇ ମତଦାନ ହେବା ଧାର୍ଯ୍ୟ ହୋଇଛି। ଏହାର ଅବ୍ୟବହିତ ପୂର୍ବରୁ ସରକାର ୨୦୨୩ର ଆଇନକୁ କାର୍ଯ୍ୟକାରୀ ପାଇଁ ବିଜ୍ଞପ୍ତି ଜାରି କରି ବିଭ୍ରାନ୍ତିକର ସ୍ଥିତି ସୃଷ୍ଟି କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।**

ନୂଆଦିଲ୍ଲୀ,୧୬।୪(ପି.ଟି.)

ଆଇନ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ, ୨୦୨୩ର ୧୦୬ତମ ସମ୍ବିଧାନ ସଂଶୋଧନ ଆଇନ ସେକ୍ସନ-୧ର ସବ୍‌ସେକ୍ସନ-୨ ଦ୍ୱାରା ପ୍ରଦତ୍ତ କ୍ଷମତାର ପ୍ରୟୋଗ କରି କେନ୍ଦ୍ର ସରକାର ୨୦୨୬ ଏପ୍ରିଲ ୧୬ରେ ମହିଳା ସଂରକ୍ଷଣ ଆଇନକୁ ତତ୍କାଳ କାର୍ଯ୍ୟକାରୀ କରିଛନ୍ତି।

୨୦୨୩ ସେପ୍ଟେମ୍ବରରେ ପାର୍ଲାମେଣ୍ଟରେ ନାରୀଶକ୍ତି ବନ୍ଦନ ଅଧିନିୟମ ପାରିତ ହୋଇଥିଲା। ମହିଳା ସଂରକ୍ଷଣ ଆଇନ ନାମରେ ପରିଚିତ ଏହି ଆକ୍ଟ ଲୋକ ସଭା ଓ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପ୍ରତିନିଧିତ୍ୱ ତ୍ୱରାନ୍ୱିତ କରିବା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଆଇନ ବଳରେ ମହିଳାମାନଙ୍କୁ ଏକ-ତୃତୀୟାଂଶ ବା ୩୩% ଆସନ ମିଳିବ। ତେବେ ୨୦୨୩ ଆଇନ ଅଧୀନରେ ୨୦୩୪ ମସିହା ପୂର୍ବରୁ ଏହି ସଂରକ୍ଷଣ କାର୍ଯ୍ୟକାରୀ ହୋଇପାରିବ ନାହିଁ। କାରଣ ୨୦୨୩ର ଆଇନ ଅନୁଯାୟୀ, ସଂରକ୍ଷଣ ବ୍ୟବସ୍ଥା ୨୦୨୭ ଜନଗଣନା ଆଧାରରେ କରାଯିବ।

୨୦୨୯ରେ ମହିଳା ସଂରକ୍ଷଣ ଆଇନକୁ କାର୍ଯ୍ୟକାରୀ କରାଇବା ପାଇଁ କେନ୍ଦ୍ର ସରକାର ଆଣିଥିବା ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍, ଡିଲିମିଟେଶନ୍ ବିଲ୍ ୨୦୨୬ ଏବଂ କେନ୍ଦ୍ରଶାସିତ ଅଞ୍ଚଳ (ସଂଶୋଧନ) ବିଲ୍ ୨୦୨୬କୁ ନେଇ ଲୋକ ସଭାରେ ବିତର୍କ ଜାରି ରହିଛି। ଇତିମଧ୍ୟରେ ଅଧିକାରୀମାନେ କହିଛନ୍ତି, ଯଦିଓ ଉକ୍ତ ଆଇନ ଏବେ ଲାଗୁ ହୋଇଛି, ତଥାପି ବର୍ତ୍ତମାନ ଗୃହରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ। ପରବର୍ତ୍ତୀ ଜନଗଣନା ଆଧାରରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ) ପ୍ରକ୍ରିୟା ଶେଷ ହେବା ପରେ ଲୋକ ସଭା ଓ ବିଧାନସଭାଗୁଡ଼ିକରେ ମହିଳାଙ୍କୁ ସଂରକ୍ଷଣ ସୁବିଧା ମିଳିବ।

ଅନ୍ୟପକ୍ଷେ ସରକାରଙ୍କ ଏଭଳି ପଦକ୍ଷେପକୁ ସମ୍ପୂର୍ଣ୍ଣ ବିଚିତ୍ର କହି କଂଗ୍ରେସ ସମାଲୋଚନା କରିଛି। ସଂଶୋଧିତ ବିଧେୟକ ଉପରେ ଶୁକ୍ରବାର ବିତର୍କ ପରେ ମତଦାନ ହେବାକୁ ଥିବାବେଳେ ପୁରୁଣା ଆଇନକୁ ରାତିଅଧିଆ ଲାଗୁକରି ସରକାର ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି କରିଛନ୍ତି ବୋଲି କଂଗ୍ରେସ ନେତା ଜୟରାମ ରମେଶ Xରେ ଉଲ୍ଲେଖ କରିଛନ୍ତି।


**ଆଜିର ସମ୍ପାଦକୀୟ**
ଆତ୍ମଘାତୀ ରଣନୀତି





"ବସ୍ତୁତଃ ଚାରିଆଡେ ଯେତେବେଳେ ଅବିଶ୍ୱାସର ରାଜତ୍ୱ ଜାରି ହୋଇ ରହିଛି- ସେତେବେଳେ ଦରକାର ହେଉଛି-ବିଶ୍ୱସ୍ତ ହେବା ଏବଂ ଝଡ ମଧ୍ୟରେ ଅଟଳ ଓ ଅବିଚଳିତ ରହିବା ।-ଶ୍ରୀମା

-ରୁକ୍ମିଣୀ ଅମାବାସ୍ୟା

# ଆତ୍ମଘାତୀ ରଣନୀତି



ଜୟତି ଘୋଷ

ଓରୋବୋରୋସ ହେଉଛି ଏକ ପୁରାତନ ସାପର ଛବି, ଯେଉଁଥିରେ ତାହା ନିଜ ଲାଞ୍ଜକୁ ଭକ୍ଷଣ କରୁଛି। ଏହି ଛବି ଆତ୍ମଘାତୀ ରଣନୀତିର ସଙ୍କେତ ଦେଇଆସିଛି। ଏହା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏବକାର ରଣନୀତି ପାଇଁ ଏକ ଉପଯୁକ୍ତ ପ୍ରତୀକ। ଇରାନ ବିରୋଧରେ ତାଙ୍କର ବେପରୁଆ ଓ ଅନ୍ୟାୟ ଯୁଦ୍ଧ ହେଉଛି ଏହାର ସ୍ପଷ୍ଟ ଦୃଷ୍ଟାନ୍ତ। କିନ୍ତୁ ତାଙ୍କ ପ୍ରଶାସନର କ୍ରିପ୍ଟୋକରେନ୍ସିଗୁଡ଼ିକର ଉତ୍ସାହଜନକ ଗ୍ରହଣୀୟତା ସୂକ୍ଷ୍ମ ତଥା ମନ୍ଥର ଗତିରେ ବୃଦ୍ଧି ପାଉଥିବା ଏକ ସମାନ ପ୍ରକାର ଆତ୍ମଘାତୀ ପ୍ରବୃତ୍ତିର ପରିପ୍ରକାଶ। ପାରମ୍ପରିକ ମୁଦ୍ରା ଭଳି କ୍ରିପ୍ଟୋକରେନ୍ସି ସାଧାରଣତଃ ବୈଧ ଟେଣ୍ଡର କିମ୍ବା ସରକାରୀ ସମର୍ଥିତ ନୁହେଁ। ସେଗୁଡ଼ିକର ମୂଲ୍ୟ ବିଶେଷକରି ବଜାର ଚାହିଦା ଉପରେ ନିର୍ଭର କରେ। ଏହାର ଅଧିକାଂଶ ଭାଗ ସେମାନଙ୍କର ଗୁପ୍ତ ଦେଣନେଣ ଏବଂ ନିୟାମକ, ଟିକସ ଓ ବୈଧ ପର୍ଯ୍ୟବେକ୍ଷଣକୁ ଅଣଦେଖା କରିବାର କ୍ଷମତା ଦ୍ୱାରା ପରିଚାଳିତ ହୋଇଥାଏ। ଲାଭ ପାଇଁ ଶେୟାର କାରବାରରେ ଜଡ଼ିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଏହାକୁ ଅଧିକ ଅସ୍ଥିର କରିଥାଏ। ଏମାନଙ୍କ ସମେତ ଅପରାଧ ଏବଂ ଅନୈତିକ କାର୍ଯ୍ୟରେ ଜଡ଼ିତ ବ୍ୟକ୍ତି କିମ୍ବା ସଂସ୍ଥାଗୁଡ଼ିକ ଏଥିପ୍ରତି ଆକର୍ଷିତ ହୋଇଥାନ୍ତି।

ଟ୍ରମ୍ପ୍ ପୁନର୍ବାର ହ୍ୱାଇଟ ହାଉସକୁ ଫେରିବା ପରେ ସେ କ୍ରିପ୍ଟୋ ଶିଳ୍ପର ପ୍ରମୁଖ ସମର୍ଥକ ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି। ସେ ପ୍ରମୁଖ କ୍ରିପ୍ଟୋ ନିବେଶକଙ୍କଠାରୁ ଅତ୍ୟଧିକ ନିର୍ବାଚନ ପାଣ୍ଠି ଗ୍ରହଣ କରିଛନ୍ତି ଏବଂ ଏଥିରେ ତାଙ୍କର ନିଜସ୍ୱ ବ୍ୟବସାୟିକ ସ୍ୱାର୍ଥ ରହିଥିବା ସ୍ପଷ୍ଟ ହୋଇଛି। ଟ୍ରମ୍ପଙ୍କ ପରିବାର ସଦସ୍ୟମାନେ ବିଭିନ୍ନ କ୍ରିପ୍ଟୋକରେନ୍ସି ଯୋଜନାଗୁଡ଼ିକରୁ ପାଖାପାଖି ୫ ବିଲିୟନ ଡଲାର ପାଇଥିବା ଜଣାପଡ଼ିଛି। ଏହିସବୁ ସ୍ୱାର୍ଥକୁ ଆଗକୁ ବଢ଼ାଇବା ଲାଗି ଟ୍ରମ୍ପ ପ୍ରଶାସନ କ୍ରିପ୍ଟୋ ମାର୍କେଟକୁ ନିୟମ ମୁକ୍ତ କରିବା ସହ ଜିନିୟସ ଆକ୍ଟ ମାଧ୍ୟମରେ ଡଲାର ସହ ଯୋଡ଼ି ଏକ ସ୍ଥିର ମୂଲ୍ୟ ଜାରି ରଖିବା ପାଇଁ ଷ୍ଟେବଲକଏନକୁ ପ୍ରୋତ୍ସାହିତ କରିଛି। ଏହି ସମୟରେ ଟ୍ରମ୍ପ୍ ପ୍ରଶାସନ କ୍ରିପ୍ଟୋ ପାଇଁ ଅଧିକ ସ୍ଥାୟୀ ଓ ନିୟମ ନିୟନ୍ତ୍ରିତ ବିକଳ୍ପ ଭାବେ କେନ୍ଦ୍ରୀୟ ବ୍ୟାଙ୍କ୍ ଡିଜିଟାଲ କରେନ୍ସି(ସିବିଡିସି)କୁ ଅସ୍ୱୀକାର କରିଛି, ଯାହାକୁ ଚାଇନା ଭଳି ଅନେକ ଦେଶ ଗ୍ରହଣ କରିସାରିଲେଣି।

ନିୟାମକ ନିରୀକ୍ଷଣକୁ ଦୁର୍ବଳ କରି ଏହିସବୁ ପଦକ୍ଷେପ ନୂଆ ବିତ୍ତୀୟ ସଙ୍କଟ ଆରମ୍ଭ କରିଛି। କ୍ରିପ୍ଟୋ କମ୍ପାନୀଗୁଡ଼ିକ ବିରୋଧରେ ଏପରି କି ସ୍ପଷ୍ଟ ଭାବେ ତ୍ରୁଟିଯୁକ୍ତ ମାମଲା ସାମ୍ନାକୁ ଆସୁଥିଲେ ମଧ୍ୟ ପ୍ରବର୍ତ୍ତନ ପଦକ୍ଷେପ ନିଆଯାଉନାହିଁ। ଦୈନିକ ବ୍ୟବସାୟରେ ସବୁଠୁ ବଡ଼ କ୍ରିପ୍ଟୋକରେନ୍ସି ବିନିମୟ କୁହାଯାଉଥିବା ବିନାନ୍ସର ଟ୍ରମ୍ପଙ୍କ ପରିବାର ସହିତ ବ୍ୟବସାୟିକ ସମ୍ପର୍କ ରହିଥିବା ହେଉଛି ଏହାର ଏକ ବଡ଼ ପ୍ରମାଣ। ଏହାର



ପ୍ରତିଷ୍ଠାତା ଛାଙ୍ଗ୍‌ପେଙ୍ଗ ଝାଓ ମନିଲଣ୍ଡରିଂକୁ ସହାୟତା କରିବା ଅପରାଧକୁ ସ୍ୱୀକାର କରି ଚାରି ମାସ ଜେଲରେ ରହିଥିଲେ। କିନ୍ତୁ ଟମ୍ପ୍ ତାଙ୍କୁ କ୍ଷମା କରିଦେଇଥିଲେ। ଏହା ସମ୍ଭବତଃ କ୍ରିପ୍ଟୋ ସେକ୍ଟରର ବ୍ୟବସାୟୀଙ୍କୁ ପ୍ରୋତ୍ସାହିତ କରିବା ସହ ନିବେଶ ସୁରକ୍ଷା ଓ ବିତ୍ତୀୟ ସ୍ଥିରତାକୁ ଦୁର୍ବଳ କରିଦେଇଛି। କ୍ରିପ୍ଟୋ କାର୍ଯ୍ୟକ୍ରମଙ୍କୁ ଟ୍ରମ୍ପଙ୍କ ସମର୍ଥନର ପରିଣାମ ବିତ୍ତୀୟ ମାର୍କେଟ ବାହାରେ ମଧ୍ୟ ପ୍ରତିଫଳିତ ହୋଇଛି। କ୍ରିପ୍ଟୋକରେନ୍ସିଗୁଡ଼ିକ ଏକ ବିକଳ୍ପ ବିତ୍ତୀୟ ଭିତ୍ତିଭୂମି ସୃଷ୍ଟି କରିଛି। ଅନ୍ୟ ଦେଶଗୁଡ଼ିକୁ ଧମକାଇବା ଲାଗି ଆମେରିକା ପ୍ରୟୋଗ କରୁଥିବା ଆର୍ଥିକ କଟକଣାରୁ ଉଧୁରିବା ଲାଗି ଏହାକୁ ବ୍ୟବହାର କରାଯାଇପାରେ। ସ୍ପଷ୍ଟତଃ କ୍ରିପ୍ଟୋକରେନ୍ସିଗୁଡ଼ିକର ବିସ୍ତାର ମଧ୍ୟ ଡଲାରର ବୈଶ୍ୱିକ ପ୍ରଭୁତ୍ୱ ପ୍ରତି ଏକ ବିପଦ। ଏହି ଦୃଷ୍ଟିରୁ କ୍ରିପ୍ଟୋକରେନ୍ସିଗୁଡ଼ିକ ଏକ ଭୂରାଜନୈତିକ ଓରୋବୋରୋସ ହୋଇଯାଇଛି। ସେସବୁର ପ୍ରମୁଖ ବିଶେଷତା, ଅସ୍ପଷ୍ଟତା ଆମେରିକାର ବିରୋଧୀଙ୍କୁ ମଧ୍ୟ ବ୍ୟାପକ ଲାଭ ପହଞ୍ଚାଇଛି। କେବଳ ୨୦୨୫ରେ, କ୍ରିପ୍ଟୋକରେନ୍ସିର ଅବୈଧ କାରବାର ୧୬୦% ବୃଦ୍ଧିପାଇଥିଲା। ବିଶେଷକରି ରୁଷିଆ, ଇରାନ ଏବଂ ଉତ୍ତରକୋରିଆ ଭଳି ଦେଶଗୁଡ଼ିକରେ ଏହା ଘଟିଛି। ଡଲାରର ମୂଲ୍ୟକୁ ଜାରି ରଖିବା ପାଇଁ ଡିଜାଇନ କରାଯାଇଥିବା ଷ୍ଟେବଲ୍‌କଏନକୁ ଟ୍ରମ୍ପ ପ୍ରଶାସନର ସହଯୋଗ ଏହି ଧାରାକୁ ଆହୁରି ଗତିଶୀଳ କରିଦେଇଛି।

ଏହି ସୁଯୋଗରୁ ଲାଭ ଉଠାଇବାରେ ରୁଷିଆ ହେଉଛି ପ୍ରଥମ ଦେଶ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ପ୍ରଶାସନ ରୁଷିଆର କେନ୍ଦ୍ରୀୟ ବ୍ୟାଙ୍କ ଆସେଟକୁ ଅଚଳ କରିଦେବା ପରେ ରୁଷିଆ ଆର୍ଥିକ ପ୍ରତିବନ୍ଧକରୁ ବଞ୍ଚିବା ଲାଗି କ୍ରିପ୍ଟୋକରେନ୍ସି ବିନିମୟ ଆଡକୁ ମୁହାଁଇଲା। କାଜିକସ୍ତାନ ଭଳି ମଧ୍ୟସ୍ଥ ମାଧ୍ୟମରେ ଏହା ସମ୍ବେଦନଶୀଳ ସାମଗ୍ରୀଗୁଡ଼ିକର ପୁନଃ ରପ୍ତାନିକୁ ସୁଗମ କରି ୟୁକ୍ରେନ୍‌ରେ ମୁତୟନ କରାଯାଇଥିବା କମ୍ ମୂଲ୍ୟର ମିଲିଟାରୀ ଡ୍ରୋନ୍ କିଣିବା ପାଇଁ ପାଣ୍ଠି ଯୋଗାଇଥିଲା। ଏହାପରେ ଏହି ଦୃଷ୍ଟିକୋଣକୁ ଔପଚାରିକ ରୂପ ଦେବାରେ ଆଗକୁ ବଢ଼ିଛି। ଜୁଲାଇ ୨୦୨୪ରେ ରୁଷିଆନ ଡୁମା ବା ରୁଷିଆ ପାର୍ଲାମେଣ୍ଟ ଅନ୍ତଃରାଷ୍ଟ୍ରୀୟ କାରବାରରେ ଏହାର ବ୍ୟବହାରକୁ ବୈଧ କରିଥିଲା। ଏହାର ଏକ ମାସ ପରେ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ୍ କ୍ରିପ୍ଟୋ ମାଇନିଂର ବୈଧିକରଣ ସମ୍ପର୍କରେ ଘୋଷଣା କରିଥିଲେ, ଯାହାକୁ ଟ୍ରମ୍ପ ପ୍ରଶାସନ ନିଜ ଦେଶରେ ପ୍ରୋତ୍ସାହିତ କରିଛନ୍ତି। ସମାନ ପ୍ରକାର ଗତିଶୀଳତା ମଧ୍ୟ ଏବେ ଇରାନରେ ଘଟୁଛି। ଫେବୃଆରୀ ଶେଷ ବେଳକୁ ଯେତେବେଳେ ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ କଲେ ସେତେବେଳକୁ ଇରାନ ସରକାର ତାଙ୍କ କ୍ରିପ୍ଟୋକରେନ୍ସି ବ୍ୟବହାରକୁ ବ୍ୟାପକ କରିସାରିଥିଲେ। ଆକଳନ ଅନୁଯାୟୀ,୨୦୨୫ ସୁଦ୍ଧା ଏହାର କ୍ରିପ୍ଟୋକରେନ୍ସି ସେକ୍ଟର ୭.୮ ବିଲିୟନ ଡଲାରରେ ପହଞ୍ଚି ଯାଇଥିଲା। ଇସ୍‌ଲାମିକ ରିଭୋଲ୍ୟୁଶନାରୀ ଗାର୍ଡ କର୍ପସ୍ (ଆଇଆର୍‌ଜିସି) ସହ ଜଡ଼ିତ ସଂସ୍ଥାଗୁଡ଼ିକର ଭାଗ ମିଳିଥିବା ମୋଟ ପରିମାଣର ଅଧାରୁ ଅଧିକ ରହିଥିଲା।

ଏଇ ନିକଟରେ ହର୍ମୁଜ ଷ୍ଟ୍ରେଟକୁ ନିୟନ୍ତ୍ରଣରେ ରଖିବା ପାଇଁ ନେଇଥିବା ପଦକ୍ଷେପରେ ଇରାନ କ୍ରିପ୍ଟୋକରେନ୍ସିକୁ ମୁଖ୍ୟ କରିଛି। ସୁରକ୍ଷିତ ଭାବେ ଯିବା ପାଇଁ ସିପିଂ କମ୍ପାନୀଗୁଡ଼ିକୁ ତୈଳ ବ୍ୟାରେଲ ପିଛା ୧ ଆମେରିକୀୟ ଡଲାର ରେନ୍‌ମିନବି, ବିଟ୍‌କଏନ କିମ୍ବା ଟିଥର ଷ୍ଟେବଲ୍‌କଏନ ଦେବାକୁ ବାଧ କରିଛି। ଚଳିତ ମାସରେ ଗୋଟିଏ ଦିନରେ ୧୫-୧୮ଟି ଟ୍ୟାଙ୍କର ହର୍ମୁଜ ଷ୍ଟ୍ରେଟ ଅତିକ୍ରମ କରିଥିଲା ଏବଂ ଗୋଟଏ ଜାହାଜରୁ ପାଖାପାଖି ୨ ମିଲିୟନ ଡଲାର ହିସାବରେ ସଙ୍କଟରେ ଥିବା ଇରାନ ସରକାରଙ୍କୁ ଆନୁମାନିକ ୩୬ ମିଲିୟନ ଡଲାର ମିଳିଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ, ରଣନୈତିକ ସାମୁଦ୍ରିକ ଅବରୋଧ କ୍ଷେତ୍ର ଏବେ କ୍ରିପ୍ଟୋକରେନ୍ସି କାରବାରର କେନ୍ଦ୍ର ପାଲଟି ଯାଇଛି। ଏଥିରୁ କିଛି କାରବାର ଚାଇନାର ଜଷ୍ଟିନ ସନଙ୍କ ଦ୍ୱାରା ବିକଶିତ ଟ୍ରୋନ୍ ବକ୍‌ଚେନରେ ହେଉଥିବା ଜଣାପଡ଼ିଛି; ଯେଉଁଥିରେ ମାତ୍ର ୩ ସେକେଣ୍ଡରୁ କମ୍ ସମୟରେ ଦେୟ ଶେଷ ହୋଇପାରୁଛି। ଟ୍ରୋନ୍‌ର ମଧ୍ୟ ଟ୍ରମ୍ପଙ୍କ ପରିବାର ସହ ଜଡ଼ିତ କମ୍ପାନୀଗୁଡ଼ିକ ସହିତ ସମ୍ପର୍କ ରହିଛି।

ମୋଟ ଉପରେ ଏହିସବୁ ବିକାଶ ଏକ ବଡ଼ ପରିବର୍ତ୍ତନକୁ ସୂଚିତ କରୁଛି। କ୍ରିପ୍ଟୋ ଫାଇନାନ୍ସରଙ୍କ ଦ୍ୱାରା ଗଢ଼ାଯାଇଥିବା ତଥା ନୂତନତ୍ୱ ନାମରେ ଆପଣାଇ ନିଆଯାଇଥିବା ଆମେରିକାର ନୀତିଗୁଡ଼ିକୁ ବ୍ୟାପକ କରାଯାଇଛି। ଏସବୁ ମଧ୍ୟ ଆମେରିକାର କଟକଣାରୁ ବଞ୍ଚିବା ପାଇଁ ବ୍ୟବହାର କରାଯାଉଥିବା ଭିତ୍ତିଭୂମିକୁ ନୀତିଗତ ଭାବେ ବାଟ ଦେଖାଇଛି। ଏଭଳି ବିଡ଼ମ୍ବନାକୁ ଅଣଦେଖା କରିବା ଅସମ୍ଭବ। ଏକ କ୍ରୂର ଯୁଦ୍ଧ ମଧ୍ୟରେ ଫସିରହିଥିବା ଇରାନୀୟଙ୍କ ପାଇଁ ଏବଂ ସାରା ବିଶ୍ୱରେ ଶକ୍ତି ଓ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧିର ସମ୍ମୁଖୀନ ହେଉଥିବା ସାଧାରଣ ଲୋକଙ୍କ ସକାଶେ ଏହାର ପରିଣାମ ଅତି ଗମ୍ଭୀର।

**ପ୍ରାଧ୍ୟାପକ (ଅର୍ଥନୀତି), ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାସାଚ୍ୟୁସେଟସ୍ ଆମର୍ହଷ୍ଟ**

# କେଜାଣି କାହାର



ଡ. ସୀତାକାନ୍ତ ତ୍ରିପାଠୀ

ରାସ୍ତାରେ ନୋଟ୍ ଭର୍ତ୍ତି ହୋଇଥିବା ପର୍ସଟିଏ ପଡ଼ିଥିବାର ଦେଖି ଜଣେ ପଥଚାରୀ ଭାବିଲେ ଏହି ପର୍ସଟି କାହାର କେଜାଣି, ଆହା! କିଏ ସେହି ଦୁର୍ଭାଗା ଯାହାଙ୍କ ପକେଟ୍‌ରୁ ପର୍ସଟି ଖସିପଡିଛି। ବିଚ୍ରା ବଡ଼ ହଇରାଣ ହେଉଥିବେ ନିଶ୍ଚୟ। ଏହା ଦିନେ ତାଙ୍କର ଥିଲା, କାଲି ଆଉ କାହାର ହୋଇଯିବ। ମୁଁ କାହିଁକି ଏଇ ପର୍ସଟିକୁ ଉଠାଇ ଧର୍ମଦାଣ୍ଡରେ ଦୋଷୀ ହେବି କିମ୍ବା କାହା ପାଖରେ ଋଣୀ ହୋଇ ପରଜନ୍ମରେ ଅମୃତଭଣ୍ଡା କିମ୍ବା ଲଙ୍କାଗଛ ହୋଇ ଶୁଖିବି ବରଂ ପର୍ସଟି ତା' ଜାଗାରେ ଥାଉ ମୁଁ ମୋ ବାଟରେ ଚାଲିଯିବି। କିଛି ସମୟ ପରେ ଆଉ ଜଣେ ଲୋକ ଆସିଲେ। ପର୍ସଟିକୁ ଦେଖିଦେଇ ତାଙ୍କର ମନ ନାଚିଉଠିଲା। ସିଏ କହି ଉଠିଲେ, ଏହି ପର୍ସଟି କାହାର କେଜାଣି କିନ୍ତୁ ଯିଏ ବି ହୋଇଥାଉ ନିଶ୍ଚିତ ଧନୀ ହୋଇଥିବ ନ ହେଲେ ପର୍ସରେ ଖୁନ୍ଦାଖୁନ୍ଦି ହୋଇ ନୋଟ୍ ରହିବା କ'ଣ ସମ୍ଭବ? ଭଗବାନ୍ ବଡ ଦୟାଳୁ ଆଜି ସକାଳୁ କାହା ମୁହଁ ଦେଖିଥିଲି କେଜାଣି! ଏହି ଟଙ୍କା ପଇସା ସବୁ ମୋତେ ପ୍ରାପ୍ତ ହେଲା। ଆଗପଛ କିଛି ବିଚାର ନ କରି ପର୍ସଟିକୁ ଉଠାଇବାକୁ ଯାଉଛନ୍ତି ପଛରୁ ପୋଲିସ ଗାଡି ଆସିବାର ଶବ୍ଦ ଶୁଣିଦେଇ ମନେ ମନେ ନିଜର ମନ୍ଦ କପାଳ କଥା ଭାବି ପଥଚାରୀ ଜଣକ ନିଜ ବାଟରେ ନିଜେ ଚାଲିଲେ। ପୋଲିସ ଗାଡ଼ିଟି ଚାଲିଯିବା ପରେ ଆଉ ଜଣେ ବ୍ୟକ୍ତି ଉକ୍ତ ପର୍ସଟିକୁ ଦେଖି ଭାବିଲେ ଏଇ ପର୍ସଟି କାହାର କେଜାଣି। ଏହା ଭିତରେ ତାଙ୍କର ଠିକଣା କିମ୍ବା ଫୋନ୍ ନମ୍ବର ଥାଇପାରେ ଏହା ବିଚାର କରି ଅତି ସନ୍ତର୍ପଣରେ ପର୍ସଟିକୁ ଖୋଲି ତନଖି କଲେ କିନ୍ତୁ ସେଥିରୁ କୌଣସି ସୂଚନା ନ ମିଳିବାରୁ ସିଧା ନିକଟରେ ଥିବା ଥାନାକୁ ଗଲେ ଏବଂ ଉପସ୍ଥିତ ପୋଲିସ କର୍ମଚାରୀମାନଙ୍କୁ ତାହା ହସ୍ତାନ୍ତର କରି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏହାର ସୂଚନା ଦେଲେ। ଯାହା ଫଳରେ ପର୍ସଟିକୁ ହଜାଇ ଦେଇଥିବା ଲୋକ ଜଣକ ନିଜର ସମସ୍ତ ସୂଚନା ଏବଂ ପ୍ରମାଣ ଦେଇ ତାକୁ ପ୍ରାପ୍ତ ହୋଇ ଆନନ୍ଦିତ ହେଲେ। ଶେଷରେ ପର୍ସଟିକୁ ପାଇ ତାକୁ ହସ୍ତାନ୍ତର କରିଥିବା ମହାନୁଭବୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଗଲା। ଏଠାରେ ତିନିଜଣ ଲୋକଙ୍କର ନୀତି, ଆଦର୍ଶ ଏବଂ କାର୍ଯ୍ୟଶୈଳୀର ବିଭେଦତା ସେମାନଙ୍କ ବ୍ୟକ୍ତିତ୍ୱର ଭିନ୍ନ ଦିଗନ୍ତକୁ ଦର୍ଶାଉଛି। ସେମାନଙ୍କ ମଧ୍ୟରୁ କାହାରି ପାଖରେ ପର୍ସ ହଜାଇଥିବା ଲୋକର ପରିଚୟ ନ ଥିଲା। ସମସ୍ତଙ୍କ ପାଟିରୁ ସେଇ ଗୋଟିଏ କଥା ବାହାରିଥିଲା 'କେଜାଣି କାହାର'। କିନ୍ତୁ ତା'ରି ଭିତରେ କିଏ ସମସ୍ୟାଟିର ସମାଧାନ କରିପାରିଲା ତ ଆଉ କିଏ ତଥାକଥିତ ଆଧ୍ୟାତ୍ମିକତାର ଦ୍ୱାହି ଦେଇ ଉକ୍ତ ପର୍ସ ଠାରୁ ଦୂରେଇଗଲେ କିମ୍ବା ନିଜେ ଭୋଗ କରିବା ପାଇଁ ମନରେ ଆଶା ପୋଷଣ କଲେ। କିଛି ସମୟ ପୂର୍ବରୁ ଏହି ପର୍ସଟି ଜଣକର ଥିଲା ଏବେ ତାହା ଆଉ କାହାର ହୋଇଯାଇ ପାରେ କିମ୍ବା ଭାଗ୍ୟବଳରୁ ଉକ୍ତ ଲୋକକୁ ପ୍ରାପ୍ତ ହୋଇପାରେ। ଗୀତାବାଣୀ ପରା କହେ ତୁମର ହଜିଗଲା ବୋଲି କାହିଁକି ମନ ଦୁଃଖ କରୁଛ, ତୁମେ ଜନ୍ମ ହେଲାବେଳେ କ'ଣ ଆଣିଥିଲ ନା ମୃତ୍ୟୁବେଳକୁ କିଛି ନେଇଯିବ। ଯାହା ପାଇଲ କିମ୍ବା ହରାଇଲ ସବୁ ଏଇଠି। ତେଣୁ ହାନି କିମ୍ବା ଲାଭକୁ ନେଇ ଦୁଃଖୀ କିମ୍ବା ସୁଖୀ ହେବାର କୌଣସି କାରଣ ନାହିଁ।

ଆମେ ସମସ୍ତେ ଅନେକ କଥା, ବ୍ୟଥା, ତଥ୍ୟ ଏବଂ ସତ୍ୟକୁ ଆଧାର କରି କଥା ହେଉଥିଲେ ମଧ୍ୟ ତାହା କାହାର ବୋଲି ଜାଣି ନ ଥାଉ। ତେଣୁ 'କାହାର କେଜାଣି' କହିଦେଇ ନିଶ୍ଚିନ୍ତରେ ରହିବା ଧର୍ମକୁ ଆଖିଠାର ସଦୃଶ। ଆମେ ସମସ୍ତେ ଜାଣୁ ଯେ କାହାର କେଜାଣି ଆସି ମୃତ୍ୟୁକାଳ ହୋଇଯିବ ଉପଗତ। କିନ୍ତୁ ଏହାକୁ ଆଧାର କରି ଆମେ କ'ଣ ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇଥାଉ ? ନା' ଅନ୍ୟମାନଙ୍କ ପ୍ରତି ଯେମିତି କାହାର କେଜାଣି କହିଦେଇ ନିଜକୁ ସୁରକ୍ଷିତ ଏବଂ ଶାନ୍ତିପୂର୍ଣ୍ଣ ରଖିଥାଉ ସେହିଭଳି ଅନ୍ୟମାନେ ଯଦି ଆମମାନଙ୍କ ପ୍ରତି ବ୍ୟବହାର କରନ୍ତି ତାହାକୁ କ'ଣ ଆମେ ସହି ପାରିବା ? ତା'ଛଡା ଯେତେବେଳେ ଏହି କାହାର କେଜାଣି କଥାଟି ନିଜର କେହି ସମ୍ପର୍କୀୟ ଭାଇ ବନ୍ଧୁକୁଟୁମ୍ବ ପ୍ରତି ବ୍ୟବହାର କରେ ତାକୁ କ'ଣ ଆମେ ହଜମ କରିପାରିବା ? ଯେତେବେଳେ କୌଣସି କାରଣରୁ କେହି ତା'ର ଅବୈଧ ସନ୍ତାନକୁ ରାସ୍ତାକଡ଼ରେ ପକେଇ ଦେଇ ଯାଇଥାଆନ୍ତି ସେତେବେଳେ ଅନେକ ଲୋକ କହିଥାଆନ୍ତି କାହାର କେଜାଣି ଏ ପାପର ଫଳ ? ଶିଶୁଟି କ'ଣ ଅପରାଧ କରିଥିଲା ଯେ ତାକୁ ଏ ପ୍ରକାର ଶାସ୍ତି ! ତା'ରି ଭିତରେ ଅନ୍ୟ କିଛି ଥାଆନ୍ତି ଯେଉଁମାନେ ଉକ୍ତ ଶିଶୁକୁ ପାଳି ପୋଷି ମଣିଷ କରିଥାଆନ୍ତି। ପ୍ରକୃତରେ ବିଭିନ୍ନ ସୁବିଧା ଓ ଅସୁବିଧା ସମୟରେ ଏହି କାହାର କେଜାଣି କଥାଟି ବାହାରି ଆସେ ଏବଂ କଥାଟିକୁ ଟାଳି ଦେବାର ଖୋରାକ ଜୁଟେ। ତାକୁ ଯଦି ଆମେ ସମ୍ବେଦନଶୀଳ ଦୃଷ୍ଟିରେ ନ ଦେଖିବା ତା'ହେଲେ ଆମେ କ'ଣ ପ୍ରକୃତରେ ମଣିଷ ହୋଇ ପାରିବା ?

**ଅର୍ଣ୍ଣପାଳ, ଭଦ୍ରକ**
**ମୋ:୯୭୭୮୭୬୪୩୯୪**

## ଏଇ ଭାରତରେ

ପ୍ୟାରୋଟ ମ୍ୟାନ୍ ବା ଶୁଆ ମଣିଷ ହେଉଛନ୍ତି ଗୁଜରାଟର ହରସୁଖଭାଇ ବଘାସିଆ। ତାଙ୍କର ଏଭଳି ନାମକରଣ କରାଯିବା ମଧ୍ୟ ଯୁକ୍ତିଯୁକ୍ତ, କାରଣ ସେ ପ୍ରତିଦିନ ପାଖାପାଖି ୧୦,୦୦୦ ଶୁଆଙ୍କୁ ଖାଇବାକୁ ଦେଉଛନ୍ତି। ୨୮ ବର୍ଷ ହେଲା ସେ ଏଭଳି କାର୍ଯ୍ୟ କରିଆସୁଛନ୍ତି। ସେ ରହୁଛନ୍ତି ଜୁନାଗଡ଼ କେଶୋଦରେ। ଦୁର୍ଘଟଣାରେ ହରସୁଖଙ୍କର ଗୋଡ଼ ଭାଙ୍ଗିଯିବା ସମୟରେ ସେ ବାଲକୋନିରେ ବସି ରହୁଥିଲେ। ଥରେ ହରସୁଖଙ୍କ ଜଣେ ସାଙ୍ଗ ତାଙ୍କ ପାଇଁ ଫାର୍ମରୁ ବାଜରା ଆଣିଥିଲେ। ସେଥିରୁ କିଛି ଖାଇବା ପରେ କିଛି ବଳକା ବାଜରା ଏକ କପ୍‌ରେ ବାଲକୋନିରେ ରଖିଦେଇଥିଲେ। ପରେ ଦେଖିଲେ ତାହାକୁ ଶୁଆ ଆସି ଖାଉଛନ୍ତି। ଏଣୁ ସେ ଅଧିକ ବାଜରା ରଖିଲେ ଏବଂ ଅଧିକ ଶୁଆ ଆସିଲେ। ଏହା ଦେଖ ଶୁଆଙ୍କୁ ଖୁଆଇବା ଲାଗି ପ୍ଲାଷ୍ଟିକ ପାଇପରେ କଣା କରି ଷ୍ଟାଣ୍ଡରେ ରଖି ସେଥିରେ ବାଜରା ରଖିଲେ। ଫଳରେ ଶୁଆ ସଂଖ୍ୟା ଧୀରେ ଧୀରେ ବଢ଼ିଲା। ଏହା ଦେଖି ହରସୁଖ ଘର ବାହାରେ ତାଙ୍କର ୪ ଏକର ଫାର୍ମରେ ଲୁହା ପାଇପରେ ଖାଇବା ଷ୍ଟାଣ୍ଡ କରିଛନ୍ତି। ଶୁଆ ଖାଇବା ପାଇଁ ସେ ବର୍ଷକୁ ୩୫୦ କେଜି ବାଜରା ଓ ଅନ୍ୟାନ୍ୟ ଖାଦ୍ୟ ଶସ୍ୟ କିଣିବାରେ ୨.୫ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୭ ଏପ୍ରିଲ ୧୯୭୭**

- ଉତ୍ତରପ୍ରଦେଶ ମନ୍ତ୍ରିମଣ୍ଡଳକୁ ବରଖାସ୍ତ କରାଯିବା ସହ ଅଭିଯୁକ୍ତ ମନ୍ତ୍ରୀମାନଙ୍କ ବିରୁଦ୍ଧରେ ଏକ ତଦନ୍ତ କମିଶନ ନିଯୁକ୍ତ କରିବା ପାଇଁ ରାଜ୍ୟ ବିଧାନସଭାର ୧୯ ଜଣ ସଦସ୍ୟ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି।
- ମଧ୍ୟପ୍ରଦେଶ, ମିଜୋରାମ ଏବଂ ପଶ୍ଚିମବଙ୍ଗର ୫ ଜଣ ପୋଲିସ କର୍ମଚାରୀଙ୍କୁ ସେମାନଙ୍କର ଦୃଢ଼ ମନୋବଳ, କର୍ତ୍ତବ୍ୟପରାୟଣତା ତଥା ସାହସିକତା ଲାଗି ପୋଲି ପଦକ ପ୍ରଦାନ କରାଯାଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 6 | | | 9 | 1 | | 4 |
| | | 7 | | | | | | |
| | | | | 7 | | | 6 | |
| 9 | | 1 | 7 | | | | | 2 |
| | | | 9 | 8 | | 3 | | |
| 4 | | | | 5 | | 7 | | |
| | 3 | 9 | | | | | 2 | |
| | 6 | | | | | | | |
| | | | 1 | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 6 | 5 | 9 | 8 | 4 | 3 | 2 |
| 4 | 8 | 9 | 2 | 3 | 7 | 5 | 1 | 6 |
| 2 | 3 | 5 | 1 | 4 | 6 | 8 | 9 | 7 |
| 8 | 4 | 1 | 3 | 6 | 2 | 9 | 7 | 5 |
| 7 | 5 | 2 | 8 | 1 | 9 | 6 | 4 | 3 |
| 6 | 9 | 3 | 4 | 7 | 5 | 2 | 8 | 1 |
| 3 | 6 | 8 | 9 | 2 | 1 | 7 | 5 | 4 |
| 5 | 1 | 7 | 6 | 8 | 4 | 3 | 2 | 9 |
| 9 | 2 | 4 | 7 | 5 | 3 | 1 | 6 | 8 |

ଗତକାଲିର ଉତ୍ତର

# ଅନ୍ତରୀକ୍ଷ ସ୍ୱପ୍ନ ଓ ମାନବୀୟ ଦାୟିତ୍ୱ



ଡ.ବିମଳ ଷଡଙ୍ଗୀ

'ପୃଥିବୀ ହେଉଛି ଜୀବଜଗତର ଏକ ମାତ୍ର ବାସଗୃହ',ଏହା କେବଳ ଗୋଟିଏ ବୈଜ୍ଞାନିକ ସତ୍ୟ ନୁହେଁ, ବରଂ ମାନବ ସଭ୍ୟତା ପାଇଁ ଗୋଟିଏ ନୀତିଗତ ଦିଗ୍‌ଦର୍ଶକ। ତଥାପି, ଆଧୁନିକ ଯୁଗରେ ଏହି ସତ୍ୟର ଗୁରୁତ୍ୱକୁ ଅବହେଳା କରାଯାଉଛି। ଗୋଟିଏ ପଟେ ମାନବଜାତି ଅନ୍ତରିକ୍ଷର ଅସୀମ ଶୂନ୍ୟତାରେ ଜୀବନ ଖୋଜିବା ପାଇଁ ଅର୍ଥ ବ୍ୟୟ କରୁଛି, ଅନ୍ୟ ପଟେ ନିଜ ପୃଥିବୀକୁ ଯୁଦ୍ଧ, ହିଂସା, ପରିବେଶ ଅବକ୍ଷୟ ଆଦି ଦ୍ୱାରା ଧ୍ୱଂସକରି ସାମାଜିକ ଅସମାନତାରେ ଅସୁରକ୍ଷିତ କରିଦେଉଛି। ଏହି ବିରୋଧାଭାସ କେବଳ ଗୋଟିଏ ନୀତିଗତ ତ୍ରୁଟି ନୁହେଁ; ଏହା ମାନବତାର ଅବକ୍ଷୟର ଏକ ସଙ୍କେତ। ଯେଉଁ ସଭ୍ୟତା ନିଜ ଘରକୁ ରକ୍ଷା କରିବାକୁ ଅକ୍ଷମ, ସେ ଅନ୍ୟ ଗ୍ରହରେ ଜୀବନ ଖୋଜି ସଫଳ ହେବା ଗୋଟିଏ ପ୍ରଶ୍ନବାଚୀ ସୃଷ୍ଟିକରିଛି।

ବିଜ୍ଞାନ ଓ ପ୍ରଗତି ମାନବଜାତିକୁ ଅନ୍ତରିକ୍ଷ ପର୍ଯ୍ୟନ୍ତ ନେଇଯାଇଛି। ଚନ୍ଦ୍ର ଅଭିଯାନ, ମଙ୍ଗଳ ମିଶନ, ବାହ୍ୟଗ୍ରହରେ ବାୟୁମଣ୍ଡଳୀୟ ଅଧ୍ୟୟନ,ସବୁଗୁଡ଼ିକ ମାନବର ଅସୀମ ଜିଜ୍ଞାସାର ପ୍ରତୀକ। ଏହି ମିଶନ ପାଇଁ ନାସା, ୟୁରୋପୀୟ ମହାକାଶ ଏଜେନ୍ସି, ଇସ୍ରୋ ଓ ଚାଇନା ମହାକାଶ ସଂସ୍ଥାମାନେ ପ୍ରତିବର୍ଷ ଅନେକ ବିଲିୟନ ଡଲାର ଖର୍ଚ୍ଚ କରୁଛନ୍ତି। ଏହା ନିଶ୍ଚିତ ଭାବରେ ମାନବ ସଭ୍ୟତାର ଜ୍ଞାନବୃଦ୍ଧିକୁ ସୂଚିତ କରୁଛି,ଯାହାଫଳରେ ଆମେ ବିଶ୍ୱର ଗଠନ, ଗ୍ରହମାନଙ୍କର ଗତି, ଜୀବନର ଉତ୍ସ ଇତ୍ୟାଦି ବିଷୟରେ ଅଧିକ ଜାଣୁଛୁ। କିନ୍ତୁ ପ୍ରଶ୍ନ ଉଠୁଛି,ଯେତେବେଳେ ପୃଥିବୀରେ ଲକ୍ଷ ଲକ୍ଷ ଲୋକ ବେକାରି, ଦାରିଦ୍ର୍ୟ, ଖାଦ୍ୟ ସଙ୍କଟ, ରୋଗ ଓ ଯୁଦ୍ଧରେ ପୀଡ଼ିତ, ସେତେବେଳେ ଅନ୍ତରିକ୍ଷ ଅଭିଯାନରେ ନୂଆ ଜୀବ ଜଗତର ଅନ୍ୱେଷଣ ଗୋଟିଏ ହାସ୍ୟାସ୍ପଦ ପଦକ୍ଷେପ ଭାବରେ ଦେଖାଯାଇପାରେ। ଯଦି ମାନବଜାତି ସ୍ୱୟଂ ବାସକରିଥିବା ପୃଥିବୀର ସମସ୍ୟା ସମାଧାନରେ ବିଫଳ, ତେବେ ଅନ୍ୟ ଗ୍ରହରେ ଜୀବନ ଖୋଜିବା କେବଳ ଗୋଟିଏ ଆଡମ୍ବର ପୂର୍ଣ୍ଣଯାତ୍ରା ହୋଇପରେ।

ମାନବ ଇତିହାସର ଗୋଟିଏ ଦୁଃଖଦ ସତ୍ୟ ହେଉଛି, ସେ ବିକାଶଠାରୁ ବିନାଶକୁ ଅଧିକ ପ୍ରାଥମିକତା ଦେଇଆସିଛି। ୧୯୪୫ରେ ଜାପାନର ହିରୋସୀମା ଓ ନାଗାସାକିରେ ଆମେରିକା ଦ୍ୱାରା ପରମାଣୁ ବୋମା ବିସ୍ଫୋରଣ ଏକ ମାନବୀୟ ବିପର୍ଯ୍ୟୟ ଥିଲା। ଏହା କେବଳ ଲକ୍ଷେ ଲୋକଙ୍କୁ ହତ୍ୟା କରି ନ ଥିଲା, ବରଂ ପିଢ଼ି ପରେ ପିଢ଼ିର ରୋଗଗ୍ରସ୍ତ ଓ ପରିବେଶ ପ୍ରଦୂଷଣର ମୂଳକାରଣ ହୋଇଥିଲା। ୧୯୪୫ରୁ ୨୦୨୬ ପର୍ଯ୍ୟନ୍ତ କୋରିଆ, ଇଣ୍ଡୋନେସିଆ, କ୍ୟୁବା,ବ୍ରାଜିଲ, ସିରିୟା, ଇରାକ, ଲିବିଆ, ସୋମାଲିଆ, ଆଫଗାନିସ୍ତାନ, ଭେନେଜୁଏଲା, ଇରାନ ସହିତ ଯୁଦ୍ଧ ସହିତ ଆହୁରି ଅନେକ ଯୁଦ୍ଧରେ ଆମେରିକା ସମ୍ପୃକ୍ତ। ଇତିହାସ ସାକ୍ଷୀ, ଆମେରିକାର ୨୪୫ ବର୍ଷର ଜନ୍ମ ମଧ୍ୟରେ ୨୨୮ ବର୍ଷ ଅନ୍ୟ ସହିତ କେବଳ ଯୁଦ୍ଧରେ ବିତିଛି। ଏହା ବିଶ୍ୱର ସବୁଠାରୁ ସଭ୍ୟରାଷ୍ଟ୍ର ଦାବି କରୁଥିବା ଆମେରିକାର ଅସଭ୍ୟ ଆଚରଣକୁ ସୁଚାଇଛି। ଜାପାନରେ ପରମାଣୁ ବୋମା, ଭିଏଟ୍ନାମରେ ନାପାଲମ ବୋମା ଓ ଏଜେଣ୍ଟ ଅରେଞ୍ଜ ଭଳି ବିଷାକ୍ତ ରସାୟନ ବ୍ୟବହାର କରି ଜଙ୍ଗଲ, କୃଷି ଭୂମି ଓ ଜଳଜୀବନକୁ ନଷ୍ଟ କରିଥିଲା। ଏହା ପରିବେଶକୁ



ଏତେ ଦୂଷିତ କରିଥିଲା ଯେ ଏହାର ପ୍ରଭାବ ଆଜି ମଧ୍ୟ ପରିଲକ୍ଷିତ। ସେହିପରି ରୁଷଆ-ୟୁକ୍ରେନ ଯୁଦ୍ଧ ଗୋଟିଏ ଦୀର୍ଘକାଳୀନ ସଂଘର୍ଷ ଭାବେ ଉଦ୍ଭବ ହୋଇଛି, ଯେଉଁଥିରେ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ। ଏହା କେବଳ ମଣିଷ ମୃତ୍ୟୁରେ ସୀମିତ ନାହିଁ ବରଂ ବାୟୁ, ଜଳ ଓ ମୃତ୍ତିକା ଦୂଷିତ ହୋଇ ପରିବେଶକୁ କ୍ଷତି ପହଞ୍ଚାଇଛି। ୟୁକ୍ରେନରେ ଲ୍ୟାଣ୍ଡମାଇନ ଓ ବିସ୍ଫୋରଣ ହୋଇ ନ ଥିବା ଅସ୍ତ୍ରଗୁଡ଼ିକ ପରିବେଶକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବିପଦରେ ରଖିଛି। ତେଲ ରିଫାଇନେରି, ଶିଳ୍ପ ଓ ଅନେକ ଭିତ୍ତିଭୂମି ଉପରେ ଆକ୍ରମଣ ହେଉଥିବାରୁ କାର୍ବନ ନିର୍ଗମନ ବୃଦ୍ଧି ପାଉଛି, ଯାହା ଜଳବାୟୁ ପରିବର୍ତ୍ତନକୁ ତୀବ୍ର କରୁଛି। ଭିତ୍ତିଭୂମିଗୁଡ଼ିକର ଧ୍ୱଂସାବଶେଷ ଓ ସେଗୁଡ଼ିକୁ ପୁନଃ ନିର୍ମାଣ ପରିବେଶକୁ ଅଧିକ ଦୂଷିତ କରିବ।

ଇତିହାସର ପୁନରାବୃତ୍ତି ଘଟିଛି ଦୀର୍ଘ ୮୧ବର୍ଷ ପରେ, ପାରସ୍ୟ ଉପସାଗର ଅଧିବାସୀଙ୍କ ଜୀବନଠାରୁ ଆମେରିକୀୟଙ୍କର ଜୀବନ ପୁଣିଥରେ ମୂଲ୍ୟବାନ ହୋଇପଡିଛି,ସମାନ ଭାବରେ ଯାହା ଘଟିଥିଲା ଜାପାନର ଏସୀୟ ନାଗରିକଙ୍କ ସହିତ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଟ୍ରୁମ୍ୟାନଙ୍କ ଦ୍ୱାରା ୧୯୪୫ ମସିହାରେ। ବର୍ତ୍ତମାନ ପାରସ୍ୟ ଉପସାଗରୀୟ ଅଞ୍ଚଳରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବରେ ଇରାନ ଉପରେ କରୁଥିବା ଆକ୍ରମଣ ଏବଂ ପ୍ରତି-ଆକ୍ରମଣ ଶକ୍ତି ଓ ଭିତ୍ତିଭୂମିକୁ କ୍ଷତି ପହଞ୍ଚାଉଛି। ତୈଳ ରିଫାଇନେରି ଉପରେ ବୋମା ମାଡ଼ ଯୋଗୁ ସୃଷ୍ଟି ହୋଇଥିବା ଅଗ୍ନିକାଣ୍ଡ ବାୟୁ, ସ୍ଥଳ ଏବଂ ଜଳକୁ ଦୂଷିତ କରୁଛି। ଆନ୍ତର୍ଜାତିକ ପରମାଣୁ ସଂସ୍ଥା ନିଶ୍ଚିତ କରିଛି ଯେ ଇସ୍ରାଏଲ-ଆମେରିକା ମିଳିତ ଆକ୍ରମଣ ଇରାନର କିଛି ପରମାଣୁ ସମ୍ପତ୍ତିକୁ କ୍ଷତି ପହଞ୍ଚାଇଛି, ଯାହା ବ୍ୟାପକ ଅଞ୍ଚଳରେ ବିକିରଣ ବିପଦର ଆଶଙ୍କା ସୃଷ୍ଟି କରିଛି। ଯୁଦ୍ଧ ପୂର୍ବରୁ ଇରାନ ଏବଂ ଲେବାନନରେ ରହିଥିବା ଅନେକ ଐତିହ୍ୟସ୍ଥଳ ଉପରେ ଆମେରିକା ଓ ଇସ୍ରାଏଲ ବୋମାମାଡ କରି ନଷ୍ଟ କରିଛନ୍ତି। ଏଥିରେ ତେହେରାନର ୪୦୦ବର୍ଷ ପୁରୁଣା କାଜାର-ଯୁଗ ଗୋଲସ୍ତାନ ପ୍ରାସାଦ, ୧୭ ଶତାବ୍ଦୀର ଚେହେଲ ସୋତୌନ ପ୍ରାସାଦ ଏବଂ ଇସଫାହାନରେ ଜାମା ମସଜିଦ ଅନ୍ତର୍ଭୁକ୍ତ। ପ୍ରାଗୈତିହାସିକ ଗୁମ୍ଫା ଏବଂ ପଥର ଆଶ୍ରୟସ୍ଥଳ ପାଇଁ ପ୍ରସିଦ୍ଧ ଖୋରାମାବାଦ ଉପତ୍ୟକା ନିକଟରେ ଥିବା କୋଠାଗୁଡ଼ିକ ସହିତ ଅନେକ ସେତୁ ଓ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। କୋଠାବାଡି ଧ୍ୱଂସ ସହିତ ଆମେରିକା ଇରାନ ଯୁଦ୍ଧରେ ପାଖାପାଖି ୧୫ ମିଲିୟନ ଟନର ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହୋଇଥିବାର ଅନୁମାନ , ଯାହା ପାଖାପାଖି ୩ ବିଲିଅନ ଡଲାରର ପରିବେଶଗତ କ୍ଷତି କରିଛି। ମହାତ୍ମା ଗାନ୍ଧୀଙ୍କ ଭାଷାରେ 'ଯେତେବେଳେ ଜଙ୍ଗଲର ଆଇନ ରାଜ କରେ, ସେତେବେଳେ ସଭ୍ୟତା ନଷ୍ଟ ହୁଏ' ଆଜି ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ।

ଏହା ସତ୍ୟ ଯେ ଅନ୍ତରୀକ୍ଷରେ ଆମେ ନୂତନ ଗ୍ରହ ଖୋଜୁଛୁ, କିନ୍ତୁ ପୃଥିବୀ ଭଳି ଜୀବନ ଯୋଗ୍ୟ ଗ୍ରହ ଆମେ ଏପର୍ଯ୍ୟନ୍ତ ପାଇନାହୁଁ। ତେଣୁ ଯେଉଁ ପୃଥିବୀ ଆମସହିତ ଆମ ପାଖରେ ରହିଛି ତା'ର ସୁରକ୍ଷା ଆମର ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ। ଆଜିର ବିଶ୍ୱରେ ଶକ୍ତି, ଲୋଭ ଓ ସ୍ୱାର୍ଥ ଆଦି ନଷ୍ଟକାରୀ ତତ୍ତ୍ୱ ମାନବୀୟ ମୂଲ୍ୟବୋଧକୁ ପଛକୁ ଠେଲିଦେଇଛି। ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ଆବଶ୍ୟକ। ଯୁଦ୍ଧକୁ ରୋକି ଆନ୍ତର୍ଜାତିକ ସହଯୋଗ ଓ କୂଟନୀତିକୁ ସୁଦୃଢ଼ କରିବା। ଯୁଦ୍ଧ ଓ ଅସ୍ତ୍ର ଉପରେ ଖର୍ଚ୍ଚ ହେଉଥିବା ରାଶିକୁ ସୀମିତ ରଖି ବଳକା ରାଶିକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷାରେ ବ୍ୟୟ କରିବା। ଜଙ୍ଗଲ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ ଓ ପୁନର୍ନବୀକରଣ ଶକ୍ତିର ପ୍ରଚାର ଓ ପ୍ରସାର କରି ବିଶ୍ୱକୁ ସମୃଦ୍ଧ କରିବା। ଅନ୍ତରୀକ୍ଷ ଗବେଷଣା ଚାଲିଥାଉ, କିନ୍ତୁ ପୃଥିବୀର ସମସ୍ୟା ସମାଧାନ ସହିତ ସନ୍ତୁଳନ ରଖିବା ଜରୁରୀ। ପୃଥିବୀକୁ ଧ୍ୱଂସ କରି ଆମେ ଅନ୍ୟ କୌଣସି ଗ୍ରହରେ ସୁଖୀ ହୋଇପାରିବୁ ନାହିଁ। ଅନ୍ତରିକ୍ଷ ଅନୁସନ୍ଧାନ ଆମର ଜିଜ୍ଞାସାର ପ୍ରତୀକ, କିନ୍ତୁ ପୃଥିବୀକୁ ସୁରକ୍ଷିତ କରିବା ଆମର ଦାୟିତ୍ୱ।

**ମୋ: ୯୪୩୭୧୨୩୮୯୨**

## ପାଠକ ଶ୍ରେଷ୍ଠ ବିଚାରକ

### ଓଜନ ହ୍ରାସକାରୀ ଉତ୍ପାଦର ମାୟାଜାଲ

**ମହାଶୟ,**

ଆଜିକାଲି ଓଜନ କମାଇବା ପାଇଁ ବଜାରରେ ମିଳୁଥିବା ବିଭିନ୍ନ 'ହର୍ବାଲ ପାଉଡର' ଏବଂ ସ୍ଲିମିଂ ପ୍ରଡକ୍ଟଗୁଡ଼ିକ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି। ଏହି ଉତ୍ପାଦଗୁଡ଼ିକୁ କୌଣସି ବିଶେଷଜ୍ଞ ଡାକ୍ତର ନୁହନ୍ତି, ବରଂ କିଛି ଶିକ୍ଷିତ ଯୁବତୀଯୁବକ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ମିଥ୍ୟା ପ୍ରଚାର କରି ମାର୍କେଟିଂ କରୁଛନ୍ତି। ଏହି ବିକ୍ରେତାମାନେ ଗ୍ରାହକଙ୍କୁ ପ୍ରଲୋଭିତ କରିବା ପାଇଁ ୧ ମାସରେ ୫ କେଜି ଓଜନ କମିବାର ଗ୍ୟାରେଣ୍ଟି ଦେଉଛନ୍ତି, ଯାହା ସମ୍ପୂର୍ଣ୍ଣ ଭ୍ରମାତ୍ମକ ଏବଂ ଅବୈଜ୍ଞାନିକ। ସମସ୍ତଙ୍କୁ ଗରମ ପାଣିରେ ଗୋଟିଏ ଚାମଚ ପାଉଡର ପିଇବା ପାଇଁ ପରାମର୍ଶ ଦେବା ବିପଜ୍ଜନକ। ଏହି ପାଉଡରଗୁଡ଼ିକରେ ଗୁପ୍ତ ଭାବେ ଷ୍ଟେରଏଡ ଥାଇପାରେ, ଯାହା ସାମୟିକ ଭାବେ ଶରୀରକୁ ପତଳା କଲେ ମଧ୍ୟ ଭବିଷ୍ୟତରେ କିଡ୍‌ନୀ ବିଫଳତା, ଲିଭର ସମସ୍ୟା ଏବଂ ହୃଦ୍‌ଘାତ ଭଳି ରୋଗ ସୃଷ୍ଟି କରିଥାଏ। ତେଣୁ ଏଭଳି ଗ୍ୟାରେଣ୍ଟି ଦେଉଥିବା ଭ୍ରମାତ୍ମକ ବିଜ୍ଞାପନ ଓ ବିନା ଡାକ୍ତରୀ ପ୍ରମାଣପତ୍ରରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଦ୍ରବ୍ୟ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ।

**-ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ଚିରନ୍ତନୀ

କଜଳପାତି ସେ ସ୍ୱାମୀ ସଙ୍ଗତେ
କଳହେ ରହିଛି ମଗନ
ତୁଟାଇବି ତାହା, ତୃଷିତ ଚାତକ
ହାହାକାରେ ପୂରେ ଗଗନ ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ




# ପଲଟି ମାରିଲେ ନବୀନ

ଭୁବନେଶ୍ୱର,୧୬।୪(ସୁନିତ୍ ମିଶ୍ର)

କେନ୍ଦ୍ର ସରକାର ଦେଶରେ ଲାଗୁ କରାଇବାକୁ ଚାହୁଁଥିବା ଜାତୀୟ ମହିଳା ସଂରକ୍ଷଣ ବିଲ୍ ଏବଂ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ୨୦୨୬କୁ ନେଇ ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦିନକ ଭିତରେ ମତ ବଦଳାଇଛନ୍ତି। ନବୀନ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ମହିଳା ସଂରକ୍ଷଣ ବିଲ୍‌କୁ ତାଙ୍କ ଦଳ ସମର୍ଥନ କରୁଛି ବୋଲି କହିଥିଲେ। ଏହାସହ କେନ୍ଦ୍ର ସରକାର ଦେଶରେ ଲାଗୁ କରାଇବାକୁ ଚାହୁଁଥିବା ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ୨୦୨୬ ଦ୍ୱାରା ଯଦି ଓଡ଼ିଶାର କୌଣସି ରାଜନୈତିକ ଅଧିକାର କ୍ଷୁଣ୍ଣ ନ ହୁଏ ତେବେ ଏହାକୁ ସ୍ୱାଗତ କରାଯିବ ବୋଲି କହିଥିଲେ। ଏଥିଲାଗି ସ୍ୱତନ୍ତ୍ର ଅଧିବେଶନ ଡକାଇବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସେ ଅନୁରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନେଇ ଏକ ଚତୁର ଇଂରାଜୀ ଚିଠି ମାଧ୍ୟମରେ 'ସାପ ମରିବନି କି ବାଡ଼ି ଭାଙ୍ଗିବନି' ନ୍ୟାୟରେ ସମର୍ଥନ ଦେଇ ନବୀନ ଖସିଯିବେ ବୋଲି ଯାହା ଭାବିଥିଲେ, ସେଥିରେ ଧରା ପଡ଼ିଗଲା ଭଳି ମନେ ହେଉଛି। ଯେତେବେଳେ ସେ ବୁଝିଲେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପାରିତ ହେଲେ ତାଙ୍କ ଆସନ ମଧ୍ୟ ଆଗକୁ ସୁରକ୍ଷିତ ରହିବନି ଏବଂ ବିଜେଡିର ଯେତିକି ଅସ୍ତିତ୍ୱ ଅଛି ତାହା ମଧ୍ୟ ରହିବା ସମ୍ଭାବନା କ୍ଷୀଣ ହେବ, ସେଥିଲାଗି ହୁଏତ ନବୀନ ତାଙ୍କ ମୋଡ଼ ବଦଳାଇଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତର ରାଜ୍ୟଗୁଡ଼ିକର ସାଧାରଣ ଲୋକମାନେ ଏହାକୁ ବିରୋଧ କରୁଥିବା ଲକ୍ଷ୍ୟ କରିବା ପରେ ନବୀନ ଓଡ଼ିଶାର ସବୁ ଏମ୍‌ପିଙ୍କୁ ଗୁରୁବାର ଚିଠି ଲେଖିଛନ୍ତି। ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ରାଜ୍ୟର ସ୍ୱାର୍ଥ ଉପରେ ଆଞ୍ଚ ଆଣିପାରେ ବୋଲି ସେ ସାଂସଦମାନଙ୍କୁ କହିଛନ୍ତି।

ନବୀନ ତାଙ୍କ ଚିଠିରେ ଲେଖିଛନ୍ତି, କେବଳ ବିଜୁ ଜନତା ଦଳ(ବିଜେଡି)ର ସଭାପତି ବୋଲି ନୁହେଁ ଜଣେ ଓଡ଼ିଆ ଭାବେ କହିବାକୁ ଚାହେଁ, ୧୩୧ ତମ ସମ୍ବିଧାନ ସଂଶୋଧନ ହେଲେ ରାଜ୍ୟର ସ୍ୱାର୍ଥ ଉପରେ ଆଞ୍ଚ ଆସିବ। ମହିଳାଙ୍କ ବିକାଶ ଓ ଉନ୍ନତିକୁ ବିଜେଡି ସବୁବେଳେ ସମର୍ଥନ କରେ। ଉଭୟ ପାର୍ଲାମେଣ୍ଟ ଏବଂ ବିଧାନସଭାରେ ମହିଳା ସଂରକ୍ଷଣ ଗୋଟିଏ ଭଲ ପଦକ୍ଷେପ। ତାଙ୍କ ବାପା ବିଜୁ ପଟ୍ଟନାୟକ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳା ସଂରକ୍ଷଣ ବିଲ୍ ପ୍ରଥମେ ଲାଗୁ କରିଥିଲେ ବୋଲି ନବୀନ ଉଲ୍ଲେଖ କରିଛନ୍ତି। ସେ ଆହୁରି କହିଛନ୍ତି, ପରବର୍ତ୍ତୀ ସମୟରେ ବିଜେଡି ମଧ୍ୟ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନକରି ରାଜ୍ୟରେ ଆଗକୁ ନେଇଥିଲା। ୧୦୬ତମ ସମ୍ବିଧାନ ସଂଶୋଧନ ବିଲ୍ ୨୦୨୩, ଯାହା ମହିଳା ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ଥିଲା (ଦ ନାରୀ ଶକ୍ତି ବନ୍ଦନା ଅଭିଯାନ)କୁ ବିଜେଡି ସମର୍ଥନ ଦେଇଥିଲା। ମାତ୍ର ବର୍ତ୍ତମାନ ୧୩୧ ତମ ସମ୍ବିଧାନ ସଂଶୋଧନ ବିଲ୍, ଯାହା କେନ୍ଦ୍ର ସରକାର ପାରିତ କରିବାକୁ ଚାହୁଁଛନ୍ତି, ତାହା ୧୦୬ତମ ସମ୍ବିଧାନ ସଂଶୋଧନ ବିଲ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ ଏହି ବିଲ୍‌କୁ ଗମ୍ଭୀରତାର ସହକାରେ ନେଇ ସମସ୍ତେ ଓଡ଼ିଶାର ସ୍ୱାର୍ଥ ପାଇଁ ନିଜ ସ୍ୱର ଉଠାଇବା ଦରକାର। ଏହି ବିଲ୍ ଯଦି ପାରିତ ହୁଏ, ତେବେ ଏହାଦ୍ୱାରା ଓଡ଼ିଶାର ଅଧିକାର ସୀମିତ ହୋଇଯିବ। ଲୋକ ସଭାରେ ମଧ୍ୟ ଓଡ଼ିଶାର ସ୍ୱର କ୍ଷୀଣ ହେବାର ସମ୍ଭାବନା ସୃଷ୍ଟି ହେବ। ସମ୍ବିଧାନର ପ୍ରସ୍ତାବିତ ୧୩୧ତମ ସଂଶୋଧନ ବିଲ୍ ୨୦୨୬, ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଦ୍ୱାରା ଲୋକ ସଭା ଆସନ ସଂଖ୍ୟାରେ ବ୍ୟାପକ ପରିବର୍ତ୍ତନ ଘଟିବ। ଲୋକ ସଭା ସଦସ୍ୟ ସଂଖ୍ୟା ୫୪୩ରୁ ବୃଦ୍ଧି ପାଇ ୮୫୦ ହେବ। ଯଦି ଲୋକ ସଭାରେ ମୋଟ୍ ଆସନ ୮୫୦ ହୋଇଯିବ ଶତ ପ୍ରତିଶତ, ଓଡ଼ିଶାର ୨୧ ଲୋକ ସଭା ଆସନ ୨୯କୁ ବୃଦ୍ଧି ପାଇବା ସତ୍ତ୍ୱେ ମୋଟ୍ ପ୍ରତିଶତ ବର୍ତ୍ତମାନର ୩.୯%ରୁ ହ୍ରାସ ପାଇ ୩.୪ % ହୋଇଯିବ। ଏହାର ଅନେକ ଆର୍ଥିକ ଏବଂ ରାଜନୈତିକ ଗୁରୁତ୍ୱ ରହିଛି, ଯାହା ସାଧାରଣରେ ବୁଝାପଡୁ ନାହିଁ। ମହିଳା ସଂରକ୍ଷଣ ଏବଂ ସୀମା ପୁନଃ ନିର୍ଦ୍ଧାରଣ ଭିତରେ ଯେଉଁ ସଂଯୋଗ ରଖିବାକୁ ଚେଷ୍ଟା କରାଯାଇଛି, ତାହା କେବଳ ୨୦୨୬ ଜନଗଣନା ପରେ ସମ୍ଭବ। ସେହିପରି ଜନସଂଖ୍ୟା ନିୟନ୍ତ୍ରଣରେ ଓଡ଼ିଶା ଏକ ଆଗୁଆ ରାଜ୍ୟ। କେନ୍ଦ୍ର ସରକାର ଚାହୁଁଛନ୍ତି, ଯେଉଁ ରାଜ୍ୟରେ ଜନସଂଖ୍ୟା ଅଧିକ ସେଠାରେ ଲୋକ ସଭା ଆସନ ବଢ଼ାଇବେ, ଯାହା ଓଡ଼ିଶାକୁ କ୍ଷତି ପହଞ୍ଚାଇବ। ତେଣୁ ପାର୍ଲାମେଣ୍ଟର ଭିତରେ ଏବଂ ବାହାରେ ଏହି ବିଲ୍‌କୁ ନେଇ ସ୍ୱର ଉଠାଇବା ଦରକାର, ଯେମିତି ଓଡ଼ିଶାର ସ୍ୱାର୍ଥରେ କିଛି କ୍ଷତି ପହଞ୍ଚିବ ନାହିଁ ବୋଲି ନବୀନ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସାମ୍ପ୍ରତିକ ଜନଗଣନା ଆରମ୍ଭ ହୋଇଗଲାଣି। ତାହାର ପ୍ରକୃତ ଚିତ୍ର ପ୍ରକାଶ ପାଇବା ପୂର୍ବରୁ ୨୦୧୧ ଜନଗଣନା ଉପରେ ଆଧାରକରି ଅଣାଯାଇଥିବା ବିଲ୍‌ର କୌଣସି ଯଥାର୍ଥତା ବୁଝାପଡୁ ନାହିଁ। ପର୍ଯ୍ୟବେକ୍ଷକମାନଙ୍କ କହିବାନୁଯାୟୀ, ଏହି ବିଲ୍ ଆଗତ ହେବାର ଉଦ୍ଦେଶ୍ୟ ମହିଳାଙ୍କୁ ପ୍ରାଧାନ୍ୟ ଦେବା ନୁହେଁ। ଅନ୍ତର୍ଜାତୀୟ ସମ୍ପର୍କରେ ଘୋର ବିଫଳତା ଏବଂ ନିକଟ ଭବିଷ୍ୟତରେ ମାଡ଼ି ଆସୁଥିବା ତୈଳ ସଙ୍କଟଠାରୁ ଦୃଷ୍ଟି ହଟାଇବା ହେଉଛି ମୁଖ୍ୟ ଲକ୍ଷ୍ୟ। ଏହାବ୍ୟତୀତ ୨ଟି ଅଣଭାଜପା ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ମହିଳା ଭୋଟରଙ୍କ ଉପରେ ପ୍ରଭାବ ପକାଇବା ଅନ୍ୟ ଏକ ଉଦ୍ଦେଶ୍ୟ ହୋଇଥାଇପାରେ ବୋଲି କୁହାଯାଉଛି। ଏଭଳି ପରିସ୍ଥିତିରେ ନବୀନଙ୍କ ପଛ ପରିବର୍ତ୍ତନରୁ ବୁଝାପଡୁଛି, ପରିସ୍ଥିତି ସମ୍ପର୍କରେ ବିଜେଡି ନେତୃତ୍ୱ ସତର୍କ ହୋଇଗଲେଣି। ଏହି ସମ୍ବିଧାନ ସଂଶୋଧନ ବିଲ୍‌ଗୁଡିକ ଉପରେ ଦେଶବ୍ୟାପୀ ଅନେକ ପ୍ରଶ୍ନ ସୃଷ୍ଟି ହେଲାଣି। ଏଭଳି ଏକ ଗୋଳିଆ ପରିସ୍ଥିତିରେ ନିଜେ ଗୁରୁତ୍ୱ ହରାଇବେ ବୋଲି ଭାବି ନବୀନ ଏଭଳି ପଲଟି ମାରିଛନ୍ତି ବୋଲି କୁହାଯାଇପାରେ।

## ରାହୁଲଙ୍କୁ ଦେଖି ବିରୋଧ କରୁଛନ୍ତି ନବୀନ: ସୁରେଶ

ଭୁବନେଶ୍ୱର,୧୬।୪(ସୁନିତ୍ ମିଶ୍ର)

**ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କହିବା ମହିଳା ସଂରକ୍ଷଣକୁ ବିରୋଧ: ପୃଥ୍ୱୀରାଜ**

ରାଜ୍ୟର ସବୁ ଏମ୍‌ପିଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଚିଠି ଲେଖି ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ୨୦୨୬ ପ୍ରସଙ୍ଗରେ ସତର୍କ କରାଇଛନ୍ତି। ୧୩୧ତମ ସମ୍ବିଧାନ ସଂଶୋଧନକୁ ନେଇ ଓଡ଼ିଶାର ସ୍ୱାର୍ଥ ଉପରେ ଆଞ୍ଚ ଆସିପାରେ ବୋଲି ସେ ତାଙ୍କ ଚିଠିରେ ସମସ୍ତଙ୍କୁ ଅବଗତ କରାଇଛନ୍ତି। ନବୀନଙ୍କ କହିବାନୁଯାୟୀ ପ୍ରସ୍ତାବିତ ସମ୍ବିଧାନ ସଂଶୋଧନ ହେବା ପରେ ଜାତୀୟ ସ୍ତରରେ ଓଡ଼ିଶାର ପ୍ରତିନିଧିତ୍ୱ ହାର କମିଯିବ। ବର୍ତ୍ତମାନ ଯାହା ୩.୯% ରହିଛି ତାହା ହ୍ରାସ ପାଇ ୩.୪%ରେ ପହଞ୍ଚିବ। ଏହା କେବଳ ରାଜନୈତିକ କ୍ଷତି ନୁହେଁ, ବରଂ ରାଜ୍ୟର ଅର୍ଥନୈତିକ ସ୍ୱାର୍ଥ ଉପରେ ମଧ୍ୟ ମାଡ଼ ହେବ ବୋଲି ସେ କହିଛନ୍ତି। ନବୀନଙ୍କ ଏଭଳି ଚିଠି ପରେ ରାଜନୈତିକ ମହଲରେ ଏହାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି। ଭାଜପା ନେତାମାନେ ଏହି ପ୍ରସଙ୍ଗରେ ନବୀନଙ୍କୁ ଟାର୍ଗେଟ କରିଛନ୍ତି। ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଯାହା କହିଲେ, ତାକୁ ଦେଖି ନବୀନ ବିରୋଧ କରୁଛନ୍ତି। ପ୍ରସ୍ତାବ ଆସିବା ଜାଣିବା ପୂର୍ବରୁ କଂଗ୍ରେସ କଥାରେ ସାମିଲ ହୋଇଗଲେ। ନବୀନ ବାବୁ କଂଗ୍ରେସ ହେବା ଆରମ୍ଭ କଲେଣି। ବିଜେଡି ରାଜ୍ୟ ସଭା ନିର୍ବାଚନରେ ପ୍ରମାଣିତ କରିସାରିଛି ସେମାନେ ଅଣକଂଗ୍ରେସ ନୁହନ୍ତି। ଚୋରା ପୀରତି ବନ୍ଦ ହେଉ, ଯାହା କରିବା କଥା ଖୋଲାଖୋଲି କରନ୍ତୁ ବୋଲି ସୁରେଶ କହିଛନ୍ତି।

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସୀମା ପୁନଃ ନିର୍ଦ୍ଧାରଣ ନେଇ ଦ୍ୱନ୍ଦ୍ୱ ତିଆରି କରିବାର ପରିକଳ୍ପନା ନବୀନଙ୍କ ଭଳି ବରିଷ୍ଠ ନେତାଙ୍କୁ ଶୋଭାପାଉନି। ପରୋକ୍ଷ ଭାବେ ଏହାକୁ ବିରୋଧକରିବା, ଅଟକାଇବା ମାନସିକତା ନବୀନ ଛାଡ଼ନ୍ତୁ। କେନ୍ଦ୍ର ସରକାର ଐତିହାସିକ ନିଷ୍ପତ୍ତି ନେବାକୁ ଯାଉଛନ୍ତି। କିନ୍ତୁ ଆସନ କେତେ ବଢ଼ିବ ସେନେଇ ଦ୍ୱନ୍ଦ୍ୱ କରିବା ଠିକ୍ ନୁହେଁ। ସୀମା ପୁନଃ ନିର୍ଦ୍ଧାରଣ ହୋଇ ସିଟ୍ ସଂଖ୍ୟା ବଢ଼ିଲେ ଗଣତନ୍ତ୍ର ପାଇଁ ଶୁଭଙ୍କର। କିନ୍ତୁ ତାକୁ ବିରୋଧକରି ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ପାଇଁ ଜିଦ୍ କରିବା ପରୋକ୍ଷ ଭାବେ ମହିଳା ସଂରକ୍ଷଣକୁ ବିରୋଧ କରିବାକୁ ବିଜେଡିର ନୂଆ ଯୋଜନା ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

## ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ କାଡାମ

ଭୁବନେଶ୍ୱର,୧୬।୪(ରବିନାରାୟଣ ଜେନା)

ଡିଲିମିଟେସନ ପରେ ଦେଶର ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ କମିଯିବ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଇଛି ତାକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ସେ କହିଛନ୍ତି, ଏନେଇ ତୁରନ୍ତ ସ୍ୱତନ୍ତ୍ର ଅଧିବେଶନ ଡକାଯାଉ। କାଡାମ ଗୁରୁବାର ପତ୍ର ଲେଖି ଦର୍ଶାଇଛନ୍ତି, ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଅନୁଯାୟୀ,ଓଡ଼ିଶାର ଆନୁପାତିକ ପ୍ରତିନିଧିତ୍ୱ ହ୍ରାସ ହେବାର ଆଶଙ୍କା ପ୍ରକାଶ ପାଇଛି। ତେଣୁ ବିଧାନସଭାର ଏକ ବିଶେଷ ଅଧିବେଶନ ଡକାଯାଉ। ଏହି ପ୍ରକ୍ରିୟା ରାଜ୍ୟର ଅଧିକାର, ମର୍ଯ୍ୟାଦା ଓ ଭବିଷ୍ୟତ ଉପରେ ସିଧାସଳଖ ଆକ୍ରମଣ।

କାଡାମ କହିଛନ୍ତି, ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଭୂମିକା ଅତୁଳନୀୟ। ଶହୀଦ ଲକ୍ଷ୍ମଣ ନାୟକଙ୍କ ପରି ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓଡ଼ିଶାର ଅଦମ୍ୟ ଉତ୍ସାହର ପ୍ରତୀକ। କଂଗ୍ରେସ ସର୍ବଦା ଓଡ଼ିଶାର ସ୍ୱାର୍ଥ, ପରିଚୟ ଓ ମର୍ଯ୍ୟାଦା ରକ୍ଷା ପାଇଁ ଲଢ଼େଇ କରି ଆସିଛି ଏବଂ ଏହି ପରମ୍ପରା ଆଗକୁ ମଧ୍ୟ ଜାରି ରହିବ। ଓଡ଼ିଶାରେ ପ୍ରାୟ ୧୦ଟି ଜିଲା ଆଦିବାସୀ ପ୍ରବଣ। ଏହି ଅଞ୍ଚଳଗୁଡ଼ିକର ରାଜନୈତିକ ପ୍ରତିନିଧିତ୍ୱ ହ୍ରାସ ହେଲେ ଏହି ସମ୍ପ୍ରଦାୟଗୁଡ଼ିକ ଅଧିକାରରୁ ବଞ୍ଚିତ ହେବେ। ସମ୍ବିଧାନ ସଂଶୋଧନ ବିଲ୍-୨୦୨୬ ଅନୁଯାୟୀ ସଂସଦୀୟ ଆସନ ସଂଖ୍ୟା ବୃଦ୍ଧି ହେଲେ ମଧ୍ୟ ଓଡ଼ିଶାର ଆନୁପାତିକ ପ୍ରତିନିଧିତ୍ୱ ହ୍ରାସ ପାଇବାର ସମ୍ଭାବନା ରହିଛି, ଯାହା କି ଗ୍ରହଣୀୟ ନୁହେଁ। ଏହାଦ୍ୱାରା ଅନ୍ୟ ରାଜ୍ୟଗୁଡ଼ିକ ଲାଭବାନ୍ ହେବା ସହ ଓଡ଼ିଶାର କ୍ଷତିକୁ ସହ୍ୟ କରାଯିବ ନାହିଁ। ଓଡ଼ିଶାର ସାଢ଼େ ୪ କୋଟି ଓଡ଼ିଆଙ୍କ ଅଧିକାର, ମର୍ଯ୍ୟାଦା ଓ ଭବିଷ୍ୟତ ଉପରେ ଏଭଳି ସିଧା ସଳଖ ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନୀରବତା ଭାଙ୍ଗି ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

## ୱାଲ୍‌ଟିୟର ରେଳ ଡିଭିଜନକୁ ତୁରନ୍ତ ଫେରାଅ




ଭୁବନେଶ୍ୱର ପୂର୍ବତଟ ରେଳପଥ ଜୋନ୍ ଅଫିସ ସମ୍ମୁଖରେ ଗୁରୁବାର ଅନୁଷ୍ଠିତ ବିଶାଳ ଗଣଧାରଣାରେ ୧୧ ଦଳର ନେତୃବୃନ୍ଦ।

ଭୁବନେଶ୍ୱର,୧୬।୪(ରବିନାରାୟଣ ଜେନା)

**୧୧ଟି ବିରୋଧୀ ଦଳର ଦାବି**

ସମଗ୍ର ଦେଶରେ ୧୯ଟି ରେଳ ଡିଭିଜନ ଥିବାବେଳେ ଓଡ଼ିଶାର ଇଷ୍ଟକୋଷ୍ଟ ରେଳ ଡିଭିଜନ ୧ ନମ୍ବରରେ ରହିଛି। ପ୍ରତିବର୍ଷ ୨୦ରୁ ୨୫ହଜାର କୋଟି ଟଙ୍କାର ଲାଭ ଭାରତୀୟ ରେଳପଥକୁ ଯାଉଛି। ହେଲେ କେନ୍ଦ୍ର ସରକାର ଏହାକୁ ଚକ୍ରାନ୍ତ କରି ଏବେ ଭାଙ୍ଗି ଦେଇଛନ୍ତି। ଆମର ତିନୋଟି ରେଳ ଡିଭିଜନ ୱାଲଟିୟର, ଖୋର୍ଦ୍ଧା ଏବଂ ସମ୍ବଲପୁର ଡିଭିଜନରୁ ଯେଉଁ ୱାଲଟିୟର ଡିଭିଜନକୁ କାଢ଼ି ନିଆଯାଇଛି ତାକୁ ତୁରନ୍ତ ଫେରାଇ ଦିଆଯାଉ ବୋଲି ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଶ୍ରୀକାନ୍ତ ଜେନା ଦାବି କରିଛନ୍ତି। ୧୧ଟି ବିରୋଧୀ ଦଳ ପକ୍ଷରୁ ଗୁରୁବାର ଭୁବନେଶ୍ୱର ପୂର୍ବତଟ ରେଳପଥ ଜୋନ୍ ଅଫିସ ସମ୍ମୁଖରେ ଅନୁଷ୍ଠିତ ବିଶାଳ ଗଣଧାରଣାରେ ଶ୍ରୀକାନ୍ତ କହିଛନ୍ତି, ଇଷ୍ଟକୋଷ୍ଟ ରେଳପଥର ମୁଖ୍ୟ ବିଶେଷତ୍ୱ ହେଲା, ଏଠାରେ ୪୭ ଟଙ୍କା ଖର୍ଚ୍ଚରେ ୧୦୦ଟଙ୍କା ମିଳୁଥିବାବେଳେ ଅନ୍ୟ ରାଜ୍ୟରେ ୧୦୫ ଟଙ୍କା ଖର୍ଚ୍ଚରେ ୧୦୦ ଟଙ୍କା ମିଳେ। ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟ ଯେଉଁ ଷଡ଼ଯନ୍ତ୍ର କରିଛି ତାହାକୁ ଆଦୌ ବରଦାସ୍ତ କରାଯିବ ନାହିଁ। ପଲାସା-ଇଚ୍ଛାପୁରମ୍ ରେଳ ଅଞ୍ଚଳ ସ୍ଥାନାନ୍ତରଣ ନିଷ୍ପତ୍ତି ବାତିଲ କରିବା ସହିତ ଓଡ଼ିଶା ଭୂଖଣ୍ଡ ମଧ୍ୟରେ ଯାଇଥିବା ସମସ୍ତ ରେଳ ଅଞ୍ଚଳକୁ ପୂର୍ବତଟ ରେଳପଥ ଅଧୀନକୁ ଅଣାଯାଉ। କାର୍ଯ୍ୟକ୍ରମରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ସୁନ୍ଦରଗଡ଼, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡ଼ା ରେଳ ଲାଇନ୍‌ଗୁଡ଼ିକୁ ପୂର୍ବତଟ ରେଳପଥରେ ଅନ୍ତର୍ଭୁକ୍ତ କରାଯାଉ। ରେଳ ରାଜସ୍ୱ ନିଯୁକ୍ତି ଓ ଭିତ୍ତିଭୂମି ଉନ୍ନତିରେ ଓଡ଼ିଶାକୁ ତା'ର ନ୍ୟାୟସଙ୍ଗତ ହକ୍ ଦିଆଯାଉ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ, ବିଧାୟକ ସୁଶାନ୍ତ କୁମାର ରାଉତ,ସିପିଆଇର ବରିଷ୍ଠ ନେତା ଡ. ପ୍ରଶାନ୍ତ କୁମାର ମିଶ୍ର, ଜୟନ୍ତ ଦାସ,ଏନ୍. ନାରାୟଣ ରେଡ୍ଡୀ, ସୁର ଜେନା, ସି.ପି.ଆଇ.(ଏମ୍)ର ବରିଷ୍ଠ ନେତା ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଅଳି କିଶୋର ପଟ୍ଟନାୟକ, ସନ୍ତୋଷ ଦାସ, ଦୁଷ୍ମନ୍ତ କୁମାର ଦାସ, ସି.ପି.ଆଇ.(ଏମ୍‌ଏଲ୍) ଲିବରେଶନର ବରିଷ୍ଠ ନେତା ଯୁଧିଷ୍ଠିର ମହାପାତ୍ର, ମହେନ୍ଦ୍ର ପରିଡ଼ା, ଅଶୋକ କୁମାର ପ୍ରଧାନ, ଫରୱାର୍ଡ ବ୍ଲକର ବରିଷ୍ଠ ନେତା ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ବହୁ ନେତୃବୃନ୍ଦ ଉଦ୍‌ବୋଧନ ଦେଇଥିଲେ। ଡବଲ ଇଞ୍ଜିନ ଭାଜପା ସରକାରର ଓଡ଼ିଶା ବିରୋଧୀ ନୀତି ବିରୋଧରେ ଆଗାମୀ ଦିନରେ ରେଳପଥ ପ୍ରସଙ୍ଗ ସହିତ ରାଜ୍ୟବାସୀଙ୍କ ସ୍ୱାର୍ଥ ସମ୍ବଳିତ ସମସ୍ୟା ଉପରେ ପ୍ରସଙ୍ଗଭିତ୍ତିକ ଏକତା ଏବଂ ସଂଗ୍ରାମ ଜାରି ରହିବ ବୋଲି ବିରୋଧୀ ଦଳର ନେତାମାନେ ଘୋଷଣା କରିଛନ୍ତି।

## ସଦରମହକୁମାକୁ ନିଜ ଘରକୁ ନେଇଥିଲେ ୨ କ୍ଷମତାଶାଳୀ ନେତା: ମନ୍ତ୍ରୀ ବଳସାମନ୍ତ

ଯାଜପୁର,୧୬।୪(ହର୍ଷବର୍ଦ୍ଧନ ବେହେରା)

**ଯାଜପୁର ଜିଲା ସଦର ମହକୁମା ପ୍ରତିଷ୍ଠା ପ୍ରସଙ୍ଗ**

**ନୂତନ ଜିଲା ଗଠନ ଦାବିକୁ ମନ୍ତ୍ରୀଙ୍କ ଅସ୍ୱୀକାର**

ରାଜ୍ୟରେ ସ୍ୱତନ୍ତ୍ର ଜିଲା ଗଠନ ସମୟରେ ଯାଜପୁର ସଦର ମହକୁମାକୁ ୨ ବରିଷ୍ଠ କ୍ଷମତାଶାଳୀ ନେତା ପାଣିକୋଇଲିଠାରୁ ସେମାନଙ୍କ ଘର(ଯାଜପୁର)କୁ ନେଇ ଯାଇଥିଲେ ବୋଲି ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ବୁଧବାର ରାତିରେ ବ୍ୟାସନଗର ପ୍ରିମିୟର କ୍ରିକେଟ ଲିଗ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ କହିଛନ୍ତି, ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଗମନାଗମନ ଦୃଷ୍ଟିରୁ ପାଣିକୋଇଲିଠାରେ ଜିଲା ସଦର ମହକୁମା ପ୍ରତିଷ୍ଠା କରିବାକୁ ସମସ୍ତ ପ୍ରକାର କାଗଜପତ୍ର ପ୍ରସ୍ତୁତ କରି ସାରିଥିଲେ। କିନ୍ତୁ ସେତେବେଳେ ଯାଜପୁର ଜିଲାର ୨ ବରିଷ୍ଠ ନେତା ନିଜ ଘରକୁ ସଦର ମହକୁମାକୁ ନେଇ ଯାଇଥିବାରୁ ବଡ଼ଚଣା, ଧର୍ମଶାଳା, ସୁକିନ୍ଦା, କୋରେଇ ଅଞ୍ଚଳବାସୀ ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ବରିଷ୍ଠ ନେତା ଅଶୋକ ଦାସ ଓ ପ୍ରଫୁଲ୍ଲ ଘଡ଼େଇଙ୍କୁ ଅନିଶା କରି କୁହାଯାଇଥିବା ଜିଲାରେ ଚର୍ଚ୍ଚା ହେଉଛି।

ଏହାପୂର୍ବରୁ ୨୯ ସେପ୍ଟେମ୍ବର ୨୦୨୪ରେ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବୁଢ଼ାକେନ୍ଦୁଆଠାରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଓ ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ପରିବାର ସଦସ୍ୟ ଯାଜପୁରକୁ ଲୁଟିଛନ୍ତି ବୋଲି କହିଥିଲେ। ସେ କହିଥିଲେ, ନିଜକୁ କ୍ରୀତଦାସ କହିବାକୁ ମଧ୍ୟ ସେମାନେ ପଛାଉ ନ ଥିଲେ। ଯାଜପୁରକୁ ସମୃଦ୍ଧ ଜିଲା ଭାବେ ପରିଗଣିତ କରିବାକୁ ସେମାନେ ପ୍ରତିଶ୍ରୁତି ଦେଇଥିଲେ। ତେବେ କୁଆଡ଼େ ଗଲା ସମୃଦ୍ଧ ଯାଜପୁର ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ। ସମବାୟ ମନ୍ତ୍ରୀ ବଳସାମନ୍ତଙ୍କ ଏବର ତେରଛା ବାଣ ମୁଖ୍ୟମନ୍ତ୍ରୀଙ୍କ ପୁରୁଣା କଥା ସାଧାରଣରେ ମନେ ପକେଇ ଦେଇଛି।

ରାଜୁ ଦାସ କମିଶନ ରିପୋର୍ଟ ଅନୁଯାୟୀ, ପ୍ରସ୍ତାବିତ ଉତ୍ତର କଟକ ଜିଲାଠାରୁ ଦୁଇପାଦ ଆଗକୁ ଯାଇ ବିଜୁବାବୁ ୧୯୯୩ରେ ସ୍ୱତନ୍ତ୍ର ଯାଜପୁର ଜିଲା ଗଠନ କରିଥିଲେ। ସେତେବେଳେ ଏହାର ସଦର ମହକୁମା ପାଣିକୋଇଲିଠାରେ କରିବାକୁ ସରକାରୀ ନିଷ୍ପତ୍ତି ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ଯାଜପୁର ଟାଉନକୁ ଏହାର କାର୍ଯ୍ୟାଳୟ ସ୍ଥାନାନ୍ତର କରାଯାଇଥିଲା। ଏନେଇ ସେତେବେଳେ ବ୍ୟାପକ ଆନ୍ଦୋଳନ କରାଯାଇ କୋର୍ଟକଚେରି ପର୍ଯ୍ୟନ୍ତ କଥା ଯାଇଥିଲା। ପରବର୍ତ୍ତୀ ସମୟରେ ଜିଲାର ବ୍ୟାସନଗର ଓ ଚଣ୍ଡିଖୋଲକୁ ସବ୍‌ଡିଭିଜନ ମାନ୍ୟତା ପ୍ରତିଶ୍ରୁତି ମଧ୍ୟ ଫସର ଫାଟିଲା। ବ୍ୟାସନଗର ଏନ୍‌ଏସିକୁ ୧୯୯୪ରେ ମ୍ୟୁନିସିପାଲିଟି ଭାବେ ଘୋଷଣା କରାଯାଇଥିଲା। ହେଲେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଭାବେ କୌଣସି ଇଞ୍ଜିନିୟରିଂ କଲେଜ ବା ମେଡିକାଲ କଲେଜ ଏ ଅଞ୍ଚଳ ପାଇଁ ସ୍ୱପ୍ନ ହୋଇଛି। ସମସ୍ତ ସୁବିଧା ଥିବା ପାଣିକୋଇଲିଠାରେ ମେଡିକାଲ କଲେଜ କରିବାକୁ ଅଧିକାଂଶ ମତ ଦେଇଥିବାବେଳେ ତାହାକୁ ଯାଜପୁର ସହରରେ ନିର୍ମାଣ କରାଗଲା। ଏଥିପାଇଁ ମେଡିକାଲ କଲେଜ ସଂଘର୍ଷ ସମିତି ପକ୍ଷରୁ ପାଣିକୋଇଲିଠାରେ ୧୦୦ରୁ ଉର୍ଦ୍ଧ୍ୱ ଦିନ ଧରି ଧାରଣା ଦିଆଯାଇଥିଲା। କିନ୍ତୁ କୌଣସି ପ୍ରତିବାଦ କେହି ଶୁଣି ନ ଥିଲେ। ଯାଜପୁରରୋଡ୍, ଦାନଗଦି, ବ୍ୟାସନଗର, ସୁକିନ୍ଦା ଆଦି ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର କିମ୍ବା ଯନ୍ତ୍ରପାତି ନାହିଁ। ରୋଗୀଙ୍କ ସେବା ଠାକୁରଙ୍କ ଭରସାରେ ଚାଲିଛି। ପ୍ରାୟ ୨ ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ ବ୍ୟାସନଗର ପୌର ପରିଷଦରେ ମାତ୍ର ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେତେବେଳର ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ବର୍ନକେୟାର ସେଣ୍ଟର, ଜୋକଡ଼ିଆ ବ୍ୟାରେଜ, ଇଏସ୍‌ଆଇ ହସ୍ପିଟାଲ, କଳିଙ୍ଗନଗର ବିମାନ ବନ୍ଦର, ରେଳ ଡିଭିଜନ ଇତ୍ୟାଦି ପ୍ରତିଶ୍ରୁତି ସ୍ୱପ୍ନ ହୋଇଛି। ସହରରେ ବୃନ୍ଦାନ୍ତ ପଟ୍ଟା ପ୍ରକାଶନ ହୋଇ ପାରୁନାହିଁ। ଜଙ୍ଗଲ କିସମ ଜମି ନାମରେ ବ୍ୟାସନଗରର ଅନେକ ହଜାର ଲୋକ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସେମାନଙ୍କୁ ପ୍ରଶାସନ ନ୍ୟାୟ ଦେଇ ପାରୁନାହିଁ ବୋଲି ଆଲୋଚନା ହେଉଛି।

୨୦୧୧ ଜନଗଣନା ଅନୁଯାୟୀ, ଯାଜପୁର ଜିଲାର ଲୋକସଂଖ୍ୟା ୧୮ ଲକ୍ଷ ୨୭ ହଜାର ୧୯୨। ବର୍ତ୍ତମାନ ତାହା ୨୨ ଲକ୍ଷରୁ ଅଧିକ ହେଲାଣି। ଏହାବାଦ୍ ଜିଲା ବିଭାଜନ ସମୟରେ କେନ୍ଦୁଝର ଜିଲା ପୂର୍ବବତ ରହିଛି। ଆନନ୍ଦପୁରଠାରୁ କେନ୍ଦୁଝରର ଦୂରତା ୮୦ କି.ମି.। ଆନନ୍ଦପୁର ବ୍ଲକ ସମେତ ଆନନ୍ଦପୁର ମ୍ୟୁନିସିପାଲିଟି, ହାଟଡ଼ିହି ଓ ଘସିପୁରା ବ୍ଲକ ଏବଂ ଯାଜପୁର ଜିଲାର କୋରେଇ ଓ ସୁକିନ୍ଦା ନିର୍ବାଚନମଣ୍ଡଳୀର ପାଣିକୋଇଲି, ଯାଜପୁରରୋଡ୍, କୋରେଇ, ଯଖପୁରା, ଜେନାପୁର, କଳିଙ୍ଗନଗର, ଟମକା, ସୁକିନ୍ଦା, କାଳିଆପାଣି ଆଦି ଥାନା ଅଞ୍ଚଳକୁ ନେଇ ଏକ ନୂତନ ଜିଲା ଗଠନ ପାଇଁ ଏହା ପୂର୍ବରୁ ପ୍ରସ୍ତାବ ଦିଆଯାଇଛି। ଏହିସବୁ ଅଞ୍ଚଳର ଜନସଂଖ୍ୟା ୧୩ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ମନ୍ତ୍ରୀ ବଳସାମନ୍ତଙ୍କୁ ପଚାରିବାରୁ ସେ ନୂତନ ଜିଲା ଗଠନ କଥାକୁ ଅସ୍ୱୀକାର କରିଛନ୍ତି। ଗୋଟିଏ ସବ୍‌ଡିଭିଜନକୁ ନେଇ ଗଠିତ ଯାଜପୁର ଜିଲାରେ ନୂତନ ଜିଲା ଗଠନ ସମ୍ଭବ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।

## ଟିନା, ଆଲିଶାଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

**ସିବିଏସ୍‌ଇ ଦଶମରେ ୧୦୦%**

- ରାଜ୍ୟର ସବୁ ଛାତ୍ରୀଛାତ୍ରଙ୍କ ପାଇଁ ଆଦର୍ଶ: ମୁଖ୍ୟମନ୍ତ୍ରୀ
- ଡାକ୍ତର ହେବାକୁ ଦୁଇ ଟପ୍ପରଙ୍କ ଲକ୍ଷ୍ୟ

ଭୁବନେଶ୍ୱର,୧୬।୪(ସୁଚିସ୍ମିତା ସାହୁ)



ଲୋକସେବା ଭବନରେ ଟିନା ରଥ ଓ ଆଲିଶା ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି।

ସିବିଏସ୍‌ଇ ଦଶମ ପରୀକ୍ଷାରେ ୫୦୦ରୁ ୫୦୦ ମାର୍କ ରଖିଛନ୍ତି ଓଡ଼ିଶାର ଦୁଇ ଛାତ୍ରୀ। ପୁରୀସ୍ଥିତ ମଦର ପବ୍ଲିକ ସ୍କୁଲର ଟିନା ରଥ ଏବଂ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଆଲିଶା ବିଶ୍ୱାଳ ଶତ ପ୍ରତିଶତ ନମ୍ବର ରଖି ଓଡ଼ିଶାକୁ ଗର୍ବିତ କରିଛନ୍ତି। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଟପ୍ପରଙ୍କୁ ରୁପା ତାରକସିର ଉପହାର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଭବିଷ୍ୟତରେ ସେମାନେ ଆହୁରି ସଫଳତା ପାଇବେ। ଏହି ସଫଳତା ରାଜ୍ୟର ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ କଥା ହୋଇଥିଲେ। ଦୁଇ ଟପ୍ପର ଟିନା ଓ ଆଲିଶା ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି। ଟିନା କାର୍ଡିଓଲୋଜିଷ୍ଟ ଏବଂ ଆଲିଶା ନ୍ୟୁରୋଲୋଜିଷ୍ଟ ଭାବେ ଲୋକଙ୍କ ସେବା କରିବାକୁ କହିଛନ୍ତି। ନିଷ୍ଠା ଓ ପରିଶ୍ରମ ଜାରି ରଖିଲେ ନିଜ ଲକ୍ଷ୍ୟରେ ନିଶ୍ଚୟ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ସେମାନଙ୍କୁ ଉତ୍ସାହିତ କରିଛନ୍ତି। ଲୋକସେବା ଭବନଠାରେ ଟିନାଙ୍କ ବାପା ସମୀର କୁମାର ରଥ ଓ ମାତା ରେଣୁପ୍ରଭା ଦାଶ ଏବଂ ଆଲିଶାଙ୍କ ବାପା ସୁଦର୍ଶନ ବିଶ୍ୱାଳ ଓ ମାତା ସୌଦାମିନୀ ମଲ୍ଲିକ ମଧ୍ୟ ଉପସ୍ଥିତ ଥିଲେ।

# ସରଣ୍ଡା ଜଙ୍ଗଲ ପରେ ଓଡ଼ିଶା ସୀମାରେ ହାଇଆଲର୍ଟ

- ଝାଡ଼ଖଣ୍ଡ-ଓଡ଼ିଶା ପୋଲିସର ସର୍ଚ୍ଚ ଅପରେଶନ ଜୋରଦାର
- ସୀମାରେ ଡ୍ରୋନ୍ ମାଧ୍ୟମରେ ରଖାଯାଉଛି ନଜର
- ଓଡ଼ିଶା ଭିତରକୁ ପଶିଲେ ଦିଆଯିବ କଡ଼ା ଜବାବ: ଡିଜିପି

ଭୁବନେଶ୍ୱର,୧୬।୪(ତ୍ରିନାଥ ମହାନ୍ତି)

ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲାର ଘଞ୍ଚ ସରଣ୍ଡା ବାଲିବା ଜଙ୍ଗଲରେ ମାଓବାଦୀଙ୍କ ଆଇଇଡିବିସ୍ଫୋରଣରେ ୨ଦିନରେ ୬ ଯବାନ ଗୁରୁତର ହେବା ପରେ ଉକ୍ତ ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ବଡ଼ ଧରଣର ଅପରେଶନ କରାଯାଉଛି। ଯେଉଁଥିପାଇଁ ମାଓବାଦୀମାନେ ଓଡ଼ିଶାସୀମା ଭିତରକୁ ପଶି ଆସିବାର ଅଧିକ ସମ୍ଭାବନା ରହିଛି। ତେଣୁ ଓଡ଼ିଶା ପୋଲିସ ସହାୟତାରେ ମିଳିତ ଅପରେଶନ କରାଯାଇଛି। ଝାଡ଼ଖଣ୍ଡ ସୀମାବର୍ତ୍ତୀ ଓଡ଼ିଶାର ମୟୂରଭଞ୍ଜ, ସୁନ୍ଦରଗଡ଼ ଆଦି ସୀମା ଅଞ୍ଚଳରେ ହାଇଆଲର୍ଟ କରାଯାଇଛି। ମାଓବାଦୀ ଯିବା ପାଇଁ ଜଙ୍ଗଲୀରାସ୍ତାରେ ପୋଲିସ କଡ଼ା ନଜର ରଖିଛି। ଏଥିସହ ଡ୍ରୋନ୍ ମାଧ୍ୟମରେ ମଧ୍ୟ ଆକାଶ ମାର୍ଗରୁ ନଜର ରଖାଯାଇଛି। ଆହୁରି ମଧ୍ୟ ଝାଡ଼ଖଣ୍ଡ ଏବଂ ଓଡ଼ିଶା ସୀମା ଦେଇ ଯାଉଥିବା ସମସ୍ତ ଗାଡ଼ିକୁ ଯାଞ୍ଚ ମଧ୍ୟ କରାଯାଉଛି। ଝାଡ଼ଖଣ୍ଡ ପୋଲିସଠାରୁ ସୂଚନା ପାଇବା ପରେ ଗୁରୁବାର ସନ୍ଧ୍ୟାରେ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକି ଆଲୋଚନା କରିଛନ୍ତି। ସୀମାରେ କିଭଳି ହାଇଆଲର୍ଟ ରଖାଯିବା ସହ ଓଡ଼ିଶା ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ୍‌କୁ ଜୋରଦାର କରାଯିବ ସେନେଇ ବୈଠକରେ ଆଲୋଚନା ହୋଇଛି। ଡିଜିପି ଖୁରାନିଆ କହିଛନ୍ତି,ଓଡ଼ିଶା ପୋଲିସ ପକ୍ଷରୁ ସୀମାରେ କଡ଼ା ନଜର ରଖାଯାଇଛି। ସୁରକ୍ଷାବାହିନୀ ନଜର ରଖିବା ସହ ଆକାଶମାର୍ଗରୁ ମଧ୍ୟ ଡ୍ରୋନ୍ ମାଧ୍ୟମରେ ନଜର ରଖାଯାଇଛି। ମାଓବାଦୀ ଯଦି ଝାଡ଼ଖଣ୍ଡରୁ ଓଡ଼ିଶାସୀମା ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି, ସେମାନଙ୍କୁ କଡ଼ା ଜବାବ ଦିଆଯିବ ବୋଲି ଖୁରାନିଆ କହିଛନ୍ତି।

କନ୍ଧମାଳ ଜିଲାରେ ଶୁକ୍ରୁ ଆତ୍ମସମର୍ପଣ କରିବା ପରେ ମାଓବାଦୀ ଶେଷ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏବେବି ୮ ଜଣ ମାଓବାଦୀ ଆତ୍ମସମର୍ପଣ ନ କରିବାରୁ ପୋଲିସର ଚିନ୍ତା ବଢ଼ିଛି। ସେମାନେ ଏବେବି କନ୍ଧମାଳ ଜଙ୍ଗଲ ଭିତରେ ଲୁଚି ବୁଲୁଛନ୍ତି। ସଂଗଠନ ମଜବୁତ କରିବା ପାଇଁ ସେମାନେ ଚେଷ୍ଟା କରୁଛନ୍ତି। ଡିଭିସି ମେମ୍ବର ଶୀଲା ଏବଂ ପାର୍ଟି ମେମ୍ବର ଜୀବନୀ, ସସ୍ମିତା, ସୁଷମା, ରଞ୍ଜିତା, ସନ୍ଧ୍ୟା, ସନ୍ତୋଷ ଏବଂ ଏରିଆ ମେମ୍ବର ତଥା ଓଡ଼ିଆ କ୍ୟାଡର ମଙ୍ଗୁ ଅଛନ୍ତି। ସେମାନେ କେଉଁ ସମୟରେ ହିଂସା ଘଟାଇବେ ତାହା କହି ହେଉନାହିଁ। ସେମାନଙ୍କୁ ଠାବ କରିବା ପାଇଁ କନ୍ଧମାଳ ପୋଲିସ ପ୍ରୟାସ କରିଥିଲେ ମଧ୍ୟ ସେଥିରେ ସଫଳ ହେଉନାହିଁ। ଅପରପକ୍ଷରେ ସେମାନେ ଜଙ୍ଗଲରେ ରହି ଗରିବ ଆଦିବାସୀ ଲୋକଙ୍କୁ ସଂଗଠନରେ ସାମିଲ କରୁଥିବା ଜାଣିବାକୁ ମିଳିଛି।

ବୁଧବାର ସକାଳେ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲାର ଘଞ୍ଚ ସରଣ୍ଡା ବାଲିବା ଜଙ୍ଗଲରେ ୧୫ ମାଓବାଦୀ ଲୁଚିଥିବା ନେଇ ସୁରକ୍ଷାବାହିନୀ ଖବର ପାଇଥିଲେ। ତେଣୁ ସେମାନେ ଜଙ୍ଗଲ ଭିତରେ ସର୍ଚ୍ଚ ଅପରେଶନ୍ କରିବା ସମୟରେ ମୁହାଁମୁହିଁ ହୋଇଥିଲେ। ଛୋଟାନଗରା ଥାନା ଅଞ୍ଚଳର ମାରାଙ୍ଗ ପୋଙ୍ଗା ଓ ବାଲିବା ଗାଁ ଜଙ୍ଗଲରେ ସୁରକ୍ଷାବାହିନୀର ସର୍ଚ୍ଚ ଅପରେଶନ ଚାଲୁଥିବା ବେଳେ ମାଓବାଦୀଙ୍କ ସହିତ ଗୁଳିବିନିମୟ ହୋଇଥିଲା। କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସର କୋବ୍ରା ବାଟାଲିଅନର ଯବାନମାନେ ଏହି ଅପରେଶନରେ ସାମିଲ ଥିଲେ। ହେଲେ ସର୍ଚ୍ଚ ଅପରେଶନ୍ ସମୟରେ ମାଓବାଦୀମାନେ ଲୁଚାଇ ରଖିଥିବା ଆଇଡି ବିସ୍ଫୋରଣ ଘଟିବାରୁ ୫ କୋବ୍ରା ଯବାନ ଆହତ ହୋଇଥିଲେ। ଆହତ ଯବାନ ହେଲେ ଶୈଳେଶ କୁମାର ଦୁବେ, ଉତ୍ତମ ସେନାପତି, ଜିତେନ୍ଦ୍ର କୁମାର ରାୟ, ଇନ୍ସପେକ୍ଟର ସତ୍ୟ ପ୍ରକାଶ ଏବଂ ପ୍ରେମ କୁମାର। ସମସ୍ତ ଆହତଙ୍କୁ ହେଲିକପ୍ଟର ଯୋଗେ ଏୟାରଲିଫ୍ଟ କରି ରାଞ୍ଚିକୁ ଚିକିତ୍ସା ପାଇଁ ପଠାଯାଇଛି। ଗୁରୁବାର ସକାଳେ ଅନୁରୂପ ଭାବେ ସରଣ୍ଡା ଜଙ୍ଗଲ ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣ ହୋଇଛି। ଏଥିରେ ଜଣେ ଯବାନ ଆହତ ହୋଇଥିବା ଜଣାପଡ଼ିଛି। ଆହତ ଯବାନ ଅଭିନବ କୁମାର ମିଉଲଙ୍କୁ ରାଞ୍ଚି ଏୟାର ଲିଫ୍ଟ କରାଯାଇଛି।

# ସେକ୍ସ ର୍‍ୟାକେଟ ଠାବ, ୪ ଗିରଫ



ଭଦ୍ରକ ସହର ରାଜଘାଟ ପୋଲ ନିକଟ ଏକ ହୋଟେଲରୁ ଗିରଫ ହୋଇଥିବା ୨ ଯୁବକ।

ଭଦ୍ରକ,୧୬।୪(ସନାତନ ରାଉତ)

## ୨ ଯୁବତୀ ଉଦ୍ଧାର

ଭଦ୍ରକ ସହର ରାଜଘାଟ ପୋଲ ନିକଟ ଏକ ହୋଟେଲ ଓ ଗ୍ରାମାଞ୍ଚଳ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ଧାମରା ବ୍ରିଜ୍ ନିକଟରେ ଥିବା ଏକ ହୋଟେଲରେ ସେକ୍ସ ର୍‍ୟାକେଟ ପୋଲିସ ଠାବ କରିଛି। ବୁଧବାର ଅପରାହ୍ନରେ ୨ ହୋଟେଲରୁ ୨ ଯୁବତୀଙ୍କୁ ଉଦ୍ଧାର ସହ ୪ଜଣ ଗ୍ରାହକଙ୍କୁ ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ଭଦ୍ରକ ଟାଉନ ପୋଲିସ ରାଜଘାଟ ଛକ ନିକଟରେ ଥିବା ଏକ ହୋଟେଲରେ ଚଢ଼ାଉ କରିଥିଲା। ସେଠାରୁ ଜଣେ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିବା ସହ ୨ଜଣ ଗ୍ରାହକଙ୍କୁ ଗିରଫ କରିଥିଲା। ସେହିପରି ଧାମରା ବ୍ରିଜ୍ ନିକଟ ଏକ ହୋଟେଲରେ ଗ୍ରାମାଞ୍ଚଳ ପୋଲିସ ରେଡ୍‌କରି ଏକ ରୁମ୍‌ଭିତରୁ ୨ ଗ୍ରାହକଙ୍କୁ ଗିରଫ ସହ ଜଣେ ଯୁବତୀଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ୨ ଯୁବତୀଙ୍କ ବୟାନ ରେକର୍ଡ ସହ ଡାକ୍ତରୀ ମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି, ଗତ କିଛିମାସ ଧରି ଭଦ୍ରକ ସହରର ବିଭିନ୍ନ ହୋଟେଲ ଏବଂ ଓୟୋରେ ସେକ୍ସ ର୍‍ୟାକେଟ୍ ଚାଲିଥିବା ଖବର ଆସିଥିଲା। ବିଶେଷ ସୂତ୍ରରୁ ଖବର ପାଇ ୨ ହୋଟେଲରେ ଚଢ଼ାଉ କରାଯାଇଥିଲା। ଗିରଫ ୪ଜଣଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

# ସରିଲା ରିମାଣ୍ଡ ଅବଧି: ଚୌଦ୍ୱାର ଜେଲକୁ ଫେରିଲେ ରାଜା ସାହାଣୀ

ଚୌଦ୍ୱାର,୧୬।୪(ଆଶୁତୋଷ ଦାସ)

ଚୌଦ୍ୱାର ଜେଲ ପାଚେରି ଡେଇଁ ଫେରାର ହେବା ପରେ ପୋଲିସ ହାତରେ ଧରାପଡିଥିବା ହାର୍ଡକୋର ଅପରାଧୀ ରାଜା ସାହାଣୀଙ୍କ ରିମାଣ୍ଡ ଅବଧି ଶେଷ ହେବା ପରେ ଗୁରୁବାର କର୍ଣ୍ଣାଟକ ପୋଲିସ ଚୌଦ୍ୱାର ଜେଲରେ ଛାଡ଼ିଦେଇଛି। ରାଜା ଚୌଦ୍ୱାର ଜେଲରୁ ଫେରାର ହେବା ପରେ କର୍ଣ୍ଣାଟକର ଏକ ଅଳଙ୍କାର ଦୋକାନରୁ ୧୦ କୋଟି ଟଙ୍କାର ସୁନା ଅଳଙ୍କାର ଲୁଟ କରିଥିଲେ। ଏହି ଘଟଣାରେ କର୍ଣ୍ଣାଟକ ପୋଲିସ ରାଜାଙ୍କୁ ୭ ଦିନ ପାଇଁ ରିମାଣ୍ଡରେ ନେଇଥିଲା। ରିମାଣ୍ଡ ଅବଧି ଶେଷ ହେବା ପରେ ତାଙ୍କୁ ଆଣି ଗୁରୁବାର ୧୧ଟାରେ ଚୌଦ୍ୱାର ଜେଲରେ ଛାଡ଼ିଦେଇଛି। ରାଜାଙ୍କୁ କଡ଼ା ସୁରକ୍ଷା ବଳୟ ଭିତରେ ସେ ପୂର୍ବରୁ ରହୁଥିବା ୨ ନମ୍ବର ସେଲରେ ରଖାଯାଇଥିବା ଜେଲ ଅଧୀକ୍ଷକ ସୁଜିତ ରାଉଳ ସୂଚନା ଦେଇଛନ୍ତି। ବିଭିନ୍ନ ରାଜ୍ୟରେ ଲୁଟପାଟ, ଗୁଳିକାଣ୍ଡ, ଡକାୟତି ଆଦି ସଙ୍ଗିନ ଅପରାଧ ଘଟାଇଥିଲେ। ଏହା ସହିତ ଜେଲରୁ ଫେରାର ହେବା ପରେ ରାଜା କର୍ଣ୍ଣାଟକର ଏକ ଅଳଙ୍କାର ଦୋକାନରୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଲୁଟି ନେଇ ଫେରାର ଥିଲେ। ଓଡ଼ିଶା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଉତ୍ତରାଖଣ୍ଡ ପୋଲିସ ସହଯୋଗରେ ଋଷିକେଶରୁ ରାଜାଙ୍କୁ ଧରିବାରେ ସକ୍ଷମ ହୋଇଥିଲା।

# ବାଘଛାଲ, ୧୭୦ ବଜ୍ରକାପ୍ତା କାତି ଜବତ

- କନ୍ଧମାଳର ଅଣଓଡ଼ିଆ ବାବା କୁଜାମେଣ୍ଡି ଗାଁରେ ରଖିଥିଲେ
- ଗିରଫ ମା', ପୁଅଙ୍କର ଜାମିନ ମଞ୍ଜୁର ପରେ ସନ୍ଦେହରେ ବନ ବିଭାଗ

ନୟାଗଡ,୧୬।୪(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜ କୁଜାମେଣ୍ଡି ଗାଁର ଜ୍ୟୋତ୍ସ୍ନାରାଣୀ ମଲ୍ଲିକଙ୍କ ଘରୁ ବାଘ ଛାଲ ଓ ୧୭୦ ବଜ୍ରକାପ୍ତା କାତି ଜବତ ହୋଇଛି। ଚୋରା ଚାଲାଣ ଅଭିଯୋଗରେ ଜ୍ୟୋତ୍ସ୍ନାରାଣୀ ଓ ପୁଅ ପ୍ରଦୀପ କୁମାର ମଲ୍ଲିକଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ହେଲେ ସେମାନ ବିରୋଧରେ କୋହଳ ଦଫା କାରଣରୁ ଉଭୟଙ୍କୁ ତୁରନ୍ତ ଜାମିନ ମଞ୍ଜୁର ହେବା ପରେ ବନବିଭାଗର କାର୍ଯ୍ୟ ସନ୍ଦେହଘେରକୁ ଆସିଛି। ଅନ୍ୟପକ୍ଷେ କନ୍ଧମାଳ ଜିଲା ରୂପାଗାଁର ଅଣ ଓଡ଼ିଆ ବାବା ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବେଳେ ସେ କାହିଁକି ବାଘଛାଲ ଓ ବଜ୍ରକାପ୍ତା କାତି କୁଜାମେଣ୍ଡି ଗାଁରେ ଜ୍ୟୋତ୍ସ୍ନାରାଣୀଙ୍କ ଘରେ ରଖିବାକୁ ନିରାପଦ ମଣିଥିଲେ ତାହା ପୁଣି ସନ୍ଦେହଘେରକୁ ଟାଣି ଆଣିଛି।

ବନବିଭାଗ ସୂଚନା ଅନୁସାରେ, କୁଜାମେଣ୍ଡି ଗାଁର ଜ୍ୟୋତ୍ସ୍ନାରାଣୀଙ୍କ ଘରେ ବାଘ ଛାଲ ଓ ବଜ୍ରକାପ୍ତା କାତି ରଖାଯାଇଥିବା ଖବର ମିଳିଥିଲା। ଡିଏଫ୍‌ଓ ଦେବାର୍ଚ୍ଚନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଦଶପଲ୍ଲା ରେଞ୍ଜର ଶ୍ରୀନିବାସ ଦାସ ଓ କର୍ମଚାରୀ ତାଙ୍କ ଘରେ ମଙ୍ଗଳବାର ଅପରାହ୍ନରେ ଚଢ଼ାଉ କରିଥିଲେ। ଛାତ



ଜବତ ବାଘଛାଲ, ବଜ୍ରକାପ୍ତା କାତି ଓ ଗିରଫ ଅଭିଯୁକ୍ତ।

ଘରର ତାଜାରୁ ବାଘଛାଲ ଓ ୧୭୦ ବଜ୍ରକାପ୍ତା କାତି ଜବତ ହୋଇଥିଲା। ଏହି ଘଟଣାରେ ଜ୍ୟୋତ୍ସ୍ନାରାଣୀ (୪୬) ଓ ପୁଅ ପ୍ରଦୀପ(୨୭)ଙ୍କୁ ଅଟକ ରଖି ବନବିଭାଗ ପକ୍ଷରୁ ପଚରାଉଚରା କରିଥିଲା। ଏ ନେଇ ନଂ. ୧/୨୬-୨୭ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଜବତ ବଜ୍ରକାପ୍ତା କାତିର ଓଜନ ୧୨୦୦ ଗ୍ରାମ ବୋଲି ଜଣାପଡିଛି। ପଚରାଉଚରା ବେଳେ ଜଣାପଡିଛି ଜବତ ବାଘଛାଲ ଓ ବଜ୍ରକାପ୍ତା କାତି ଫୁଲବାଣୀ ଅଞ୍ଚଳରୁ ଆସିଛି। ତେବେ ବାଘ ଓ ବଜ୍ରକାପ୍ତା କେଉଁଠୁ ଶିକାର ହୋଇଛି ଜଣାପଡ଼ି ନାହିଁ।

ମା' ପୁଅଙ୍କ ସୂଚନା ଅନୁସାରେ କନ୍ଧମାଳ ଜିଲା ରୂପାଗାଁର ଜଣେ ଅଣ ଓଡ଼ିଆ ବାବା ଏହି ବାଘଛାଲ ଓ ବଜ୍ରକାପ୍ତା କାତି ଆଣି ଜ୍ୟୋତ୍ସ୍ନାଙ୍କ ଘରେ ରଖିଥିଲେ। ସମ୍ପୃକ୍ତ ବାବା ବିଭିନ୍ନ ସମୟରେ ବନ୍ୟଜନ୍ତୁଙ୍କ ଛାଲ, କାତି ପରି ବିଭିନ୍ନ ଉପକରଣ ଜ୍ୟୋତ୍ସ୍ନାଙ୍କ ଘରେ ରଖି ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିବା ବନବିଭାଗ ପଚରାଉଚରା ପରେ ଜାଣି ପାରିଛି। ଜଣେ ବାବା ବନ୍ୟଜନ୍ତୁଙ୍କ କାତି, ଛାଲ ପରି ଉପକରଣ ଦଶପଲ୍ଲା ଅଞ୍ଚଳରେ ରଖି କିପରି ବ୍ୟବସାୟ କରୁଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# କେନାଲରୁ ଯୁବକଙ୍କ ମୃତଦେହ ଜବତ

ବଳଙ୍ଗା,୧୬।୪(କେଦାରେଶ୍ୱର ନନ୍ଦ)

## ପରିବାର ଆଣିଲା ହତ୍ୟା ଅଭିଯୋଗ

ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ହରିପୁର ବଜାର ନିକଟ ଚନ୍ଦନପୁର ବ୍ରାଞ୍ଚ କେନାଲରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ନାମ ବିଜୁନା ବୋଲି ଜଣାପଡ଼ିଛି। ବିଜୁନାଙ୍କୁ ହତ୍ୟାକରି କେନାଲରେ ଫିଙ୍ଗିଦିଆଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୬) ରୁଜୁ କରାଯାଇଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି ସସ୍ମିତା ସାହୁ କହିଛନ୍ତି।

ସୂଚନା ମୁତାବକ, ବୁଧବାର ରାତିରେ ବିଜୁନା ଘରୁ ଆସିଥିବାବେଳେ ଗୁରୁବାର ଭୋର ସମୟରେ କେନାଲରେ ତାଙ୍କ ମୃତଦେହ ପଡ଼ିଥିବା କେତେଜଣ ଲୋକ ଦେଖିଥିଲେ। ଖବର ପାଇ ତାଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ବଳଙ୍ଗା ଥାନା ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତ କରିବାବେଳେ ପରିବାର ଲୋକେ ବିରୋଧ କରିଥିଲେ। ବିଜୁନାଙ୍କୁ ସେହି ଗ୍ରାମର ଜଣେ ବ୍ୟକ୍ତି ଓ ତାଙ୍କର ସମ୍ପର୍କୀୟ ହତ୍ୟା କରିଥିବା ନେଇ ସେମାନେ ଅଭିଯୋଗ ଆଣି ମୃତଦେହ ଛାଡ଼ି ନ ଥିଲେ। ଫଳରେ ପୋଲିସ ଗ୍ରାମର ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଥାନାକୁ ଉଠାଇ ଆଣିଥିଲା। ତେବେ ଅନ୍ୟ ଅଭିଯୁକ୍ତ ଗିରଫ ନ ହେବା ପର୍ଯ୍ୟନ୍ତ ମୃତଦେହ ଛାଡ଼ିବେନାହିଁ ବୋଲି ପରିବାର ଲୋକେ ଜିଦ୍ ଧରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପିପିଲି ଡିଏସ୍‌ପି ଦେବାଶିଷ ମିଶ୍ର ଓ ନିମାପଡ଼ା ତହସିଲଦାର ମନୋଜ ପ୍ରଧାନ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପ୍ରାୟ ୬ଘଣ୍ଟା ପରେ ମୃତଦେହ ଜବତ କରାଯିବା ସହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଥିଲା। ବିଜୁନାଙ୍କ ନାମରେ କେତେକ ଥାନାରେ ବିଭିନ୍ନ ମାମଲା ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ବିଜୁନା ଅନେକ ସମୟରେ ନିଶାଗ୍ରସ୍ତ ରହୁଥିବାରୁ କୌଣସି କାରଣରୁ କେନାଲ ଭିତରକୁ ଖସିପଡ଼ି ପ୍ରାଣ ହରାଇଥିବା ଶୁଣିବାକୁ ମିଳୁଛି।

# ରାଜଧାନୀରୁ ନିଖୋଜ ଛାତ୍ରୀ ବ୍ରହ୍ମଗିରିରୁ ଉଦ୍ଧାର

ଭୁବନେଶ୍ୱର, ୧୬।୪(ପ୍ରସନଜିତ୍ ସାହୁ)

## ଅଭିଯୁକ୍ତ ଗିରଫ

ଭୁବନେଶ୍ୱରରୁ ନିଖୋଜ ନାବାଳିକା ଛାତ୍ରୀ ଗୁରୁବାର ବ୍ରହ୍ମଗିରି ଅଞ୍ଚଳରୁ ଉଦ୍ଧାର ହୋଇଛନ୍ତି। ଏହି ଘଟଣାରେ କମିଶନରେଟ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅପହରଣକାରୀ ଅଭିଯୁକ୍ତ ପିପିଲି ଥାନା ଅଧୀନ ବ୍ରହ୍ମାପୁରର ମହେଶ୍ୱର ପରିଡ଼ା(୨୪) ଜଳେଶ୍ୱର ବସ୍ତିରେ ରହୁଥିବାବେଳେ ସିଆର୍‌ପିଏଫ୍ ଛକର ଏକ ଜୁସ ଦୋକାନରେ କାମ କରନ୍ତି। ଛାତ୍ରୀ ଜସ୍ମିନ(ଛଦ୍ମନାମ)ଙ୍କ ପରିବାରର ବିରୋଧ ସତ୍ତ୍ୱେ ପ୍ରାୟ ଗତ ୧ବର୍ଷ ହେଲା ମହେଶ୍ୱର ତାଙ୍କ ସହ ସମ୍ପର୍କ ରଖି ଆସୁଥିଲେ। ଗତ ୧୩ତାରିଖରେ ନାବାଳିକା ଛାତ୍ରୀଙ୍କ ଘରେ କେହି ନ ଥିବା ସମୟରେ ଅଭିଯୁକ୍ତ ତାଙ୍କୁ ଏକ ଭଡ଼ାଗାଡ଼ିରେ ପୁରୀ ନେଇ ବଳପୂର୍ବକ ବିବାହ କରି ବ୍ରହ୍ମଗିରି ଅଞ୍ଚଳର ଏକ ଘରେ ରଖିଥିଲେ। ପୋଲିସ ନାବାଳିକାଙ୍କୁ ଉଦ୍ଧାର ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା କହିଛି।

# ମଦ୍ୟପଙ୍କ ଯୋଗୁ ସର୍ବୋଦୟପୁରରେ ଢେଲା ପଥର ମାଡ଼

କଟକ,୧୬।୪(କୁମାରଶ୍ରୀ)

ବାଦାମବାଡ଼ି ଥାନା ଅଧୀନ ରାଜାବଗିଚାର ସର୍ବୋଦୟପୁର ଓ ନାୟକ ସାହିକୁ ସଂଯୋଗ କରୁଥିବା ରାସ୍ତାରେ ମଦ୍ୟପଙ୍କ ଯୋଗୁ ଢେଲା ପଥର ମାଡ଼ ହୋଇଛି। ଏଥିରେ ୨ଜଣ ଆହତ ହୋଇଛନ୍ତି। ଆହତ ଦ୍ୱୟଙ୍କ ପରିଚୟ ଜଣାପଡ଼ିନାହିଁ। ଥାନାଧିକାରୀ ଅଜୟ ରାଉଳଙ୍କ ସୂଚନା ମୁତାବକ, ଗୁରୁବାର ବିଳମ୍ବିତ ରାତିରେ ଦୁଇ ସାହିର ମୁଖ୍ୟ ରାସ୍ତା ଉପରେ ୨ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ପାଟିତୁଣ୍ଡ କରୁଥିଲେ। ଏତିକି ବେଳେ କେହି ଜଣେ ଅଜଣା ବ୍ୟକ୍ତି ସେମାନଙ୍କ ଉପରକୁ ପଥର ଫିଙ୍ଗିଥିଲେ। ପଥର ଖଣ୍ଡଟି ଯାଇ ଅନ୍ୟ ଜଣଙ୍କ କବାଟରେ ବାଜିଥିଲା। ସେହି ଘର ବ୍ୟକ୍ତି ବାହାରକୁ ଆସି ଦୁଇ ମଦ୍ୟପଙ୍କୁ ତଡିବାରୁ ହିଁ ବିବାଦ ଉପୁଜିଥିଲା। ସେହି ଅଞ୍ଚଳରେ ଢେଲା ଓ ପଥର ମାଡ଼ ହୋଇଥିଲା। ଖବର ପାଇ ବାଦାମବାଡ଼ି ଥାନା ପିସିଆର ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ସେତେବେଳକୁ ଢେଲା ମାରୁଥିବା ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିସାରିଥିଲେ। ପୋଲିସ ଆହତ ୨ଜଣଙ୍କୁ ମେଡିକାଲକୁ ନେଇ ଭର୍ତ୍ତି କରିଛି। ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଥିବା ଥାନାଧିକାରୀ କହିଛନ୍ତି।

# ଗଞ୍ଜେଇ ଧରପଗଡ଼ ବେଳେ ପୋଲିସକୁ ଆକ୍ରମଣ, ୧୩ ଗିରଫ

ମୋହନା,୧୬।୪(ମନ୍ମଥ ମିଶ୍ର)

ଚୋରା ଗଞ୍ଜେଇ ଚାଲାଣକାରୀଙ୍କୁ ବୁଧବାର ରାତିରେ ଧରିବାକୁ ଆସି ଗଜପତି ପୋଲିସ ଗ୍ରାମବାସୀଙ୍କ ରୋଷର ଶିକାର ହୋଇଛି। ଗ୍ରାମବାସୀ ମିଳିତ ଭାବେ ପୋଲିସକୁ ଆକ୍ରମଣ କରିଛନ୍ତି। ଏପରି କି ଜଣେ ପୋଲିସ ଅଧିକାରୀଙ୍କ ପିସ୍ତଲ ଛଡ଼ାଇ ନେଇ ଗ୍ରାମବାସୀ ପୋଲିସ କର୍ମଚାରୀଙ୍କୁ ଦେଖାଇ ବିଭିନ୍ନ ଧମକଚମକ ଦେଇଛନ୍ତି। ଜିଲାର ଅଡବା ଥାନା ଅନ୍ତର୍ଗତ ଭାଲିଆସାହି ଗ୍ରାମରେ ଏପରି ଘଟଣା ଦେଖିବାକୁ ମିଳିଛି। ଏହି ଘଟଣାରେ ଗୁରୁବାର ପୋଲିସ ୧୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଖବରରୁ ଜଣାପଡିଛି, ଏହି ଗାଁକୁ ବୁଧବାର ରାତିରେ ୮/୯ ଜଣ ପୋଲିସ କର୍ମଚାରୀ ଗଞ୍ଜେଇ ଧରପଗଡରେ ଆସିଥିଲେ। ତେବେ ଭାଲିଆସାହି ଗ୍ରାମବାସୀଙ୍କ ସହ ଆଖପାଖ ଗ୍ରାମର ଗ୍ରାମବାସୀ ଏକାଠି ହୋଇ ପୋଲିସକୁ ଆକ୍ରମଣ କରି ସମସ୍ତଙ୍କୁ ବନ୍ଦୀ କରି ରଖିଥିଲେ। ସେମାନଙ୍କୁ ଗାଳିଗୁଲଜ କରି ବିଭିନ୍ନ ଧମକ ଦେଇଥିଲେ। ଏପରିକି ଗ୍ରାମବାସୀ ଜଣେ ଏସ୍‌ଆଇଙ୍କ ପିସ୍ତଲ ଛଡାଇ ନେଇ ପୋଲିସ କର୍ମଚାରୀମାନଙ୍କୁ ଧମକ ଦେଇଥିବା ଜଣାପଡିଛି। ଦୀର୍ଘ ଘଣ୍ଟା ଗ୍ରାମବାସୀଙ୍କ ଦ୍ୱାରା ବନ୍ଦୀ ହୋଇ ରହିବା ପରେ ଖବରପାଇ ପୋଲିସ ଫୋର୍ସ ଗ୍ରାମରେ ପହଞ୍ଚି ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରି ଆଣିଥିଲେ। ଏହି ଘଟଣାରେ ଗୁରୁବାର ଆର ଉଦୟଗିରି ଏସ୍‌ଡିପିଓ ରାକେଶ ସାହୁଙ୍କ ତତ୍ତ୍ୱାବଧାନରେ ଗ୍ରାମରେ ୫ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ଚଢ଼ାଉ କରାଯାଇ ଚଢ଼ାଉ କରାଯାଇ ମହାପଦର, ଗୁଡ୍ରିପଙ୍କା, ଭାଲିଆସାହି, ନୂଆସାହି ଓ ଗମ୍ଭାରୀ ଗଣ୍ଡା ଗ୍ରାମରୁ ୧୩ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ଲିୟ ମାଝୀ, ପ୍ରଦୀପ ମାଝୀ, ମନୋଜ ମଲିକ,ସୁକାନ୍ତ ମାଝୀ, ସାମସନ ମାଝୀ, ଲୁକା ମାଝୀ , କାଲେମ ମାଝୀ, ସୁମନ୍ତ ମାଝୀ, ଫିନିଏଲ ଗମାଙ୍ଗ, ସୁମନ୍ତ ଦଳ ବେହେରା, ଓିଲିଏନ ଦଳବେହେରା, ଭାଲିଆସାହିର ମାଥ୍ୟୁ ଦଳବେହେରା, ସୁରେନ୍ଦ୍ର ମାଝୀ। ଏନେଇ ନଂ. ୭୪ /୨୬ରେ ଏକ ମାମଲା ରୁଜୁ ହୋଇଛି । ଏହି ସମୟରେ କିଛି ଗଞ୍ଜେଇ ବସ୍ତା ପୋଲିସ ଜବତ କରିଥିବା ଏସ୍‌ଡିପିଓ ସାହୁ କହିଛନ୍ତି।

# ହତ୍ୟା ମାମଲାରେ ୫ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

କଣ୍ଟାବାଞ୍ଜି,୧୬।୪ (ଗୁରୁଦୟାଲ ହଂସ)

ଏକ ହତ୍ୟା ମାମଲାର ବିଚାର କରି ଗୁରୁବାର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ କୁମାର ନାୟାର ୫ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୫ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଭିଯୁକ୍ତମାନଙ୍କୁ ଆହୁରି ଏକ ବର୍ଷ ଲେଖାଏ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ପ୍ରକାଶ ପାଇଛି। ଅଭିଯୁକ୍ତମାନେ ହେଲେ ଅଲେଖ ଓରଫ ଘନଶ୍ୟାମ ତାଣ୍ଡି, ଗୋବିନ୍ଦ ନାୟକ, ଲାଲମୋହନ ତାଣ୍ଡି, ଜଗ ତାଣ୍ଡି ଓ ବିଜୁ ଓରଫ ବିଟୁ ସଗରିଆ।

ପ୍ରକାଶ ଯେ, ୨୦୧୭ ମାର୍ଚ୍ଚ ୧୩ ତାରିଖ ସନ୍ଧ୍ୟାରେ କଣ୍ଟାବାଞ୍ଜି ଥାନା କୁଲିଆଦର ଗ୍ରାମର ଡୋଲାମଣି ବନଛୋରଙ୍କ ଭାଇ ଶଶୀ ବନଛୋରଙ୍କୁ ସେହି ଗ୍ରାମର ଗୋବିନ୍ଦ ନାୟକ ଓ ଅନ୍ୟ ଚାରିଜଣ ବ୍ୟକ୍ତି ଘରୁ ଡାକି ନେଇ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଶଶୀଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସେହିଦିନ ସନ୍ଧ୍ୟାରେ ଡୋଲାମଣି କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତତ୍କାଳୀନ ଥାନା ଆଇଆଇସି ଜ୍ୟୋତିର୍ମୟ ଭୁକ୍ତା ବିଭିନ୍ନ ଦଫାରେ ମାମଲା (ନଂ ୩୬/୨୦୧୭) ରୁଜୁ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲେ। ପରବର୍ତ୍ତୀ ସମୟରେ ମାମଲାଟି କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସ୍‌ଟି କେସ୍ ନଂ. ୩୨/୧୭ ହୋଇ ବିଚାର ହୋଇଥିଲା। ମାମଲାରେ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ପ୍ରମାଣ ଥିବା ନେଇ ଅଭିଯୁକ୍ତମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ (କ୍ୟାଡର) ସେଲିନ କିଣ୍ଡୋ ପରିଚାଳନା କରୁଥିଲେ।

# ପାୱାର ଗ୍ରୀଡ୍ କର୍ପୋରେଶନର ପୂର୍ବତନ ପରିଚାଳକ ଗିରଫ

କେନ୍ଦୁଝର,୧୬।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

## ଅର୍ଥ ହେରଫେର ଅଭିଯୋଗ

କେନ୍ଦୁଝର ଟାଉନ ପୋଲିସ ଅର୍ଥ ହେରଫେର ଅଭିଯୋଗରେ ନରଣପୁର ସବ୍-ଷ୍ଟେଶନର ପାୱାର ଗ୍ରୀଡ୍ କର୍ପୋରେଶନ ଅଫ ଇଣ୍ଡିଆ ଲିମିଟେଡ୍‌ର ପୂର୍ବତନ ପରିଚାଳକଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ହେଲେ ବି. ରବି କୁମାର (୪୪)। ତାଙ୍କ ବିରୋଧରେ ଟାଉନ ଥାନାରେ ଏକ ମାମଲା(ନଂ. ୫୫/୨୦୨୬) ରୁଜୁ ହୋଇଥିବା ପୋଲିସ କହିଛି।

ସୂଚନା ମୁତାବକ, ଏପ୍ରିଲ ୨୦୨୧ରୁ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ହୋଇଥିବା ବଡ଼ ଧରଣର ଆର୍ଥିକ ଅନିୟମିତତା ଏବଂ ପ୍ରତାରଣାମୂଳକ କାର୍ଯ୍ୟକଳାପ ନେଇ ପାୱାର ଗ୍ରୀଡ୍‌ର ଅଧିକୃତ ପ୍ରତିନିଧିଙ୍କ ଦ୍ୱାରା ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ବେଳେ ଅଭିଯୁକ୍ତ ତାଙ୍କ ସରକାରୀ ପଦବୀର ଅପବ୍ୟବହାର କରି ନକଲି ଚୁକ୍ତିନାମା, ନକଲି କ୍ରୟ ଅର୍ଡର ଏବଂ ଜାଲିଆତି ବିଲ୍ ତିଆରି କରି ରୀତିମତ ଆର୍ଥିକ ଠକେଇରେ ସମ୍ପୃକ୍ତ ଥିଲେ। ଠିକ୍ ଭାବରେ କିଣା ପ୍ରକ୍ରିୟାକୁ ଖିଲାପ ଓ ପ୍ରମାଣପତ୍ରର ଅପବ୍ୟବହାର କରି ଏଭଳି ଫାଙ୍କି କରିଥିବା ଜଣାପଡ଼ିଛି। ଅନେକ ଘଟଣାରେ, ତାଙ୍କ ସ୍ତ୍ରୀଙ୍କ ସହ ଜଡ଼ିତ ଏକ ଫାର୍ମ ସମେତ ମନୋନୀତ ବିକ୍ରେତାଙ୍କ ସପକ୍ଷରେ ଚୁକ୍ତିନାମା କରି ଜାଲିଆତି ଭାବରେ ନଗଦ ପେମେଣ୍ଟ କରାଯାଇଥିଲା। ଅଭିଯୁକ୍ତ ଗୋଟିଏ କାର୍ଯ୍ୟ ପାଇଁ ବାରମ୍ବାର ପେମେଣ୍ଟକୁ ସହଜ କରିବା ନିମନ୍ତେ ଇ-ଅଫିସ ଡକ୍ୟୁମେଣ୍ଟ ସମେତ ସରକାରୀ ରେକର୍ଡକୁ ହେରଫେର କରିଥିଲେ। ଫଳରେ ସଂଗଠନକୁ ପ୍ରାୟ ୧୮.୬୬ ଲକ୍ଷ ଟଙ୍କାର କ୍ଷତି ହୋଇଥିଲା। ତଦନ୍ତ ସମୟରେ, ଜାଲ୍ ଚୁକ୍ତିନାମା, କ୍ରୟ ରେକର୍ଡ, ବିଲିଂ ଡକ୍ୟୁମେଣ୍ଟ ଏବଂ ବିଭାଗୀୟ ତଦନ୍ତ ରିପୋର୍ଟ ସମେତ ପ୍ରାସଙ୍ଗିକ ଦଲିଲ ଜବତ କରାଯାଇଛି। ପ୍ରମୁଖ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି। ଅନ୍ୟ ବ୍ୟକ୍ତିଙ୍କ ସମ୍ପୃକ୍ତି ଏବଂ ପାଣ୍ଠି ହେରଫେର ଠାବ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

# ମୋଟରସାଇକେଲ ଚୋରି: ଅଭିଯୁକ୍ତଙ୍କୁ ବର୍ଷେ ଜେଲ

ଭୁବନେଶ୍ୱର, ୧୬।୪(ପ୍ରସନଜିତ୍ ସାହୁ)

ମୋଟରସାଇକେଲ ଚୋରି ମାମଲାର ବିଚାର କରି ଗୁରୁବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୫ କୋର୍ଟ ଅଭିଯୁକ୍ତ ନରହରି ନାୟକଙ୍କୁ ୧ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ୨୦୨୫ ଜୁଲାଇ ୧୮ ତାରିଖ ସକାଳ ପ୍ରାୟ ସାଢେ ୬ଟାରେ ଅଭିଯୋଗକାରୀଙ୍କ ଘର ସାମ୍ନାରେ ରଖାଯାଇଥିବା ମୋଟରସାଇକେଲର ହ୍ୟାଣ୍ଡେଲ ଲକ୍ ଭାଙ୍ଗି ଚୋରି କରିଥିଲେ। ଏନେଇ ଅଭିଯୋଗକୁ ଭିତ୍ତିକରି ଭରତପୁର ଥାନା ଏକ ମାମଲା (ନଂ. ୩୯୫/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ପୋଲିସ ନରହରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଭଲି ପଡ଼ିଆରେ ଖେଳାଳିଙ୍କୁ କଟୁରିରେ ହାଣିଦେଲେ ଯୁବକ

- ମାଳପାଟଣାରେ ରାସ୍ତାରୋକୋ
- ଆକ୍ରମଣକାରୀ ଥାନାରେ ଅଟକ, ମାରଣାସ୍ତ୍ର ଜବତ

ଆଳି,୧୬।୪(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ମାଣିକପାଟଣା ଭଲି ପଡ଼ିଆରେ ଖେଳୁଥିବାବେଳେ ଜଣେ ଖେଳାଳିଙ୍କ ବେକକୁ ଆନ୍ଧ୍ର କଟୁରିରେ ୨ ଯୁବକ ଅତର୍କିତ ଆକ୍ରମଣ କରିଛନ୍ତି। ଏଥିରେ ଖେଳାଳି ଜଣକ ଗୁରୁତର ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଘଟଣାକୁ ନେଇ ମାଳପାଟଣାରେ ଲୋକେ ରାସ୍ତାରୋକୋ କରିଛନ୍ତି। ପୋଲିସ ଆକ୍ରମଣକାରୀ ଦ୍ୱୟଙ୍କୁ ଧରି ଥାନାରେ ଅଟକ ରଖିବା ସହ



ଗୁରୁତର ରାହୁଲ ମାଣିକ।



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାସୁଝା କରୁଛି।

ସେମାନଙ୍କ ନିକଟରୁ ମାରଣାସ୍ତ୍ରକୁ ଜବତ କରିଛି। ଗୁରୁତର ଖେଳାଳି ହେଲେ ମାଳପାଟଣାର ରାହୁଲ ମାଣିକ(୧୭)।

ଅପରାହ୍ନରେ ରାହୁଲ ଭଲି ପଡ଼ିଆରେ ଖେଳୁଥିବା ବେଳେ ପ୍ରଶାନ୍ତ ଦାସ ଓ ମୃତ୍ୟୁଞ୍ଜୟ ସାହୁ ତାଙ୍କ ବେକକୁ ଏକ କଟୁରିରେ ହାଣି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବେଳେ ଆକ୍ରମଣକାରୀମାନେ ସେଠାରୁ ଖସି ପଳାଇ ଯାଇଥିଲେ। ଭଲି ଖେଳୁଥିବା ଯୁବକମାନେ ପଡିଆରୁ ବାଇକ୍ ଯୋଗେ ରାହୁଲଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତରମାନେ ରାହୁଲଙ୍କ ପ୍ରାଥମିକ ଚିକିତ୍ସା କରିବା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ମାଳପାଟଣା ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଗ୍ରାମବାସୀ ରାସ୍ତାରୋକୋ କରିବା ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ବୁଝାଶୁଝା କରିବାରେ ଧାରଣାରୁ ସେମାନେ ଉଠିଥିଲେ। ପୋଲିସ ଅଭିଯୁକ୍ତଙ୍କ ଘରୁ ବ୍ୟବହାର କରିଥିବା ମାରଣାସ୍ତ୍ର ଜବତ କରିବା ପରେ ଆକ୍ରମଣକାରୀଙ୍କୁ ଲୁଚିଥିବା ସ୍ଥାନରୁ ଉଠାଇ ନେଇ ଥାନାରେ ଅଟକ ରଖି ପଚରା ଉଚୁରା ଜାରି ରଖିଛି। ଖବର ଲେଖାହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନାହିଁ।



ମହିଳା ସଂରକ୍ଷଣ ଆଇନ ବା 'ନାରୀଶକ୍ତି ବନ୍ଦନ ଅଧିନିୟମ'ରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷଣ ଦାବିରେ କଂଗ୍ରେସ ନେତ୍ରୀ ଅଲ୍‌କା ଲାମ୍ବା ଓ ଅନ୍ୟମାନେ ନୂଆଦିଲ୍ଲୀରେ ବିକ୍ଷୋଭ କରୁଛନ୍ତି।

# ଲଶ୍କର ଦ୍ୱିତୀୟ କମାଣ୍ଡ ଅମିର ହାମ୍‌ଜାଙ୍କୁ ଗୁଳିମାଡ଼

**ଲାହୋର,୧୬।୪**

ପାକିସ୍ତାନୀ ଆତଙ୍କବାଦୀ ତଥା ଲଶ୍କର-ଇ-ତୋଇବା ସଂଗଠନର ପ୍ରତିଷ୍ଠାତା ସଦସ୍ୟ ଏବଂ ଦ୍ୱିତୀୟ କମାଣ୍ଡ ଅମିର ହାମ୍‌ଜାଙ୍କୁ ଲାହୋରର ଏକ ଟିଭି ଷ୍ଟେଶନ ବାହାରେ ଗୁଳିମାଡ଼ ହୋଇଛି। ଜଣେ ଅଜଣା ବନ୍ଧୁକଧାରୀ ତାଙ୍କୁ ଲକ୍ଷ୍ୟକରି ଗୁଳି ଚଳାଇଥିଲେ। ଗୁରୁତର ଅବସ୍ଥାରେ ୫୭ ବର୍ଷୀୟ ହମ୍‌ଜାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗତବର୍ଷ ମେ'ରେ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ ହୋଇଥିଲେ ମଧ୍ୟ ସେ ବର୍ତ୍ତିଯାଇଥିଲେ।



୨୦୦୫ରେ ବେଙ୍ଗାଲୁରୁର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରେ ଆକ୍ରମଣ ସମେତ ଭାରତରେ ଅନେକ ଆକ୍ରମଣ ସହ ହମ୍‌ଜା ସମ୍ପୃକ୍ତ। ପାକିସ୍ତାନ ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଗୁଜ୍‌ରନୱାଲରେ ୧୯୬୯ ମେ' ୧୦ରେ ଜନ୍ମିତ ହମ୍‌ଜା ସୋଭିଏଟ୍-ଆଫଗାନ ଯୁଦ୍ଧରେ ସୈନ୍ୟ ଭାବେ ଲଢ଼ିଥିଲେ। ୧୯୮୪ରେ ସେ ଜାକିଉର୍ ରେହମାନ ଲଖଭିଙ୍କ ସଂସ୍ପର୍ଶରେ ଆସି ଆତଙ୍କବାଦୀ ସଂଗଠନରେ ସାମିଲ ହୋଇଥିଲେ। ଲଖ୍‌ଭି, ହାଫିଜ ସୟିଦ, ହମ୍‌ଜା ଏବଂ ଅନ୍ୟ ୩ ଜଣ ମିଶି ୧୯୮୫-୮୬ରେ ଲଶ୍କର ସଂଗଠନ ଗଢ଼ିଥିଲେ। ୨୦୦୧ରେ ଆମେରିକା ଏବଂ ୨୦୦୮ ମେ'ରେ ଜାତିସଂଘ ଏହାକୁ ଆତଙ୍କବାଦୀ ସଂଗଠନ ଭାବେ ସ୍ୱୀକୃତି ଦେଇଥିଲା। ଗତବର୍ଷ ଏପ୍ରିଲରେ ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣ ସହ ଭାରତରେ ଅନେକ ଆକ୍ରମଣରେ ଲଶ୍କର ସମ୍ପୃକ୍ତ।

# ହର୍ମୁଜ୍‌ରେ ଜାହାଜ ଚଳାଚଳ ପାଇଁ ଇରାନକୁ କହିଲା ଚାଇନା

**ବେଜିଂ,୧୬।୪(ପି.ଟି.)**

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ମୁକ୍ତ ଓ ସୁରକ୍ଷିତ ଜାହାଜ ଚଳାଚଳ ସୁନିଶ୍ଚିତ କରିବା ପାଇଁ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ଇରାନକୁ କହିଛନ୍ତି। ଆମେରିକା ଏବଂ ଇସ୍ରାଏଲ୍ ଫେବୃଆରୀ ୨୮ରେ ଇରାନ ଉପରେ ଆକ୍ରମଣ କରିବା ପରେ ତେହରାନ୍ ଏହି ଜଳପଥକୁ ଅବରୋଧ କରିଥିଲାବେଳେ ବେଜିଂ ପ୍ରଥମ ଥର ପାଇଁ ଇରାନକୁ ଏହା କହିଛି। ଆମେରିକା-ଇରାନ ପ୍ରଥମ ପର୍ଯ୍ୟାୟ ଆଲୋଚନା ବିଫଳ ହେବା ପରେ ୱାଶିଂଟନ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ମଧ୍ୟକୁ ଜାହାଜ ଛାଡୁନାହିଁ। ୱାଙ୍ଗ୍ ବୁଧବାର ତାଙ୍କ ଇରାନୀୟ ପ୍ରତିପକ୍ଷ ଆବ୍ବାସ ଆରାଗଚିଙ୍କ ସହ ଫୋନ୍‌ରେ କଥାହୋଇ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ସ୍ୱାଧୀନ ଓ ସୁରକ୍ଷିତ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ଉପରେ ଗ୍ୟାରେଣ୍ଟି ଦେବାକୁ କହିଛନ୍ତି। ଚାଇନା ଇରାନର ଘନିଷ୍ଠ ସହଯୋଗୀ ଏବଂ ସର୍ବାଧିକ ତୈଳ ଆମଦାନିକାରୀ ହୋଇଥିବାବେଳେ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଆମେରିକାର ଅବରୋଧ ଯୋଗୁ ସୃଷ୍ଟ ଶକ୍ତି ସଙ୍କଟକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି।

# ବିଲ୍ ଅଟକାଇବାକୁ ବିରୋଧୀଙ୍କ ଉଦ୍ୟମ

## ମହିଳା ସଂରକ୍ଷଣ ପାଇଁ 'ଡିଲିମିଟେଶନ'କୁ ଆଳ କରା ନ ଯାଉ

## ଏନ୍‌ଡିଏ ସପକ୍ଷରେ ସଂଖ୍ୟା ନାହିଁ

**ନିର୍ବାଚନ କମିଶନ ମତଦାନ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଦେଶବ୍ୟାପୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଥିବାବେଳେ କେନ୍ଦ୍ର ସରକାର ୨୦୧୧ ଜନଗଣନା ଆଧାରିତ ତଥ୍ୟକୁ ଭିତ୍ତିକରି ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ) କରିବାକୁ ଯାଉଛନ୍ତି। ଲୋକ ସଭା ଓ ବିଧାନସଭାଗୁଡ଼ିକରେ ମହିଳାଙ୍କୁ ୩୩% ସଂରକ୍ଷଣ ଦେବା ପାଇଁ ଏହି ଡିଲିମିଟେଶନକୁ ଆଳ କରାଯାଇଛି, ଯାହାକୁ ନେଇ ବିରୋଧୀ ଦଳଗୁଡ଼ିକ ଆପତ୍ତି ଉଠାଉଛନ୍ତି। ପୁରୁଣା ଜନଗଣନା ପରିବର୍ତ୍ତେ ୨୦୨୭ ଜନଗଣନା ଆଧାରରେ ସରକାର ଡିଲିମିଟେଶନ ପ୍ରକ୍ରିୟା କରାନ୍ତୁ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ଏଭଳି ଯୁକ୍ତି ବାଢ଼ି ବିରୋଧୀ ଗୁରୁବାର ଲୋକ ସଭାରେ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଣିଥିବା ୧୩୧ତମ ସମ୍ବିଧାନ ସଂଶୋଧନ ପ୍ରସ୍ତାବକୁ ଦୃଢ଼ ବିରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଉକ୍ତ ବିଧେୟକ ପାରିତ ନ ହେଲେ ଶ୍ରେୟ ତାଙ୍କର। ଯଦି ପାରିତ ହେଲା, ତେବେ ଶ୍ରେୟ ସବୁ ଦଳର।**

**ନୂଆଦିଲ୍ଲୀ,୧୬।୪(ପି.ଟି)**

ଭାରତୀୟ ଗଣତନ୍ତ୍ର ଓ ସଂସଦୀୟ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣିବା ପାଇଁ ଗୁରୁବାରଠାରୁ ଆରମ୍ଭ ହୋଇଛି ସଂସଦର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ। ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଲୋକ ସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଏବଂ ୩୩% ମହିଳା କୋଟା ଲାଗୁ କରିବା ପାଇଁ ଲୋକ ସଭାରେ '୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍', 'ସୀମା ପୁନଃ ନିର୍ଦ୍ଧାରଣ ବିଲ୍' ଏବଂ 'କେନ୍ଦ୍ରଶାସିତ ଅଞ୍ଚଳ ସଂଶୋଧନ ବିଲ୍' ଆଗତ କରାଯାଇଛି। ବିଲ୍ ସଂସଦରେ ପାସ୍ ହୋଇ ଆଇନରେ ପରିଣତ ହେଲେ ୨୦୧୧ ଜନଗଣନା ଆଧାରରେ ଲୋକ ସଭା ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି ପାଇବା ସହ ୩୩% ମହିଳା ସଂରକ୍ଷଣ ଲାଗୁ ହେବ। ଅନ୍ୟପକ୍ଷେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ସ୍ୱର ଚାପି ଦେବା ପାଇଁ ଏହା ଏକ 'ରାଜନୈତିକ ଚକ୍ରାନ୍ତ' ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଏହି ବିଲ୍‌ଗୁଡ଼ିକ ଉପରେ ଶୁକ୍ରବାର ଅପରାହ୍ଣ ୪ଟାରେ ଭୋଟିଂ ପାଇଁ ସମୟ ଧାର୍ଯ୍ୟ ହୋଇଛି। ତେବେ ମହିଳା ସଂରକ୍ଷଣ ଆଇନକୁ ଲାଗୁ କରିବା ନିମନ୍ତେ ସମ୍ବିଧାନ ସଂଶୋଧନ ବିଲ୍ ପାସ୍ ହେବା ଜରୁରୀ ଥିବାବେଳେ ଏଥିପାଇଁ ଗୃହର ଦୁଇତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ଲୋକ ସଭା ଓ ରାଜ୍ୟ ସଭାରେ ଶାସକ ଏନ୍‌ଡିଏର ସଦସ୍ୟ ସଂଖ୍ୟା ଯଥାକ୍ରମେ ୨୯୩ ଏବଂ ୧୩୯ ରହିଛି। ଏହି ଲୋକ ସଭାରେ ବିଲ୍ ପାସ୍ ହେବା ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ଆହୁରି ୬୭ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ତେଣୁ ଅନ୍ୟ କେତେକ ଦଳ ସମର୍ଥନ କଲେ କିମ୍ବା ଭୋଟରୁ ବିରତ ରହିଲେ ଉକ୍ତ ବିଧେୟକ ଗୃହୀତ ହୋଇପାରେ।

ଲୋକ ସଭାରେ ବର୍ତ୍ତମାନ ୫୪୦ ସଦସ୍ୟ ଅଛନ୍ତି। ବିଲ୍ ଗୃହୀତ କରାଇବା ପାଇଁ ୩୬୦ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ଏନ୍‌ଡିଏର ୨୯୩ ସଦସ୍ୟ ରହିଛନ୍ତି, ଯାହାକି ଗୃହର ୫୪%। ସେମାନଙ୍କ ମଧ୍ୟରେ ଭାଜପାର ୨୪୦, ଟିଡିପି ୧୬, ଜେଡିୟୁ ୧୨ ସଦସ୍ୟ ଥିବାବେଳେ ବିରୋଧୀ ଦଳଗୁଡ଼ିକର ସଦସ୍ୟ ସଂଖ୍ୟା ୨୩୩। ୭ ସ୍ୱାଧୀନ ଏମ୍‌ପି ଥିବାବେଳେ, ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି, ଏଆଇଏମ୍‌ଆଇଏମ୍, ଶିରୋମଣି ଅକାଳୀ ଦଳ ଭଳି ପାର୍ଟିର ୭ ଜଣ ସଦସ୍ୟ ରହିଛନ୍ତି। ବିଲ୍‌କୁ ଅନୁମୋଦନ ଲାଭ ପାଇଁ ସମାଜବାଦୀ ପାର୍ଟି (୩୭), ତୃଣମୂଳ କଂଗ୍ରେସ (୨୮) କିମ୍ବା ଡିଏମ୍‌କେ (୨୨) ମଧ୍ୟରୁ ଅନ୍ୟୂନ ୨ଟି ମୁଖ୍ୟ ବିରୋଧୀ ଦଳକୁ ମତଦାନରୁ ବିରତ ରହିବାକୁ ପଡ଼ିବ। ଲୋକ ସଭାରେ କଂଗ୍ରେସର ୯୮ ଏମ୍‌ପି ଅଛନ୍ତି। ସେହିପରି ରାଜ୍ୟ ସଭାରେ ଏନ୍‌ଡିଏ ସପକ୍ଷରେ ୧୪୧ ସଦସ୍ୟ ରହିଛନ୍ତି, ଯାହାକି ଉଚ୍ଚ ସଦନର ମୋଟ ସଦସ୍ୟ ସଂଖ୍ୟାର ୫୮%। ବିରୋଧୀ ଦଳରେ ୮୩ ଏମ୍‌ପି ରହିଛନ୍ତି। ବିଆର୍‌ଏସ୍, ୱାଇଏସ୍‌ଆର୍‌ସିପି, ବିଜେଡି ଏବଂ ବିଏସ୍‌ପି ସହ ସ୍ୱାଧୀନ ଏମ୍‌ପିଙ୍କୁ ମିଶାଇଲେ ସେମାନଙ୍କ ସଂଖ୍ୟା ୨୦ ହେଉଛି। ବିଲ୍ ଉଚ୍ଚ ସଦନର ମଞ୍ଜୁରୀ ପାଇବାକୁ ହେଲେ ଗୃହର ଦୁଇତୃତୀୟାଂଶ ଅର୍ଥାତ୍ ୧୬୩ ଏମ୍‌ପିଙ୍କ ଉପସ୍ଥିତି ସହ ଭୋଟ ଆବଶ୍ୟକ। ରାଜ୍ୟ ସଭାରେ ଭାଜପାର ୧୦୭ ଏମ୍‌ପି ଥିବାବେଳେ କଂଗ୍ରେସର ୨୮, ଟିଏମ୍‌ସି ୧୩, ଆପ୍ ୧୦ ଏବଂ ଡିଏମ୍‌କେର ୮ ସଦସ୍ୟ ରହିଛନ୍ତି। ଏଭଳି ସ୍ଥିତିରେ ସମ୍ବିଧାନ ସଂଶୋଧନ କରିବାକୁ ହେଲେ ପାର୍ଲାମେଣ୍ଟର ଉଭୟ ଗୃହରେ ମୋଟ ସଦସ୍ୟତାର ଏକ ସଂଖ୍ୟାଗରିଷ୍ଠତା (୫୦%ରୁ ଅଧିକ) ଏବଂ ଉପସ୍ଥିତ ରହି ଭୋଟ ଦେବାକୁ ଥିବା ସଦସ୍ୟଙ୍କ ଦୁଇତୃତୀୟାଂଶକୁ ନେଇ ଏକ ସ୍ୱତନ୍ତ୍ର ସଂଖ୍ୟାଗରିଷ୍ଠତା ଆବଶ୍ୟକ। ତେଣୁ ଲୋକ ସଭାର ୫୪୦ ସଦସ୍ୟ ଯଦି ଉପସ୍ଥିତ ରହି ଭୋଟ ଦିଅନ୍ତି ତେବେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ଅଙ୍କ ୩୬୦ ହେବ। ୪୦ ମିନିଟର ବିତର୍କ ପରେ ଏହି ବିଲ୍‌ଗୁଡ଼ିକୁ ଆଗତ କରାଯାଇଥିଲା। ଏହା ପରେ ବିରୋଧୀ ଦଳଗୁଡ଼ିକ ୧୩୧ତମ ସଂଶୋଧନ ବିଲ୍ ଉପରେ ଭୋଟ ବିଭାଜନ ଦାବି କରିଥିଲେ। ପରେ ଉକ୍ତ ବିଲ୍‌କୁ ଆଗତ କରାଯାଇଥିଲା। ବିଲ୍ ସପକ୍ଷରେ ୨୫୧ ସଦସ୍ୟ ଥିବାବେଳେ ଏହା ବିରୋଧରେ ୧୮୫ ସଦସ୍ୟ ରହିଛନ୍ତି।

କଂଗ୍ରେସ ଏମ୍‌ପି କେ.ସି. ବେଣୁଗୋପାଳ ବିଲ୍ ବିରୋଧରେ ସ୍ୱର ଉଠାଇ କହିଛନ୍ତି, ଭାରତୀୟ ସମ୍ବିଧାନକୁ ଦୁର୍ବଳ କରିଦେବା ପାଇଁ ଏହା ଏକ ନ୍ୟସ୍ତସ୍ୱାର୍ଥ ଉଦ୍ୟମ। ତେଣୁ ମେଘୱାଲ ଓ ଶାହା ଆଣିଥିବା ବିଧେୟକଗୁଡ଼ିକୁ ସେ ବିରୋଧ କରୁଛନ୍ତି। ରୁଲ୍ ୭୨ ବେଳେ ବେଣୁଗୋପାଳ ଅଧିକ ଯୁକ୍ତି ବାଢ଼ିବାରୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ତାଙ୍କୁ ଶାନ୍ତ ରହିବାକୁ କହିଥିଲେ। ପୂର୍ଣ୍ଣ ବିତର୍କ ଚାଲିବାବେଳେ ବିରୋଧୀଙ୍କୁ ଆପତ୍ତି ଉଠାଇବାକୁ ପର୍ଯ୍ୟାପ୍ତ ସମୟ ଦିଆଯିବ ବୋଲି ସେ କହିଥିଲେ। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଥିଲେ, ମହିଳା ସଂରକ୍ଷଣକୁ ସୈଦ୍ଧାନ୍ତିକ ଦୃଷ୍ଟିରୁ ଆମେ ସମର୍ଥନ କରୁଛୁ, କିନ୍ତୁ ଏହି ବିଧେୟକକୁ ସରକାର ଏତେ ତରବରିଆ ଭାବେ କାହିଁକି ଆଣିଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ସରକାର ଡିଲିମିଟେଶନ୍ ସଂକ୍ରାନ୍ତ ସଂସ୍କାର କ୍ଷେତ୍ରରେ ଆଗକୁ ବଢ଼ିବା ପୂର୍ବରୁ ପ୍ରଥମେ ଜନଗଣନା କରାନ୍ତୁ। କାରଣ ପୂର୍ବ ଜନଗଣନା ଏବେ ଆଉଟ୍‌ଡେଟେଡ୍ ହୋଇଗଲାଣି। ସରକାର ଲୋକଙ୍କୁ ବିଭ୍ରାନ୍ତ କରି ରାଜନୈତିକ ଲାଭ ଉଠାଇବାକୁ ଉଦ୍ୟମ ଚଳାଇଥିବା ଅଖିଳେଶ ସମାଲୋଚନା କରିଛନ୍ତି। କଂଗ୍ରେସ ଏମ୍‌ପି ସୌରଭ ଗୋଗୋଇ ମଧ୍ୟ ସରକାରଙ୍କ ବିରୋଧରେ ବର୍ଷିଛନ୍ତି। ମହିଳା ସଂରକ୍ଷଣକୁ କାର୍ଯ୍ୟକାରୀ କରାଇବାରେ ବିଳମ୍ବ କରିବାକୁ ଚାହୁଁଥିବାରୁ ସରକାର ଏହାକୁ ଡିଲିମିଟେଶନ୍ ସହ ଯୋଡ଼ି ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ଲୋକ ସଭାର ବର୍ତ୍ତମାନ ଆସନ ସଂଖ୍ୟା ଆଧାରରେ ସଂରକ୍ଷଣକୁ ତୁରନ୍ତ ଲାଗୁ କରାଯାଉ। କେନ୍ଦ୍ର ଡିଲିମିଟେଶନ୍ ପାଇଁ ମହିଳା ସଂରକ୍ଷଣ ସଂଶୋଧନ ବିଲ୍‌କୁ ପଛଦ୍ୱାରରୁ ବ୍ୟବହାର କରୁଛି ବୋଲି ଗୋଗୋଇ କହିଛନ୍ତି। କାରଣ ୨୦୨୩ରେ ପାରିତ ହୋଇଥିବା ସଂରକ୍ଷଣ ବିଧେୟକରେ ଯଦି କିଛି ଅସୁବିଧା ଥିଲା ତେବେ ସେଥିରେ ସଂଶୋଧନ ଆଣି ତାକୁ ୨୦୨୪ରେ କାର୍ଯ୍ୟକାରୀ କରାଯାଇପାରି ଥାଆନ୍ତା ବୋଲି ଗୋଗୋଇ ଯୁକ୍ତି ବାଢ଼ିଛନ୍ତି। ଶିବସେନା ୟୁବିଟି ଏମ୍‌ପି ଅରବିନ୍ଦ ସାୱନ୍ତ ମଧ୍ୟ ଅନୁରୂପ ଆପତ୍ତି ଉଠାଇ କହିଛନ୍ତି, ମହିଳା ସଂରକ୍ଷଣକୁ ସେମାନେ ବିରୋଧ କରୁନାହାନ୍ତି। କିନ୍ତୁ ଡିଲିମିଟେଶନ୍‌କୁ ଆଳ କରା ନ ଯାଉ। ଡିଏମ୍‌କେ ସଦସ୍ୟ ଟି.ଆର୍. ବାଲୁ କହିଛନ୍ତି, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ସାଲେମ୍‌ରେ ଏକ ଜନସଭା ବେଳେ ଏହାର ଚିଠା ବିଲ୍‌କୁ ଜାଳିଦେଇଛନ୍ତି। ଏଥିରୁ ବିଲ୍ ପ୍ରତି ଆମ ବିରୋଧ ସ୍ପଷ୍ଟ ହୋଇଛି।

## 'ଉତ୍ତର, ଦକ୍ଷିଣ ଭେଦଭାବ ହେବନାହିଁ'


ଲୋକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ଛୋଟ ହେଉ କି ବଡ଼, ଉତ୍ତର ହେଉ କି ଦକ୍ଷିଣ ଅଥବା ପୂର୍ବ ପଶ୍ଚିମ ; ଡିଲିମିଟେଶନ ଯୋଗୁ ନିର୍ବାଚନମଣ୍ଡଳୀ ଆସନ ସଂଖ୍ୟାରେ କୌଣସି ରାଜ୍ୟ ସହ ଭେଦଭାବ କରାଯିବ ନାହିଁ ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି। ମହିଳା ସଂରକ୍ଷଣ ଆଇନ ବା ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ କାର୍ଯ୍ୟକାରୀ କରାଇବା ପାଇଁ ଲୋକ ସଭାର ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରାଯିବା ଆବଶ୍ୟକ ହେଉଛି। ଏଥିପାଇଁ ସରକାର ୨୦୧୧ ଜନଗଣନା ତଥ୍ୟ ଆଧାରରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରାଇବାକୁ ଚାହୁଁଛନ୍ତି। କିନ୍ତୁ ଅଣଭାଜପା ଶାସିତ ତାମିଲନାଡୁ, କର୍ନାଟକ, କେରଳମ୍ ଓ ତେଲଙ୍ଗାନା ସରକାର ଏଥିଯୋଗୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଆସନ ସଂଖ୍ୟା କମିଯିବ ବୋଲି ଆଶଙ୍କା କରି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ବିରୋଧ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଲୋକ ସଭାରେ ବିଲ୍ ଉପରେ ବକ୍ତବ୍ୟ ରଖି ବିରୋଧୀଙ୍କ ସମର୍ଥନ ଲୋଡ଼ିଛନ୍ତି।

ନିମ୍ନ ସଦନରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାର ୨୦୨୯ରେ ମହିଳା ସଂରକ୍ଷଣ ଲାଗୁ କରାଇବାକୁ ଚାହୁଁଛନ୍ତି। ଏହାକୁ କେହି ବିରୋଧ କରନ୍ତୁ ନାହିଁ। ଏହି ପଦକ୍ଷେପକୁ ବିରୋଧ କଲେ ଦେଶର ମହିଳାମାନେ କ୍ଷମା କରିବେ ନାହିଁ। କୌଣସି ଦଳ ରାଜନୈତିକ ଉଦ୍ଦେଶ୍ୟ ରଖି ବିରୋଧ କଲେ ସେ (ନିଜେ ମୋଦି) ହିଁ ରାଜନୈତିକ ଲାଭ ପାଇବେ। କିନ୍ତୁ ବିରୋଧୀ ଦଳଗୁଡ଼ିକ ସମର୍ଥନ କଲେ ଏଥିରୁ କେହି ରାଜନୈତିକ ଲାଭ ପାଇବେ ନାହିଁ। ଆମେ ଶ୍ରେୟ ନେବାକୁ ଚାହୁଁନାହୁଁ।

ଡିଲିମିଟେଶନ ପ୍ରକ୍ରିୟା ହେତୁ ଲୋକ ସଭାରେ କୌଣସି ରାଜ୍ୟର ଆନୁପାତିକ ଆସନ ସଂଖ୍ୟା ହ୍ରାସ ପାଇବ ନାହିଁ। ସବୁ ରାଜ୍ୟରେ ସମାନ ଅନୁପାତରେ ଆସନ ବଢ଼ିବ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

# ଦିଲ୍ଲୀ ଏୟାରପୋର୍ଟରେ ୨ ବିମାନ ଧକ୍କା

**ନୂଆଦିଲ୍ଲୀ,୧୬।୪(ପି.ଟି.)**

ଦିଲ୍ଲୀ ଏୟାରପୋର୍ଟର ଟ୍ୟାକ୍ସିୱେରେ ଗୁରୁବାର ଅପରାହ୍ଣ ୨ଟା ୧୫ରେ ଆକାଶ ଏୟାର ଏବଂ ସ୍ପାଇସ୍‌ଜେଟ୍ ବିମାନ ମଧ୍ୟରେ ଧକ୍କା ଲାଗିଛି। ଉଭୟ ବିମାନର ଡେଣା ପରସ୍ପର ସହ ଚିପିହୋଇ କ୍ଷତିଗ୍ରସ୍ତ ହୋଇଛି। ଆକାଶ ଏୟାର ବିମାନ ଉଡ଼ାଣ ପାଇଁ ରନ୍‌ୱେ ଆଡ଼କୁ ଗଡୁଥିବାବେଳେ ସ୍ପାଇସ୍‌ଜେଟ୍ ବିମାନ ପାର୍କିଂ ଷ୍ଟାଣ୍ଡକୁ ଯାଉଥିଲା। ଏହି ସମୟରେ ଦୁର୍ଘଟଣା ଘଟିଥିଲା। ଆକାଶ ଏୟାର ବିମାନ କ୍ୟୁପି-୧୪୦୬ ଦିଲ୍ଲୀରୁ ହାଇଦ୍ରାବାଦ ଯିବାକୁ ଥିବାବେଳେ ସ୍ପାଇସ୍‌ଜେଟ୍ ବିମାନ ଲେହରୁ ଆସି ପହଞ୍ଚିଥିଲା। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଆକାଶ ଏୟାର ବିମାନ ସ୍ଥିର ଥିବାବେଳେ ଅନ୍ୟ ଏୟାରଲାଇନ୍ସ ବିମାନ ଧକ୍କା ଦେଇଥିଲା ବୋଲି କୁହାଯାଉଛି। ତେବେ ୨ ବିମାନର ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ବାହାରି ଆସିଥିଲେ। କାହାର ତ୍ରୁଟି ଯୋଗୁ ଏଭଳି ଦୁର୍ଘଟଣା ଘଟିଲା, ତାହାର ତଦନ୍ତ କରାଯାଉଛି। ସ୍ପାଇସ୍‌ଜେଟ୍ ବିମାନ ଡାହାଣପାର୍ଶ୍ୱ ୱିଙ୍ଗ୍‌ଲେଟ୍ ଏବଂ ଆକାଶ ଏୟାର ବିମାନର ବାମପାର୍ଶ୍ୱ ହୋରିଜୋଣ୍ଟାଲ ଷ୍ଟାବିଲାଇଜର କ୍ଷତିଗ୍ରସ୍ତ ହୋଇଛି।

# ବିଏସ୍‌ଏଫ୍ ଇନ୍ଧନ ଡିପୋରେ ନିଆଁ ଲାଗି ଯବାନଙ୍କ ମୃତ୍ୟୁ

**କୋଲକାତା,୧୬।୪(ପି.ଟି.)**

ପଶ୍ଚିମବଙ୍ଗ ୨୪ ପ୍ରଗଣା ଜିଲାରେ ଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଏକ ଇନ୍ଧନ ଡିପୋରେ ନିଆଁ ଲାଗି ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ଭାରତ-ବାଂଲାଦେଶ ସୀମାନ୍ତ ହିଙ୍ଗଲଗଞ୍ଜଠାରେ ଥିବା ବାଙ୍କ୍ରା ସୀମା ଆଉଟ୍‌ପୋଷ୍ଟରେ ଏହି ଅଗ୍ନିକାଣ୍ଡ ଘଟିଛି। ଡିପୋରେ ବିସ୍ଫୋରଣ ପରେ ନିଆଁ ଚାରିଆଡ଼କୁ ବ୍ୟାପିଯାଇଥିଲା ଏବଂ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଜଗିରାମ ଏହା ଭିତରେ ଫସିଯାଇ ପ୍ରାଣ ହରାଇଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି। ସୁନ୍ଦରବନ ଅଞ୍ଚଳର ନଦୀ ଅବବାହିକା ଅଞ୍ଚଳଗୁଡ଼ିକରେ ପାଟ୍ରୋଲିଂ କରୁଥିବା ବିଏସ୍‌ଏଫ୍ ବୋଟ୍‌ଗୁଡ଼ିକ ଉକ୍ତ ଡିପୋରୁ ପେଟ୍ରୋଲ ପକାଇଥାନ୍ତି। ଜଗିରାମ ୧୯୯୦ରେ ବିଏସ୍‌ଏଫ୍‌ରେ ଯୋଗ ଦେଇ ୭୭ତମ ବାଟାଲିୟନ ଆଉଟ୍‌ପୋଷ୍ଟରେ ନିୟୋଜିତ ଥିଲେ।

# ୟୁକ୍ରେନ୍ ଉପରେ ରୁଷିଆର ମିଶାଇଲ, ଡ୍ରୋନ୍ ଆକ୍ରମଣ: ୧୬ ମୃତ

**କିଭ୍,୧୬।୪**

ୟୁକ୍ରେନ୍‌ର ଆବାସିକ ଅଞ୍ଚଳଗୁଡ଼ିକୁ ଟାର୍ଗେଟ କରି ରୁଷିଆ ୭୦୦ ଡ୍ରୋନ୍ ଏବଂ ବହୁସଂଖ୍ୟାରେ ବାଲିଷ୍ଟିକ୍ ଏବଂ କ୍ରୁଜ୍ ମିଶାଇଲ୍ ମାଡ଼ କରିବାରୁ ୧୬ ଜଣଙ୍କ ମୃତ୍ୟୁ ଘଟିବା ସହ ୮୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବୁଧବାର ରାତି ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ଆକ୍ରମଣ ଜାରି ରହିଥିଲା। ଭୟଭୀତ ଲୋକେ ଘର ଭିତରେ ଲୁଚି ରହିଥିବା ଜଣେ ଅଧିକାରୀ ଗୁରୁବାର କହିଛନ୍ତି। ନାଗରିକମାନଙ୍କୁ ଟାର୍ଗେଟ କରି ୨ ସପ୍ତାହ ମଧ୍ୟରେ ଏହା ସବୁଠୁ ବଡ଼ ଆକ୍ରମଣ। କିଭ୍ ବାସିନ୍ଦା ୫୪ ବର୍ଷୀୟ ଟେଟିଆନା ସୋକୋଲ କହିଛନ୍ତି, ତାଙ୍କ ଘର ପାଖରେ ୨ଟି ମିଶାଇଲ୍ ମାଡ଼ ହେବାରୁ ସେ ତାଙ୍କ କୁକୁର ସହ ଲୁଚିଯାଇଥିଲେ। ତୃତୀୟ ଆକ୍ରମଣରେ ସବୁକିଛି ଭାଙ୍ଗି ଉଡ଼ିଯାଇଥିଲା। ଆମେ ଭୟଭୀତ ହୋଇଯାଇଥିଲୁ ଏବଂ କେଉଁଠିକୁ ଯିବୁ ଠିକ୍ କରିପାରି ନ ଥିଲୁ। ୟୁକ୍ରେନ୍ ବିରୋଧରେ ରୁଷିଆ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଯୁଦ୍ଧ ଚଳାଇଛି। ଏଥିରେ ୟୁକ୍ରେନ୍‌ର ୧୫,୦୦୦ରୁ ଊର୍ଦ୍ଧ୍ୱ ନିରୀହ ଲୋକଙ୍କ ମୃତ୍ୟୁ ଘଟିଲାଣି ବୋଲି ଜାତିସଂଘ ରିପୋର୍ଟରେ କୁହାଯାଇଛି। ରୁଷିଆ ମିଶାଇଲ୍‌କୁ ପ୍ରତିହତ କରିବା ଲାଗି ଅଧିକ ଏୟାର ଡିଫେନ୍ସ ସିଷ୍ଟମ ଯୋଗାଡ଼ରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଚଳିତ ସପ୍ତାହରେ ଜର୍ମାନୀ, ନରୱେ ଏବଂ ଇଟାଲୀକୁ ୪୮ ଘଣ୍ଟିଆ ଗସ୍ତ କରିଥିଲେ। ଏଥିରେ ପ୍ରତିକ୍ରିୟାଶୀଳ ରୁଷିଆ ଆକ୍ରମଣକୁ ଜୋର୍‌ଦାର କରିଛି।


ୟୁକ୍ରେନ୍‌ର ଏକ ବିଲ୍ଡିଂ ଉପରେ ରୁଷିଆ ମିଶାଇଲ୍ ମାଡ଼ କରିଛି।

# ୨୩% ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା

## ପଶ୍ଚିମବଙ୍ଗ ପ୍ରଥମ ପର୍ଯ୍ୟାୟ ନିର୍ବାଚନ

**ନୂଆଦିଲ୍ଲୀ,୧୬।୪(ପି.ଟି.)**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଆସନ୍ତା ୨୩ରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତି ୪ ପ୍ରାର୍ଥୀଙ୍କ ମଧ୍ୟରୁ ଜଣଙ୍କ ନାମରେ ଆପରାଧିକ ମାମଲା ରହିଥିବା ସେମାନେ ନାମାଙ୍କନପତ୍ର ଦାଖଲ ବେଳେ ଦେଇଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ରିପୋର୍ଟରୁ ଏହା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ରହିଥିବା ୧,୪୭୫ ପ୍ରାର୍ଥୀଙ୍କ ମଧ୍ୟରୁ ୩୪୫ ଜଣ(୨୩%)ଙ୍କ ନାମରେ ଆପରାଧିକ ମାମଲା ଥିବାବେଳେ ୨୯୪ ଜଣ (୨୦%)ଙ୍କ ନାମରେ ଗମ୍ଭୀର ଅପରାଧ ମାମଲା ରହିଛି। ୧୯ ପ୍ରାର୍ଥୀଙ୍କ ନାମରେ ହତ୍ୟା ମାମଲା ଥିବାବେଳେ ୧୦୫ ଜଣଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା, ୯୮ ଜଣଙ୍କ ବିରୋଧରେ ମହିଳା ବିରୋଧୀ ଅପରାଧ ମାମଲା ଏବଂ ୬ ପ୍ରାର୍ଥୀଙ୍କ ନାମରେ ବଳାତ୍କାର ମାମଲା ରହିଛି। ଭଜପାର ୧୫୨ ପ୍ରାର୍ଥୀଙ୍କ ମଧ୍ୟରୁ ୧୦୬ ଜଣ (୭୦%)ଙ୍କ ନାମରେ ଆପରାଧିକ ମାମଲା ଥିବା ସେମାନେ ଘୋଷଣା କରିଥିବାବେଳେ ଟିଏମ୍‌ସିର ୬୩ ପ୍ରାର୍ଥୀ (୪୩%), ସିପିଆଇ(ଏମ୍)ର ୪୩ ପ୍ରାର୍ଥୀ (୪୪%) ଏବଂ କଂଗ୍ରେସର ୩୯ ପ୍ରାର୍ଥୀ (୨୬%) ନାମରେ ଅପରାଧ ମାମଲା ରହିଛି। ପ୍ରଥମ ପର୍ଯ୍ୟାୟର ୩୦୯ ପ୍ରାର୍ଥୀ (୨୧%) କୋଟିପତି ହୋଇଥିବାବେଳେ ସେମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୧.୪୩ କୋଟି ଟଙ୍କା। ସମ୍ପତ୍ତି ଦୃଷ୍ଟିରୁ ଦେଖିଲେ ଟିଏମ୍‌ସି ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୫.୭୦ କୋଟି ଟଙ୍କା। ଭାଜପା ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୨.୫୭ କୋଟି ହୋଇଥିବାବେଳେ କଂଗ୍ରେସର ୨.୦୬ କୋଟି ଏବଂ ସିପିଆଇ(ଏମ୍) ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୯୨.୪୨ ଟଙ୍କା ଥିବା ଏଡିଆର୍ ରିପୋର୍ଟରେ ପ୍ରକାଶ ପାଇଛି।

# ବିଲ୍ କପି ପୋଡ଼ିଲେ ଷ୍ଟାଲିନ୍

## ଡିଲିମିଟେଶନ ବିରୋଧରେ ସୁପ୍ରିମକୋର୍ଟ ଯିବ ଡିଏମ୍‌କେ

ଚେନ୍ନାଇ,୧୬।୪(ପି.ଟି.)

ଲୋକ ସଭାରେ ଗୁରୁବାର ଡିଲିମିଟେଶନ ବିଲ୍ ଆଗତ ହୋଇଥିବାବେଳେ ଏହାକୁ ବିରୋଧକରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କଳା ପୋଷାକ ପରିଧାନ କରି ବିଧେୟକର କପି ପୋଡ଼ିଛନ୍ତି। ଷ୍ଟାଲିନଙ୍କ ଅନୁରୋଧ କ୍ରମେ ରାଜ୍ୟର ବିଭିନ୍ନ ଭାଗରେ ବ୍ଲାକ୍ ଫ୍ଲାଗ୍ ବିକ୍ଷୋଭ କରାଯାଇଛି। ଏପରି କି ଏହି ବିଲ୍ ସଂସଦରେ ପାରିତ ହେଲେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି ଶାସକ ଡିଏମ୍‌କେ ପକ୍ଷରୁ କୁହାଯାଇଛି।

ଡିଏମ୍‌କେର ବିଧାନସଭା ନିର୍ବାଚନ ପ୍ରଚାର ଗୀତ ରିଲିଜ୍ କରିବା ଅବସରରେ ଦଳର ଲିଗାଲ ସେଲ୍ ସମ୍ପାଦକ ଏନ୍.ଆର୍. ଏଲାଙ୍ଗୋ କହିଛନ୍ତି, ଆଇନଗତ ବିକଳ୍ପ ସବୁବେଳେ ଖୋଲା ରହିଛି। ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ସ୍ୱାର୍ଥ ପାଇଁ ଆମେ ଆଇନଗତ ପଦକ୍ଷେପ ନେବୁ। ଆସନ ସଂଖ୍ୟା କମିବ ନାହିଁ ବୋଲି ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମୌଖିକ ଭାବେ ଆଶ୍ୱାସନା ଦେଇଥିଲେ। କିନ୍ତୁ ଏହାର କିଛି ଗ୍ୟାରେଣ୍ଟି ନ ଥିବାରୁ ଆମେ ସୁପ୍ରିମକୋର୍ଟ ଯିବୁ ବୋଲି ସେ ଚେତାବନୀ ଦେଇଛନ୍ତି।


ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଡିଲିମିଟେଶନ୍ ବିଲ୍ କପି ପୋଡୁଛନ୍ତି।


ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଗୁରୁବାର ବୈଠକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଷ୍ଟ୍ରିଆ କାଉନ୍‌ସିଲର କ୍ରିଷ୍ଟିଆନ୍ ଷ୍ଟକର(ବାମ)ଙ୍କୁ ସ୍ୱାଗତ କରୁଛନ୍ତି। ଷ୍ଟକର ୪ ଦିନିଆ ଭାରତ ଗସ୍ତରେ ଆସିଛନ୍ତି। (ଫଟୋ: ଚମନ୍ ଗୌତମ)

# ୟୁରାନିୟମ୍ ହସ୍ତାନ୍ତର ପାଇଁ ଇରାନ ରାଜି: ଟ୍ରମ୍ପ୍

ୱାଶିଂଟନ,୧୬।୪

ଇରାନ ନିଜ ପାଖରେ ଗଚ୍ଛିତ ରଖିଥିବା ସମୃଦ୍ଧ ୟୁରାନିୟମ୍ ହସ୍ତାନ୍ତର କରିବାକୁ ସହମତ ହୋଇଥିବା ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଉଭୟ ପକ୍ଷ ଡିଲ୍‌ର ଖୁବ୍ ନିକଟତର ହୋଇଛନ୍ତି, ଯାହା ୬ ସପ୍ତାହ ଧରି ଚାଲିଥିବା ଯୁଦ୍ଧର ଅବସାନ ଘଟାଇପାରେ ବୋଲି ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌ରେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ୨ ଦେଶ ମଧ୍ୟରେ ଜାରି ରହିଥିବା ବୁଝାମଣାରେ ଅଗ୍ରଗତି ଏକ ବଡ଼ ସଫଳତା। ସେମାନେ ଆମକୁ ଆଣବିକ ଉପାଦାନ ପ୍ରଦାନ ପାଇଁ ରାଜି ହୋଇଛନ୍ତି। ଉକ୍ତ ସମୃଦ୍ଧ ୟୁରାନିୟମ ଅଣୁଅସ୍ତ୍ର ନିର୍ମାଣରେ ବ୍ୟବହୃତ ହୋଇପାରିଥାନ୍ତା ବୋଲି ୱାଶିଂଟନ ବିଶ୍ୱାସ କରୁଛି।

ଚଳିତ ସପ୍ତାହାନ୍ତରେ ଆମେରିକା ଓ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ହେବାକୁ ଯାଉଛି। ବର୍ତ୍ତମାନର ଅସ୍ତ୍ରବିରତି ସମୟସୀମା ବଢ଼ିବା ଆବଶ୍ୟକ ହେବ ବୋଲି ଟ୍ରମ୍ପ୍ ନିଶ୍ଚିତ ନ ଥିବା କହିଛନ୍ତି। ଏବେ ଆମର ଇରାନ ସହ ଖୁବ୍ ଭଲ ସମ୍ପର୍କ ହୋଇଛି। ଇରାନ ସମସ୍ତ ଆଣବିକ କାର୍ଯ୍ୟକ୍ରମକୁ ୨୦ ବର୍ଷ ବନ୍ଦ ରଖିବା ପାଇଁ ଆମେରିକା ପ୍ରସ୍ତାବ ଦେଇଥିଲା। ଅନ୍ୟପକ୍ଷରେ ତେହରାନ୍ ଆଣବିକ କାର୍ଯ୍ୟକ୍ରମ ୩ରୁ ୫ ବର୍ଷ ବନ୍ଦ କରିବା ପାଇଁ ପ୍ରସ୍ତାବ ଦେଇଥିଲା। ୟୁରାନିୟମ ହସ୍ତାନ୍ତର ପାଇଁ ୱାଶିଂଟନ ତେହରାନ୍‌କୁ କହିଥିବାବେଳେ ଏହା ବଦଳରେ ସମସ୍ତ ଅନ୍ତର୍ଜାତୀୟ କଟକଣା ହଟାଇବାକୁ ଇରାନ ଦାବି କରିଥିଲା।

# ମୁସ୍‌ଲିମ ପର୍ସନାଲ ଲ’ରେ ମହିଳାଙ୍କ ପ୍ରତି ପକ୍ଷପାତିତା ବିରୋଧରେ ପିଆଇଏଲ୍

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ

ନୂଆଦିଲ୍ଲୀ,୧୬।୪(ପି.ଟି.)

ମୁସ୍‌ଲିମ ପର୍ସନାଲ ଲ’ (ଶାରିଆତ୍) ଆପ୍ଲିକେଶନ ଆକ୍ଟ, ୧୯୩୭ରେ ଥିବା କେତେକ ବ୍ୟବସ୍ଥା ମହିଳାଙ୍କ ପ୍ରତି ପକ୍ଷପାତ କରାଯାଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ବ୍ୟବସ୍ଥାଗୁଡ଼ିକର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି। ଆବେଦନକାରୀ ପୌଲୋମି ଶୁକ୍ଲା ଏବଂ ନ୍ୟାୟ ନାରୀ ଫାଉଣ୍ଡେଶନ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ କୋର୍ଟରେ ଉପସ୍ଥିତ ରହି ଉପସ୍ଥାପନ କରିଥିବା ଯୁକ୍ତିକୁ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ ବିଚାରକୁ ନେଇ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟକୁ ନୋଟିସ୍ ଜାରି କରିଛନ୍ତି।

ଆବେଦନରେ କୁହାଯାଇଛି ଯେ, ଶାରିଆତ୍ ଉତ୍ତରାଧିକାର ନିୟମାବଳୀ ମହିଳାମାନଙ୍କ ପ୍ରତି ସ୍ପଷ୍ଟ ଭାବେ ଭେଦଭାବପୂର୍ଣ୍ଣ। ଏଥିରେ ପୁରୁଷ ପ୍ରତିପକ୍ଷଙ୍କୁ ସମ୍ପତ୍ତିରୁ ଯେତିକି ଭାଗ ମିଳିଥାଏ ମହିଳାଙ୍କୁ ତା’ର ଅଧା କିମ୍ବା ତା’ଠାରୁ କମ୍ ଭାଗ ଦିଆଯାଇଥାଏ। ୧୯୩୭ର ଏହି ଆଇନ ସମ୍ବିଧାନର ଅନୁଚ୍ଛେଦ ୧୪ (ସମାନତା ଅଧିକାର)ର ଉଲ୍ଲଂଘନ କରୁଥିବା ଭୂଷଣ ଦର୍ଶାଇଥିଲେ। ଉତ୍ତରାଧିକାର ବିଷୟଗୁଡ଼ିକ ଦେୱାନୀ ପ୍ରକୃତିର ହୋଇଥିବାରୁ ଏଗୁଡ଼ିକ ସମ୍ବିଧାନର ଧାରା ୨୫ ଅନୁଯାୟୀ, କୌଣସି ଧର୍ମୀୟ ପ୍ରଥା ମଧ୍ୟରେ ଆସେ ନାହିଁ। ସମ୍ପତ୍ତି ଭାଗବଣ୍ଟାରେ ପୁରୁଷଙ୍କଠାରୁ ମହିଳା ଅଧା କିମ୍ବା କମ୍ ଭାଗ ପାଇବା ଭେଦଭାବପୂର୍ଣ୍ଣ ବୋଲି ଭୂଷଣ କହିଥିଲେ।

# ହର୍ମୁଜ୍‌କୁ ନେଇ ମୋଦିଙ୍କ ସହ କଥାହେଲେ ମାକରଁ

ନୂଆଦିଲ୍ଲୀ,୧୬।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁଙ୍କ ସହ ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ତୁରନ୍ତ ସୁରକ୍ଷିତ ଓ ସ୍ୱାଧୀନ ଜାହାଜ ଚଳାଚଳ ପୁନର୍ବାର ଆରମ୍ଭ କରିବା ଉପରେ ୨ ନେତା ଗୁରୁତ୍ୱ ଦେଇଛନ୍ତି। ମାକରଁ ଟେଲିଫୋନ୍ କରିବା ପରେ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ୨ ଦେଶ ସହଯୋଗ ଜାରି ରଖିବା ପାଇଁ ରାଜି ହୋଇଥିବା ମୋଦି Xରେ ଲେଖିଛନ୍ତି।

# ପଶ୍ଚିମବଙ୍ଗ ପାଇଁ ଅତିରିକ୍ତ ଭୋଟର ତାଲିକା ଜାରି କର

## ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

■ ଟ୍ରିବ୍ୟୁନାଲ ମଞ୍ଜୁରୀ ମିଳିଲେ ବାଦ୍ ପଡ଼ିଥିବା ଭୋଟର ମତଦାନ କରିପାରିବେ

ନୂଆଦିଲ୍ଲୀ,୧୬।୪

ପଶ୍ଚିମବଙ୍ଗ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ରେ ଯେଉଁ ଭୋଟରଙ୍କ ନାମ କଟିଯାଇଛି, ସେମାନଙ୍କ ନାମ ପୁନର୍ବାର ତାଲିକାରେ ସାମିଲ କରାଯିବା ସହ ସେମାନେ ଭୋଟ ଦେବେ, ଯଦି ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆପିଲେଟ୍ ଟ୍ରିବ୍ୟୁନାଲ ଏଥିପାଇଁ ମଞ୍ଜୁରୀ ଦିଅନ୍ତି। ସୁପ୍ରିମକୋର୍ଟ ଗୁରୁବାର ଏହା କହିଛନ୍ତି। ଯଦି ଆପିଲେଟ୍ ଟ୍ରିବ୍ୟୁନାଲ ଆବେଦନକାରୀଙ୍କ ପିଟିଶନ୍‌କୁ ଗ୍ରହଣ କରି ତାଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା କିମ୍ବା କାଟିବା ପାଇଁ ଚୂଡ଼ାନ୍ତ ନିର୍ଦ୍ଦେଶ ଦିଅନ୍ତି, ତେବେ ମତଦାନ ପୂର୍ବରୁ ତାହାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଯୋଗ୍ୟ ଭୋଟର ଯେପରି ମତଦାନରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସ୍ୱତନ୍ତ୍ର କ୍ଷମତା ବଳରେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ମାମଲାରେ ଏକ ଅତିରିକ୍ତ ଭୋଟର ତାଲିକା ପ୍ରକାଶ କରିବାକୁ ନିର୍ବାଚନ କମିଶନଙ୍କୁ କୁହାଯାଇଛି। ପଶ୍ଚିମବଙ୍ଗରେ ଏପ୍ରିଲ ୨୩ରେ ପ୍ରଥମ ପର୍ଯ୍ୟାୟ ଓ ୨୯ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବାବେଳେ ଯଦି ଆପିଲେଟ୍ ଟ୍ରିବ୍ୟୁନାଲ ଯଥାକ୍ରମେ ଏପ୍ରିଲ ୨୧ ଏବଂ ୨୭ ସୁଦ୍ଧା ଶୁଣାଣି ଶେଷ କରି ଚୂଡ଼ାନ୍ତ ନିର୍ଦ୍ଦେଶ ଦିଅନ୍ତି, ତେବେ ତଦନୁଯାୟୀ ଅତିରିକ୍ତ ସଂଶୋଧିତ ଭୋଟର ତାଲିକା ନିଶ୍ଚୟ ପ୍ରକାଶ କରିବାକୁ ହେବ ବୋଲି ଅଦାଲତ କହିଛନ୍ତି।

# ଅଫିସରଙ୍କ ବଦଳି ବିରୋଧରେ ପିଟିଶନ ଖାରଜ

ନୂଆଦିଲ୍ଲୀ,୧୬।୪(ପି.ଟି.)

ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ପଶ୍ଚିମବଙ୍ଗରେ ନିର୍ବାଚନ କମିଶନ (ଇସି) ୧,୦୦୦ରୁ ଊର୍ଦ୍ଧ୍ୱ ପ୍ରଶାସନିକ ଏବଂ ପୋଲିସ ଅଧିକାରୀଙ୍କୁ ବଦଳି କରିଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ପଶ୍ଚିମବଙ୍ଗ ସରକାର ଏବଂ ଇସିଙ୍କ ମଧ୍ୟରେ ବିଶ୍ୱାସର ଅଭାବ ରହିଥିବା କହି ସର୍ବୋଚ୍ଚ ଅଦାଲତ ଗୁରୁବାର ଉକ୍ତ ପିଟିଶନ୍‌କୁ ଖାରଜ କରିଦେଇଛନ୍ତି। ତେବେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଅଧିକାରୀମାନଙ୍କୁ ବଦଳି କରିବା ପୂର୍ବରୁ ନିର୍ବାଚନ କମିଶନ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରିବା ଆବଶ୍ୟକତା ରହିଛି କି ନାହିଁ, ସେହି ବିବାଦୀୟ ଆଇନଗତ ପ୍ରଶ୍ନ ଉପରେ ସୁପ୍ରିମକୋର୍ଟ ଭବିଷ୍ୟତରେ ବିଚାର କରିବେ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଦଳଗୁଡ଼ିକ ମଧ୍ୟରେ ବିଶ୍ୱାସର ଅଭାବ ଯୋଗୁ ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ କାର୍ଯ୍ୟରେ ସୁପ୍ରିମକୋର୍ଟଙ୍କୁ ନ୍ୟାୟିକ ଅଫିସର ନିଯୁକ୍ତ କରିବାକୁ ପଡ଼ିଥିଲା। ସେମାନଙ୍କର ରାଜ୍ୟ ସରକାରଙ୍କ ଅଫିସରମାନଙ୍କ ଉପରେ ବିଶ୍ୱାସ ନାହିଁ ଏବଂ ରାଜ୍ୟ ମଧ୍ୟ ଇସି ଆଣୁଥିବା ଅଫିସରଙ୍କ ଉପରେ ଆସ୍ଥା ରଖୁନାହିଁ। କୋଲକାତା ହାଇକୋର୍ଟଙ୍କ ମାର୍ଚ୍ଚ ୩୧ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନର ଶୁଣାଣି ବେଳେ ସୁପ୍ରିମକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି।

## ରାଜ୍ୟ ଖବର

# ଅନିଶ୍ଚିତତାରେ ହୁମ୍ମା ଲବଣ ଚାଷଜମି

ଗଞ୍ଜାମ,୧୬।୪(ଅନାଥ ତରାଇ)

ଗଞ୍ଜାମ ଜିଲାର ଗୌରବ ଓ ଓଡ଼ିଶାର ଅର୍ଥନୈତିକ ସମୃଦ୍ଧିର ପ୍ରତୀକ କୁହାଯାଉଥିବା ଐତିହାସିକ ହୁମ୍ମା ଲବଣ ଚାଷ ଜମି ଏବେ ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ରାଜ୍ୟରେ ଶିଳ୍ପାୟନର ବ୍ୟାପକ ସମ୍ପ୍ରସାରଣ ଲକ୍ଷ୍ୟରେ କେନ୍ଦ୍ର ସରକାର ଗଞ୍ଜାମର ହୁମ୍ମା ଏବଂ ବାହୁଦା ନଦୀ ପାର୍ଶ୍ୱବର୍ତ୍ତୀ ସୁରଳ-ସୁମାଣ୍ଡି ସମତଳ ଅଞ୍ଚଳର ପ୍ରାୟ ୮ହଜାର ଏକର ଲବଣ ହ୍ରଦକୁ ଅଧିଗ୍ରହଣ କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଇତିମଧ୍ୟରେ ବାହୁଦା ନଦୀ ମୁହାଣ ନିକଟରେ ୨୧ହଜାର କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶରେ ଏକ ନୂତନ ସବୁଦିନିଆ ବନ୍ଦର ବିକାଶ ପାଇଁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଓଡ଼ିଶା ସରକାରଙ୍କ ସହ ଆଲୋଚନା ଚୂଡ଼ାନ୍ତ କରିଛି।

ଖବରରୁ ଜଣାପଡିଛି, ସୁରଳ-ସୁମାଣ୍ଡି ଅଞ୍ଚଳର ପ୍ରାୟ ୬୨୦୦ ଏକର ଲୁଣା ଜମି ଚିହ୍ନଟ କରାଯାଇଥିବା ବେଳେ ୧୪୦୦ ଏକରରୁ ଅଧିକ ଜମି କେନ୍ଦ୍ର ସରକାରଙ୍କ ଦ୍ୱାରା ଅଧିଗ୍ରହଣ ହେବା ପ୍ରକ୍ରିୟା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ବାହୁଦା ଅଞ୍ଚଳରେ ବନ୍ଦର ପ୍ରତିଷ୍ଠା ହେଲେ ସ୍ଥାନୀୟ ନିଯୁକ୍ତି ବଢ଼ିବ ବୋଲି କୁହାଯାଉଥିଲେ ହେଁ, ହୁମ୍ମା ଅଞ୍ଚଳର ୧୭୦୦ ଏକର ଲବଣ ଜମିର ଭବିଷ୍ୟତକୁ ନେଇ କୌଣସି ସ୍ପଷ୍ଟ ଚିତ୍ର ମିଳିନାହିଁ। ୧୯୪୨ରୁ ଏଠାରେ ଲୁଣ ଉତ୍ପାଦନ ଆରମ୍ଭ ହୋଇଥିଲେ ସୁଦ୍ଧା ସମୟକ୍ରମେ ଶ୍ରମିକ ମୂଲ୍ୟ ବୃଦ୍ଧି ଓ କମ ଲାଭାଂଶ ଯୋଗୁ ନିବେଶକମାନେ ଆଗ୍ରହ ପ୍ରକାଶ କରି ନ ଥିଲେ। ଫଳରେ ଲୁଣ ଉତ୍ପାଦନ ବନ୍ଦ ହୋଇଯାଇଥିଲା। ନିକଟରେ ଗଞ୍ଜାମ ଗସ୍ତରେ ଆସିଥିବା ରାଜ୍ୟ ଉଚ୍ଚଶିକ୍ଷା କମିଶନର ଅରବିନ୍ଦ ଅଗ୍ରୱାଲଙ୍କୁ ଅଞ୍ଚଳବାସୀ ରବୀନ୍ଦ୍ର ପଣ୍ଡା ହୁମ୍ମା ଲବଣ ଜମିରେ ବାହୁଦା ଭଳି କୌଣସି ପ୍ରକଳ୍ପ ଆଣିବାକୁ ଅନୁରୋଧ କରିଛନ୍ତି। ପୂର୍ବରୁ ଅନେକ ଥର ଅଞ୍ଚଳବାସୀ ଏହି ଲୁଣ ଚାଷଜମିର ବିକାଶ ପାଇଁ ସରକାରଙ୍କୁ ଅନୁରୋଧ କରି ଆସୁଥିଲେ ମଧ୍ୟ ସେଭଳି କିଛି ବିକାଶ ହୋଇପାରିନାହିଁ। ଫଳରେ ହୁମ୍ମା ଅଞ୍ଚଳର ଏହି ଲବଣ ଚାଷ ଜମିର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାରମ୍ପରିକ ଜୀବିକା ହରାଇବାର ଭୟ ଏବଂ ଶିଳ୍ପାୟନର ଅସ୍ପଷ୍ଟ ଚିତ୍ର ମଧ୍ୟରେ ସାଧାରଣ ଲୋକେ ଅଣଦେଖାର ଶିକାର ହେଉଥିବା ଅଭିଯୋଗ ହେଉଛି। ଅନ୍ୟ ପକ୍ଷରେ ହୁମ୍ମା ନିକଟରେ ଅବଶିଷ୍ଟ କିଛି ଲବଣ ଶଯ୍ୟାରେ କାର୍ଯ୍ୟରତ ଜଣେ ଚାଷୀ ସୁଜିତ ବେହେରା କହନ୍ତି, ଅଣବର୍ଷା ଦିନଗୁଡ଼ିକରେ ଲୁଣ ଉତ୍ପାଦନ ୯ହଜାର ବ୍ୟାଗରୁ ଅଧିକ ହୋଇଥାଏ। ଏହାକୁ ନେଇ ଆମେ କାରବାର କରି ଅର୍ଥ ରୋଜଗାର କରିଥାଉ। ସରକାର ଆମକୁ ସୁବିଧା ସୁଯୋଗ ଦେବାକୁ ସେ ନିବେଦନ କରିଛନ୍ତି।


ହୁମାର ଲବଣ ଚାଷଜମି।

# ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା

## ୬ ସପ୍ତାହ ଯାଏ ଗିରଫ କରିପାରିବନି ପୋଲିସ

କଟକ,୧୬।୪(କାର୍ତ୍ତିକ ସାହୁ)

କଳାହାଣ୍ଡି ଜିଲା ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ତଥା ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି ମିଳିଛି। ହାଇକୋର୍ଟ ବିଚାରପତି ଆର୍.କେ. ପଟ୍ଟନାୟକ ଆବେଦନକାରୀ ମହାନ୍ତିଙ୍କ ପକ୍ଷରୁ ରୁଜୁ ଆଗୁଆ ଜାମିନ ଆବେଦନର ଗୁରୁବାର ଶୁଣାଣି କରି ଆଗାମୀ ୬ ସପ୍ତାହ ଯାଏ ଅନ୍ତରୀଣ ସୁରକ୍ଷା ଯୋଗାଇ ଦେଇଛନ୍ତି। ଫଳରେ ଏହି ସମୟ ମଧ୍ୟରେ ପୋଲିସ ତାଙ୍କୁ ଗିରଫ କରିପାରିବନାହିଁ। ମାମଲାର ବିବରଣୀରୁ ପ୍ରକାଶ, ନର୍ଲା ତହସିଲଦାରଙ୍କୁ ହତ୍ୟା ଧମକ ଦେଉଥିବା ନେଇ ନର୍ଲା ଥାନାରେ ମହାନ୍ତିଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା। ସେ ତହସିଲଦାରଙ୍କୁ ବାରମ୍ବାର ସରକାରୀ କାମ ତୁଲାଇବାରେ ବାଧା ସୃଷ୍ଟି କରୁଛନ୍ତି। ସେ ତହସିଲଦାରଙ୍କୁ ଗତ ମାର୍ଚ୍ଚ ୧୫ରେ ଫୋନ୍ କରି ହତ୍ୟା ଧମକ ଦେଉଥିବା ତହସିଲଦାର ବିଭୁ ପ୍ରସାଦ ସିଂ ଏତଲାରେ ଦର୍ଶାଇଥିଲେ। ତାଙ୍କ ଏତଲାକ୍ରମେ ନର୍ଲା ଥାନାରେ ଏକ ମାମଲା (ନଂ. ୭୨/୨୦୨୬) ରୁଜୁ ହୋଇଥିଲା। ଏହି ମାମଲା ପରେ ମହାନ୍ତିଙ୍କୁ ପୋଲିସ ଖୋଜି ପାଉ ନ ଥିଲା। ଫଳରେ କଳାହାଣ୍ଡି ପୋଲିସ ମହାନ୍ତିଙ୍କ ବିଧାୟିକା ସ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ମହାନ୍ତିଙ୍କୁ ନୋଟିସ୍ ଦେବା ପାଇଁ ଗତ ମାର୍ଚ୍ଚ ୨୯ ତାରିଖରେ ପହଞ୍ଚିଥିଲା। ଏହାକୁ ନେଇ ରାଜନୈତିକ ହଟଚମଟ ହୋଇଥିଲା। ତେବେ ଏହାପରେ ପୋଲିସ ମହାନ୍ତିଙ୍କ ନାମରେ ୱାରେଣ୍ଟ ଜାରି କରିବାକୁ ସ୍ଥାନୀୟ ଜେଏମ୍‌ଏଫସି କୋର୍ଟରେ ଆବେଦନ କରିଥିଲା। ଫଳରେ ମହାନ୍ତି ଆଗୁଆ ଜାମିନ ପାଇବା ଲାଗି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶ

## ଯାଜପୁର ରୋଡ-ଧାମରା ପ୍ରସ୍ତାବିତ ନୂତନ ରେଳପଥ

ଯାଜପୁର,୧୬।୪(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ରୋଡ୍‌ଠାରୁ ଧାମରା ବନ୍ଦର ଭାୟା ବିରଜାକ୍ଷେତ୍ର ଓ ଆରଡ଼ି ୧୦୧.୨୬ କି.ମି. ବିଶିଷ୍ଟ ପ୍ରସ୍ତାବିତ ନୂତନ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବାକୁ ରେଳମନ୍ତ୍ରଣାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି(ଗେଜେଟ) ପ୍ରକାଶ ପାଇଛି। ରେଲୱେ ଆଇନ ୧୯୮୯ର ଧାରା ୨(କ) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ଉକ୍ତ ଗେଜେଟରେ ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନର ଜମି ଅଧିଗ୍ରହଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରେଳ ମନ୍ତ୍ରଣାଳୟର ଏହି ପଦକ୍ଷେପ ଉପରେ ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ମୁଖ୍ୟ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଓ ଆବାହକ ସନ୍ତୋଷ ଦାସ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସମିତି ପକ୍ଷରୁ ସୂଚନା ଦିଆଯାଇଛି ଯେ, ୨୦୨୫ ନଭେମ୍ବର ୧୯ରେ ରେଲ୍‌ୱେ ବୋର୍ଡ ପକ୍ଷରୁ ଏହି ନୂତନ ରେଳପଥ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ସଂପ୍ରତି ଜମି ଅଧିଗ୍ରହଣ ପ୍ରକ୍ରିୟାର ସୂତ୍ରପାତ କରାଯିବା ଦ୍ୱାରା ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାବାସୀଙ୍କ ସ୍ୱପ୍ନ ସାକାର ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଉଠିଛି। ସମିତିର ଦୀର୍ଘଦିନର ସଂଗ୍ରାମ ଫଳରେ ଏହି ଦାବି ହାସଲ ସମ୍ଭବ ହୋଇଛି। ଏହି ସଂଗ୍ରାମରେ ସାମିଲ ହୋଇଥିବା ଜନସାଧାରଣ, ଲୋକ ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇବା ସହ ସଂଗ୍ରାମ ସମିତିର କାର୍ଯ୍ୟକ୍ରମକୁ ଫଳପ୍ରଦ ଭାବେ ଉପସ୍ଥାପନ କରିଥିବାରୁ ଖବରଦାତାଙ୍କ ପ୍ରତି ସଂଗ୍ରାମ ସମିତି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଏହି ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରକାରୀ ବ୍ୟୟରେ କରିବା ପାଇଁ ଡିପିଆରରେ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ରେଲୱେ ବୋର୍ଡ ଏହାକୁ ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ(ପିପିପି) ଜରିଆରେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି। ସଂଗ୍ରାମ ସମିତି ପକ୍ଷରୁ ଏହି ପ୍ରକଳ୍ପକୁ ସରକାରୀ ବ୍ୟୟରେ ନିର୍ମାଣ କରିବା ପାଇଁ ପୁନର୍ବାର ଦାବି କରାଯାଇଛି। ଅନ୍ୟପକ୍ଷରେ ଯାଜପୁର ରୋଡ-ଧାମରା ପ୍ରସ୍ତାବିତ ରେଳପଥ ପ୍ରକଳ୍ପ ମଞ୍ଜୁରୀ ହେବାପରେ କେତେକ ପ୍ରତିଷ୍ଠିତ ଶିଳ୍ପ କମ୍ପାନୀ ପିପିପି ମୋଡରେ ଅଂଶୀଦାର ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ତେବେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବାକୁ ରେଳମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ହେଁ ତାହା କେବେ ଆରମ୍ଭ ହୋଇ ଶେଷ ହେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏହାବାଦ ୪ ବର୍ଷରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଆଶା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ଭରସା କରିବ ବୋଲି ମତପ୍ରକାଶ ପାଇଛି।




# ଲୋକ ଭବନ ସମ୍ମୁଖରେ ଆଇଆର୍‌ଏସ୍ ଅଫିସର ସୁରକ୍ଷାକର୍ମୀ ମୁହାଁମୁହିଁ

ଭୁବନେଶ୍ୱର,୧୬।୪(ତ୍ରିନାଥ ମହାନ୍ତି)

ଲୋକ ଭବନ ୩ ନମ୍ବର ଗେଟ୍ ସମ୍ମୁଖରେ ସୁରକ୍ଷାକର୍ମୀ ଏବଂ ଆଇଆର୍‌ଏସ୍ ଅଫିସର ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ନିଜକୁ ଆଇଆର୍‌ଏସ୍ ଅଫିସର କହି ଭିତରକୁ ପଶିବା ବେଳେ ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇଥିଲେ। ଆଇକାର୍ଡ ନ ଦେଖେଇଲେ ଭିତରକୁ ଛଡ଼ା ଯିବ ନାହିଁ ବୋଲି କହିଥିଲେ। ଶେଷରେ ମଦ ପିଇଥିବା ଅଭିଯୋଗ କରି ଭିତରକୁ ନ ଛାଡ଼ି ପୋଲିସ ଡାକି ଭ୍ୟାନ୍‌ରେ ବସାଇ ଥାନାକୁ ନେଇଥିଲେ। ଥାନାରେ ଉଭୟଙ୍କୁ ପୋଲିସ ପଚରାଉଚରା କରିବା ପରେ ସତ ପଦାକୁ ଆସିଥିଲା। ସେମାନେ ଆଇଆର୍‌ଏସ୍ ଅଫିସର କି ନାହିଁ ତାହାର ତଦନ୍ତ କରିଥିଲା ପୋଲିସ। ଏପରି କି ସେମାନଙ୍କ ଆଇକାର୍ଡ ମାଗିବା ସହ ସେମାନଙ୍କ ଅଫିସ ସହ ଯୋଗାଯୋଗ କରାଯାଇଥିଲା। ଉଭୟ ଆଇଆର୍‌ଏସ୍ ଅଧିକାରୀ ହୋଇଥିବା ସ୍ପଷ୍ଟ ହେବାପରେ ପୋଲିସ ସେମାନଙ୍କୁ ଛାଡ଼ିଥିଲା। ସେମାନେ କୌଣସି କାମରେ ତରତର ହୋଇ ଭିତରକୁ ପଶୁଥିବାବେଳେ ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇ ଯୁକ୍ତିତର୍କ କରିଥିବା ଦୁଇ ଅଧିକାରୀ କହିଛନ୍ତି। ଅପରପକ୍ଷରେ ଦୁଇ ବରିଷ୍ଠ ଆଇଆର୍‌ଏସ୍ ଅଫିସରଙ୍କୁ ଦୁର୍ବ୍ୟବହାର କରି ଥାନା ଗାଡ଼ିରେ ବସାଇ ଥାନାକୁ ନେବାକୁ ନିନ୍ଦା କରିଛନ୍ତି ମୁଖ୍ୟ ଆୟକର କମିଶନର ସୁଧାକର ରାଓ। ସେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟପାଳଙ୍କ ସଚିବଙ୍କୁ ଚିଠି ଲେଖିଛନ୍ତି।



# ନିଜେ ରଚିଥିଲେ ଅପହରଣ ନାଟକ

## ମଉଜମସ୍ତି ପାଇଁ ମୁଣ୍ଡଜାମିନ ପାଇଁ ମାଗିଥିଲେ ୧୩ ଲକ୍ଷ ଟଙ୍କା

ଭୁବନେଶ୍ୱର,୧୬।୪(ତ୍ରିନାଥ ମହାନ୍ତି)

ଇନ୍‌ଫୋସିଟି ଥାନା ଅଞ୍ଚଳର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଥିବା ଛାତ୍ର ତୁଷାର ମନ୍ଥନ ଅପହରଣ ଘଟଣାର କମିଶନରେଟ୍ ପୋଲିସ ପର୍ଦ୍ଦାଫାଶ କରିଛି। ତୁଷାର ଟଙ୍କା ପାଇଁ ନିଜେ ଅପହରଣ ନାଟକ ରଚିଥିବା ଜଣାପଡ଼ିଛି। ପୋଲିସ ତାଙ୍କୁ ମଦନପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଏକ ଘରୁ ଉଦ୍ଧାର କରିଛି। ବୁଧବାର ତାଙ୍କ ବାପା ସଞ୍ଜୟ କୁମାର ମନ୍ଥନ ପୁଅ ଅପହରଣ ନେଇ ଥାନାରେ ଅଭିଯୋଗ କରିଥିଲେ। କେହି ଅଜଣା ବ୍ୟକ୍ତି ଅପହରଣ କରିନେବା ସହ ମୁଣ୍ଡ ଜାମିନ୍ ବାବଦକୁ ୧୩ଲକ୍ଷ ଟଙ୍କା ଦାବି କରିଥିବା ନେଇ ତୁଷାର ଫୋନ୍ କରି ଘରକୁ ଫେରିଥିଲେ। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଇନ୍‌ଫୋସିଟି ପୋଲିସ ଉଦ୍ଧାର କରିବା ପାଇଁ ଏକ ଟିମ୍ ଗଠନ କରି ସିସିଟିଭି ଫୁଟେଜ ଏବଂ ମୋବାଇଲ୍ ନମ୍ବରକୁ ଟ୍ରାକିଂ କରିଥିଲା। ଶେଷରେ ତାଙ୍କୁ ମଦନପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଏକ ଘରୁ ଉଦ୍ଧାର କରାଯାଇଛି। ପଚରାଉଚରାବେଳେ ତାଙ୍କୁ ଏଭଳି ଅପହରଣ ନାଟକରେ ସହଯୋଗ କରିଥିବା ସହଯୋଗୀମାନଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ପୀଡ଼ିତ ତୁଷାର ନିଜେ ଅପହରଣର ନାଟକ ରଚିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ପରିବାରଠାରୁ ଦୂରରେ ରହୁଥିବା ତୁଷାର ଘରୋଇ ଇଞ୍ଜିନିୟରିଂ କଲେଜର ଶେଷ ବର୍ଷର ଛାତ୍ର। ମେସ୍‌ରେ ମଉଜମସ୍ତିରେ ରହୁଥିବାରୁ ସେ ଅତ୍ୟଧିକ ଖର୍ଚ୍ଚ ଅଭ୍ୟାସ କରିସାରିଥିଲେ। ତାଙ୍କର ଅତ୍ୟଧିକ ଖର୍ଚ୍ଚ ପୂରଣ କରିବା ପାଇଁ ସେ ଏଭଳି ମିଥ୍ୟା ଅପହରଣ ଯୋଜନା ପ୍ରସ୍ତୁତ କରିଥିଲେ ବୋଲି ପୋଲିସ କହିଛି।



ବିଏସ୍‌ଇ ସେନ୍‌ସେକ୍ସ
୭୭,୯୮୮ (-୧୨୨.୫୬)



୧ ଡଲାର = ୯୨.୯୮ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୯୭.୦୬ ଡଲାର

# ଏଲ୍‌ପିଜି କଳାବଜାର: ୨୫ଶହ ସ୍ଥାନରୁ ୫ ହଜାର ସିଲିଣ୍ଡର ଜବତ

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ଦେଶରେ ଏଲ୍‌ପିଜି ସଙ୍କଟ ମଧ୍ୟରେ କଳାବଜାର ବଢ଼ିବାରେ ଲାଗିଛି। ଅସାଧୁ ବ୍ୟବସାୟୀମାନେ ବେଆଇନ ଭାବେ ଗ୍ୟାସ୍ ସିଲିଣ୍ଡର ମହଜୁଦ ରଖି ଅଧିକ ଦରରେ ବିକ୍ରି କରୁଛନ୍ତି। ଏହି କ୍ରମରେ ସାରା ଦେଶରୁ ଆରମ୍ଭକରି ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବେଆଇନ ଭାବେ ଗ୍ୟାସ୍ ସିଲିଣ୍ଡର ଠୁଳକରି ରଖୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଭାଗ ବର୍ତ୍ତମାନ ସୁଦ୍ଧା ୨୫୦୩ଟି ସ୍ଥାନରେ ଚଢ଼ଉ କରିଛି। ଏହି ଚଢ଼ାଉରେ ବେଆଇନ ଭାବେ



ଠୁଳ କରାଯାଇଥିବା ପ୍ରାୟ ୫ ହଜାର (୪୯୯୨) ସିଲିଣ୍ଡର ଜବତ କରାଯାଇଛି ଏବଂ ୩୧ଟି ମାମଲା ଦାଏର ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅନୁଯାୟୀ ୩୮୪ଟି ମାମଲା ରୁଜୁ କରାଯାଇଛି । ବେଆଇନ ସିଲିଣ୍ଡର ମହଜୁଦ କରିବା ସହ ବିକ୍ରି ଅଭିଯୋଗରେ ୫ ଜଣ ଗିରଫ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସାମ୍ପ୍ରତିକ ଭୂରାଜନୈତିକ ଘଟଣାକ୍ରମ ବିଶ୍ୱ ଇନ୍ଧନ ବଜାରକୁ ପ୍ରଭାବିତ କରିବା ସତ୍ତ୍ୱେ ଭାରତର ଏଲ୍‌ପିଜି ଯୋଗାଣ ସ୍ଥିର ରହିଥିବା ସରକାର ସୂଚନା ଦେଇଛନ୍ତି । ବିଶେଷକରି ଘରୋଇ ଏଲ୍‌ପିଜି ଉପଭୋକ୍ତାମାନଙ୍କୁ ସ୍ୱାଭାବିକ ଗ୍ୟାସ୍ ବିତରଣ କରିବା ଉପରେ ସରକାର ପ୍ରାଥମିକତା ଦେଉଛନ୍ତି। ସିଲିଣ୍ଡର ରିଫିଲ୍ ବୁକିଂ ଲାଗି ଉପଭୋକ୍ତାମାନଙ୍କୁ ଏସ୍‌ଏମ୍‌ଏସ୍ ଓ ଆଇଭିଆର୍‌ଏସ୍ ଭଳି ଡିଜିଟାଲ ପଦ୍ଧତି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି। ଆତଙ୍କିତ ହୋଇ ବୁକିଂ କରିବା କିମ୍ବା ଅଯଥାରେ ଗଚ୍ଛିତ କରିବା, ଗୁଜବକୁ ବିଶ୍ୱାସ ନ କରିବା ତଥା କେବଳ ସରକାରୀ ସୂଚନା ଉତ୍ସକୁ ଅନୁସରଣ କରିବାକୁ ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଛି ।

# ଔଦ୍ୟୋଗିକତା ସମାଜକୁ ସାହାଯ୍ୟ କରିବାର ମାଧ୍ୟମ

**ଜଗଦମ୍ବା ପଲିମର୍ସ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଚନ୍ଦ୍ର ପ୍ରକାଶ ଭରଡିଆ ଜଣେ ପ୍ରଥମ ପିଢ଼ିର ଉଦ୍ୟୋଗୀ। ୪ ଦଶକରୁ ଅଧିକ ଓଡ଼ିଶାରେ ବ୍ୟବସାୟ ଚଳାଇଆସୁଛନ୍ତି। ଜଗଦମ୍ବା ପଲିମର୍ସ ଓଡ଼ିଶାରେ ପ୍ଲାଷ୍ଟିକ୍ ଜିନିଷ ଉତ୍ପାଦନ କରୁଥିବାବେଳେ ଏହା ପୂର୍ବ ଭାରତର ବଡ଼ କାରଖାନା ମଧ୍ୟରୁ ଗୋଟିଏ। ଏହାର ବ୍ରାଣ୍ଡ 'ଅଙ୍କୁର' ଘରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଜିନିଷ ପାଇଁ ବହୁତ ପରିଚିତ। ଚନ୍ଦ୍ର ପ୍ରକାଶଙ୍କ ସହ ଔଦ୍ୟୋଗିକ ଯାତ୍ରା ସମ୍ପର୍କରେ ସ୍ୱତନ୍ତ୍ର ସାକ୍ଷାତ୍କାର...**



ଚନ୍ଦ୍ର ପ୍ରକାଶ ଭରଡିଆ

**ପ୍ର- ୧୯୯୯ ମସିହାରେ ଅଙ୍କୁର ଆରମ୍ଭ ହେବା ପରେ ଏହା କିପରି ସମ୍ପ୍ରସାରିତ ହେଲା?**

ଉ- ଉତ୍ତମ ଗୁଣବତ୍ତା, ନୂଆ ଡିଜାଇନ ଏବଂ ଗ୍ରାହକଙ୍କ ବିଶ୍ୱାସ ଦ୍ୱାରା ଅଙ୍କୁର ନିଜର ବ୍ୟବସାୟ ସମ୍ପ୍ରସାରଣ କରିପାରିଛି। ଓଡ଼ିଶାରେ ଯେତେବେଳେ ଆମେ ଆମ ଯାତ୍ରା ଆରମ୍ଭ କରିଥିଲୁ, ସେତେବେଳେ ଏଠାରେ ଭଲ ପ୍ଲାଷ୍ଟିକ ଜିନିଷ କମ୍ ମିଳୁଥିଲା। ଆମେ ପ୍ରଥମ ଦିନରୁ ଭଲ ଗୁଣବତ୍ତା ସହ ଜିନିଷ ତିଆରି କଲୁ। ଆଜି ଆମର ଉତ୍ପାଦ ସଂଖ୍ୟା ୩୦୦ରୁ ଅଧିକ ହୋଇଗଲାଣି ଘରେ ବ୍ୟବହାର ହେଉଥିବା ଜିନିଷ, ଆସବାବପତ୍ର ଅଛି। ଆମେ ଭଲ ଟେକ୍ନୋଲୋଜି ବ୍ୟବହାର କରୁ ଏବଂ ସବୁ ଜିନିଷ ଭଲ ଭାବେ ତିଆରି କରୁ।

**ପ୍ର- ପୂର୍ବ ଭାରତର ବଡ଼ କାରଖାନା ଥିବାରୁ ଆପଣଙ୍କୁ କେଉଁ ଲାଭ ହେଉଛି? ବିଭିନ୍ନ ରାଜ୍ୟରେ ଅଙ୍କୁର ଜିନିଷ କିପରି ବିକ୍ରି ହେଉଛି?**

ଉ- ବଡ଼ କାରଖାନା ଥିଲେ ଜିନିଷ ଶୀଘ୍ର ଏବଂ ଶସ୍ତାରେ ଉତ୍ପାଦନ କରାଯାଏ। ଏଥିରୁ ଆମେ ଅଧିକ ଜିନିଷ ତିଆରି କରିପାରୁ ଏବଂ ଗ୍ରାହକଙ୍କ ଚାହିଦା ଶୀଘ୍ର ପୂରଣ କରିପାରୁ। ଆମେ ନୂଆ ମେଶିନ କିଣୁ, ଶକ୍ତି କମ୍ ଖର୍ଚ୍ଚ କରୁ ଏବଂ ଭଲ ଉପାୟରେ କାମ କରୁ। ଆମେ ଆମର ବିକ୍ରେତାମାନଙ୍କୁ ବିଶ୍ୱାସ କରୁ ଏବଂ ସେମାନଙ୍କୁ ପରିବାର ଭାବେ ବିବେଚନା କରୁ। ଭଲ ଗୁଣବତ୍ତା, ଠିକ୍ ସମୟରେ ଜିନିଷ ପଠାଇବା ଏବଂ ଟିଭି ଓ ଖବରକାଗଜରେ ବିଜ୍ଞାପନ କରି ଆମେ ଦଶରୁ ଅଧିକ ରାଜ୍ୟରେ ଆମର ଜିନିଷ ପହଞ୍ଚାଇଛୁ। ସହର ଏବଂ ଗାଁ ଉଭୟଠାରେ ଅଙ୍କୁର ଜିନିଷ ମିଳେ।

**ପ୍ର- ପ୍ଲାଷ୍ଟିକ କାରଖାନା ପାଇଁ ବଜାରରେ କେଉଁ ସବୁ ଆହ୍ୱାନ ରହିଛି?**

ଉ- ପ୍ଲାଷ୍ଟିକ କାରଖାନା ପାଇଁ ଅନେକ ଆହ୍ୱାନ ରହିଛି। ବର୍ତ୍ତମାନ ପରିସ୍ଥିତିରେ କଞ୍ଚାମାଲର ଦାମ୍ ବଢ଼ୁଛି ଏବଂ ପରିବେଶ ନଷ୍ଟ ହେବାର ଚିନ୍ତା ବଢ଼ୁଛି। ଏସବୁ ଆହ୍ୱାନ ମଧ୍ୟରେ ଆମେ କମ୍ ବିଜୁଳି ଖର୍ଚ୍ଚ କରୁ, ଜିନିଷ ନଷ୍ଟ କମ କରୁ ଏବଂ ପରିବେଶ ସଫା ରଖିବାକୁ ଚେଷ୍ଟା କରୁ।

**ପ୍ର-ଅଙ୍କୁରର ଭବିଷ୍ୟତ ପାଇଁ ଆପଣଙ୍କ କ'ଣ ସ୍ୱପ୍ନ ରହିଛି?**

ଉ- ଆମର ସ୍ୱପ୍ନ ହେଉଛି ଅଙ୍କୁରକୁ ସାରା ଭାରତର ଏକ ବଡ଼ ଘରୋଇ ବ୍ରାଣ୍ଡ କରିବା। ଆମେ କାରଖାନା ବଢ଼ାଇବୁ, ଅଧିକ ରାଜ୍ୟରେ ଜିନିଷ ପଠାଇବୁ ଏବଂ ନୂଆ ଟେକ୍ନୋଲୋଜି ବ୍ୟବହାର କରି କାମକୁ ଆହୁରି ସହଜ କରିବୁ। ସବୁବେଳେ ଭଲ ଗୁଣବତ୍ତା ଏବଂ ପରିବେଶ ଠିକ୍ ଆମର ଲକ୍ଷ୍ୟ।

**ପ୍ର- ଏହି ବ୍ୟବସାୟ ଆରମ୍ଭ କରିବାକୁ କିପରି ପ୍ରେରିତ ହୋଇଥିଲେ? ଯୁବୋଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ପ୍ଲାଷ୍ଟିକ ଜିନିଷ ବହୁତ ଉପଯୋଗୀ ଏବଂ ଅପେକ୍ଷାକୃତ ଶସ୍ତା। ଏହାଦ୍ୱାରା ମୁଁ ଭାବିଲି ଯେ ଲୋକଙ୍କୁ ଭଲ ଏବଂ ଶସ୍ତା ଘରୋଇ ଜିନିଷ ଦେଇ ସେମାନଙ୍କ ଜୀବନ ସହଜ କରିପାରିବି। ଏହି ଭାବନାରୁ ମୁଁ ଜଗଦମ୍ବା ପଲିମର୍ସ ଆରମ୍ଭ କରିଥିଲି ଏବଂ ପରେ ଅଙ୍କୁର ବ୍ରାଣ୍ଡ ତିଆରି କରିଥିଲି। ଯୁବୋଦ୍ୟୋଗୀମାନେ ସର୍ବଦା ଭଲ ଗୁଣବତ୍ତା ଏବଂ ସାଧୁତା ରଖିବା ଉଚିତ। ଔଦ୍ୟୋଗିକତା କେବଳ ଟଙ୍କା ରୋଜଗାର ନୁହେଁ, ଏହା ସମାଜକୁ ସାହାଯ୍ୟ କରିବା ଏବଂ ଲୋକଙ୍କୁ ଚାକିରି ଦେବା ବିଷୟ।

ଧରିତ୍ରୀ | OrissaPOST BUSINESS EMINENCE AWARDS

# ସମ୍ବଲପୁର ସହରରେ ବିଦ୍ୟୁତ୍ ବିଭ୍ରାଟ ସମସ୍ୟାର ବିକଳ୍ପ ବ୍ୟବସ୍ଥା



**ସମ୍ବଲପୁର,୧୬।୪(ପ୍ରମୋଦ ବହିଦାର)**

ସମ୍ବଲପୁର ସହରବାସୀଙ୍କୁ ଏଣିକି ବିଦ୍ୟୁତ୍ ବିଭ୍ରାଟ ଭଳି ସମସ୍ୟାରୁ ମୁକ୍ତି ମିଳିବ। ସହରର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ଓ ଆଖପାଖ ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବା ଲକ୍ଷ୍ୟରେ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଏକ ନୂତନ ୩୩ କେଭି ବିକଳ୍ପ ଭୂତଳ ବିଦ୍ୟୁତ୍ ଲାଇନ କାର୍ଯ୍ୟକ୍ଷମ ହୋଇଛି। ଜେଲଖାନା ଛକ ପାୱାର ସବ୍‌ଷ୍ଟେସନରୁ ବଡ଼ବଜାର ସବ୍‌ଷ୍ଟେସନ ପର୍ଯ୍ୟନ୍ତ ପ୍ରାୟ ୩.୨ କିଲୋମିଟର ବ୍ୟାପୀ ଏହି ଭୂତଳ କେବୁଲ ବିଛାଯିବା ଫଳରେ ସହରରେ ଏଣିକି ବିଦ୍ୟୁତ୍ ବିଭ୍ରାଟ ଯଥେଷ୍ଟ ହ୍ରାସ ପାଇବ ବୋଲି ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଆଶା କରାଯାଇଛି। ପୂର୍ବରୁ ସମ୍ବଲପୁର ସହରର ବିଦ୍ୟୁତ୍ ଯୋଗାଣର ଅନ୍ୟତମ ମୁଖ୍ୟ କେନ୍ଦ୍ର ବଡ଼ବଜାର ପ୍ରାଇମେରି ସବ୍‌ଷ୍ଟେସନ, ଗଣେଶନଗରର ଗ୍ରୀଡ୍ ସବ୍‌ଷ୍ଟେସନ ଜରିଆରେ ବିଦ୍ୟୁତ୍ ଯୋଗାଣ ପାଇଁ ଏକମାତ୍ର ୩୩ କେଭି ଫିଡର ଭାବେ ଚେରୁଆପଡ଼ା ପିଏସ୍‌ଏସ୍ ଉପରେ ନିର୍ଭରଶୀଳ ଥିଲା। ଚେରୁଆପଡ଼ା ଫିଡରରେ କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ମରାମତି କାର୍ଯ୍ୟ ଚାଲିଲେ ବଡ଼ବଜାର, ସମଲେଶ୍ୱରୀ ମନ୍ଦିର ଅଞ୍ଚଳ ସମେତ ସହରର ବିଭିନ୍ନ ଭାଗରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସେବା ବ୍ୟାହତ ହେଉଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପ୍ରାୟ ୩.୩୭ କୋଟି ଟଙ୍କା ବ୍ୟୟରେ ଏହି(ଏନ୍-୧) ବିଦ୍ୟୁତ୍ ଯୋଗାଣ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିଛି। ଫଳରେ ବର୍ତ୍ତମାନ ଗୋଟିଏ ଲାଇନରେ ସମସ୍ୟା ଦେଖାଦେଲେ ତୁରନ୍ତ ଦ୍ୱିତୀୟ ମାର୍ଗ ଦେଇ ବିଦ୍ୟୁତ୍ ଯୋଗାଣ ସମ୍ଭବ ହୋଇପାରିବ। ଏହି ନୂତନ ବ୍ୟବସ୍ଥା ଦ୍ୱାରା ବଡ଼ବଜାର, ମୋତିଝରନ, ଚେରୁଆପଡ଼ା ଏବଂ ବାଲିବନ୍ଧା ଅଞ୍ଚଳର ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ଉପକୃତ ହେବେ। ଏହାସହ ସହରବାସୀଙ୍କୁ ନିରନ୍ତର ଏବଂ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇବା ଦିଗରେ ଏହା ଏକ ବଡ଼ ସଫଳତା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ୨୦୦୦ ମେଗାୱାଟ୍ ବିଦ୍ୟୁତ ଚାହିଦା ପୂରଣ କରିଛି ଟିପିସିଓଡିଏଲ୍

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା):** ରାଜ୍ୟରେ ବର୍ଦ୍ଧିତ ତାପମାତ୍ରା ଏବଂ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ଏପ୍ରିଲ ୧୩ରେ ଭୁବନେଶ୍ୱର, କଟକ, ପାରାଦ୍ୱୀପ ଏବଂ ଢେଙ୍କାନାଳ ଅଞ୍ଚଳରେ ୨୦୦୦ ମେଗାୱାଟର ପିକ ବିଦ୍ୟୁତ ଡିମାଣ୍ଡକୁ ସଫଳତାର ସହ ପୂରଣ କରିଛି। ଯାହା ଚଳିତ ଗ୍ରୀଷ୍ମ ଋତୁରେ ଏପର୍ଯ୍ୟନ୍ତର ସବୁଠାରୁ ଅଧିକ ବିଦ୍ୟୁତ ଡିମାଣ୍ଡ ଭାବେ ରେକର୍ଡ କରାଯାଇଛି। ରାଜ୍ୟର ବିଭିନ୍ନ ଭାଗରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଝଡବର୍ଷା ସମ୍ଭାବନା ଥିବାରୁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଭଳି ସ୍ଥିତିରେ ତାପମାତ୍ରା ବୃଦ୍ଧି ଯୋଗୁଁ ବିଦ୍ୟୁତ୍ ବ୍ୟବହାର ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ଚଳିତ ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଟିପିସିଓଡିଏଲ ନିଜର ନେଟୱାର୍କକୁ ଅଧିକ ଶକ୍ତିଶାଳୀ କରିଛି। ଏଥିପାଇଁ କମ୍ପାନୀ ୩୩୪ ଏମଭିଏର ଅତିରିକ୍ତ କ୍ଷମତା ବୃଦ୍ଧି କରିବା ସହ ରିଅଲ୍-ଟାଇମ୍ ଗ୍ରିଡ୍ ମନିଟରିଂ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିଛି।

# ନୂଆ ରୂପରେ ପଲସର ୧୮୦

**ଭୁବନେଶ୍ୱର,୧୬।୪(ଅନୁରାଧା)**

ଦୁଇଚକିଆ ଓ ତିନିଚକିଆ ଯାନ ନିର୍ମାଣ କରୁଥିବା ବିଶ୍ୱର ସବୁଠାରୁ ମୂଲ୍ୟବାନ୍ କମ୍ପାନୀ 'ବଜାଜ ଅଟୋ ଲିମିଟେଡ୍' ଭାରତର ଅନ୍ୟତମ ଲୋକପ୍ରିୟ ତଥା ଅପ୍ରତିଦ୍ୱନ୍ଦ୍ୱୀ ମୋଟରସାଇକେଲ ପଲ୍‌ସର ୧୮୦ର ପୁନଃ ବଜାର ପ୍ରବେଶ କରିଛି। ଗ୍ରାହକଙ୍କ ଚାହିଦା ଯୋଗୁ ଏବେ ଏହା ନୂଆ ଗ୍ରାଫିକ୍ସ, ଏଲ୍‌ଇଡି ହେଡ୍‌ଲ୍ୟାମ୍ପ, ବ୍ଲିଙ୍କର୍ସ ଏବଂ ବ୍ଲୁଟୁଥ୍ ସୁବିଧା ଥିବା ଡିଜିଟାଲ କନ୍‌ସୋଲ ସହ ବଜାରକୁ ଫେରିଛି। ପଲ୍‌ସର ବ୍ରାଣ୍ଡ ଏହାର ଦୁଇଟି ପ୍ରମୁଖ ମଡେଲ - ପଲ୍‌ସର ୧୫୦ ଏବଂ ପଲ୍‌ସର ୧୮୦ର ବଜାର ପ୍ରବେଶର ୨୫ ବର୍ଷ ପୂର୍ତ୍ତି ପାଳନ କରୁଥିବା ଅବସରରେ



ଏହି ମଡେଲଟି ଏକ ଅଧିକ ଆଧୁନିକ ଏବଂ ଆକର୍ଷଣୀୟ ରୂପରେ ପ୍ରତ୍ୟାବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ଅବସରରେ ବଜାଜ ଅଟୋ ଲିମିଟେଡ୍‌ର ଏମ୍‌ସିବିୟୁ ପ୍ରେସିଡେଣ୍ଟ ସାରଙ୍ଗ କାନାଡେ କହିଛନ୍ତି, 'ପଲ୍‌ସର ବ୍ରାଣ୍ଡ ସର୍ବଦା ଅସମ୍ଭବକୁ ସମ୍ଭବ କରିବା ଏବଂ ଭାରତରେ ପରଫରମାନ୍ସ ମୋଟରସାଇକେଲିଂକୁ ଏକ ନୂଆ ରୂପ ଦେବା ପାଇଁ ଜଣାଶୁଣା। ପଲ୍‌ସରର ୨୫ ବର୍ଷ ପୂର୍ତ୍ତି ଅବସରରେ ବାଇକ୍‌ର ପୁନର୍ବାର ବଜାର ପ୍ରବେଶ ଆମ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ନୂତନ ପିଢ଼ି ପାଇଁ ଏକ ରୋମାଞ୍ଚକର ଅନୁଭୂତି ପ୍ରଦାନ କରିବାକୁ ପ୍ରସ୍ତୁତ କରାହୋଇଥିବା ଏହି ବାଇକ୍ ଅତୁଳନୀୟ କ୍ଷମତା, ନିଖୁଣତା ଓ ଆକର୍ଷଣୀୟ ଡିଜାଇନର ଏକ ଅପୂର୍ବ ସମନ୍ୱୟ ସହିତ ଆମର 'ନିର୍ଭୀକ ଅନ୍ଦାଜ' ଦୃଷ୍ଟିଭଙ୍ଗୀକୁ ପ୍ରତିଫଳିତ କରୁଛି।

# ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ 'ସ୍ୱର୍ଣ୍ଣ ଅକ୍ଷୟ' ଅଫର

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ପବିତ୍ର ଅକ୍ଷୟ ତୃତୀୟା ପାଇଁ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ 'ସ୍ୱର୍ଣ୍ଣ ଅକ୍ଷୟ' ଅଫର ଘୋଷଣା କରାଯାଇଛି। ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ଗହଣାର ସ୍ୱତନ୍ତ୍ର କଲେକ୍ସନ ଉପଲବ୍ଧ ହୋଇଛି। ଏହାସହ ସୁନା ଓ ରୁପା ଗହଣାର ଗଢ଼ା ମଜୁରି ଉପରେ ୫୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ପ୍ରତ୍ୟେକ ହୀରା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ସୁଯୋଗ ରହିଛି। ଏହି ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅକ୍ଷୟ ତୃତୀୟା କେବଳ ଏକ ତିଥି ନୁହେଁ, ଏହା ହେଉଛି ଆମ ପରମ୍ପରାର ଅତୁଟ ବିଶ୍ୱାସ, ସୁଖ ଏବଂ ସମୃଦ୍ଧିର ପ୍ରତୀକ। ଅକ୍ଷୟ ତୃତୀୟା ଗ୍ରାହକ କିପରି ସର୍ବୋତ୍ତମ ଡିଜାଇନର




ଗହଣା କମ୍ ମୂଲ୍ୟରେ ପାଇପାରିବେ ତାହା ହିଁ ଅରୁନ୍ଧତୀର ଲକ୍ଷ୍ୟ ବୋଲି ମେହେର କହିଛନ୍ତି। ବ୍ୟବସାୟକୁ ନୁହେଁ ବରଂ ଓଡ଼ିଶାବାସୀଙ୍କ ଖୁସି ଓ ବିଶ୍ୱାସକୁ ପ୍ରାଧାନ୍ୟ ଦିଆଯାଉଥିବା ସେ କହିଛନ୍ତି।

# ଆଜି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂଘ ସମ୍ମିଳନୀ

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ଭୁବନେଶ୍ୱର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂଘ ପକ୍ଷରୁ ଦିନିକିଆ ସମ୍ମିଳନୀ ଶନିବାର ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଭୁବନେଶ୍ୱର, କଟକ ଓ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆକାଉଣ୍ଟାଣ୍ଟ ଏବଂ ଅର୍ଥ ବିଭାଗର ପଦାଧିକାରୀମାନେ ଯୋଗ ଦେବେ। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସଞ୍ଜିବ କୁମାର ପାଣିଗ୍ରାହୀ ଯୋଗ ଦେବେ। ଏଥିରେ ପୂର୍ବତନ ମୁଖ୍ୟ ଶାସନ ସଚିବ( ଆଇଏଏସ୍) ଓ ବର୍ତ୍ତମାନର ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ମଧ୍ୟ ଯୋଗ ଦେବେ। ସେହିପରି ଓଡ଼ିଶା ମୁଖ୍ୟ ମହାଲେଖାକାର ଦୀନବନ୍ଧୁ ସାହୁ, ମୁଖ୍ୟ ଆୟକର ଆୟୁକ୍ତ(କଟକ ଓ ସମ୍ବଲପୁର) ସରୋଜ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ସମ୍ମିଳନୀରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ବୃତ୍ତିଗତ ସ୍ୱାଧୀନତା ଓ ଇନର ପ୍ରାବଧାନ ଓ ନିୟନ୍ତ୍ରଣ, ସରକାରୀ ଉଦ୍ୟୋଗମାନଙ୍କର ଅଡିଟ୍ ଓ ପାରଦର୍ଶିତା ଓ ଅଡିଟରମାନଙ୍କର ଉତ୍ତରଦାୟିତ୍ୱ, ଆୟକର ନିୟମ ୨୦୨୫ ସଂଶୋଧନ ଓ ସଂସ୍କାର ଏବଂ ପରିବର୍ତ୍ତିତ ନିୟମରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଭୂମିକା, ବୃତ୍ତିଗତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କର ସମସ୍ୟା ଓ ଏହାର ଆଇନଗତ ପ୍ରତିକାର ଆଦି ବିଭିନ୍ନ ବିଷୟ ବିଷୟ ଉପରେ ଆଲୋଚନା କରାଯିବ। ଏହି କାର୍ଯ୍ୟକ୍ରମରେ ସଭାପତି ନାରଦ ପ୍ରସାଦ ସାହୁ, ଉପସଭାପତି ଚନ୍ଦ୍ରକାନ୍ତ ପୃଷ୍ଟି ଓ ଅନ୍ୟ କର୍ମକର୍ତ୍ତାମାନେ ଯୋଗ ଦେଇ ସମ୍ମିଳନୀକୁ ପରିଚାଳନା କରିବେ।

# ଭୋକ୍ସୱାଗନ୍ ଇଣ୍ଡିଆର 'ଆସ୍ୟୁର୍ଡ ବାଏବ୍ୟାକ୍ ପ୍ରୋଗ୍ରାମ

**ନୂଆ ଟାଇଗୁନ ଉପରେ ୭୫% ଗ୍ୟାରେଣ୍ଟେଡ୍ ରିସେଲ୍ ଭାଲ୍ୟୁ**

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ଭୋକ୍ସୱାଗନ ପକ୍ଷରୁ ନୂଆ ଟାଇଗୁନ ସହିତ ଆକର୍ଷଣୀୟ 'ଆସ୍ୟୁର୍ଡ ବାଏବ୍ୟାକ୍ ପ୍ରୋଗ୍ରାମ' ଆରମ୍ଭ କରାଯାଇଛି। ଏହି ଯୋଜନା ଅଧୀନରେ ଗ୍ରାହକମାନେ ସେମାନଙ୍କ ଗାଡ଼ିର ଏକ୍ସ- ଶୋ'ରୁମ୍ ମୂଲ୍ୟର ୭୫% ପର୍ଯ୍ୟନ୍ତ ରିସେଲ୍ ଭାଲ୍ୟୁ ପାଇପାରିବେ। ଏହି ସୁବିଧା ଗାଡ଼ି କିଣିବାର ୩ ବର୍ଷ କିମ୍ବା ୩୦,୦୦୦ କିଲୋମିଟର ବ୍ୟବହାର ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହି ନୂତନ ପ୍ରୋଗ୍ରାମ ମେ ୩୧ କରାଯାଇଥିବା ନୂଆ ଟାଇଗୁନ ବୁକିଂ ଉପରେ ଲାଗୁହେବ। ଭୋଲ୍‌କ୍ସୱାଗନ୍ ଇଣ୍ଡିଆ ପକ୍ଷରୁ ଭାରତୀୟ ବଜାରରେ ଶୁଭାରମ୍ଭ କରାଯାଇଥିବା ନୂଆ



ଟାଇଗୁନର ପ୍ରାରମ୍ଭିକ ମୂଲ୍ୟ ୧୦,୯୯,୯୦୦ ଟଙ୍କା (ଏକ୍ସ-ଶୋ'ରୁମ୍) ରଖାଯାଇଛି। ଏହି ନୂଆ ଟାଇଗୁନ ଏସ୍‌ୟୁଭିରେ ଗ୍ରାହକମାନଙ୍କୁ ପ୍ରାୟ ୪୦ଟି ନୂଆ ଅପ୍‌ଡେଟ୍ ଏବଂ ୯ଟି ରଙ୍ଗର ବିକଳ୍ପ ମିଳିବ। ଏହାସହ ଗାଡ଼ିରେ ୧.୦ ଲିଟର ଟିଏସ୍‌ଆଇ ପେଟ୍ରୋଲ ଇଞ୍ଜିନ ସହିତ ଏକ ନୂତନ ୮-ସ୍ପିଡ୍ ଅଟୋମାଟିକ୍ ଟ୍ରାନ୍ସମିସନ ମଧ୍ୟ ପ୍ରଦାନ କରାଯାଇଛି। ଏହି ଅବସରରେ ଭୋଲ୍‌କ୍ସୱାଗନ ପାସେଞ୍ଜର କାର୍ସ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ନୀତିନ୍ କୋହଲି କହିଛନ୍ତି, ଏହି ବାଏବ୍ୟାକ୍ ପ୍ରୋଗ୍ରାମ ହେଉଛି ଅଟୋମୋବାଇଲ୍ ଶିଳ୍ପ ଜଗତରେ ଆମ ପକ୍ଷରୁ ଆରମ୍ଭ କରାଯାଇଥିବା ଏକ ଅଗ୍ରଣୀ ପ୍ୟାକେଜ୍। ଏହା ଗ୍ରାହକଙ୍କ ମନରେ ଗାଡ଼ିର ମାଲିକାନା ପ୍ରତି ଆତ୍ମବିଶ୍ୱାସ ବଢ଼ାଇବା ସହ ସେମାନଙ୍କୁ ନୂଆ ଟାଇଗୁନ ଚୟନ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରିବ।

# ଅସିତ୍ ତ୍ରିପାଠୀ ଓଏସ୍‌ପିଏ ସଭାପତି

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ଓଡ଼ିଶା ଷ୍ଟିଲ୍ ଉତ୍ପାଦକ ସଂଘ (ଓଏସ୍‌ପିଏ)ର ନୂଆ ସଭାପତି ପଦରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କୁ ସର୍ବସମ୍ମତିରେ ନିର୍ବାଚିତ କରାଯାଇଛି। ବର୍ତ୍ତମାନ ସେ ଜିନ୍ଦଲ ଷ୍ଟିଲ୍ କମ୍ପାନୀର ଉପଦେଷ୍ଟା ଭାବେ କାମ କରୁଛନ୍ତ। ତାଙ୍କୁ ସଭାପତି କରିବା ଓଡ଼ିଶାର ଷ୍ଟିଲ୍ ଶିଳ୍ପକୁ ଆହୁରି ଶକ୍ତିଶାଳୀ କରିବ ବୋଲି କୁହାଯାଉଛି। ସଂଘର ସଦସ୍ୟମାନେ କହିଛନ୍ତି, ତାଙ୍କର ଅଭିଜ୍ଞତା ସଂଘକୁ ବହୁ ସାହାଯ୍ୟ କରିବ। ନିର୍ବାଚିତ ହେବା ପରେ ଅସିତ୍ ତ୍ରିପାଠୀ କହିଛନ୍ତି, ଓଡ଼ିଶା ଭାରତର ଷ୍ଟିଲ୍ ଉତ୍ପାଦନରେ ଆଗରେ ରହିଛି। ଏହି ସଂଘ ଷ୍ଟିଲ୍ କମ୍ପାନୀଗୁଡ଼ିକର ଏକ ଶକ୍ତିଶାଳୀ ସ୍ୱର ହେବ। ଆମେ ସରକାର



ଅସିତ୍ ତ୍ରିପାଠୀ

ସହ ମିଶି ଓଡ଼ିଶାରେ ଭଲ ଓ ଦାୟିତ୍ୱପୂର୍ଣ୍ଣ ଶିଳ୍ପ ବିକାଶ କରିବୁ। ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଏସ୍.କେ. ପୋପଲିଙ୍କୁ ମହାସଚିବ ଭାବେ ମନୋନୀତ କରିଛି। ଓଡ଼ିଶାର ୧୫ଟି ବଡ଼ ଷ୍ଟିଲ୍ କମ୍ପାନୀ ଯେମିତି ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁ, ଜିନ୍ଦଲ ଷ୍ଟେନ୍‌ଲେସ୍, ଆରତୀ ଷ୍ଟିଲ୍ ପ୍ରତିନିଧି ବୈଠକରେ ଉପସ୍ଥିତ ଥିଲେ।

# ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ମିନି ସାଇନ୍ସ ସେଣ୍ଟର ଉଦ୍‌ଘାଟିତ




**ଟେନସା,୧୬।୪(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍ ସାମାଜିକ ଦାୟିତ୍ୱବୋଧ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ଗୋଗୁଆ ସରକାରୀ ହାଇସ୍କୁଲରେ ବଡ଼ ଗୋଗୁଆ ଗ୍ରାମଠାରେ ଏକ ମିନି ସାଇନ୍ସ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ସାଇନ୍ସ ସେଣ୍ଟରକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟ ଅତିଥିଭାବେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଗ୍ରୁପ୍ ମୁଖ୍ୟ (ସିଏସ୍‌ଆର୍) ରିଷି ପଠାଣିଆ ମାନବ ସଭ୍ୟତାର ବିକାଶରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅପହଞ୍ଚ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ପହଞ୍ଚାଇବା ପାଇଁ ପ୍ରେରଣା ଯୋଗାଇଥିବାରୁ ଏହି ଅବସରରେ ପଠାଣିଆ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟ ଅତିଥିଭାବେ ଗୋଗୁଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ଯଶକୀର୍ତ୍ତନ ପ୍ରଧାନ, ଟେନସା ଜିନ୍ଦଲ ଖଣିର ୟୁନିଟ୍ ହେଡ୍ ଭରଦ୍ୱାଜ ରାଉତ , ସିଏସ୍‌ଆର୍ କଲଷ୍ଟର ହେଡ୍ ଭରଗିଲ ଲାକ୍ରା, ରାଜେଶ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ମିନି ସାଇନ୍ସ ସେଣ୍ଟରରେ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ୮୦ଟି ଭାରଭ ମଡେଲ ରହିଛି ।

# ନୟାପଲ୍ଲୀରେ ଆରମ୍ଭ ହେଲା ଡିପିଏନ୍‌ଜି ଯୋଗାଣ

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ଜାତୀୟ ପାଇପ୍‌ଡ ନାଚୁରାଲ ଗ୍ୟାସ୍ ଅଭିଯାନ ୨.୦ ଅଧୀନରେ ଭୁବନେଶ୍ୱରସ୍ଥିତ ଆଇଆର୍‌ସି ଭିଲେଜ ନୟାପଲ୍ଲୀର ଏନ୍-୬ ଅଞ୍ଚଳରେ ଘରୋଇ ପାଇପ୍ ପ୍ରାକୃତିକ ଗ୍ୟାସ୍ (ଡିପିଏନ୍‌ଜି) ଯୋଗାଣ ସଫଳତାର ସହ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିପିଏନ୍‌ଜି ଯୋଗାଣକୁ ଉଦ୍‌ଘାଟନ କରିବା ସହ ପିଏନ୍‌ଜିର ପ୍ରମୁଖ ସୁବିଧାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ସିଜିଡି ଏବଂ ଓଆଇସି ଜିଏମ୍ କୌଶିକ ଦାସ ଓ ଗେଲ୍ ସିଜିଡିର ଅନ୍ୟାନ୍ୟ ଅଧିକାରୀ ମଧ୍ୟ



ଯୋଗଦେଇଥିଲେ । ଏହି ଅବସରରେ ପାଇପ୍ ମାଧ୍ୟମରେ ପ୍ରାକୃତିକ ଗ୍ୟାସ୍‌ର ଘରୋଇ ଯୋଗାଣର ଉପକାରିତା ବିଷୟରେ କୌଶିକ ସ୍ଥାନୀୟ ଲୋକଙ୍କୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ ଏବଂ ସ୍ଥାନୀୟ ଅଞ୍ଚଳର ପ୍ରତ୍ୟେକ ଘରକୁ ଗ୍ୟାସ୍ ଯୋଗାଣ ପାଇଁ ଗେଲ୍‌ର ରୋଡ୍‌ମ୍ୟାପ୍ ପ୍ରଦର୍ଶନ କରିଥିଲେ ।

# ଶରତ କୁମାର ବିଓବିର ନୂତନ ଅଞ୍ଚଳ ମୁଖ୍ୟ

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଅଞ୍ଚଳର ନୂତନ ଅଞ୍ଚଳ ମୁଖ୍ୟ ଭାବେ ମହାପ୍ରବନ୍ଧକ ଶରତ କୁମାର ପାଣିଗ୍ରାହୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଭୁବନେଶ୍ୱର ଜୋନ୍‌ର ପ୍ରଥମ ଓଡ଼ିଆ ଅଧିକାରୀ ଭାବେ ଏହି ପଦବୀରେ ଅବସ୍ଥାପିତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହା ପୂର୍ବରୁ ସେ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ(ବ୍ୟବସାୟ ବିକାଶ) ବିଭାଗରେ ଉପ ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ। ପାଣିଗ୍ରାହୀ ୧୯୯୪ ମସିହାରେ ବ୍ୟାଙ୍କରେ ଯୋଗଦେଇ ୩୨ ବର୍ଷରୁ ଊର୍ଦ୍ଧ୍ୱ ସମୃଦ୍ଧ ଅଭିଜ୍ଞତା ହାସଲ କରିଛନ୍ତି। ତାଙ୍କ ଦୀର୍ଘ କ୍ୟାରିୟର ଅବଧିରେ ସେ ଓଡ଼ିଶା, ବିହାର, ଉତ୍ତର ପ୍ରଦେଶ, କର୍ନାଟକ, ଗୁଜରାଟ ଓ



ଶରତ କୁମାର ପାଣିଗ୍ରାହୀ

ମଧ୍ୟପ୍ରଦେଶ ସମେତ ଅନେକ ରାଜ୍ୟରେ କାର୍ଯ୍ୟ କରିଛନ୍ତି। ସେ ବ୍ୟାଙ୍କର ଦୁବାଇ ଓଭରସିଜ୍ ବ୍ରାଞ୍ଚରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ଶାଖା ସ୍ତରରେ ୨୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ସେ ଭୋପାଳ ଜୋନ୍ (ବ୍ୟବସାୟ ବିକାଶ) ବିଭାଗରେ ମଧ୍ୟ ଉପ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରିଥିଲେ ଏବଂ ବ୍ୟାଙ୍କର ବ୍ୟବସାୟିକ ଅଭିବୃଦ୍ଧିରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୭/୨୦୨୬ Bhubaneswar, Friday, April 17/ 2026

# ପଞ୍ଜାବର ଅପରାଜେୟ ଧାରା ଜାରି



ଶତକୀୟ ଭାଗୀଦାରି ଅବସରରେ ଶ୍ରେୟସ ଆୟାର ଓ ପ୍ରଭସିମରନ ସିଂ।

ମୁମ୍ବାଇ, ୧୬।୪

ପ୍ରଭସିମରନ ସିଂ ଓ ଅଧିନାୟକ ଶ୍ରେୟସ ଆୟାରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଗୁରୁବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ)କୁ ୭ ଉଇକେଟରେ ପରାସ୍ତ କରିଛି। କ୍ୱିଣ୍ଟନ ଡି' କକ୍‌ଙ୍କ ଅପରାଜିତ ଶତକ

## ଡି' କକ୍‌ଙ୍କ ଶତକ ନିଷ୍ଫଳ

ବଳରେ ମୁମ୍ବାଇ ଦ୍ୱାରା ପ୍ରଦତ୍ତ ୧୯୬ ରନର ଟାର୍ଗେଟକୁ ପଞ୍ଜାବ ୧୬.୩ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ପଞ୍ଚମ ମ୍ୟାଚ୍‌ରେ ଚତୁର୍ଥ ବିଜୟ ଓ ୯ ପଏଣ୍ଟ ସହ ପଞ୍ଜାବ ପଏଣ୍ଟ ଟେବୁଲ ଶୀର୍ଷକୁ ଉଠିଥିବା ବେଳେ ଏହା ମୁମ୍ବାଇର ଲଗାତର ଚତୁର୍ଥ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଆରମ୍ଭରୁ ଦୁଇ ଉଇକେଟ ହରାଇଥିଲା। ଏହାପରେ ନମନ ଧୀରଙ୍କ ସହ ଓପନର ଡି' କକ୍ ମିଶି ତୃତୀୟ ଉଇକେଟରେ ୧୧.୨ ଓଭରରେ ୧୨୨ ରନ କରିଥିଲେ। ଦୁଇ ବ୍ୟାଟରଙ୍କୁ ଆରମ୍ଭରୁ ପଞ୍ଜାବର ଫିଲ୍ଡରମାନେ ଥରେ ଲେଖାଏ ଜୀବନଦାନ ଦେଇଥିଲେ। ନମନ ୩୧ ବଲରେ ୫୦ (୩ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହେବା ପରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୧୪) ଓ ଶେର୍ଫାନେ ରଥରଫୋର୍ଡ (୧) ଫେଲ୍ ମାରିଥିଲେ। ହେଲେ ଡି' କକ୍ ଶତକ ପୂରଣ କରିବା ସହ ଦଳୀୟ ସ୍କୋରକୁ ୧୯୫/୬ରେ ପହଞ୍ଚାଇଥିଲେ। ଡି' କକ୍ ୬୦ ବଲରେ ୮ ଚୌକା ଓ ୭ ଛକା ସହିତ ୧୧୨ ରନ କରି ଅପରାଜିତ ରହିଥିଲେ। ପଞ୍ଜାବ ପାଇଁ ଅର୍ଶଦୀପ ୩ ଉଇକେଟ ନେଇଥିଲେ। ଜବାବରେ ପଞ୍ଜାବ ଆରମ୍ଭରୁ ଶସ୍ତାରେ ପ୍ରିୟାଂଶ ଆର୍ଯ୍ୟ (୧୫) ଓ କୁପର କନୋଲୀ (୧୭)ଙ୍କ ଉଇକେଟ ହରାଇଥିଲା। ଏହାପରେ ପ୍ରଭସିମରନ ଓ ଅଧିନାୟକ ଶ୍ରେୟସ ଆୟାର ତୃତୀୟ ଉଇକେଟରେ ୬୬ ବଲରେ ଦ୍ରୁତ ୧୩୯ ରନର ଭାଗୀଦାରି କରି ଦଳର ବିଜୟ ନିଶ୍ଚିତ କରିଥିଲେ। ଫଳରେ ପଞ୍ଜାବ ୧୬.୩ ଓଭରରେ ୩ ଉଇକେଟ ହରାଇ ୧୯୮ ରନ କରିନେଇଥିଲା। ଅଧିନାୟକ ଶ୍ରେୟସ ୩୫ ବଲରେ ୬୬ (୫ ଚୌକା ଓ ୪ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ପ୍ରଭସିମରନ ୩୯ ବଲରେ ୧୧ ଚୌକା ଓ ୨ ଛକା ସହାୟତାରେ ୮୦ ରନ କରି ଅପରାଜିତ ରହିଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଗୁଜରାଟ
ବନାମ କୋଲକାତା
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୯୫/୬ (କ୍ୱିଣ୍ଟନ ଡି' କକ୍-୧୧୨*, ନମନ ଧୀର-୫୦, ଅର୍ଶଦୀପ ସିଂ-୩/୨୨, ଶଶାଙ୍କ ସିଂ-୧/୧୯)। ପଞ୍ଜାବ କିଙ୍ଗ୍ସ: ୧୬.୩ ଓଭରରେ ୧୯୮/୩ (ପ୍ରଭସିମରନ ସିଂ-୮୦*, ଶ୍ରେୟସ ଆୟାର-୬୬, ଆଲା ଗଜନାଫର-୨/୩୧)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୫ | ୪ | ୦ | ୧ | ୯ | +୧.୦୬୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୫ | ୪ | ୧ | ୦ | ୮ | +୧.୫୦୩ |
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୦ | ୮ | +୦.୮୮୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୨ | ୩ | ୦ | ୪ | +୦.୫୭୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ ଟାଇଟନ୍ସ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୨ | ୩ | ୦ | ୪ | -୦.୮୦୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୨ | ୩ | ୦ | ୪ | -୦.୮୪୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୦ | ୨ | -୧.୦୭୬ |
| ନାଇଟ ରାଇଡର୍ସ | ୫ | ୦ | ୪ | ୧ | ୧ | -୧.୩୮୫ |

# ଭାରତରୁ ପ୍ରତିନିଧିତ୍ୱ କରିବେ ସୁବ୍ରତ

ଭୁବନେଶ୍ୱର, ୧୬।୪ (ତପନ ସ୍ୱାଇଁ)

ଓଡ଼ିଶାର କ୍ୟୁ ସ୍ପୋର୍ଟ୍ସ ତାରକା ସୁବ୍ରତ ଦାସ ଆଗାମୀ ଆଇବିଏସ୍ଏଫ୍ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ଆୟର୍ଲାଣ୍ଡର କାର୍ଲୋଠାରେ ଚଳିତ ମାସ ୨୪ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିଲାଗି ସୁବ୍ରତ ଗୁରୁବାର ଆୟର୍ଲାଣ୍ଡରେ ପହଞ୍ଚିଛନ୍ତି।

**ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନଶିପ୍**

କାରଣ ବିଶ୍ୱ ପ୍ରତିଯୋଗିତା ଲାଗି ଭଲଭାବେ ପ୍ରସ୍ତୁତ ହେବାକୁ ସୁବ୍ରତ ତା' ପୂର୍ବରୁ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଆଇରିଶ୍ ଓପନ ବିଲିୟାର୍ଡ୍ସରେ ଭାଗନେବେ। ଏହାପରେ ସେ ମକାଓ ୱାର୍ଲ୍ଡ ମ୍ୟାଚପ୍ଲେ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ (ପଏଣ୍ଟ ଫର୍ମାଟ)ରେ ଖେଳିବେ। ଏହା ଆସନ୍ତା ୨୦ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଦୁଇ ପ୍ରତିଯୋଗିତା ପରେ ସୁବ୍ରତ ଟାଇମ୍ ଫର୍ମାଟ ବିଶିଷ୍ଟ ବିଶ୍ୱ ଚାମ୍ପିୟନଶିପ୍‌ରେ ଅବତୀର୍ଣ୍ଣ ହେବେ। ଏଥିରେ ପଙ୍କଜ ଆଡଭାନୀ, ସୌରଭ କୋଠାରି, ଧ୍ରୁବ ସିତ୍‌ୱାଲା, ସିଦ୍ଧାର୍ଥ ପାରିଖ, ଆଲୋକ କୁମାର, ରାୟାନ ରାଜମି, ରୂପେଶ ଶାହା, ଧ୍ୱଜ ହରିଆ ପ୍ରମୁଖ ଶୀର୍ଷସ୍ଥାନୀୟ ଖେଳାଳିମାନେ ଅଂଶଗ୍ରହଣ କରିବେ।



ସୁବ୍ରତ ଦାସ

# ନିଷିଦ୍ଧ ପଦାର୍ଥ ସେବନକୁ ଅପରାଧ ଘୋଷଣା କରାଯିବ: କ୍ରୀଡ଼ାମନ୍ତ୍ରୀ

ନୂଆଦିଲ୍ଲୀ, ୧୬।୪ (ପିଟି)

ଆଥଲେଟ୍‌ଙ୍କ ପ୍ରଦର୍ଶନ ବୃଦ୍ଧି ଲାଗି ଉଦ୍ଦିଷ୍ଟ ନିଷିଦ୍ଧ ପଦାର୍ଥ ସେବନ ଓ ଚାଲାଣକୁ ଅପରାଧ ଘୋଷିତ କରିବା ଦିଗରେ କେନ୍ଦ୍ର ସରକାର ଏକ ଆଇନ ଆଣିବା ଦିଗରେ କାର୍ଯ୍ୟ କରୁଛନ୍ତି। ଏଠାରେ ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି (ୱାଡା)ର ଗ୍ଲୋବାଲ ଆଣ୍ଟି-ଡୋପିଂ ଇଣ୍ଟେଲିଜେନ୍ସ ଆଣ୍ଡ ଇନ୍ଭେଷ୍ଟିଗେଶନ ନେଟୱର୍କ (ଜିଏଆଇଆଇଏନ୍) ଅନ୍ତିମ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏହା କହିଛନ୍ତି। ଗତ ୩ ବର୍ଷ ହେଲା ଭାରତର ଡୋପ ଆପରାଧିକ ସଂଖ୍ୟା ବିଶ୍ୱରେ ସର୍ବାଧିକ ରହିଛି। ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ କରିବାକୁ ଅଭିଳାଷ ରଖିଥିବାରୁ ଭାରତକୁ ଡୋପ ସମସ୍ୟା ପ୍ରତି କଠୋର ଆଭିମୁଖ୍ୟ ଆପଣେଇବାର ଆବଶ୍ୟକତା ରହିଛି।

ଆମେ ଆଥଲେଟ୍‌ଙ୍କ ସପୋର୍ଟ ଷ୍ଟାଫ କିମ୍ବା ନିଷିଦ୍ଧ ପଦାର୍ଥ ସେବନ ଓ ଚାଲାଣରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ଲାଗି ଏକ ଆପରାଧିକ ବ୍ୟବସ୍ଥା ଆଣିବା ଉପରେ କାର୍ଯ୍ୟ କରୁଛୁ। ଡୋପିଂ ବର୍ତ୍ତମାନ କେବଳ ବ୍ୟକ୍ତିଗତ ସମସ୍ୟା ହୋଇ ରହିନାହିଁ, ଏହା ଏକ ସଂଗଠିତ ବହୁ ଦେଶୀୟ ଉଦ୍ୟୋଗ। ଭାରତ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ହବ୍ ହେଉଥିବା ବେଳେ ଡୋପିଂର ଭୟ କ୍ରୀଡ଼ାକୁ ଦୁର୍ବଳ କରୁଛି। ନିୟମ ଯଥେଷ୍ଟ ନୁହେଁ। କ୍ରୀଡ଼ାର ମୂଳ ହେଉଛି ନୀତିଶାସ୍ତ୍ର ଓ ମୂଲ୍ୟବୋଧତା। କିନ୍ତୁ ପ୍ରତିଯୋଗିତାକୁ ନେଇ ବୃଦ୍ଧି ପାଉଥିବା ଚାପ ଡୋପିଂକୁ ପ୍ରୋତ୍ସାହିତ କରୁଛି। ଭାରତ କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିବା ସହ ସଚ୍ଚୋଟତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ଲାଗି ପ୍ରତିବଦ୍ଧ ବୋଲି ମାଣ୍ଡବ୍ୟ କହିଛନ୍ତି।



ନିକଟରେ ଶ୍ରୀଲଙ୍କାରେ ଅନୁଷ୍ଠିତ ସାଉଥ ଏସିଆ ଜୁ ଜିତସୁ ପ୍ରତିଯୋଗିତାରେ ୪ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ହାସଲ କରିଥିବା ଓଡ଼ିଶାର ଖେଳାଳିଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ସଚିବ ଭୂପେନ୍ଦ୍ର ସିଂ ପୁନିଆ ଓ ନିର୍ଦ୍ଦେଶକ ଡ. ଯଦୁଲା ବିଜୟ ସମ୍ବର୍ଦ୍ଧିତ କରିଛନ୍ତି।

## ଜୟ ଶାହା ୟଙ୍ଗ୍ ଗ୍ଲୋବାଲ ଲିଡର୍ସ କ୍ଲାସ ଅଫ୍ ୨୦୨୬

**ନୂଆଦିଲ୍ଲୀ, ୧୬।୪ (ପି.ଟି.):** ବିଶ୍ୱ କ୍ରିକେଟର ଭବିଷ୍ୟତ ଗଠନରେ ତାଙ୍କ ଭୂମିକାକୁ ସ୍ୱୀକୃତି ଦେବାକୁ ଯାଇ ବିଶ୍ୱ ଅର୍ଥନୈତିକ ଫୋରମ ଆଇସିସି ଚେୟାରମ୍ୟାନ ଜୟ ଶାହାଙ୍କୁ ୨୦୨୬ର ୱାର୍ଲ୍ଡ ଇକୋନୋମିକ୍ ଫୋରମ ଦ୍ୱାରା ୟଙ୍ଗ୍ ଗ୍ଲୋବାଲ ଲିଡର୍ସ କ୍ଲାସ ଭାବେ ମନୋନୀତ କରିଛି। ଶାହା ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସର୍ବ କନିଷ୍ଠ ସମ୍ପାଦକ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ଆଇପିଏଲ୍ ପରିଚାଳନା, ମହିଳା କ୍ରିକେଟର ଅଭିବୃଦ୍ଧି ଓ ପ୍ରମୁଖ ମିଡିଆ ଅଧିକାର ଚୁକ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୨୮ ଲସଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯିବାରେ ମଧ୍ୟ ତାଙ୍କର ବଡ଼ ଭୂମିକା ରହିଛି। ଶାହାଙ୍କ ଚୟନ କ୍ରିକେଟ ପ୍ରଶାସନରେ ତାଙ୍କର ବଢୁଥିବା ତାଙ୍କ ପ୍ରଭାବକୁ ସ୍ପଷ୍ଟ କରେ। ଆଇସିସିର ଚେୟାରମ୍ୟାନ ଭାବେ ସେ ଅନ୍ତର୍ଜାତୀୟ କ୍ରିକେଟ ପ୍ରଶାସନରେ ତାଙ୍କ ପ୍ରଭାବ ଜାହିର କରିପାରିଛନ୍ତି।

# ଖୁସିଙ୍କ ଅର୍ଦ୍ଧଶତକ: ଢେଙ୍କାନାଳ ବିଜୟୀ

କଟକ, ୧୬।୪ (କୁମାରଶ୍ରୀ)

ଓସିଏ ଆନୁକୂଲ୍ୟରେ ଆନ୍ତଃଜିଲା ମହିଳା ଟି୨୦ ଟୁର୍ଣ୍ଣାମେଣ୍ଟ ଗୁରୁବାରଠାରୁ ଆରମ୍ଭ ହୋଇଛି। ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଢେଙ୍କାନାଳ ୯ ଉଇକେଟରେ ଝାରସୁଗୁଡାକୁ ପରାସ୍ତ କରି ପ୍ରତିଯୋଗିତାରେ ଅଭିଯାନ ଆରମ୍ଭ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡା ଅଲିସା ଚୌହାନଙ୍କ ୪୪ରନ ସହାୟତାରେ ୮ ଉଇକେଟ ବିନିମୟରେ ୧୦୪ରନ ସଂଗ୍ରହ କରିଥିଲା। ଢେଙ୍କାନାଳର ପୁଣ୍ୟଶ୍ରୀ ମିଶ୍ର ୨ଟି ଉଇକେଟ ଦଖଲ କରିଥିଲେ। ତେବେ ୧୮.୨ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ଢେଙ୍କାନାଳ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଖୁସି ମୁଖୀ ୬୩ରନର ଅପରାଜିତ ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ପାଳି ଖେଳି ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗୁରୁବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡିକରେ ଭୁବନେଶ୍ୱର ୪୫ରନରେ ବାଲେଶ୍ୱରକୁ, ଖୋର୍ଦ୍ଧା ୭ ଉଇକେଟରେ କେନ୍ଦ୍ରାପଡାକୁ, ସୋନପୁର ୧୦୯ରନରେ ପାରାଦୀପକୁ, ଯାଜପୁର ୭ ଉଇକେଟରେ ସମ୍ବଲପୁରକୁ ଏବଂ ପୁରୀ ୮ ଉଇକେଟରେ ବୌଦ୍ଧକୁ ପରାସ୍ତ କରିଛି।

# ଆଜି କଳିଙ୍ଗରେ ମହମ୍ମଡାନ-ଓଡ଼ିଶା ଏଫ୍‌ସି ମ୍ୟାଚ୍

ଭୁବନେଶ୍ୱର, ୧୬।୪ (ଅନାଦି କର)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ମହମ୍ମଡାନ ଏସ୍‌ସି ମଧ୍ୟରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଏଫ୍‌ସି ସମ୍ପୂର୍ଣ୍ଣ ୩ ପଏଣ୍ଟ ହାତେଇବାକୁ ଲକ୍ଷ୍ୟ ରଖିଥିବା କ୍ଲବ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି।

ଲଗାତର ଦୁଇ ପରାଜୟ ସତ୍ତ୍ୱେ ଦଳୀୟ ଖେଳାଳିଙ୍କ ମଧ୍ୟରେ ଭଲ ପ୍ରଦର୍ଶନ କରିବା ଲାଗି ଉତ୍ସାହ ରହିଛି। ଗତ ମ୍ୟାଚ୍‌ରେ ଏଫ୍‌ସି ଗୋଆଠାରୁ ୩-୧ରେ ପରାଜିତ ହୋଇଥିବା ବେଳେ ମୁମ୍ବାଇ ସିଟିଠାରୁ ଅଳ୍ପକେ ୧-୦ ଗୋଲରେ ପରାସ୍ତ ହୋଇଥିଲୁ। ଗତ ଏକ ସପ୍ତାହରେ ଦଳୀୟ ଖେଳାଳିଙ୍କୁ ଟ୍ରେନିଂ କରିବାକୁ ଯଥେଷ୍ଟ ସମୟ ମିଳିଥିଲା। ଯଦି ସବୁ କିଛି ଠିକ୍ ରୁହେ, ଆମେ ଅଧିକରୁ ଅଧିକ ଗୋଲ କରି ମ୍ୟାଚ୍ ଜିତିବୁ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ଟି. ଜି. ପୁରୁଷୋଥମନ କହିଛନ୍ତି। ଏଥିସହିତ ସେ ପ୍ରକାଶ କରିଛନ୍ତି ଯେ, ପ୍ରତିପକ୍ଷ ଦଳ ଏପର୍ଯ୍ୟନ୍ତ ଖାତା ଖୋଲି ନ ଥିବାରୁ ଆମେ ଅଧିକ ଆତ୍ମବିଶ୍ୱାସୀ ହୋଇପାରିବୁ ନାହିଁ। ଏଠାରେ ସମସ୍ତ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆସିଛନ୍ତି। ଏଣୁ ଏକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍ ହେବ ବୋଲି ଆଶା ରଖିଛୁ। ଏହି ଅବସରରେ ଖେଳାଳି ସି. ଭାନଲାଲଜୁଇଡିକା ଉପସ୍ଥିତ ଥିଲେ। ଓଡ଼ିଶା ଏଫ୍‌ସି ଏବେ ୬ ମ୍ୟାଚ୍‌ରୁ ୧ ବିଜୟ, ୨ ଡ୍ର' ଓ ୨ ପରାଜୟରୁ ୫ ପଏଣ୍ଟ ସହ ୧୧ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ମହମ୍ମଡାନ ଏସ୍‌ସି ୭ ମ୍ୟାଚ୍‌ରେ ୭ ପରାଜୟ ସହ ପଏଣ୍ଟ ଟେବୁଲର ୧୪ତମ ସ୍ଥାନରେ ରହିଛି।



ସି. ଭାନଲାଲଜୁଇଡିକାଙ୍କ ସହ କୋଚ୍ ଟି. ଜି. ପୁରୁଷୋଥମନ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ Business queries: <advt@dharitri.com>

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୭/୨୦୨୬ (୧୨+୮=୨୦ ପୃଷ୍ଠା) | Bhubaneswar, Friday, April 17/2026 | Page 20 | ₹ 7.00

୫୨ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 142 | ମୂଲ୍ୟ ₹୭/-



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ପୁରୀ ସୁଭାଷ ବୋଷ ଛକଠାରେ ନାରୀ ଶକ୍ତି ବନ୍ଦନ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଅବସରରେ ସେ ନାରୀ ଶକ୍ତି ବନ୍ଦନ ରଥକୁ ଶୁଭାରମ୍ଭ କରିଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ମତଦାନକୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ

**ଦେଶରେ ମତଦାନକୁ ବାଧ୍ୟତାମୂଳକ କରିବା ଲାଗି ନିର୍ଦ୍ଦେଶ ଦେବା ନିମନ୍ତେ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ଶୁଣାଣି କରିବା ପାଇଁ ସୁପ୍ରିମକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି। କୋର୍ଟ କହିଛନ୍ତି ଯେ, ଗଣତନ୍ତ୍ର ଜନସଚେତନତା ଉପରେ ନିର୍ଭର କରେ, ଆଇନଗତ ଚାପ ବା ଜବରଦସ୍ତି ଉପରେ ନୁହେଁ। ମତଦାନ କରିବା ଏକ ନୈତିକ କର୍ତ୍ତବ୍ୟ ହୋଇପାରେ, କିନ୍ତୁ ଏହାକୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ। ଯଦି ଜଣେ ଗରିବ ଲୋକ ଭୋଟ ଦେବା ପାଇଁ ଧାଡ଼ିରେ ନ ଠିଆ ହୋଇ ନିଜର ପରିବାର ପ୍ରତିପୋଷଣ ପାଇଁ ମଜୁରି ଖଟିବାକୁ ଯାଏ, ତେବେ ତାଙ୍କୁ ଦଣ୍ଡିତ କରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଖଣ୍ଡପୀଠ କହିଛନ୍ତି।**



**ନୂଆଦିଲ୍ଲୀ,୧୬।୪(ପି.ଟି.)**

ଦେଶରେ ମତଦାନକୁ ବାଧ୍ୟତାମୂଳକ କରିବା ଭଳି ଏକ ଆଦେଶ ନୀତିଗତ କ୍ଷେତ୍ର ପରିସରରେ ଆସୁଥିବାରୁ ନ୍ୟାୟପାଳିକା ଏଥିରେ ହସ୍ତକ୍ଷେପ କରିପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିପାଇଁ ଆବେଦନକାରୀ ଅଜୟ ଗୋଏଲଙ୍କୁ ଷ୍ଟେକ୍‌ହୋଲ୍ଡରମାନଙ୍କ ପାଖରେ ପହଞ୍ଚିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଜାଣିଶୁଣି ଭୋଟ ଦେଉ ନ ଥିବା ଲୋକଙ୍କ ପାଇଁ ଦଣ୍ଡବିଧାନ ବ୍ୟବସ୍ଥା କରିବା ଏବଂ ଭୋଟିଂକୁ ବାଧ୍ୟତାମୂଳକ କରିବା

### ପିଆଇଏଲ୍ ଶୁଣାଣି ପାଇଁ ଗ୍ରହଣ କଲେନି ସୁପ୍ରିମକୋର୍ଟ

ନିମନ୍ତେ ପିଟିଶନ୍‌ରେ ନିବେଦନ କରାଯାଇଥିଲା। ଭୋଟଦାନରୁ ଜାଣିଶୁଣି ବିରତ ରହୁଥିବା ଲୋକଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରାଇବା ପାଇଁ ଗାଇଡ୍‌ଲାଇନ ଜାରି କରିବାକୁ ମଧ୍ୟ ଆବେଦନକାରୀ ନିବେଦନ କରିଥିଲେ। ତେବେ ଏହି ମାମଲା ଅଦାଲତ ଦ୍ୱାରା ବିଚାର କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ସିଜେଆଇ କହିଛନ୍ତି, ଗଣତନ୍ତ୍ର କେବଳ ଆଇନଗତ କଟକଣା ଦ୍ୱାରା ନୁହେଁ ବରଂ ସଚେତନତା ମାଧ୍ୟମରେ ସୁଦୃଢ଼ ହୋଇଥାଏ। ଦେଶ ୭୫ ବର୍ଷ ହେଲା ଆଇନର ଶାସନ ଦ୍ୱାରା ଶାସିତ ହୋଇ ଆସୁଛି ଓ ଗଣତନ୍ତ୍ରରେ ବିଶ୍ୱାସ ରଖିଛି, ଯେଉଁଠି ଆମକୁ କିପରି ଏଥିରେ ଆସ୍ଥା ଓ ବିଶ୍ୱାସ ରଖିବାକୁ ହେବ, ତାହା ଦର୍ଶାଯାଇଛି। ସମସ୍ତେ ଭୋଟ ଦେବା ଆଶା କରାଯାଏ। ଯଦି କେହି ଭୋଟ ଦେବାକୁ ନ ଯାଆନ୍ତି, ତେବେ ନ ଯାଆନ୍ତୁ। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି, କାହାକୁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ସିଜେଆଇ କହିଛନ୍ତି।

# ସୋନପୁରରେ ନାବାଳିକାଙ୍କୁ ଗଣବଳାତ୍କାର, ୨ ଅଟକ

**ସୋନପୁର,୧୬।୪**
**(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ସହରସ୍ଥିତ ମହାନଦୀ କୂଳରେ ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ପଡାରେ ଦଣ୍ଡନୃତ୍ୟ ଚାଲିଥିବାବେଳେ ୨ଜଣ ଯୁବକ ନାବାଳିକାଙ୍କୁ ଘରୁ ଡାକି ନେଇ ବଳାତ୍କାର କରିଛନ୍ତି। ନାବାଳିକାଙ୍କ ବାପା ଏ ନେଇ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ଘଟଣାରେ ସମ୍ପୃକ୍ତ ସୁବର୍ଣ୍ଣପୁର ସହର ଝୁପୁଡିପଡାର ୨ ଯୁବକଙ୍କୁ ଧରିଛି। ଉଭୟଙ୍କୁ ଅଟକ ରଖି ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରାଯାଉଛି। ଗୁରୁବାର ପୀଡିତା ଓ ୨ ଅଭିଯୁକ୍ତଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ପରୀକ୍ଷା କରାଯାଇଛି। ପୀଡିତାଙ୍କର ବୟସ ୧୪ ବର୍ଷ। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଶୁକ୍ରବାର ୨ ଯୁବକଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ଏସ୍‌ଆଇ ସସ୍ମିତା ଭୂତିଆ ମାମଲାର ତଦନ୍ତ କରୁଛନ୍ତି।

# ଇସ୍ରାଏଲ୍-ଲେବାନନ୍ ୧୦ ଦିନିଆ ଅସ୍ତ୍ରବିରତି

**କାଏରୋ,୧୬।୪(ଏ.ପି.)**

ଇସ୍ରାଏଲ୍ ଓ ଲେବାନନ୍ ମଧ୍ୟରେ ୧୦ ଦିନିଆ ଅସ୍ତ୍ରବିରତି ନେଇ ସହମତି ପ୍ରକାଶ ପାଇଥିବା ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ଉଲ୍ଲେଖ କରିଛନ୍ତି, ଇସ୍ରାଏଲ୍ ଓ ଲେବାନନ୍ ମଧ୍ୟରେ ସନ୍ଧ୍ୟା ୫ଟା (ଇଷ୍ଟର୍ନ ଟାଇମ୍) ଭାରତୀୟ ସମୟ ଶୁକ୍ରବାର ଭୋର ୩ଟା ୩୦ରୁ ଅସ୍ତ୍ରବିରତି ଲାଗୁ ହେବ। ଲେବାନନ୍ ରାଷ୍ଟ୍ରପତି ଜୋସେଫ୍ ଅଉନ୍ ଏବଂ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ଆଲୋଚନା ପରେ ଉଭୟ ପକ୍ଷ ୧୦ ଦିନିଆ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରିଛନ୍ତି। ଇରାନ୍ ସମର୍ଥିତ ଆତଙ୍କବାଦୀ ସଙ୍ଗଠନ ହେଜ୍‌ବୋଲ୍ଲା ଓ ଇରାନ୍ ମଧ୍ୟରେ ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଯୁଦ୍ଧ ଲାଗି ରହିବା ପରେ ଏହି ସନ୍ଧି ହୋଇଛି। ଏଥିପାଇଁ ଟ୍ରମ୍ପ ଉଭୟ ଦେଶକୁ ହ୍ୱାଇଟ୍ ହାଉସ୍‌କୁ ନିମନ୍ତ୍ରଣ କରିଛନ୍ତି। ୧୯୮୩ ପରେ ଦୁଇଦେଶର ନେତା ପ୍ରଥମ ଥର ପାଇଁ ଶାନ୍ତି ଆଲୋଚନା କରିବାକୁ ଯାଉଛନ୍ତି। ଦୀର୍ଘକାଳୀନ ଶାନ୍ତି ପ୍ରତିଷ୍ଠା ଦିଗରେ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଟ୍ରମ୍ପ ନିର୍ଦ୍ଦେଶ ଦେଇଥିବା ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି।

# ୪୩.୭ ଡିଗ୍ରୀ ସହ ଟିଟିଲାଗଡ଼ ସବୁଠୁ ଉତ୍ତପ୍ତ

**ଭୁବନେଶ୍ୱର,୧୬।୪**
**(ଅନୁରାଧା ମହାରଣା)**

ରାଜ୍ୟରେ ପାରଦ ଉପରମୁହାଁ ହୋଇଥିବାବେଳେ ଗରମ ଓ ଗୁଳୁଗୁଳି ବଢ଼ି ଚାଲିଛି। ଗୁରୁବାର ୧୨ ସହରରେ ତାପମାତ୍ରା ୪୦ ଡିଗ୍ରୀ ଟପିଥିବାବେଳେ ୪୩.୭ ଡିଗ୍ରୀ ସହ ଟିଟିଲାଗଡ଼ ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଏହା ପଛକୁ ଝାରସୁଗୁଡ଼ାରେ ୪୩.୬ ଡିଗ୍ରୀ, ଭବାନୀପାଟଣାରେ ୪୨.୫, ସମ୍ବଲପୁର, ହୀରାକୁଦ ଓ ବଲାଙ୍ଗୀରରେ ୪୨.୨, ସୁନ୍ଦରଗଡ଼ ଓ ରାଉରକେଲାରେ ୪୧.୫ ଡିଗ୍ରୀ, ସୋନପୁରରେ ୪୦.୬ ଏବଂ ବୌଦ୍ଧରେ ୪୦.୩ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ଆଗାମୀ ଦିନରେ ତାପମାତ୍ରା ଆହୁରି ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ଖରା ଓ ଗୁଳୁଗୁଳି ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଅପରାହ୍ନରେ କାଳବୈଶାଖୀ ନେଇ ପ୍ରାୟ କଟକ, ପୁରୀ, ଖୋର୍ଦ୍ଧା ସମେତ ୧୬ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।

# ୭ ଘଣ୍ଟା ଚାଲିଲା ଭିତର ରତ୍ନଭଣ୍ଡାର ଗଣତି

- **ମୁଣା ଉପରେ ପିତ୍ତଳ ଟ୍ୟାଗ୍ ଲଗାଯାଇ ୧୯୭୮ ଓ ୨୦୨୬ ମସିହା ଲେଖାହେଉଛି**
- **ଗଣତି ପୂର୍ବରୁ ଦର୍ଶନବେଳେ ବଡ଼ଠାକୁରଙ୍କ ମାଳ ଛିଣ୍ଡିଥିଲା: ଜଷ୍ଟିସ୍ ବିଶ୍ୱନାଥ ରଥ**

**ପୁରୀ,୧୬।୪ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତି କାର୍ଯ୍ୟ ଗତ ୨ଦିନ ଧରି ବନ୍ଦ ରହିବା ପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଗୁରୁବାର ପୁନର୍ବାର ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟର ଦ୍ୱିତୀୟ ଦିନରେ ରତ୍ନଭଣ୍ଡାର ତଦାରଖ କମିଟିର ସଦସ୍ୟମାନେ ପାରମ୍ପରିକ ପୋଷାକ ପିନ୍ଧି ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ମହାପ୍ରଭୁ ଓ ପାର୍ଶ୍ୱ ଦେବଦେବୀଙ୍କ ଆଶିଷ ନେବା ପରେ ଭିତର ରତ୍ନଭଣ୍ଡାରକୁ ଯାଇଥିଲେ। ସମସ୍ତଙ୍କୁ ଯାଞ୍ଚ କରାଯାଇଥିଲା। ପ୍ରାୟ ୭ଘଣ୍ଟା ଧରି ଗଣତି ହୋଇଥିବା ସୂଚନା ମିଳିଛି।

ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ବୁଧବାର ନୀତି ବହୁଳତା ଥିଲା, ତେଣୁ ଗୁରୁବାର ଗଣତି କାର୍ଯ୍ୟରେ ବିଳମ୍ବ ହୋଇଥିଲା। ତଥାପି ୭ଘଣ୍ଟା ଧରି ଗଣତି ଚାଲିଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଟ୍ରେଜେରିରୁ ଆସିଥିବା ଚାବି ଦ୍ୱାରା ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା। ୧୯୭୮ ମସିହା ତାଲିକାକୁ ମେଳକ କରାଯାଇଥିଲା। ମାର୍ଗଦର୍ଶିକା ଅନୁଯାୟୀ ସୁଚାରୁରୂପେ କାର୍ଯ୍ୟ କରାଯାଉଛି। ୧୯୭୮ ମସିହା ତାଲିକାରେ ଯେଉଁ କ୍ରମିକ ନମ୍ବର ସୂଚିତ ହୋଇଛି, ତାହା ବର୍ତ୍ତମାନ ମେଳକ କରିବାରେ ସହାୟକ ହେଉଛି। କାର୍ଯ୍ୟ ସମୟ ସାପେକ୍ଷ। ସମସ୍ତ କାର୍ଯ୍ୟ ବ୍ୟବସ୍ଥିତ ଭାବେ ହେଉଛି। ପୂର୍ଣ୍ଣାଙ୍ଗ ତାଲିକା ପ୍ରକାଶ ପାଇବା ପରେ ପରିଚାଳନା କମିଟି ନିଷ୍ପତ୍ତି ଅନୁସାରେ ସୂଚନା ପ୍ରଦାନ କରାଯିବ। ଅଳଙ୍କାର ଚିହ୍ନଟ କରାଯିବା ପରେ ତାହାକୁ ଫଟୋଗ୍ରାଫି, ଭିଡିଓଗ୍ରାଫି ଓ ଥ୍ରିଡି ମ୍ୟାପିଂ ସହ ଓଜନ ମାପ କରାଯାଉଛି। ସୁନାକୁ ହଳଦିଆ କନା, ରୁପାକୁ ସିଲ୍‌ଭର କନା ଏବଂ ଅନ୍ୟ ପଦାର୍ଥକୁ ନାଲି କନାରେ ଗୁଡ଼ାଇ ଷ୍ଟିଲ ବାକ୍ସରେ ରଖାଯାଇ ସିନ୍ଧୁକରେ ରଖାଯାଉଛି। ମୁଣା ଉପରେ ପିତ୍ତଳର ଟ୍ୟାଗ୍ ଲଗାଯାଇ ସେଥିରେ ୧୯୭୮ ଓ ୨୦୨୬ ମସିହାର ଟ୍ୟାଗ୍ ଲେଖାହେଉଛି। ଫଳରେ ପରବର୍ତ୍ତୀ ସମୟରେ ଗଣତି ସମୟରେ ସହଜ ହେବ। ଗଣତି ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରାଯାଇ ଚାବିକୁ ଜିଲା ଟ୍ରେଜେରିରେ ରଖାଯାଇଛି। ୧୮ ତାରିଖ ପର୍ଯ୍ୟନ୍ତ ଗଣତି ଚାଲିବ। ପରେ ବାହାର ଚନ୍ଦନଯାତ୍ରା ସମୟରେ ଏହି ପ୍ରକ୍ରିୟା କିଛି ସମୟ ପାଇଁ ବନ୍ଦ ରହିବ। ପରେ ସମସ୍ତଙ୍କ ସହ ଆଲୋଚନା କରାଯାଇ ଗଣତି କାର୍ଯ୍ୟ ହେବ ବୋଲି ଡ. ପାଢ଼ୀ କହିଛନ୍ତି। ସେହିପରି ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି, ଗଣତି କାର୍ଯ୍ୟ ପୂର୍ବରୁ ଦର୍ଶନ କରୁଥିବା ସମୟରେ ବଡ଼ଠାକୁରଙ୍କ ମାଳ ଛିଣ୍ଡିଥିଲା, ଯାହା ଶୁଭ ସଙ୍କେତ। ଗତଥର ମା' ସୁଭଦ୍ରାଙ୍କ ମାଳ ଛିଣ୍ଡିଥିଲା। ତେଣୁ ମହାପପ୍ରଭୁଙ୍କ ଆଶୀର୍ବାଦ ରହିଛି। ଗୁରୁବାର ଅପରାହ୍ନ ୧୨ଟା ୫ରେ ଭିତରେ ପ୍ରବେଶ କରି ସନ୍ଧ୍ୟା ୭ଟା ୧୫ରେ ବାହାରିଲୁ। ୧୯୭୮ ମସିହାର ମେଳକ ସହ ବର୍ତ୍ତମାନର ମେଳକ ଠିକ୍ ହେଉଛି ବୋଲି ଜଷ୍ଟିସ୍ ରଥ କହିଛନ୍ତି।

# ୨୨ରେ ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର,୧୬।୪**
**(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ୨୨ତାରିଖ ବୁଧବାର ରାଜ୍ୟ ମନ୍ତ୍ରିମଣ୍ଡଳର ୩୯ତମ ବୈଠକ ତଥା ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ବୈଠକରେ ୭ରୁ ଊର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବାକୁ ରହିଛି। ଏସଂକ୍ରାନ୍ତରେ ଗୁରୁବାର ପୂର୍ବାହ୍ନରେ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ସବୁ ମନ୍ତ୍ରୀ ଓ ମୁଖ୍ୟଶାସନ ସଚିବଙ୍କୁ ଅବଗତ କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ରାଜସ୍ୱ,ବିଦ୍ୟାଳୟ ଓ ଗଣଶିକ୍ଷା, ନିର୍ମାଣ ଭଳି କେତେକ ବିଭାଗର ପ୍ରସ୍ତାବମାନ ଆସିବାକୁ ରହିଛି। ରାଜ୍ୟରେ ଭିତ୍ତିଭୂମି ସୁଦୃଢ଼ କରିବା ସହିତ ଲୋକଙ୍କୁ କିଭଳି ମୌଳିକ ସୁବିଧା ସୁଯୋଗ ମିଳିପାରିବ ତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ମହିଳାମାନଙ୍କୁ ସଶକ୍ତ କରିବାପାଇଁ ସୁଭଦ୍ରା, କୃଷକଙ୍କ ମାନଙ୍କ ଲାଗି ଇନ୍‌ପୁଟ ସବ୍‌ସିଡିଠାରୁ ଆରମ୍ଭ କରି ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ୨୨ରେ ହେବାକୁ ଥିବା ରାଜ୍ୟ କ୍ୟାବିନେଟ୍‌ରେ ସରକାରଙ୍କ ପକ୍ଷରୁ କିପ୍ରକାର ନୂତନ ନିଷ୍ପତ୍ତି ନିଆଯାଉଛି ତାହା ଉପରେ ରାଜ୍ୟବାସୀଙ୍କ ନଜର ରହିଛି।

# ଫିଫା ବିଶ୍ୱକପ୍‌ରେ ଖେଳିବ ଇରାନ୍

**ପ୍ୟାରିସ୍,୧୬।୪**

ଆସନ୍ତା ଜୁନ ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଫିଫା ବିଶ୍ୱକପ୍‌ରେ ଇରାନ୍ ଖେଳିବ। ଏ ନେଇ ଫିଫା ମୁଖ୍ୟ ଜିଆନି ଇନ୍‌ଫାଣ୍ଟିନୋ ଗୁରୁବାର ସ୍ପଷ୍ଟ କରିଛନ୍ତି। ଆମେରିକା,



ମେକ୍ସିକୋ ଓ କାନାଡା ମିଳିତ ଭାବେ ବିଶ୍ୱ କ୍ରୀଡ଼ାର ସବୁଠୁ ବଡ଼ ଟୁର୍ନାମେଣ୍ଟର ୨୩ତମ ସଂସ୍କରଣ ଆୟୋଜନ କରିବେ। ମଧ୍ୟପ୍ରାଚ୍ୟରେ ଚାଲିଥିବା ବିବାଦ କାରଣରୁ ଇରାନ ବିଶ୍ୱକପ୍‌ରେ ଭାଗନେବ କି ନାହିଁ, ସେ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ଏପରିକି ଇରାନ ତା'ର ଗ୍ରୁପ୍ ମ୍ୟାଚ୍‌କୁ ଆମେରିକା ବଦଳରେ ମେକ୍ସିକୋରେ ଆୟୋଜନ କରିବା ଲାଗି ଫିଫାକୁ ଅନୁରୋଧ କରିଥିଲା, ଯାହାକୁ ପରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଗ୍ରୁପ୍-ଜି'ରେ ସ୍ଥାନ ପାଇଥିବା ଏସିଆର ଟପ୍ ଫୁଟ୍‌ବଲ ଦଳକୁ ଆମେରିକାର ଲସ୍ ଏଞ୍ଜେଲ୍ସରେ ଦୁଇଟି ଓ ସିଆଟେଲରେ ଗୋଟିଏ ମ୍ୟାଚ୍ ଖେଳିବାର ଅଛି।

ସିଏନ୍‌ବିସି ଦ୍ୱାରା ଆୟୋଜିତ ଇକୋନୋମିକ୍ କନଫରେନ୍ସରେ ଇନ୍‌ଫାଣ୍ଟିନୋ କହିଛନ୍ତି, ଇରାନ ନିଶ୍ଚିତ ଆସୁଛି। ବିଶ୍ୱକପ୍ ବେଳକୁ ପରିସ୍ଥିତି ଶାନ୍ତିପୂର୍ଣ୍ଣ ଥିବ, ଯାହାକି ନିଶ୍ଚିତ ସାହାଯ୍ୟ କରିବ ବୋଲି ଆମେ ଆଶା କରୁଛୁ। କିନ୍ତୁ ଇରାନକୁ ଆସିବାକୁ ପଡ଼ିବ। ସେମାନେ ଦେଶବାସୀଙ୍କ ପ୍ରତିନିଧିତ୍ୱ କରନ୍ତି। ସେମାନେ ଯୋଗ୍ୟତା ହାସଲ କରିଛନ୍ତି ଏବଂ ଖେଳିବାକୁ ମଧ୍ୟ ଚାହୁଁଛନ୍ତି।



# କଟକର ୪୮ ବିଦ୍ୟାଳୟ କୋଠା ଅସୁରକ୍ଷିତ

**ହାଇକୋର୍ଟରେ କଟକ ସହର ସମସ୍ୟା**



କଟକ,୧୬।୪(କାର୍ତ୍ତିକ ସାହୁ)

ହାଇକୋର୍ଟରେ କଟକ ସହର ସମସ୍ୟାର ଶୁଣାଣି ବେଳେ ଜିଲା ପ୍ରଶାସନ ୪୮ଟି ବିଦ୍ୟାଳୟର ଅସୁରକ୍ଷିତ କୋଠା ସଂକ୍ରାନ୍ତରେ ତଥ୍ୟ ପ୍ରଦାନ କରିଛି। ଜିଲା ପ୍ରଶାସନ ରିପୋର୍ଟରେ ଦର୍ଶାଯାଇଛି, କଟକ ସହରରେ ଥିବା ସ୍କୁଲଗୁଡ଼ିକ ମଧ୍ୟରୁ ୪୮ଟି ସ୍କୁଲକୁ ପରିଦର୍ଶନ କରାଯାଇଛି। କଟକ ଆର୍‌ଆଣ୍ଡ ବି ଡିଭିଜନ-୧ ଓ କଟକ ଆରଆଣ୍ଡ ବି ଡିଭିଜନ-୨ ପକ୍ଷରୁ ୨୪ଟି ଲେଖାଏ ବିଦ୍ୟାଳୟର ସୁରକ୍ଷା ସ୍ଥିତି ସଂକ୍ରାନ୍ତରେ ତଥ୍ୟ ପ୍ରଦାନ କରାଯାଇଛି। ଉକ୍ତ ରିପୋର୍ଟ ବିଦ୍ୟାଳୟ କୋଠାଗୁଡ଼ିକ ଅତ୍ୟନ୍ତ ବିପଦସଙ୍କୁଳ ସ୍ଥିତିରେ ଅଛି ବୋଲି ଦର୍ଶାଉଛି। ବିଶେଷ କରି ବକ୍ସିବଜାର ମିଶନ ରୋଡ୍‌ସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ମରାମତି ଅଭାବରୁ ଭାଙ୍ଗିରୁଜି ଯାଇଥିବା ଏକ ପୁରୁଣା ଓ ଅତ୍ୟନ୍ତ ଖରାପ କୋଠାରେ ପରିଚାଳିତ ହେଉଛି। ତେବେ ଏହି ବିଦ୍ୟାଳୟର ସୁରକ୍ଷିତ ସ୍ଥିତି ସଂକ୍ରାନ୍ତରେ କୌଣସି ଷ୍ଟ୍ରକଚରାଲ ଷ୍ଟାବିଲିଟି ରିପୋର୍ଟ ପ୍ରଦାନ କରାଯାଇ ନ ଥିବା ହାଇକୋର୍ଟ ତାଙ୍କ ଆଦେଶରେ ଦର୍ଶାଇଛନ୍ତି। କଟକ ଅତିରିକ୍ତ ଜିଲାପାଳ କମଳଜିତ ଦାଶ ହାଇକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି, ଅଧ୍ୟୟନରତ ପିଲା, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ପଦକ୍ଷେପ ଗ୍ରହଣ କରାଯିବ। ଆବଶ୍ୟକ ହେଲେ ସ୍କୁଲ ମ୍ୟାନେଜମେଣ୍ଟ ସହ ପରାମର୍ଶ କରି ଅତ୍ୟାବଶ୍ୟକ ବ୍ୟବସ୍ଥା ନିଆଯିବ। ତେବେ ଏ ସଂକ୍ରାନ୍ତରେ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଆଗାମୀ ମେ' ୪ ତାରିଖ ସୁଦ୍ଧା ଜିଲା ପ୍ରଶାସନ ସତ୍ୟପାଠ ଆକାରରେ ଜଣାଇବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି କେ.ଆର. ମହାପାତ୍ର ଓ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ମେ' ୭ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ଅପରପକ୍ଷରେ ହାଇକୋର୍ଟଙ୍କୁ ସହଯୋଗ କରିବା ନିମନ୍ତେ ଆଡ୍‌ଭୋକେଟ କମିଟିର ପୁନର୍ଗଠନ କରାଯାଇଥିବା ସଂକ୍ରାନ୍ତରେ ଅବଗତ କରାଯାଇଛି। ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ହୃଦାନନ୍ଦ ମହାପାତ୍ରଙ୍କ ସମେତ ଆଇନଜୀବୀ ପ୍ରଶାନ୍ତ କୁମାର ଜେନା, ନିରଞ୍ଜନ ଲେଙ୍କା, କାଜଲ ସାହୁ, ସୁଧାମୟୀ ଦାସ ଓ ସରୋଜ କୁମାର ପାଢ଼ୀ କମିଟି ସଦସ୍ୟ ଭାବେ ସାମିଲ ହୋଇଛନ୍ତି। ଏହି ଆଡ୍‌ଭୋକେଟ କମିଟି ନିୟମିତ ଭାବେ ଏସ୍‌ସିବି ମେଡିକାଲ ଓ ଶିଶୁଭବନର ବିଭିନ୍ନ ସମସ୍ୟା ହାଇକୋର୍ଟରେ ଉପସ୍ଥାପନ କରିବେ। ଅଗ୍ନିକାଣ୍ଡ ଘଟିଥିବା ଏସ୍‌ସିବି ମେଡିକାଲ ଟ୍ରମା କେୟାର ସେଣ୍ଟର ମରାମତି କାର୍ଯ୍ୟ ଦ୍ରୁତଗତିରେ କରାଯାଉଥିବା ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଅନ୍ୟପକ୍ଷରେ ଏସ୍‌ସିବି ମେଡିକାଲ ଓ ଶିଶୁଭବନ ବାହାରେ ଥିବା ଖୋଲା ଡ୍ରେନ୍ ଜବରଦଖଲ ହୋଇଥିବା ସଂକ୍ରାନ୍ତରେ ସ୍ଥିତି ଅନୁଧ୍ୟାନ କରି ମେ' ୪ ସୁଦ୍ଧା ରିପୋର୍ଟ ଦେବା ନିମନ୍ତେ ହାଇକୋର୍ଟ ଆଡ୍‌ଭୋକେଟ୍ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆଡ୍‌ଭୋକେଟ କମିଟି ଶିଶୁଭବନ ପରିସରସ୍ଥ ଡ୍ରେନେଜ୍ ବ୍ୟବସ୍ଥାର ଡିପିଆର୍ ୭ ଦିନ ମଧ୍ୟରେ ଜଣାଇବେ। ଏହାବାଦ ଆହୁରି କେତେକ ସମସ୍ୟା ସଂକ୍ରାନ୍ତରେ ମଧ୍ୟ ହାଇକୋର୍ଟ ଶୁଣାଣି କରିଛନ୍ତି।

# ବାରଙ୍ଗରେ ଜାତୀୟ ଅଗ୍ନିଶମ ସପ୍ତାହ



ବାରଙ୍ଗ,୧୬।୪(ଲିଙ୍ଗରାଜ ରାଉତ)

ବାରଙ୍ଗ ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଗୁରୁବାର ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆଖପାଖ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ଡାକ୍ତରଖାନା, ସରକାରୀ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ନ ଘଟିବା ପାଇଁ କିପରି ସତର୍କତା ଅବଲମ୍ବନ କରିବାକୁ ହେବ ଓ ଅଘଟଣକୁ ସାମ୍ନା କରିବା ପାଇଁ କିଭଳି ପ୍ରତିକାର କରାଯାଇପାରିବ, ସେଥିପାଇଁ ଏକ ମକ୍‌ଡ୍ରିଲ କରାଯାଇଛି। ଏଥିସହ ଅଗ୍ନିକାଣ୍ଡ ଘଟିବା ସମୟରେ କିପରି ମୁକାବିଲା କରାଯିବ ଓ ବିପନ୍ନମାନଙ୍କୁ କିପରି ସୁରକ୍ଷିତ ରଖାଯିବ, ସେ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ଷଣ୍ଢପୁର ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ବାରଙ୍ଗ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ସହ ପ୍ରସନ୍ନ କୁମାର ହାତୀ, ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆମେ ଓଡ଼ିଆର ମକର ମିଳନ

ପୁରୁଣା ଭୁବନେଶ୍ୱର, ୧୬।୪ (ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଆ ଭାଷା ଓ ସଂସ୍କୃତି ସାରା ଦେଶରେ ସ୍ୱତନ୍ତ୍ର। ଏହାର ପ୍ରସାର ଓ ପ୍ରୋତ୍ସାହନ ପାଇଁ ଓଡ଼ିଆମାନେ ମିଳିତଭାବେ ଉଦ୍ୟମ କରିବା ଆବଶ୍ୟକ ବୋଲି ଗୁରୁବାର କେଦାରନାଥ ଗବେଷଣା ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଆମେ ଓଡ଼ିଆ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ମକର ମିଳନରେ ପ୍ରଶାସକ ରଘୁନାଥ ମିଶ୍ର, ପ୍ରଫେସର ଶରତ ଚନ୍ଦ୍ର ରଥ ଓ କବି ମନୋରମା ବିଶ୍ୱାଳ ମହାପାତ୍ର ଯୋଗଦେଇ କହିଛନ୍ତି। ଏଥିରେ ଡ.ରବି ନାରାୟଣ ସେନାପତି ସଭାପତିତ୍ୱ କରିଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ପାଣି ସ୍ୱାଗତ ଭାଷଣ, ଦେବାଶିଷ ମହାପାତ୍ର ଅତିଥି ପରିଚୟ, ଡା.ଜୀବନ କୃଷ୍ଣା ମିଶ୍ର ବେଦପାଠ ଏବଂ ମେଘା ମନସ୍ୱିନୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଜେନାମଣି ସଞ୍ଜୀବ କୁମାରଙ୍କ ସଂଯୋଜନାରେ ୨୦ଜଣ କବି କବିତା ପାଠ କରିଥିଲେ। ଶେଷରେ ଉପସଭାପତି ଜୟନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ସ୍ତ୍ରୀ ଚରିତ୍ରକୁ ସନ୍ଦେହକରି ସ୍ୱାମୀଙ୍କ ଛୁରାମାଡ଼

**ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି**

ଭୁବନେଶ୍ୱର,୧୬।୪(ତ୍ରିନାଥ ମହାନ୍ତି)

ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ଛୁରୀ ମାଡ଼ କରିଛନ୍ତି। ଫଳରେ ସ୍ତ୍ରୀ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏଭଳି ଘଟଣା ଚନ୍ଦ୍ରଶେଖରପୁର ଥାନା ଇଶାନେଶ୍ୱର ବସ୍ତିରେ ଦେଖିବାକୁ ମିଳିଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଶ୍ୟାମ ସୁନ୍ଦର ବିଶୋଇଙ୍କୁ ଗିରଫ ପାଇଁ ଚଢ଼ାଉ ଜାରି ରଖିଛି।

ଅଭିଯୋଗ ଅନୁସାରେ, ଶ୍ୟାମ ସୁନ୍ଦର ବିବାହ କରିବାକୁ ୧୫ ବର୍ଷ ହୋଇଯିବ। ଉଭୟଙ୍କ ଦୁଇଟି ପିଲା ଥିବାବେଳେ ସ୍ତ୍ରୀ ଏକ ଘରୋଇ କ୍ଲିନିକରେ କାମ କରୁଛନ୍ତି। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରୁଥିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ଅଲଗା ହୋଇ ରହୁଥିଲେ। ଶିଖରଚଣ୍ଡୀରେ ଶ୍ୟାମସୁନ୍ଦର ରହୁଥିବା ବେଳେ ଇଶାନେଶ୍ୱର ବସ୍ତିରେ ସ୍ତ୍ରୀ ରହୁଥିଲେ। ଗୁରୁବାର ଅପରାହ୍ନ ୨ଟାରେ ଅଭିଯୁକ୍ତ ଶ୍ୟାମସୁନ୍ଦର ସ୍ତ୍ରୀଙ୍କ ନିକଟକୁ ଆସିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଶ୍ୟାମସୁନ୍ଦର ସାଥିରେ ଆଣିଥିବା ଛୁରିରେ ସ୍ତ୍ରୀଙ୍କ ବେକ ଏବଂ ମୁହଁକୁ ଭୁଷି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ତ୍ରୀ ପଡ଼ିଥିବା ବେଳେ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଥିଲେ।

# ଜାଲ୍ ନମ୍ବର ପ୍ଲେଟ ଲଗାଇ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୬।୪ (ପ୍ରସନଜିତ୍ ସାହୁ)

ଜାଲ୍ ନମ୍ବର ପ୍ଲେଟ ଲଗାଇ ବେଆଇନ କାର୍ଯ୍ୟ କରୁଥିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ସତ୍ୟବାଦୀ ଥାନା ଅଞ୍ଚଳର ମଳୟ ରଞ୍ଜନ ଜେନା (୩୦)। ମିଳିଥିବା ସୂଚନା ଅନୁସାରେ ଦଣ୍ଡଧାରୀ ଦାସଙ୍କ ନମ୍ବର ପ୍ଲେଟକୁ ଅଭିଯୁକ୍ତ ବିଭିନ୍ନ ବେଆଇନ କାର୍ଯ୍ୟରେ ବ୍ୟବହାର କରୁଥିଲେ। ଫଳରେ ଦଣ୍ଡଧାରୀଙ୍କୁ ନିକଟକୁ ବାରମ୍ବାର ଟ୍ରାଫିକ ଉଲ୍ଲଂଘନ ସମ୍ବନ୍ଧୀୟ ଚାଲାଣ ଆସୁଥିଲା। ଏହାକୁ ନେଇ ସେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୨୪୪/୨୦୨୬ ) ରୁଜୁ କରି ଏଏନପିଆର୍ ଆଲର୍ଟ ଆଧାରରେ ସନ୍ଦିଗ୍ଧ ଯାନକୁ ଜବତ କରିଥିଲା। ଇଞ୍ଜିନ ଏବଂ ଚେସିସ୍ ନମ୍ବର ଯାଞ୍ଚ କରିବା ପରେ ଗାଡ଼ିର ପ୍ରକୃତ ପଞ୍ଜୀକରଣ ଭିନ୍ନ ଏବଂ ଏହା ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମରେ ଥିବା ଜଣାପଡ଼ିଥିଲା। ଅଭିଯୁକ୍ତ ବୈଧ କାଗଜପତ୍ର ଦେଖାଇବାରେ ବିଫଳ ହେବାରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଆଜି ସରିବ ବେଣ୍ଣୁପୁର ପ୍ରସିଦ୍ଧ ରାମଲୀଳା

**ଆକର୍ଷଣ ସାଜିବ ରାବଣ ପୋଡି ଓ ଆତସବାଜି ପ୍ରଦର୍ଶନ**



ବାଲିଅନ୍ତା,୧୬। ୪ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ବେଣ୍ଣୁପୁର ଗ୍ରାମରେ ଦୀର୍ଘ ୨୦ ଦିନ ଧରି ମୁକ୍ତାକାଶ ମଞ୍ଚରେ ଚାଲିଥିବା ପାରମ୍ପରିକ ରାମଲୀଳା ନାଟକ ପରିବେଷଣ ଶୁକ୍ରବାର ସରିବ। ଶେଷ ରଜନୀରେ ନାଟକ ରାବଣ ବଧ ଓ ଶ୍ରୀରାମଙ୍କ ଅଭିଷେକ ମଞ୍ଚସ୍ଥ ହେବ। ଏଥି ସହିତ ଉଦ୍‌ଯାପନୀ ଉତ୍ସବରେ ବିଶେଷ ଆକର୍ଷଣ ରାବଣ ପୋଡି ଓ ଆତସବାଜି ପ୍ରଦର୍ଶନ ହେବ। ୧୦ ମୁଣ୍ଡ ବିଶିଷ୍ଟ ଏକ ୩୦ ଫୁଟ ଉଚ୍ଚତାରେ ନିର୍ମିତ ରାବଣର ପ୍ରତିକୃତିରେ ଶ୍ରୀରାମଙ୍କ ପ୍ରେରିତ ତୀର ଦ୍ୱାରା ଅଗ୍ନି ସଂଯୋଗ କରାଯିବା, ଏଥିସହିତ ବିଭିନ୍ନ ପ୍ରକାରର ଆତସବାଜି ପ୍ରଦର୍ଶନ ହେବ ବୋଲି ଆୟୋଜକ କମିଟି କର୍ମକର୍ତ୍ତାଙ୍କଠାରୁ ସୂଚନା ମିଳିଛି। ଶ୍ରୀ ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ଚଳିତ ବର୍ଷ ରାମଲୀଳା ୪୭ ବର୍ଷରେ ପଦାର୍ପଣ କରିଛି। ଏହି ରାମଲୀଳାରେ ୭୦ ଜଣ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। କଳାକାରମାନେ ରାମନବମୀଠାରୁ ବ୍ରତଧାରଣ ପୂର୍ବକ ପଇତା ଧାରଣ କରି ନିଷ୍ଠାରେ ରହିଆନ୍ତି। ପ୍ରତ୍ୟହ ରାତିରେ ରାମ ନାଟକ ଦେଖିବାକୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଶେଷ ରଜନୀରେ ରାବଣ ପୋଡି ଓ ଶୀରାମଙ୍କ ଅଭିଷେକ ପରେ ସକାଳୁ ହଳଦୀ ପାଣି ପିଇ ରାମଲୀଳାରେ ଅଭିନୟ କରିଥିବା କଳାକାରମାନେ ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।




# ଇସ୍‌ଲାମିକ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ବାଲିପାଟଣା,୧୬।୪(ଅଭିମନ୍ୟୁ ନାୟକ)

ବନମାଳିପୁର ବଟା ପଡିଆଠାରେ ଗୁରୁବାର ୨୭ତମ ଇସ୍‌ଲାମିକ ପ୍ରିମିୟର ଲିଗ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ମିର ନାସିର ଅଲି, କର୍ପୋରେଟର ଭରତ ଚନ୍ଦ୍ର ଲେଙ୍କା, ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ସାମ୍ବାଦିକ ରମେଶ ଚନ୍ଦ୍ର ରଥ, ଏସ୍.କେ ୟୁସୁଫ, ସନ୍ଦୀପ ସେନାପତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ତାହିର ଅଲ୍ଲୀ, ମିର ଅତର ଅଲ୍ଲୀ, ମିର ନସଦ ଅଲ୍ଲୀ ମ୍ୟାଚ୍ ପରିଚାଳନା କରିଥିଲେ। ମିର ଅରସଦ ଅଲ୍ଲି, ଏସ୍.କେ ହସିବୁଲ ହୋଦା, ଏସ୍. କେ ସାହିଲ, ଏସ୍.କେ ହାପିଜୁଲ ହୋଦା, ଏସ୍. କେ ତାରୋ, ଏସ୍ କେ ପପି, ଏସ୍ କେ ସାହିଲ, ଅନ୍ୱଆର ଅଲ୍ଲି,ଏସ୍.କେ ୟୁସୁଫ ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୧୮ତାରିଖରେ ଫାଇନାଲ ମ୍ୟାଚ ହେବ। ଚାମ୍ପିୟନ ଦଳକୁ ୫୦ ହଜାର ଟଙ୍କା ଓ ରନରଅପ୍ ଦଳକୁ ୩୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ଏଥି ସହିତ ଶ୍ରେଷ୍ଠ ଶୃଙ୍ଖଳିତ ଦଳକୁ ଏକ ଇଲେକ୍ଟ୍ରିକ୍ ସ୍କୁଟି ପ୍ରଦାନ କରାଯିବ।




# ଉତ୍କଳ ସମ୍ମିଳନୀ ୟୁନିଟ୍-୨ ଘର ବାତିଲ ଆଦେଶ ପ୍ରତ୍ୟାହାର ଦାବି



ଭୁବନେଶ୍ୱର,୧୬। ୪
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ରାଜ୍ୟ ଗଠନ ପାଇଁ ୧୯୦୩ ମସିହାରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଗଠନ ହୋଇଥିବା ଉତ୍କଳ ସମ୍ମିଳନୀକୁ ରାଜ୍ୟ ସରକାର ୟୁନିଟ-୨ ଅଶୋକ ନଗରରେ ଏକ ସରକାରୀ ଘର ଦେଇଛନ୍ତି। ଏଠାରେ ସମ୍ମିଳନୀର ସମସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହେଉଥିବାରୁ ସମ୍ମିଳନୀର ଅନୁରୋଧକ୍ରମେ ଗତ ବର୍ଷ ରାଜ୍ୟ ସରକାର ଏଠାରେ ଏକ ସଭାଗୃହ ନିର୍ମାଣ କରିଛନ୍ତି । ଏହି ସଭାଗୃହ ପ୍ରତିଷ୍ଠା ହେବାପରେ ୨୯ ଜୁନ୍ ୨୦୨୫ରେ ଅନୁଷ୍ଠିତ ସମ୍ମିଳନୀର ରାଜ୍ୟ କାର୍ଯ୍ୟନିର୍ବାହୀ ସମିତି ବୈଠକରେଏହାର ନାମ 'ମଧୁସୂଦନ କକ୍ଷ' ରଖାଯାଇଛି। ତେବେ ଏପର୍ଯ୍ୟନ୍ତ ଏହିଘରେ କାର୍ଯ୍ୟରତ ଥିବା ସମ୍ମିଳନୀର କର୍ମକର୍ତ୍ତାଙ୍କ ଅଗୋଚରରେ ଘର ଭଙ୍ଗାଯିବା ଦର୍ଶାଇ ତାଙ୍କତାର ସହିତ ସମ୍ମିଳନୀର ସରକାରୀ ଘରକୁ ବାତିଲ କରାଇ ୟୁନଟ୍-୬ରେ ସମ୍ମିଳନୀ ନାମରେ ସାଧାରଣ ପ୍ରଶାସନ ବିଭାଗ ଅନ୍ୟ ଏକ ଘର ବଣ୍ଟନ କରାଯାଇଥିବା ଶୁଣିବାକୁ ମିଳୁଛି। ଏଠାରେ ପ୍ରଶ୍ନଉଠୁଛି ସମ୍ମିଳନୀରୁ ବିତାଡ଼ିତ, ସମ୍ମିଳନୀ ଘରୁ ୧୪୪ ଧାରା ବଳରେ ପୋଲିସ କମିଶନରଙ୍କ ଦ୍ୱାରା ନିରୋଧିତ ଏବଂ ନିଜେ ଅଦାଲତର ଆଶ୍ରୟନେବା ପରେ ଅଦାଲତରୁ ହତାସିତ ହୋଇଥିବା ବ୍ୟକ୍ତିଙ୍କୁ ରାଜ୍ୟ ସରକାର କିପରି ସମ୍ମିଳନୀ ନାମରେ ଘର ଦେଲେ। ସେହିପରି ସମ୍ମିଳନୀ ସରକାରୀ ଘର ଦାୟିତ୍ୱରେ ଥିବା ସମ୍ମିଳନୀର କର୍ମକର୍ତ୍ତାଙ୍କୁ ଏପର୍ଯ୍ୟନ୍ତ ସାଧାରଣ ପ୍ରଶାସନ ବିଭାଗ ସୂଚନା ନ ଦେବାର କାରଣ କ'ଣ ହୋଇପାରେ। ସମ୍ମିଳନୀ ସରକାରୀ ଘର ଯଦି ଭଙ୍ଗାହେବାର ଥିଲା ଗତ ବର୍ଷ ଏଠାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି କାହିଁକି ସଭାଗୃହ ନିର୍ମାଣ କରାଗଲା ବୋଲି ପ୍ରଶ୍ନ ଉଠିଛି। ସମ୍ମିଳନୀ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ଅନୁରୋଧ ୟୁନିଟ-୬ରେ ସମ୍ମିଳନୀ ନାମରେ ଦିଆଯାଇ ଥିବା ଘରକୁ ବାତିଲ ସହ ୟୁନିଟ-୨ ଘରର ବାତିଲ ଆଦେଶ ପ୍ରତ୍ୟାହାର କରାଯାଉ ବୋଲି ଗୁରୁବାର ୟୁନିଟ୍-୨ ଅଶୋକ ନଗରସ୍ଥିତ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀ ମାଧ୍ୟମରେ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା, ରାଜ୍ୟ ଉପସଭାପତି ଡ଼. ସୁରେନ୍ଦ୍ର କୁମାର ମିଶ୍ର, ଖୋର୍ଦ୍ଧା ଜିଲା ଶାଖା ସଭାପତି ଶକ୍ତି ଶଙ୍କର ମିଶ୍ର ଏବଂ ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ସମ୍ମିଳନୀ ଦାବି କରିଛନ୍ତି।

## ସଂକ୍ଷେପରେ

### ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଇଁ ପ୍ରସ୍ତୁତି

**ଆଠଗଡ଼,୧୬।୪ (ସତ୍ୟ ପ୍ରସାଦ ରଥ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ ନିମନ୍ତେ ଆଠଗଡ଼ ବିଜେଡି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏନେଇ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟ ସୂର୍ଯ୍ୟଭବନଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସ ଅବସରରେ ସକାଳୁ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ସମେତ ଆଠଗଡ଼, ଟିଗିରିଆର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଓ କାରାଗାରରେ ଅନ୍ତେବାସୀମାନଙ୍କୁ ଫଳମୂଳ ବଣ୍ଟନ କରାଯିବ। ସେହିପରି ସକାଳ ପ୍ରାୟ ୭ଟା ବେଳେ ଶ୍ରୀ ଧବଳେଶ୍ୱର ମନ୍ଦିର ନିକଟସ୍ଥ ମଞ୍ଚେଶ୍ୱର ଘାଟଠାରେ ସାମୂହିକ ତିଳ ତର୍ପଣ ଓ ସ୍ମୃତିସଭା ଅନୁଷ୍ଠିତ ହେବ। ସନ୍ଧ୍ୟା ୫ଟାରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ନିକଟସ୍ଥ ମିନି ଷ୍ଟାଡିୟମଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ଉକ୍ତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉକ୍ତ ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ, ଏନ୍ଏସି ସଭାପତି ଶିଶିର ପ୍ରସାଦ ମାନସିଂହ, ଛାତ୍ର ସଭାପତି ମହମ୍ମଦ ଖାଲିଦ, ଜିଲା ଉପସଭାପତି ନୃସିଂହ ମହାପାତ୍ର, ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ, ଟିଗିରିଆ ବ୍ଲକ ଛାତ୍ର ବିଜେଡି ସଭାପତି ତୋଫାନ ସାମଲ, ଯୁବନେତା ସୁନୀଲ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

### ପାଗଳା କୁକୁର କାମୁଡ଼ାରେ ୪ ଆହତ

**ଆଠଗଡ଼,୧୬।୪(ସତ୍ୟ ପ୍ରସାଦ ରଥ):** ଆଠଗଡ଼ ଟାଉନରେ ଏକ ପାଗଳା କୁକୁର ଆତଙ୍କ ଖେଳାଇଛି। ଗୁରୁବାର ଏହି ପାଗଳା କୁକୁର କାମୁଡ଼ାରେ ୪ ଜଣ ଆହତ ହୋଇ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। ଏହାର କିଛି ଦିନ ପୂର୍ବରୁ ଅନୁରୂପ ଭାବରେ ଏକ ପାଗଳା କୁକୁର କାମୁଡ଼ାରେ ଏକାଧିକ ବ୍ୟକ୍ତି ଆହତ ହୋଇଥିଲେ। ସହରର ବିଭିନ୍ନ ଛକ, ବଜାର ମଧ୍ୟରେ ଆସୁଥିବା ଛୋଟ ଛୋଟ ପିଲା ତଥା ବରିଷ୍ଠ ନାଗରିକମାନେ ଏହାର ପ୍ରଭାବରେ ଭୟଭୀତ ହେଉଛନ୍ତି। ପ୍ରକାଶଯୋଗ୍ୟ, ଆଠଗଡ଼ରେ ବର୍ତ୍ତମାନ ଶହ ଶହ ସଂଖ୍ୟାରେ ବୁଲା କୁକୁର ଥିଲାବେଳେ ସେଥିରୁ ଅଧିକାଂଶ ରୋଗାକ୍ରାନ୍ତ ହୋଇଛନ୍ତି। ଏହି ବୁଲା କୁକୁରମାନଙ୍କ ପ୍ରାଦୁର୍ଭାବ ରୋକିବା ପାଇଁ ତୁରନ୍ତ ଏନ୍ଏସି ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଏଭଳି ଘଟଣା ବାରମ୍ବାର ଘଟିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ଚୋରି ସ୍କୁଟି, ବାଇକ୍, ମୋବାଇଲ ଜବତ: ୨ କୋର୍ଟ ଚାଲାଣ

**ଖୁଣ୍ଟୁଣୀ,୧୬।୪(ସଚ୍ଚିଦାନନ୍ଦ ପଣ୍ଡା):** ଖୁଣ୍ଟୁଣୀ ଥାନା ଅଧୀନ ରାଧାଶ୍ୟାମପୁର (ଗରିଆ) ଗ୍ରାମର ଜଣେ ବ୍ୟକ୍ତିଙ୍କ ସ୍କୁଟି, ବାଇକ୍, ମୋବାଇଲ ଫୋନ୍ ଏବଂ ୫୦ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଚନ୍ଦ୍ରଶେଖରପ୍ରସାଦ ଗ୍ରାମର ମନୋରଞ୍ଜନ ଦାସ ଓ ଚୌଦ୍ୱାର ଥାନା କପାଳେଶ୍ୱର ଗ୍ରାମର ବିକାଶ ବିନ୍ଧାଣି ବୋଲି ଥାନା ଆଇଆଇସି ଜହର ସୂଚନା ଦେଇଛନ୍ତି। ପୋଲିସ ସେମାନଙ୍କ ନିକଟରୁ ୩ଟି ମୋବାଇଲ, ଏକ ସ୍କୁଟି ସହିତ ବାଇକ୍ ଜବତ କରିଛି। ଏନେଇ ପୋଲିସ ଥାନାରେ ମାମଲା (ନଂ. ୧୦୪/୨୬) ରୁଜୁ କରି ତଦନ୍ତ ଭାର ଏସ୍ଆଇ ଶକୁନ୍ତଳା ଦାସଙ୍କୁ ଦେଇଛି।

ମଙ୍ଗଳବାର ରାତିରେ ରାଧାଶ୍ୟାମପୁର ଗ୍ରାମର ବିଶ୍ୱନାଥ ବେହେରା ତାଙ୍କର ଏକ ସ୍କୁଟି, ୨ଟି ମୋବାଇଲ ଫୋନ ଏବଂ ୫୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଏସ୍ଆଇ ଦାସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଏଥିରେ ୨ ଅଭିଯୁକ୍ତ ମନୋରଞ୍ଜନ ଓ ବିକାଶଙ୍କୁ ଧରିବା ସହିତ ସେମାନେ ବ୍ୟବହାର କରୁଥିବା ଏକ ବାଇକ୍, ସ୍କୁଟି ଓ ୩ଟି ମୋବାଇଲ ଫୋନ ଜବତ କରିଥିଲା ବୋଲି ତଦନ୍ତକାରୀ ଅଧିକାରୀ ଏସ୍ଆଇ ଦାସ କହିଛନ୍ତି।

# ବାଙ୍କୀ-କଟକ ମୁଖ୍ୟ ରାସ୍ତା ପୁନରୁଦ୍ଧାର ଦାବି



ସାମାଜିକ କର୍ମୀ ଅବିନାଶ ପଟ୍ଟନାୟକ ଉପଜିଲାପାଳ ମନସ୍ୱିନୀ ଦାସଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

### ଉପଜିଲାପାଳଙ୍କୁ ଦାବିପତ୍ର ଦେଲେ ଯୁବ ସାମାଜିକ କର୍ମୀ

**ବାଙ୍କୀ,୧୬।୪(ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ-କଟକ ମୁଖ୍ୟ ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇଛି। ଏହାର ପୁନରୁଦ୍ଧାର କରିବା ପାଇଁ ଗୁରୁବାର ଉପଜିଲାପାଳ ମୋନସ୍ୱିନୀ ଦାସଙ୍କ ନିକଟରେ ଯୁବ ସାମାଜିକ କର୍ମୀ ଅବିନାଶ ପଟ୍ଟନାୟକ ଦାବି କରିଛନ୍ତି। ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ମୁଖ୍ୟ ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଫଳରେ ଜନସାଧାରଣଙ୍କ ଜୀବନ ବିପଦପୂର୍ଣ୍ଣ ହୋଇଯାଇଛି। ଏହି ରାସ୍ତାର ପୁନରୁଦ୍ଧାର କରାଗଲେ ଯାତାୟାତ ସଚଳ ହେବା ସହ ଧନଜୀବନ ସୁରକ୍ଷିତ ହୋଇପାରିବ ବୋଲି ଉପଜିଲାପାଳ ଦାସଙ୍କୁ ସାମାଜିକ କର୍ମୀ ପଟ୍ଟନାୟକ କହିଛନ୍ତି। ଅନ୍ୟପଟେ ବାଙ୍କୀ ଉପଜିଲାପାଳ, ତହସିଲ କାର୍ଯ୍ୟାଳୟ ଓ ବାଙ୍କୀ ଥାନାଠାରୁ ମାତ୍ର ୨ କିଲୋମିଟର ନିକଟରେ ଥିବା ସୁନାଦେଇ ମୁଣ୍ଡିଆ ନିକଟରୁ ବଡ଼ ବଡ଼ ହାଇୱା ଗାଡିରେ ବାଲି ଚାଲାଣ କରାଯାଉଥିବାରୁ ରାସ୍ତାଘାଟରେ ଧୁଳି ଉଡ଼ି ବାଟୋଇମାନଙ୍କ ଜୀବନ ଅସୁରକ୍ଷିତ ହୋଇପଡ଼ିଛି। ପୂର୍ବରୁ ଏହି ବାଲିଘାଟରୁ ବଡ଼ ବଡ଼ ହାଇୱାରେ ଚାଲାଣ କରାଯାଉଥିବା ଗାଡ଼ି ଦ୍ୱାରା ଲୋକମାନଙ୍କ ମୃତ୍ୟୁ ଘଟୁଥିଲା ବୋଲି ସାମାଜିକ କର୍ମୀ ପଟ୍ଟନାୟକ କହିଥିଲେ। ଏକ ସପ୍ତାହ ମଧ୍ୟରେ ରାସ୍ତାର ପୁନରୁଦ୍ଧାର କରାଯିବ ବୋଲି ଜିଲାପାଳ ମୋନୋସ୍ମିନି କହିଥିବା ବେଳେ ବାଲିଘାଟରୁ ଯାଉଥିବା ଗାଡ଼ି ସମ୍ପର୍କରେ ତଦନ୍ତ କରିବା ସହ ଲୋକଙ୍କ ଜୀବନ କିପରି ସୁରକ୍ଷିତ ରହିବ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ସେ ପ୍ରକାଶ କରିଛନ୍ତି।

# କଠିନ ଅଧ୍ୟବସାୟ, ଆତ୍ମବିଶ୍ୱାସ ଛାତ୍ରୀଛାତ୍ରଙ୍କୁ ସଫଳ କରାଏ

### ବିଶ୍ୱନାଥ ବିଦ୍ୟାପୀଠ ବାର୍ଷିକ ଉତ୍ସବ

**ଆଠଗଡ଼,୧୬।୪(ସତ୍ୟ ପ୍ରସାଦ ରଥ):** ଆଠଗଡ଼ର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବିଶ୍ୱନାଥ ବିଦ୍ୟାପୀଠର ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ କୁସୁମାଞ୍ଜଳି ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟିଗିରିଆ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ଯୋଗଦେଇଥିଲେ। ବିଦ୍ୟାର୍ଥୀମାନେ କଠିନ ଅଧ୍ୟବସାୟ ଓ ଆତ୍ମବିଶାସ ରଖି ସଫଳତାର ଶୀର୍ଷକୁ ଉଠିବା ପାଇଁ ପ୍ରୟାସ କରିବାକୁ ମହାରଣା ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଆଠଗଡ଼ ସହକାରୀ ବ୍ଲକ ଶିକ୍ଷାଧିକାରୀ ରଞ୍ଜିତ କୁମାର ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ସୁକାନ୍ତ କୁମାର ମହାପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସରିତା ମିଶ୍ର ଓ ଶିକ୍ଷକ ପିଣ୍ଟୁ ସାହୁ ମଞ୍ଚ ସଞ୍ଚାଳନ ଏବଂ ବରିଷ୍ଠ ଶିକ୍ଷକ ମାଧବ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସ୍କୁଲର ଛାତ୍ରମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




# ଭାଜପାରେ ମିଶିଲେ ବିଜେଡି କର୍ମୀ



ଭାଜପାରେ ସାମିଲ ହୋଇଥିବା ବିଜେଡି କର୍ମୀମାନେ।

**ବାଙ୍କୀ,୧୬।୪(ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ନିର୍ବାଚନମଣ୍ଡଳୀ ଭାଜପା ଦଳର ଏକ ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀର ବରିଷ୍ଠ ଭାଜପା ନେତା ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ଓ ଆସ୍ଥା ପ୍ରକଟ କରି ସୁବର୍ଣ୍ଣପୁର ମଣ୍ଡଳ ବନ୍ଦାଳ ପଞ୍ଚାୟତ ତେନ୍ତୁଳିଆ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ସୁବ୍ରତ କୁମାର ରାଉତ ଓ ରାମଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ବହୁ ବିଜେଡି କର୍ମୀ ଦଳ ନେତାଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ପ୍ରକଟ କରି ବାଙ୍କୀ ଭାଜପା ପାର୍ଟି ଅଫିସ କାର୍ଯ୍ୟାଳୟରେ ଯୋଗଦେଇଛନ୍ତି। ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପାଢ଼ୀ ମହୋଦୟ ନବାଗତ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଦଳର ସଂଗଠନ ଏବଂ ଭାଜପା ନେତା ପାଢ଼ୀଙ୍କ ନେତୃତ୍ୱକୁ ତୃଣମୂଳସ୍ତରରେ ମଜଭୁତ କରିବା ପାଇଁ ଏହି ମିଶ୍ରଣ ପର୍ବରେ ସଂକଳ୍ପ ନିଆଯାଇଛି।

### ଶିଶୁ ସ୍ୱାସ୍ଥ୍ୟ, ଯତ୍ନ ସଚେତନତା କାର୍ଯ୍ୟକ୍ରମ

**ଚୌଦ୍ୱାର,୧୬।୪(ଆଶୁତୋଷ ଦାସ):** ଭାରତ ରତ୍ନ ଆମ୍ବେଡ୍‌କରଙ୍କ ଜୟନ୍ତୀ ପାଳନ ଅବସରରେ ବିଶ୍ୱହିନ୍ଦୁ ପରିଷଦ, ଓଡ଼ିଶା ଶାଖା(ପୂର୍ବ)ର ସେବା ବିଭାଗ ତରଫରୁ ସ୍ଥାନୀୟ ଶିଶୁ ସଦନରେ ଶିଶୁ ସ୍ୱାସ୍ଥ୍ୟ ଓ ଶିଶୁଯତ୍ନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ସଦନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ମାନସ ରଞ୍ଜନ ବିଶ୍ୱାଳ, ଡ. ଭୂପେନ୍ଦ୍ର ବୁଢ଼ା, ଡ. ଦେବୀ କଲ୍ୟାଣ ମିଶ୍ର ପ୍ରମୁଖ ଯୋଗଦେଇ ଶିଶୁମାନଙ୍କର ସ୍ୱାସ୍ଥ୍ୟ ସ୍ଥିତି, ଉପଯୁକ୍ତ ଯତ୍ନ ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ଆଲୋଚନା କରି ପିଲାମାନଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ସେମାନଙ୍କର ଉପଯୁକ୍ତ ଯତ୍ନ ନେବାପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିଶୁ ସଦନ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅମିୟ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଟିଗିରିଆରେ ଆରମ୍ଭ ହେଲା ଜନଗଣନା କାର୍ଯ୍ୟ

**ଟିଗିରିଆ,୧୬।୪(ଜାଫର ଖାଁ):** ଦେଶକୁ ସମୃଦ୍ଧ କରିବା ସହିତ ସୁଦୃଢ଼ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଉଥିବା ଜନଗଣାନା କାର୍ଯ୍ୟ ଗୁରୁବାର ଟିଗିରିଆ ବ୍ଲକରେ ଆରମ୍ଭ କରାଯାଇଛି। ବ୍ଲକ ଜନଗଣନା ଅଧିକାରୀ ତଥା ତହସିଲଦାର ଧର୍ମ ରଞ୍ଜନ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ୱବଧାନ ଏବଂ ଅତିରିକ୍ତ ତହସିଲଦାର ଗଙ୍ଗାଧର ନାୟକଙ୍କ ପରିଚାଳନାରେ ଏହି ଜନଗଣାନା କାର୍ଯ୍ୟରେ ନିୟୋଜିତ ୧୨୪ ଜଣ ଜନଗଣନାକାରୀ ଏବଂ ୨୧ ଜଣ ପର୍ଯ୍ୟବେକ୍ଷକ ବ୍ଲକର ସମସ୍ତ ଗ୍ରାମମାନଙ୍କୁ ଯାଇ ପ୍ରଥମ ପର୍ଯ୍ୟାୟରେ ଗୃହ ଗଣନା କାର୍ଯ୍ୟ ଆରମ୍ଭ କରିଛନ୍ତି। କାର୍ଯ୍ୟାଳୟ ପକ୍ଷରୁ ଜନଗଣନା ସହାୟିକା ଲୁସ୍ନା ପ୍ରଧାନ ଏବଂ ବୈଷୟିକ ସହାୟିକା ସିମା ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ ପ୍ରଦାନ କରୁଥିବା ତହସିଲଦାର ପ୍ରକାଶ କରିଛନ୍ତି।

# ବାରଙ୍ଗରେ ଜାତୀୟ ଅଗ୍ନିଶମ ସପ୍ତାହ



ଅଗ୍ନିଶମ କର୍ମଚାରୀମାନେ ସଚେତନ କରୁଛନ୍ତି।

**ବାରଙ୍ଗ,୧୬।୪(ଲିଙ୍ଗରାଜ ରାଉତ):** ବାରଙ୍ଗ ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଗୁରୁବାର ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆଖପାଖ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ଡାକ୍ତରଖାନା, ସରକାରୀ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ନ ଘଟିବା ପାଇଁ କିପରି ସତର୍କତା ଅବଲମ୍ବନ କରିବାକୁ ହେବ ଓ ଅଘଟଣକୁ ସାମ୍ନା କରିବା ପାଇଁ କିଭଳି ପ୍ରତିକାର କରାଯାଇପାରିବ, ସେଥିପାଇଁ ଏକ ମକ୍‌ଡ୍ରିଲ କରାଯାଇଛି। ଏଥିସହ ଅଗ୍ନିକାଣ୍ଡ ଘଟିବା ସମୟରେ କିପରି ମୁକାବିଲା କରାଯିବ ଓ ବିପନ୍ନମାନଙ୍କୁ କିପରି ସୁରକ୍ଷିତ ରଖାଯିବ, ସେ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ଷଣ୍ଢପୁର ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ବାରଙ୍ଗ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ସହ ପ୍ରସନ୍ନ କୁମାର ହାତୀ, ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସଂଯୋଗ ନ ମିଳିଲେ ପରିବାର ସହ ଆତ୍ମାହୁତି ଧମକ

### ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିବେଦନ କଲେ ମହିଳା

**ଟିଗିରିଆ,୧୬।୪(ଜାଫର ଖାଁ):** ବିଦ୍ୟୁତ୍ ସଂଯୋଗ ପାଇଁ ପରିବାର ସହ ଆତ୍ମାହୂତି ଦେବାକୁ ଧମକ ଦେଇଛନ୍ତି ମହିଳା। ଏନେଇ ମୁଖ୍ୟମନ୍ତ୍ରୀ, ଶକ୍ତି ମନ୍ତ୍ରୀ, ଶକ୍ତି ସଚିବଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଟିଗିରିଆ ବ୍ଲକ ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତସ୍ଥିତ ହରିଡାପଶି ଗ୍ରାମରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ହରିଡାପଶି ଗ୍ରାମର ପ୍ରଭାତୀ ଜେନଙ୍କ ସ୍ୱାମୀ ରମେଶ ଜେନା ନିଜ ଘର ପାଇଁ ନୂତନ ବିଦ୍ୟୁତ୍ ସଂଯୋଗୀକରଣ ନିମନ୍ତେ ଡିସେମ୍ବରରେ ଆଠଗଡ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଏଥିପାଇଁ ପ୍ରଭାତୀ ୨୬ ହଜାର ୧୧୫ ଟଙ୍କା ଡିପୋଜିଟ କରିଥିଲେ। ଦୀର୍ଘଦିନ ଧରି ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ପାଇଁ କୌଣସି ପଦକ୍ଷେପ ନିଆ ନ ଯିବାରୁ ପ୍ରଭାତୀ ବିଦ୍ୟୁତ୍ ବିଭାଗ ଗ୍ରାହକ ସେବା ନମ୍ବରରେ ଫୋନ କରି ପଚାରିଥିଲେ। ତେବେ ବିଦ୍ୟୁତ ସଂଯୋଗ ପାଇଁ ନୁହେଁ ବରଂ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଟଙ୍କା ପୈଠ ହୋଇଛି। ଅବଶିଷ୍ଟ ଟଙ୍କା ପୈଠ କରାଗଲେ ବିଭାଗ ପକ୍ଷରୁ ନୂତନ ଟ୍ରାନ୍ସଫର୍ମର ଯଥାଶୀଘ୍ର ସ୍ଥାପନ କରାଯିବ ବୋଲି ସେତେବେଳେ କୁହାଯାଇଥିଲା।

ଏହାଶୁଣି ପ୍ରଭାତୀ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ପୂର୍ବ ଆବେଦନକୁ ରଦ୍ଦ କରି ପୁନର୍ବାର ଆବେଦନ କରିବା ପାଇଁ ସେତେବେଳେ ପରାମର୍ଶ ଦିଆଯାଇଥିଲା।

ପ୍ରଥମ ପୈଠ ଅର୍ଥ ଫେରସ୍ତ ପାଇ ନ ଥିଲେ ମଧ୍ୟ ପ୍ରଭାତୀ ପୁନର୍ବାର ମାର୍ଚ୍ଚ ୩୦ରେ ନୂତନ ସଂଯୋଗ ପାଇଁ ଆବଶ୍ୟକ ୮ ହଜାର ଟଙ୍କା ପୈଠ କରି ଆବେଦନ କରିଥିଲେ। କିନ୍ତୁ ୧୫ରୁ ଊର୍ଦ୍ଧ୍ୱ ଦିନ ବିତିଗଲା ପରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ବିଭାଗର କୌଣସି କର୍ମଚାରୀ କ୍ଷେତ୍ର ପରିଦର୍ଶନ କରି ନଥିବା ପ୍ରଭାତୀ କହିଛନ୍ତି। ଏବେ ଖରାର ପ୍ରକୋପ ବଢୁଥିବାବେଳେ ରହୁଥିବା ସ୍ଥାନଟି ହାତୀ ଉପଦ୍ରବ ଅଞ୍ଚଳ ହୋଇଥିବାରୁ ରାତ୍ରିରେ ଅନ୍ଧକାର ଭିତରେ ସ୍ୱାମୀ ଓ ପୁଅ ସହ ଭୟଭୀତ ଅବସ୍ଥାରେ ରହୁଥିବା ନେଇ ପ୍ରଭାତୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

ଏସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅଶ୍ୱଘୋଷ ବେହେରା କହିଛନ୍ତି ଯେ, ହରିଡ଼ାପଶି ଗ୍ରାମଟି ଆଠଗଡ ବିଦ୍ୟୁତ୍ ବିଭାଗ ଫେଜ ନଂ. ୨ରେ ଯାଉଛି। ପ୍ରଭାତୀ ନୂତନ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରିଥିଲେ। ତାଙ୍କ ଘରଠାରୁ ବିଦ୍ୟୁତ୍ ଯିବା ସ୍ଥାନର ଦୂରତା ୭୫୦ ମିଟର। ଏଥିଯୋଗୁ ନୂତନ ସଂଯୋଗ ଦେବା ତାଙ୍କ ହାତରେ ନୁହେଁ ବରଂ ଏହା ବିଦ୍ୟୁତ୍ ମୁଖ୍ୟାଳୟର କାମ। ଦ୍ୱିତୀୟରେ ପ୍ରଭାତୀ ନୂତନ ବିଦ୍ୟୁତ୍ ସଂଯୋଗ ପରିବର୍ତ୍ତେ ଭୁଲ୍‌ରେ ଟ୍ରାନ୍ସଫର୍ମର ପାଇଁ ଆବେଦନ କରିଥିଲେ। ତେଣୁ ଏହାକୁ ରଦ୍ଦ କରାଯାଇଛି। ଖୁବ୍‌ଶୀଘ୍ର ତାଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଉଛି ବୋଲି ବେହେରା କହିଛନ୍ତି।



# ଯୁଗ୍ମ କମିଟିର ତଦନ୍ତ, ଏନ୍‌ଜିଟିଙ୍କୁ ଦେବ ରିପୋର୍ଟ

## ଖୋର୍ଦ୍ଧା, ଜଟଣୀ ଅଞ୍ଚଳରେ ବେଆଇନ ଲଘୁ ଖଣିଜ ଖନନ ପ୍ରସଙ୍ଗ



ଖୋର୍ଦ୍ଧା/ଜଟଣୀ,୧୬।୪
(ପ୍ରଭାତ ପାଣିଗ୍ରାହୀ/ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଏବଂ ଜଟଣୀ ତହସିଲ ଅଞ୍ଚଳରେ ବେଆଇନ ଲଘୁ ଖଣିଜ ଚୋରି ମାମଲାର ତଦନ୍ତ ପାଇଁ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ଙ୍କ ନିର୍ଦ୍ଦେଶ ପରେ ଯୁଗ୍ମ କମିଟି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବେଆଇନ ଭାବେ ମୋରମ ଓ ମାଙ୍କଡ଼ା ପଥର ଖନନ ହେଉଥିବା ଅଭିଯୋଗର ସତ୍ୟତା ପାଇଁ ଗତ ମାର୍ଚ୍ଚ ୧୭ରେ ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଠିତ ଏହି କମିଟି ଗୁରୁବାର ବିଭିନ୍ନ ସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। ଏହି କମିଟିରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଖୋର୍ଦ୍ଧା ଜିଲା ପ୍ରଶାସନର ପ୍ରତିନିଧିମାନେ ରହିଛନ୍ତି।

ଏନ୍‌ଜିଟିଙ୍କ ନିର୍ଦ୍ଦେଶକ୍ରମେ ଏହି କମିଟି ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ପ୍ରଥମେ ଜଟଣୀ ତହସିଲର ମଧୁପୁର, ଖୋର୍ଦ୍ଧା ତହସିଲର ଟାଙ୍ଗିଆପଡ଼ା, ଅରାଙ୍ଗ, ନିଆଳ ଆଦି ଖଣି ବୁଲି ଦେଖିଥିଲେ। ଖଣିର ସ୍ଥିତି, କେଉଁ ପ୍ରକାର ଜମି, କେତେ ମାତ୍ରାରେ ଖନନ ହୋଇଛି, ସେ ସବୁ ଜଙ୍ଗଲ ଜମି କି ନାହିଁ ତାହାର ତର୍ଜମା କରି ତଦନ୍ତ କରିଥିଲେ। ଏହି ଟିମ୍‌ରେ ପ୍ରଦୂଷଣ ବିଭାଗର ରିଜିଓନାଲ ଅଫିସର ସୋହନ ଗିରି, ଜଳବାୟୁ ଓ ପରିବେଶ ପରିବର୍ତ୍ତନ ମନ୍ତ୍ରଣାଳୟର ଟି.ଏଚ୍. ମୋହତା, ଖୋର୍ଦ୍ଧା ଖଣି ଅଧିକାରିଣୀ ଏସ୍. ମାଝୀ, ଖୋର୍ଦ୍ଧା ତହସିଲଦାର ବିଭାସ ପାଣିଗ୍ରାହୀ, ଜଟଣୀ ତହସିଲଦାର ସୁବାଶିଷ ପରିଡ଼ା, ବନ ବିଭାଗ ଟିମ୍ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଖନନସ୍ଥଳ ପରିଦର୍ଶନ କରି ସମୀକ୍ଷା କରିବା ସହ ସ୍ଥାନୀୟ ଜନସାଧାରଣ ଓ ଅଭିଯୋଗକାରୀଙ୍କ ସହ ଆଲୋଚନା ବରି ବୟାନ ରେକର୍ଡ କରିଛନ୍ତି। କମିଟି ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ଏକ ମାସ ମଧ୍ୟରେ ଏନ୍‌ଜିଟିଙ୍କ ନିକଟରେ ଦାଖଲ କରିବେ। ବେଆଇନ ଖଣି ଖନନକୁ ରୋକିବା ପାଇଁ ଆବଶ୍ୟକ ପ୍ରତିକାରମୂଳକ ପଦକ୍ଷେପ ସମ୍ପର୍କରେ ମଧ୍ୟ ସୁପାରିସ କରିବେ। ଯୁଗ୍ମ କମିଟିର ରିପୋର୍ଟ ଆଧାରରେ ଏନ୍‌ଜିଟିର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏନ୍‌ଜିଟିର କାର୍ଯ୍ୟାନୁଷ୍ଠାନ କ'ଣ ରହିବ ସ୍ଥାନୀୟ ସ୍ତରରେ ଉତ୍କଣ୍ଠା ରହିଛି। ସୂଚନାଥାଉ କି, ବେଆଇନ ଭାବେ ଖଣି ଖନନ ହେଉଥିବା ନେଇ ଜିଲା ପ୍ରଶାସନ ସହିତ ରାଜ୍ୟ ସରକାରଙ୍କ ପାଖରେ ଆବେଦନକାରୀ ପ୍ରତାପ ମହାନ୍ତି ବାରମ୍ବାର ଅଭିଯୋଗ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ସେ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ସେପଟେ ଏହିସବୁ ଅଞ୍ଚଳରେ ବ୍ୟାପକ ଖଣି ଖନନ ଚାଲିଥିବା ବେଳେ ଏନ୍‌ଜିଟି ରିପୋର୍ଟ ଆଧାରରେ କେବଳ ସେତିକି ଖଣିର କାହିଁକି ତଦନ୍ତ ହେଉଛି। ଅନ୍ୟ ଖଣିର କେବେ ତଦନ୍ତ କରାଯିବ ବୋଲି ଖୋର୍ଦ୍ଧାର ବୁଦ୍ଧିଜୀବୀ ଓ ପରିବେଶପ୍ରେମୀ କହିଛନ୍ତି।

# ରାସ୍ତା ମରାମତି କଲା ପୂର୍ତ୍ତ ବିଭାଗ



## ଖବର ପ୍ରକାଶ ପରେ ଚେତିଲା

ବେଗୁନିଆ,୧୬।୪(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ପୂର୍ତ୍ତ ବିଭାଗ ବେଗୁନିଆ ସେକ୍ସନ ଅଧୀନ ସିମୋର-ବାଙ୍କୀ ରାସ୍ତାର ଭୋଗଡ଼ା ବାଲୁଙ୍କେଶ୍ୱର ଦେବ ମନ୍ଦିର ନିକଟରେ ରାସ୍ତାରୁ ପିଚୁ ଉଠିଯାଇ ଖାଲଖମା ଯୋଗୁ ମରଣଯନ୍ତା ପାଲଟିଥିଲା। ରାସ୍ତାର ଦୁରବସ୍ଥା ଯୋଗୁ ଲୋକେ ଯାତାୟାତ କରିବାରେ ହଇରାଣ ହେବା ସହ ଦୁର୍ଘଟଣାର ଶିକାର ହେଉଥିଲେ। ଏହି ରାସ୍ତାର ଦୁରବସ୍ଥା ସମ୍ପର୍କରେ ଗତ ୧୨ତାରିଖରେ ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଗୁରୁବାର ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଭୋଗଡ଼ା ବାଲୁଙ୍କେଶ୍ୱର ଦେବ ମନ୍ଦିରଠାରୁ ତୁଳସୀପୁର ପର୍ଯ୍ୟନ୍ତ ଦେଢ଼ କିମିରୁ ଊର୍ଦ୍ଧ୍ୱ କଂକ୍ରିଟ ରାସ୍ତାର ମରାମତି କାର୍ଯ୍ୟ ଏହି କାର୍ଯ୍ୟ ସହ କରାଯିବା ପାଇଁ ସ୍ଥାନୀୟ ଜନସାଧାରଣ ବିଭାଗୀୟ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବେଆଇନ ଖଣିରେ ଚଢ଼ାଉ: ୨ ଟ୍ରାକ୍ଟର, କମ୍ପ୍ରେସର ଜବତ

ବେଗୁନିଆ,୧୬।୪
(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ତହସିଲ ଅଞ୍ଚଳରେ ବେଆଇନ ଖଣି ଖନନ ଦିନକୁଦିନ ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଖଣି ବିଭାଗ ପକ୍ଷରୁ ବୁଧବାର ରାତିରେ ଚଢ଼ାଉ କରାଯାଇଥିଲା। ଦଲକ ମୌଜାରେ ଥିବା ଏକ ବେଆଇନ କଳାପଥର ଖଣି ଉପରେ ନଜର ପଡ଼ିଥିଲା। ଖବରପାଇ ଘଟଣାସ୍ଥଳରୁ ମାଫିଆ ଓ ଖନନ କାର୍ଯ୍ୟ କରୁଥିବା ଶ୍ରମିକମାନେ ଛତ୍ରଭଙ୍ଗ ଦେଇଥିଲେ। ଖନନ ସ୍ଥଳରୁ ୨ଟି ଟ୍ରାକ୍ଟର ସହିତ କମ୍ପ୍ରେସର ଜବତ ହୋଇଛି। ଏହା ସହିତ ଖନନ କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ଉପକରଣ ଜବତ କରାଯାଇଛି। ଖୋର୍ଦ୍ଧା ଖଣି ବିଭାଗର ସହକାରୀ ଅଧିକାରୀ ଅନଙ୍ଗ ଉଦୟ ନାୟକଙ୍କ ଅଭିଯୋଗକ୍ରମେ ବେଗୁନିଆ ଥାନାରେ ଏକ ମାମଲା (ନଂ.୧୫୭/୨୬) ରୁଜୁ ହୋଇଥିବା ବେଳେ ଏସ୍‌ଆଇ ଉଷାରାଣୀ ଦାସ ଘଟଣାର ତଦନ୍ତ କରୁଛନ୍ତି। ଖୋର୍ଦ୍ଧା ଖଣି ବିଭାଗ, ବେଗୁନିଆ ତହସିଲ କର୍ମଚାରୀ ଏବଂ ଥାନା ପୋଲିସ ପକ୍ଷରୁ ମିଳିତ ଭାବେ ଏହି ଚଢ଼ାଉ କରାଯାଇଥିଲା।

## ନାରୀ ଶକ୍ତିଙ୍କ ସଂକଳ୍ପ ପଦଯାତ୍ରା

# ପ୍ରଗତିଶୀଳ ରାଷ୍ଟ୍ରର ସାରଥି ମହିଳା




ଚିଲିକା କୂଳଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ବାହାରିଥିବା ପଦଯାତ୍ରା।

ବାଲୁଗାଁ/ଖୋର୍ଦ୍ଧା,୧୬।୪
(ସଂଗ୍ରାମ ପାଇକରାୟ/ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଗୁରୁବାର ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲୁଗାଁ ଚିଲିକା କୂଳଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ନାରୀ ଶକ୍ତିଙ୍କ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋଭାଯାତ୍ରାକୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ବେହେରା, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ବାଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତି, ଚିଲିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁନମ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ମହିଳାମାନଙ୍କୁ ଆଗକୁ ବଢ଼ିବାରେ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନାରୀ ଶକ୍ତି ବନ୍ଦନ ଅଧିନିୟମ ଏକ ବଳିଷ୍ଠ ପଦକ୍ଷେପ। ଜଣେ ମହିଳା ନେତୃତ୍ୱ ନେଲେ କେବଳ ସେ କିମ୍ବା ପରିବାର ନୁହଁ ପୂରା ସମାଜର ବିକାଶ ଘଟିଥାଏ। ଚିଲିକା ନିର୍ବାଚନମଣ୍ଡଳୀ ଅଧୀନ ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ, ସିଡିପିଓ ଚିଲିକା ଏବଂ ବାଣପୁର ବ୍ଲକ, ବାଲୁଗାଁ ଓ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନେଇ ଏହି ବିଶାଳ ଶୋଭାଯାତ୍ରାରେ ଶତାଧିକ ମହିଳା ବିଭିନ୍ନ ସଶକ୍ତୀକରଣ ବାର୍ତ୍ତା ଥିବା ପ୍ଲାକାର୍ଡ ଧରି ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ା, ଚିଲିକା ବ୍ଲକ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ମଧୁସ୍ମିତା ଶତପଥୀ, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କାଉନ୍‌ସିଲର ଏବଂ ମହିଳା କର୍ମଚାରୀ, ବାଲୁଗାଁ ମହାବିଦ୍ୟାଳୟ ଅଧ୍ୟାପିକା ପ୍ରମୁଖ ଯୋଗଦେଇଥିଲେ।




# ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ



ବୋଲଗଡ଼,୧୬।୪(ଦେବବ୍ରତ ହୋତା)

ଜାତୀୟ ଅଗ୍ନି ନିରାପତ୍ତା ସପ୍ତାହ ଅବସରରେ ବୋଲଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ଲକ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନାରେ ଆକସ୍ମିକ ବିପଦ ମୁକାବିଲା ପାଇଁ ସଚେତନତା, ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏନେଇ ଗୁରୁବାର ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଗ୍ନିଶମ କେନ୍ଦ୍ର ପରିଚାଳକ ବିବେକାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ହାବିଲଦାର ଭାଗୀରଥି ବଳିୟାରସିଂ, ଅଗ୍ନିଯୋଦ୍ଧା ଦୀପକ ମଲ୍ଲିକ, ବାଲ୍ମୀକି ପ୍ରଧାନ ପ୍ରମୁଖ ତରଳ, କଠିନ ଓ ଗ୍ୟାସ୍‌ରେ ନିଆଁ ଲାଗିଲେ ତାହାର ନିର୍ବାପନର ଉପାୟକୁ ବିଭିନ୍ନ ସାମଗ୍ରୀ ପ୍ରୟୋଗ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏଥିସହ ବଜ୍ରପାତ, ସାପକାମୁଡ଼ା, ଜଳରେ ବୁଡ଼ିବା ଓ ବିଦ୍ୟୁତ୍ ଆଘାତରୁ ବର୍ତ୍ତିବା ଉପାୟ ଏବଂ ଏନେଇ ସରକାର ପ୍ରଦାନ କରୁଥିବା କ୍ଷତିପୂରଣ ବାବଦରେ କେନ୍ଦ୍ର ପରିଚାଳକ ଦାସ ସୂଚନା ଦେଇଥିଲେ। ଏହି ଅବସରରେ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ପ୍ରଧାନଶିକ୍ଷକ ପୀତବାସ ଲେଙ୍କା ପ୍ରମୁଖଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ନିରାପତ୍ତା ସମ୍ପର୍କିତ ଅଭ୍ୟାସରେ ସାମିଲ ହୋଇ ତାଲିମ ନେଇଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ

**ବେଗୁନିଆ,୧୬।୪(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ କାର୍ଯ୍ୟରତ କେତେଜଣ ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଥିବା ନେଇ ଗୁରୁବାର ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ରାସ୍ତାରେ ଗାଡ଼ି ଅତିକ୍ରମ କରିବାକୁ ନେଇ ୪ଜଣ ଯୁବକ ଆକ୍ରମଣ କରିଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗ ମୁତାବକ, ନୂତନ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଏକ ବୋଲେରୋରେ କର୍ମଚାରୀମାନେ ବେଗୁନିଆରୁ ଚଣ୍ଡିଆପଲା ରାସ୍ତାରେ ଯାଉଥିଲେ। ବେଗୁନିଆ ସଦର ଅନ୍ତର୍ଗତ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପାର୍ଶ୍ୱରେ ଯାଉଥିବା ଏକ ବାଇକ୍‌କୁ ବିଦ୍ୟୁତ୍ କର୍ମଚାରୀଙ୍କ ଗାଡ଼ି ଅତିକ୍ରମ କରିବାକୁ ହର୍ନ ବଜାଇଥିଲେ। ସେହି ସମୟରେ ଉଭୟ ଗାଡ଼ିର ଚାଳକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ବାଇକ୍‌ରେ ବସିଥିବା ଦୁଇଜଣ ଯୁବକ ଏବଂ ଅନ୍ୟ ଦୁଇ ସହଯୋଗୀ ବିଦ୍ୟୁତ୍ କର୍ମଚାରୀଙ୍କୁ କାଚ ବୋତଲ ଭାଙ୍ଗି ଆକ୍ରମଣ କରିଥିଲେ। ଏଥିରେ କର୍ମଚାରୀ ଚନ୍ଦନ ଜେନା ଆହତ ହୋଇଥିଲେ। ସେହିପରି ଅନ୍ୟ ଦୁଇ ଜଣ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ଉମାକାନ୍ତ ସ୍ୱାଇଁଙ୍କୁ ମଧ୍ୟ ଆକ୍ରମଣ କରାଯାଇଛି। ଏନେଇ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି, ଅଭିଯୋଗ ପରେ ଘଟଣାର ତଦନ୍ତ ଜାରି ରହିଛି।




# ବେଆଇନ ବ୍ଲାଷ୍ଟିଂ ଯୋଗୁ ବଢ଼ୁଛି ଅସନ୍ତୋଷ

## ମାଟିରେ ମିଶିବ ଜୟମଙ୍ଗଳପୁର ପାହାଡ଼



ଖୋର୍ଦ୍ଧା,୧୬।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ଦିନକୁଦିନ ବଢ଼ିଚାଲିଛି। ସରକାରୀ ଜମି, କାଜୁ ଜଙ୍ଗଲ, ପାହାଡ଼ ଏବଂ ଶ୍ରୀମନ୍ଦିର ଜମି ଉପରେ ରହିଛି ଖଣି ମାଫିଆଙ୍କ ଲୋଲୁପ ଦୃଷ୍ଟି। ବେଆଇନ ଭାବେ ପଥର ଉତ୍ତୋଳନ ସହ ଚାଲାଣ କରାଯାଉଛି। ଏହି କ୍ରମରେ ଟାଙ୍ଗୀ ତହସିଲ ଅଧୀନ ଜୟମଙ୍ଗଳପୁର ପାହାଡ଼ ଉପରେ ପଡ଼ିଛି ଖଣି ମାଫିଆଙ୍କ ଲୋଲୁପ ଦୃଷ୍ଟି। ଏଠାରେ ବେଆଇନ ବ୍ଲାଷ୍ଟିଂ ଓ ଖନନ କରାଯିବା ସହ ପଥର ଚାଲାଣ ହେଉଛି। ତେବେ ବେଆଇନ ଖନନ ନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ଗ୍ରାମବାସୀ ପୂର୍ବରୁ ପ୍ରଶାସନ ନିକଟରେ ଅଭିଯୋଗ କରିଥିବା ସତ୍ତ୍ୱେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ସୂଚନାଥାଉ କି, ଏହି ମୌଜାରେ ଗୋଟିଏ ଖଣିକୁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ଅନ୍ୟ ଦୁଇଟି ପାହାଡ଼କୁ ଲଣ୍ଡା କରିସାରିଲେଣି ମାଫିଆ। ଦିବାରାତ୍ର ହାଇୱା ଏବଂ ଟ୍ରକ୍‌ରେ ପଥର ଚୋରାଚାଲାଣ କରାଯାଉଛି। ଜାତୀୟ ରାଜପଥ ଗଳାବାଟ ସାଜିଛି। ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଏବଂ ପୋଲିସ ନୀରବଦ୍ରଷ୍ଟା ସାଜିଥିବା ବେଳେ ପ୍ରତିବାଦ କଲେ ମାଫିଆମାନେ ଭଡ଼ାଟିଆ ଗୁଣ୍ଡା ଲଗାଇ ଧମକ ଦେଉଥିବା ଅଭିଯୋଗ ହେଉଛି। ବେଆଇନ ବ୍ଲାଷ୍ଟିଂ ଯୋଗୁ ନିକଟ ଅଞ୍ଚଳରେ ବସବାସ କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛି ବର୍ଷ ପୂର୍ବେ ଏହି ଖଣିକୁ ଜଣେ ବ୍ୟକ୍ତି ସରକାରୀ ନିୟମ ମୁତାବକ ନେଇ ଚଳାଉଥିଲେ। ସମୟ ଅବଧି ସରିଯାଇଥିବା ବେଳେ ତାଙ୍କୁ ଆଉ ଏନ୍‌ଓସି ମିଳି ନ ଥିବା ଜଣାପଡ଼ିଛି। ତେବେ ବିନା ଟେଣ୍ଡରରେ ମାଫିଆମାନେ ଏହି ପାହାଡ଼ରୁ ଖନନ ସହ ଚାଲାଣ କରୁଛନ୍ତି। ଫଳରେ ଦୈନିକ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ଅଭିଯୋଗ ପରେ ପ୍ରଶାସନିକ ଅଧିକାରୀଙ୍କ ଚଢ଼ାଉ ପୂର୍ବରୁ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ୍ ମାରୁଛନ୍ତି। ଅନ୍ୟପକ୍ଷରେ ପାହାଡ଼ ଚତୁଃପାର୍ଶ୍ୱରେ ଚାଷଜମି, ଆମ୍ବବଗିଚା ଓ ପ୍ରାୟ ୧କିମି ମଧ୍ୟରେ ରହିଛି ଭବାନୀପୁର, ଜୟମଙ୍ଗଳପୁର, ଜରିପୁଟ ଓ କୟଥପଲ୍ଲୀ ଗ୍ରାମ। ବେଆଇନ ବ୍ଲାଷ୍ଟିଂ ଯୋଗୁ ଏଠାକାର ଲୋକମାନେ ଚାଷଜମି ଓ ବଗିଚାରେ କାମ କରିପାରୁ ନ ଥିବାବେଳେ ବ୍ଲାଷ୍ଟିଂ ଶବ୍ଦରେ ସ୍ଥାନୀୟ ଅଞ୍ଚଳରେ ଘରଗୁଡ଼ିକ ଥରୁଥିବା ଅଭିଯୋଗ ହେଉଛି। ବେଆଇନ ପଥର ଖନନ, ବ୍ଲାଷ୍ଟିଂ, ପଥର ଚାଲାଣରେ ରୋକ ଲଗାଇବାକୁ କେତେଜଣ ଗ୍ରାମବାସୀ ଦାବି କରିଛନ୍ତି। ଖଣି ମାଫିଆଙ୍କ ଉପରେ ରୋକ ଲଗା ନ ଗଲେ ପାହାଡ଼ ମାଟିରେ ମିଶିଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ କହିଛନ୍ତି, ବେଆଇନ ବ୍ଲାଷ୍ଟିଂ କରାଯାଉଥିବା ନେଇ ଅଭିଯୋଗ ଆସିଲେ ତଦନ୍ତ କରାଯାଇ ଦୃଢ଼ ପଦକ୍ଷେପ ନିଆଯିବ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୬।୪।୨୦୨୬

| ୫,୬୬,୨୫୭ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ମହିଳାଙ୍କୁ ଅଧିକ ସଶକ୍ତ କରିବ 'ନାରୀଶକ୍ତି ବନ୍ଦନ'

### ଅଧିନିୟମକୁ ସମର୍ଥନ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ, ବାଚସ୍ପତିଙ୍କ ଆହ୍ୱାନ

ପୁରୀ,୧୬।୪(ଅଜିତ୍ କୁମାର ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ତେଣୁ ସେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା କରିବାକୁ ସଂସଦରେ ପ୍ରୟାସ କରିଆସୁଛନ୍ତି। ମହିଳାମାନେ ଯେପରି ସରକାରୀ ନିଯୁକ୍ତି ସମେତ ସମସ୍ତ କ୍ଷେତ୍ରରେ ଅଧିକ ସଂରକ୍ଷଣ ସୁବିଧା ପାଇବେ ସେଥିଲାଗି ମୋଦିଜୀ ନାରୀଶକ୍ତି ବନ୍ଦନ ଅଧିନିୟମ ଆଣିଛନ୍ତି। ଏହାକୁ ସମସ୍ତେ ସମର୍ଥନ କରିବା ଉଚିତ। ଏହି ଅଧିନିୟମ ମହିଳାମାନଙ୍କୁ ଅଧିକ ସଶକ୍ତ କରିବ। ପୂର୍ବରୁ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ମହିଳାଙ୍କ ନିଯୁକ୍ତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିଲା, କିନ୍ତୁ ମୋଦି ସରକାରଙ୍କ ପାଇଁ ତାହା ଏବେ ସମ୍ଭବ ହୋଇପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।



ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହ ଅନ୍ୟ ଅତିଥିବୃନ୍ଦ ।

ଗୁରୁବାର ପୁରୀ ଟାଉନ୍ ହଲ୍‌ରେ ଜିଲା ପ୍ରଶାସନ ଓ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ନାରୀଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ ସଂକ୍ରାନ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ 'ବିକଶିତ ଭାରତ ବିକଶିତ ଓଡ଼ିଶା'ର ଧ୍ୱନି ଦେବା ସହ କେନ୍ଦ୍ର ସରକାରଙ୍କ ନାରୀଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ ଦେବା ପାଇଁ ସମସ୍ତ ମହିଳାଙ୍କୁ ନିବେଦନ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ମହିଳା ସଶକ୍ତୀକରଣ ଯୋଗୁ ସମାଜରେ ନାରୀ ଅଧିକ ସଶକ୍ତ ଓ ପ୍ରଭାବଶାଳୀ ହୋଇପାରିଛନ୍ତି ବୋଲି କହିଛନ୍ତି। ସେ ମଧ୍ୟ ଏହି ଅଧିନିୟମକୁ ସମର୍ଥନ ଜଣାଇବାକୁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରାଜ୍ୟ ମହିଳା କମିଶନର ଉର୍ମିଳା ମହାପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲା ପରିଷଦର ଉନ୍ନୟନ ଅଧିକାରୀ ତଥା ପୌରାଞ୍ଚଳ କମିଶନର ଅରୁଗୁଲା ସ୍ନେହା, ମହିଳା ଆଇପିଏସ୍ ଅଧିକାରୀ ଅନନ୍ତା କେ. ବିଜୟ, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ମଞ୍ଚାସୀନ ଥିଲେ। ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷମାନଙ୍କୁ ସମ୍ମାନିତ କରାଯାଇଥିଲା।

ଏହି ଅବସରରେ ୧ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ ପ୍ରଥମେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଛକଠାରୁ ଟାଉନ୍ ହଲ୍ ପର୍ଯ୍ୟନ୍ତ ପଦଯାତ୍ରା ଆୟୋଜିତ ହୋଇଥିଲା। ପଦଯାତ୍ରାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ପତାକା ହଲାଇ ଶୁଭାରମ୍ଭ କରିଥିଲେ।

# ଓଡ଼ିଆ ଅସ୍ମିତା ପାଇଁ ସରକାର ସଂକଳ୍ପବଦ୍ଧ

ପୁରୀ,୧୬।୪(ଅଜିତ କୁମାର ମହାନ୍ତି)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ବିକାଶ ସହିତ ଓଡ଼ିଆ ଅସ୍ମିତା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ଓଡ଼ିଆ ସାହିତ୍ୟ ଏକାଡେମୀ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା କହିଛନ୍ତି। ପୁରୀ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ଅନୁରାଗ ପତ୍ରିକା ମୁଖ୍ୟ ସମ୍ପାଦକ ବ୍ରଜକିଶୋର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୫୨ତମ ବିଷୁବ ମିଳନ ମହୋତ୍ସବରେ ମୁଖ୍ୟବକ୍ତା ଭାବେ ଡ. ହୋତା ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଏବଂ ଭାଷା ସାହିତ୍ୟ ଉପରେ ଅଧିକ ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟ ସମସ୍ତ ସହଯୋଗ କରିବ। ଏହି ମହୋତ୍ସବକୁ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ଅନୁରାଗ ସମ୍ପାଦକ ଡ. ବଦ୍ରି ମିଶ୍ର ଓ ସୁଲେଖା ସମ୍ପାଦକ ସଦାଶିବ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଳ୍ପ ପାଇଁ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ପ୍ରବନ୍ଧ ସକାଶେ ଡ. ଚନ୍ଦ୍ରଶେଖର ହୋତା, ଗାନ୍ଧୀ କଥା ପାଇଁ ଗୌରାଙ୍ଗ ଚରଣ ପରିଡ଼ା, ସଂସ୍କୃତି ନିମନ୍ତେ ଉମାପ୍ରସାଦ ମହାନ୍ତି, କବିତା ପାଇଁ ଉମାକାନ୍ତ ମହାପାତ୍ର ଏବଂ ରୁନୁ ମହାନ୍ତିଙ୍କୁ ବିଷୁବ ସମ୍ମାନ –୨୦୨୬ ପ୍ରଦାନ କରାଯାଇଥିଲା। ଏଥିସହ ଡ. ବଳରାମ ଦାସ, ମିନତୀ ମିଶ୍ର, ନିରୁପମା ପୂଜାପଣ୍ଡା ଓ ପ୍ରସ୍ତର ଶିଳ୍ପୀ ନିରଞ୍ଜନ ମହାରଣାଙ୍କୁ ସୁଲେଖା ସମ୍ମାନ ପ୍ରଦାନ କରାଯାଇଥିଲା। ଖବରଦାତା ଜଗନ୍ନାଥ ବସ୍ତିଆ ଓ ମଧୁସୂଦନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ଉମାବଲ୍ଲଭ ମହାପାତ୍ର, ଗବେଷକ ନରେଶ ଚନ୍ଦ୍ର ଦାଶ, ସେବାୟତ କଣ୍ଡୁରି ସୁଆର, ଜିଲା ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଡ. ଭାସ୍କର ମିଶ୍ର, ଗୌରହରି ପ୍ରଧାନ ଉଦବୋଧନ ଦେଇଥିବା ବେଳେ କବି ଅନନ୍ତ ପ୍ରଧାନ,ସର୍ବାଣୀ ଦାସ ଓ ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଅନୁରାଗ ଓ ସୁଲେଖାର ବିଷୁବ ସଂଖ୍ୟା ଉନ୍ମୋଚିତ ହୋଇଥିଲା।




# ନୈତିକ, ଆଧ୍ୟାତ୍ମିକ ମୂଲ୍ୟବୋଧଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ

ଡେଲାଙ୍ଗ ୧୬।୪(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସତ୍ୟନାରାଣ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୈତିକ, ଆଧ୍ୟାତ୍ମିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପ୍ରାକ୍ତନ ସଂସ୍କୃତି ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର, ଶୈଳବାଳା ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାଦେବୀ ରାଉତରାୟ, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ଖବରଦାତା ପ୍ରସନ୍ନ ତ୍ରିପାଠୀ, ଶିକ୍ଷକ ସଂଘ ସମ୍ପାଦକ ପ୍ରଶାନ୍ତ ଦାସ, ଶିକ୍ଷାବିତ ରାମଚନ୍ଦ୍ର ଦାଶ, ସନ୍ତୋଷ ମହାନ୍ତି, ଲକ୍ଷ୍ମୀପ୍ରସାଦ ପାଣି, ନିରଞ୍ଜନ ସାହୁ, ପ୍ରାକ୍ତନ ଏବିଇଓ ଶ୍ୟାମସୁନ୍ଦର ଦାସ, ପୂର୍ବତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ, ପରିଚାଳନା କମିଟି ଅଧ୍ୟକ୍ଷ ପ୍ରମୋଦ ସେଠୀ, ଶିକ୍ଷକ ଶୈଳେନ୍ଦ୍ର କୁମାର ସାବତ ପ୍ରମୁଖ ଯୋଗଦେଇ ଥିଲେ। ମେଧା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୁରୀ ଡିଏଭି ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

ପୁରୀ,୧୬।୪(ଅଜିତ୍ କୁମାର ମହାନ୍ତି)

ଚଳିତ ବର୍ଷର ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ପୁରୀ ଜିଲା ଅନ୍ତର୍ଗତ ଡିଏଭି. ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରି ବିଦ୍ୟାଳୟ ତଥା ଜିଲାର ଗୌରବ ବୃଦ୍ଧି କରିଛନ୍ତି। ଦଶମ ଶ୍ରେଣୀରେ ମୋଟ୍ ୧୪୯ ଜଣ ପରୀକ୍ଷା ଦେଇଥିଲେ ଓ ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଶିବ ପ୍ରସାଦ ମିଶ୍ର (୯୮.୬%) ପ୍ରଥମ, ପ୍ରଣବ ସାହୁ (୯୭.୮%) ଦ୍ୱିତୀୟ ଏବଂ ସତ୍ୟଜିତ ପଣ୍ଡା (୯୭.୪%) ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଓଡ଼ିଆ, ସାମାଜିକ ବିଜ୍ଞାନ ଓ ଗଣିତରେ ୧୦୦ ପ୍ରତିଶତ ନମ୍ବର ରଖିଛନ୍ତି। ୩୪ଜଣ ଛାତ୍ରୀଛାତ୍ର ୯୦%ରୁ ଊର୍ଦ୍ଧ୍ୱ ଏବଂ ୧୪ଜଣ ୯୫%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ବିଦ୍ୟାଳୟର ପାସ୍ ହାର ୭୬.୪୮%। ଅନୁଷ୍ଠାନର ଅଧ୍ୟକ୍ଷା ଜ୍ୟୋତ୍ସ୍ନା ମଙ୍ଗରାଜ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଦାବିନେଇ ପୁରୀବାସୀଙ୍କ ପକ୍ଷରୁ ଗୁରୁବାର ବଡ଼ଦାଣ୍ଡରେ ଆୟୋଜିତ ଶୋଭାଯାତ୍ରା । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ସ୍ୱତନ୍ତ୍ର ଦର୍ଶନ ଅଧିକାର ପଦଯାତ୍ରା

ପୁରୀ,୧୬।୪(ଅଜିତ କୁମାର ମହାନ୍ତି)

ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଏବଂ ଦର୍ଶନ ଅଧିକାର ପାଇଁ ସଚେତନତା ପଦଯାତ୍ରା ଗୁରୁବାର ୧୬ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ପରିସର ନିକଟରେ ସମାପ୍ତ ହୋଇଥିଲା। ପଦଯାତ୍ରାରେ ହରିଶଙ୍କର ମିଶ୍ର, ସୁକାନ୍ତ ପଣ୍ଡା, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ପ୍ରାନ୍ତସିନୀ ଜେନା, ପଙ୍କଜିନୀ ପ୍ରଧାନ, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, ରାଧେଶ୍ୟାମ ରଥ ପ୍ରମୁଖ ସାମିଲ ଥିଲେ।

# ଚନ୍ଦନ ଯାତ୍ରାରେ ମୁତୟନ ହେବେ ୫ ପ୍ଲାଟୁନ୍ ଫୋର୍ସ

### ପ୍ରସ୍ତୁତିର ସମୀକ୍ଷା କଲେ ଏସ୍‌ପି

ପୁରୀ,୧୬।୪(ଅଜିତ୍ କୁମାର ମହାନ୍ତି)

ଅକ୍ଷୟ ତୃତୀୟା ଅବସରରେ ଆସନ୍ତା ୨୦ ତାରିଖଠାରୁ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଅରମ୍ଭ ହେବାକୁ ଯାଉଛି। ଏ ନେଇ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ପାଇଁ ଗୁରୁବାର ଏସ୍‌ପି ପ୍ରତୀକ ସିଂ ନରେନ୍ଦ୍ର ପୁଷ୍କରିଣୀ ଓ ଏହାର ଚତୁଃପାର୍ଶ୍ୱରେ ବିସ୍ତୃତ ସମୀକ୍ଷା କରିଛନ୍ତି। ବାହାର ଚନ୍ଦନ ଯାତ୍ରା ୨୧ ଦିନ ଚାଲିବ। ପାଲିଙ୍କିରେ ରାମକୃଷ୍ଣ ଓ ୨ ବିମାନରେ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନ ବିଜେ କରି ବିରାଟ ରୋଶଣୀରେ ନରେନ୍ଦ୍ର ଚକଡ଼ାକୁ ବିଜେ କରିବେ। ପଞ୍ଚ ମହାଦେବ (ଯମେଶ୍ୱର, ମାର୍କଣ୍ଡେୟ, ଲୋକନାଥ, କପାଳମୋଚନ ଓ ନୀଳକଣ୍ଠ)ଙ୍କ ବିଜେ ପ୍ରତିମାମାନେ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରିବା ସମୟରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥାପନ ଏବଂ ସମଗ୍ର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବା ପାଇଁ ଆଲୋଚନା ହୋଇଥିଲା। ୫ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ସେହିପରି ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୮ ଇନ୍ସପେକ୍ଟର ଓ ୨୦ ଜଣ ଏଏସ୍‌ଆଇ/ଏସ୍‌ଆଇଙ୍କ ସମେତ ୫୮ଜଣ ହୋମଗାର୍ଡ ଉପସ୍ଥିତ ରହିବେ। ପାର୍କିଂ ଓ ଟ୍ରାଫିକ୍ ବ୍ୟବସ୍ଥାକୁ ଶକ୍ତିଶାଳୀ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବିଶେଷ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା, ପ୍ରବେଶ ଓ ପ୍ରସ୍ଥାନ ପଥକୁ ଅଲଗା କରାଯିବା ଏବଂ ଆବଶ୍ୟକତାନୁସାରେ ବ୍ୟାରିକେଡିଂ ବ୍ୟବସ୍ଥା ହେବ। ମାଇକିଂ ବ୍ୟବସ୍ଥା, ସୂଚନା ପ୍ରଦାନ କେନ୍ଦ୍ର ଓ ସେବା କ୍ୟାମ୍ପ ସ୍ଥାପନ କରାଯିବ। ପୋଲିସ ମୁତୟନ ସହ ସିସିଟିଭି କ୍ୟାମେରା ଲାଗିବ। ସନ୍ଦିଗ୍ଧ ବ୍ୟକ୍ତି ଓ କାର୍ଯ୍ୟକଳାପ ଉପରେ କଟକଣା ରଖାଯିବା ସହିତ ଆଣ୍ଟି–ସବୋଟାଜ୍ ଚେକିଂ ବ୍ୟବସ୍ଥାକୁ ମଧ୍ୟ ଜୋରଦାର କରାଯିବ। ଫାୟାର ସେଫ୍ଟି ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଲାଇଫ ଜ୍ୟାକେଟ୍, ଲାଇଫ ଗାର୍ଡ ଓ ରେସ୍କ୍ୟୁ ଟିମ୍ ନିୟୋଜିତ ହେବେ। ବରିଷ୍ଠ ନାଗରିକ, ମହିଳା ଓ ଶିଶୁଙ୍କ ସୁବିଧା ପାଇଁ ବିଶେଷ ବ୍ୟବସ୍ଥା କରାଯିବ। ସିନିୟର ସିଟିଜେନ୍‌ମାନଙ୍କ ପାଇଁ ଅଲଗା ବସିବା ବ୍ୟବସ୍ଥା, ସହଜ ଆଗମନ–ପ୍ରସ୍ଥାନ ସୁବିଧା ଓ ସାହାଯ୍ୟ କେନ୍ଦ୍ର ସ୍ଥାପନା କରାଯିବ। ଭକ୍ତଙ୍କ ପାଇଁ ପାଣି, ଚିକିତ୍ସା ସହାୟତା ଓ ସ୍ୱଚ୍ଛତା ବ୍ୟବସ୍ଥା ଉପରେ ମଧ୍ୟ ନଜର ରଖାଯିବ। ଏହି ସ୍ଥଳ ପରିଦର୍ଶନ ଓ ସମୀକ୍ଷା ସମୟରେ ସିଟି ଡିଏସ୍‌ପି, ଟ୍ରାଫିକ୍ ଡିଏସ୍‌ପି ଏବଂ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ପୁରୀ ପୋଲିସ ପକ୍ଷରୁ ସମସ୍ତ ଭକ୍ତଙ୍କୁ ଚନ୍ଦନ ଯାତ୍ରା ସମୟରେ ପୋଲିସ ଓ ପ୍ରଶାସନର ନିର୍ଦ୍ଦେଶ ପାଳନ କରିବାକୁ ଅନୁରୋଧ କରାଯାଇଛି।


ପୁରୀ ଚନ୍ଦନ ପୁଷ୍କରିଣୀରେ ଚନ୍ଦନ ଯାତ୍ରା ପାଇଁ ଚନ୍ଦନ ଚକଡାକୁ ଶିଳ୍ପୀ ସଜାଉଛନ୍ତି ।

## ପିପିଲି ଶାସନ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ପିପିଲି,୧୬।୪(ପ୍ରଭାତ କୁମାର ମହାପାତ୍ର)

ପିପିଲି ଶାସନ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପିପିଲି ମଣ୍ଡଳ ଶିକ୍ଷାଧିକାରୀ ପୀତବାସ ସେଠୀ, ପିପିଲି ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ରାମକୃଷ୍ଣ ଦାସ, ସହ ମଣ୍ଡଳ ଶିକ୍ଷାଧିକାରୀ ଡ. ଶରତ କୁମାର ଚଉଁରୀ, ୧ନଂ ୱାର୍ଡ କାଉନ୍‌ସିଲର ମମତା ମଙ୍ଗରାଜ, ପିପିଲିର କେନ୍ଦ୍ର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଶିକ୍ଷା ସହିତ ଖେଳକୁଦର ଗୁରୁତ୍ୱ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷା, ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କମିଟି ଅଧ୍ୟକ୍ଷ ଦୋଳଗୋବିନ୍ଦ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ସୁଜୟା ନଳିନୀ ଦାଶ, ସହକାରୀ ଶିକ୍ଷକ ବୈକୁଣ୍ଠ କୁମାର ସାହୁ ଏବଂ ସହକାରୀ ଶିକ୍ଷୟିତ୍ରୀ ପ୍ରିୟଙ୍କା ମିଶ୍ର ପରିଚାଳନା କରିଥିଲେ।



# ସର୍ଜରି ବିଭାଗରେ ଚାଲିବ ଟ୍ରମା ଆଇସିୟୁ

## ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା : ବଦଳିବ ଠିକଣା

### ୨୦ ଶଯ୍ୟା ବିଶିଷ୍ଟ ହେବ ଆଇସିୟୁ, ୨୫ରୁ କାର୍ଯ୍ୟକାରୀ



କଟକ,୧୬।୪(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ବଦଳିବ ଟ୍ରମା ଆଇସିୟୁ ଠିକଣା। ଟ୍ରମା ଆଇସିୟୁ ଅଗ୍ନିକାଣ୍ଡକୁ ଏକ ମାସ ବିତିଥିବାବେଳେ ବିଚାରବିଭାଗୀୟ ତଦନ୍ତ ପାଇଁ ଆଇସିୟୁ ମରାମତି କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଫଳରେ ମେଡିକାଲରେ ଆଇସିୟୁ ବେଡ୍ (ଶଯ୍ୟା) ପାଇଁ ରୋଗୀ ହଇରାଣ ହେଉଛନ୍ତି। ଏହାକୁ ନଜରରେ ରଖି ଆଇସିୟୁକୁ କାର୍ଯ୍ୟକାରୀ କରାଇବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ସର୍ଜରି ବିଭାଗରେ ଖୋଲିବାକୁ ଥିବା ଆଇସିୟୁକୁ ଟ୍ରମା ଆଇସିୟୁରେ ପରିଣତ କରାଯିବ। ଏହା ଆସନ୍ତା ୨୫ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ସର୍ଜରି ବିଭାଗ ତଳମହଲାରେ ୨୦ଟି ଶଯ୍ୟା ବିଶିଷ୍ଟ ଆଇସିୟୁ ପାଇଁ ପ୍ରସ୍ତୁତି କରାଯାଉଛି। ପୂର୍ବରୁ ଏହି ଆଇସିୟୁ ସର୍ଜରି ବିଭାଗ ପାଇଁ ନିର୍ମାଣ କରାଯାଉଥିବାବେଳେ ଅଗ୍ନିକାଣ୍ଡ ଘଟଣା ପରେ ଏହାକୁ ଟ୍ରମା ଆଇସିୟୁରେ ପରିଣତ କରାଯିବ। ଆଇସିୟୁ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଆବଶ୍ୟକ ସମସ୍ତ ସରଞ୍ଜାମ ମଧ୍ୟ ମେଡିକାଲକୁ ଆସି ସାରିଛି। ଆର୍‌ଆଣ୍ଡବି ବିଭାଗର ଆଉ ମାତ୍ର କିଛି କାମ ବାକିଥିବାବେଳେ ଏହାକୁ ଏପ୍ରିଲ ୨୫ରେ କାର୍ଯ୍ୟକାରୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟପଟେ ଅଗ୍ନିକାଣ୍ଡ ଘଟଣାର ବିଚାର ବିଭାଗୀୟ ତଦନ୍ତ ଶେଷ ହେବା ମାତ୍ରେ ହିଁ ନିଆଁ ଲାଗିଥିବା ଟ୍ରମା ଆଇସିୟୁ ମରାମତି ଆରମ୍ଭ କରାଯିବ ଏବଂ କାମ ଶେଷ ହେବା ପରେ ପୁନର୍ବାର ଏଠାରେ ଆଇସିୟୁ କାର୍ଯ୍ୟ କରିବ କି ନାହିଁ ସେନେଇ ମେଡିକାଲ କର୍ତ୍ତୃପକ୍ଷ ବିଚାର କରିବେ ବୋଲି ଜଣାପଡିଛି।

ସୂଚନା ଯୋଗ୍ୟ, ମାର୍ଚ୍ଚ ୧୫ ତାରିଖ ବିଳମ୍ବିତ ରାତିରେ ଘଟିଥିବା ଟ୍ରମା ଆଇସିୟୁ ଅଗ୍ନିକାଣ୍ଡରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ବିଚାରବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବାବେଳେ କିଛିଦିନ ପୂର୍ବେ ତଦନ୍ତ କମିଶନ ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳ ଓ ଟିମ୍ ପହଞ୍ଚି ମେଡିକାଲ କର୍ତ୍ତୃପକ୍ଷ, ପୂର୍ବତନ ଅଧୀକ୍ଷକ, ଆଇସିୟୁରେ ଡ୍ୟୁଟିରେ ଥିବା ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ଏହାସହ ଘଟଣାସ୍ଥଳରେ ମଧ୍ୟ ଯାଞ୍ଚ କରାଯାଇଥିଲା। ଏଥିସହ ନିକଟରେ ଏକ କେନ୍ଦ୍ରୀୟ ଟିମ୍ ମଧ୍ୟ ଏସ୍‌ସିବିରେ ପହଞ୍ଚି ତଦନ୍ତ କରିଥିଲା। ସେହିପରି ଅଗ୍ନିକାଣ୍ଡ ପରେ ମେଡିକାଲର କୋଠାଗୁଡିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ଯାଞ୍ଚ କରିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୫ଟି ସ୍ୱତନ୍ତ୍ର ଟିମ୍ ମେଡିକାଲର ୮୫ଟି କୋଠାର ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିଥିଲା।

## ନିୟମ ମାନୁନାହାନ୍ତି କର୍ମଚାରୀ, ୧୨ଟାରେ ଖୋଲୁଛି ଏଣ୍ଡୋସ୍କୋପି ଗୃହ

କଟକ,୧୬।୪(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଠିକ୍ ସମୟରେ ମିଳିପାରୁନି ଚିକିତ୍ସା। ସରକାରୀ ମେଡିକାଲର ସମୟାନୁସାରେ ଏସ୍‌ସିବିର ପରୀକ୍ଷା କେନ୍ଦ୍ରଗୁଡ଼ିକ ଖୋଲାଯାଉନି। ଏହାଦ୍ୱାରା ରୋଗୀ ଘଣ୍ଟା ଘଣ୍ଟା ଅପେକ୍ଷା କରି ରହୁଛନ୍ତି। ଏଭଳି ଘଟଣା ଗୁରୁବାର ଏସ୍‌ସିବିର କର୍ଣ୍ଣ, ନାସା ଓ ଗଳା (ଇଏନ୍‌ଟି) ବିଭାଗରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏଠାରେ ଥିବା ଏଣ୍ଡୋସ୍କୋପି ପରୀକ୍ଷା ପାଇଁ ରୋଗୀ ସକାଳୁ ଅପେକ୍ଷା କରି ରହିଥିବାବେଳେ ଏହା ମଧ୍ୟାହ୍ନ ୧୨ଟାରେ ଖୋଲାଯାଇଥିଲା। ଅପେକ୍ଷା କରି ରହିଥିବା ରୋଗୀ ଓ ସମ୍ପର୍କୀୟ ବିଳମ୍ବ ଯୋଗୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି ମେଡିକାଲର ଏଣ୍ଡୋସ୍କୋପିର ଦାୟିତ୍ୱରେ ଥିବା କର୍ମଚାରୀ ନିଜ ମନମାନି କରୁଥିବାରୁ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଘଟଣା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।





'ଚିନ୍ତା ଓ ଚେତନା' ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୪୯ତମ 'ବୈଶାଖୀ' ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଶିଳ୍ପୀମାନେ'ଓଡ଼ିଶା ମୋର ଜନମ ଭୂମି' ଓ ଶିଳ୍ପୀ ସଞ୍ଜନା ଗୌଡ଼ 'ଶ୍ରୀତ କମଳା' ପରିବେଷଣ କରୁଛନ୍ତି।

## ଭକ୍ତିଭାବ ଭରିଦେଲା 'ଶ୍ରୀତ କମଳା'

### ୪୯ତମ 'ବୈଶାଖୀ' ମହୋତ୍ସବର ୨ୟ ସନ୍ଧ୍ୟା



ଭୁବନେଶ୍ୱର,୧୬।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ନବବର୍ଷ ପାଳନ ଅବସରରେ 'ଚିନ୍ତା ଓ ଚେତନା' ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୪୯ତମ 'ବୈଶାଖୀ' ମହୋତ୍ସବର ଗୁରୁବାର ଥିଲା ୨ୟ ସନ୍ଧ୍ୟା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେରୁ ଆରମ୍ଭ ହୋଇଥିଲା ଏହି ନିଆରା ମହୋତ୍ସବ। ଘଣ୍ଟଘଣ୍ଟା, ଖୋଳ, ମର୍ଦ୍ଦଳର ତାଳେ ତାଳେ ଶିଳ୍ପୀଙ୍କ ଓଡ଼ିଶୀ, ଗୋଟିପୁଅ ଓ ମାହାରୀ ନୃତ୍ୟ ଭିତରେ ଶ୍ରୀଜଗନ୍ନାଥ ମଞ୍ଚକୁ ବିଜେକରିବା ପରେ ସନ୍ଧ୍ୟା ଆଳତି କରାଯାଇଥିଲା। ଏହାପରେ ଓଡ଼ିଶୀ ନୃତ୍ୟରେ ନୂପୁର ନୃତ୍ୟାନୁଷ୍ଠାନର ଶିଳ୍ପୀ ସଞ୍ଜନା ଗୌଡ଼ 'ଶ୍ରୀତ କମଳା' ପରିବେଷଣ କରି ଠାକୁରଙ୍କୁ ଆବାହନ କରିଥିଲେ, ଯାହା ଦର୍ଶକଙ୍କ ମନରେ ଭକ୍ତିଭାବ ସୃଷ୍ଟି କରିଥିଲା। ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଅନୁଷ୍ଠାନର ସଭାପତି ସହଦେବ ସାହୁ, କେନ୍ଦ୍ର ସାହିତ୍ୟ ଏକାଡେମୀର ଅବସରପ୍ରାପ୍ତ କାର୍ଯ୍ୟକ୍ରମ ଅଧିକାରୀ ମିହିର ସାହୁ, ଉଦ୍‌ଘୋଷକ ଅଶୋକ ପାଣ୍ଡେ, ଖବରଦାତା କିଶୋର ମଙ୍ଗରାଜ, ଆଡ୍‌ଭୋକେଟ୍ ମମତା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୂପୁର ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ 'ଓଡ଼ିଶା ମୋର ଜନମ ଭୂମି' ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ନିରଞ୍ଜନ ଦାସ ଏହାର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲା ବେଳେ ରାମହରି ଦାସ ସଙ୍ଗୀତରେ ସଜେଇ ଥିଲେ। ପରେ ଶିଳ୍ପୀମାନଙ୍କ ଗୋଟିପୁଅ, ମାହାରୀ ନୃତ୍ୟରେ ଉପସ୍ଥିତ ଅତିଥି ଓ ଦର୍ଶକ ବିମୋହିତ ହୋଇଥିଲେ। ଅନୁଷ୍ଠାନର ସଭାପତି ସହଦେବ ସାହୁ ଧନ୍ୟବାଦ ଦେଇଥିଲେ। ଅନସୂୟା ସାହୁ ମଞ୍ଚ ପରିଚାଳନା କରିଥିଲେ। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବର ମିଡିଆ ପାର୍ଟନର 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ରହିଛି।

## ଶ୍ରୀମନ୍ଦିର ଭିତର ଫଟୋ ଉଠାଇ ଧରାପଡ଼ିଲେ ନାବାଳିକା

ପୁରୀ,୧୬।୪
(ଅଜିତ୍ କୁମାର ମହାନ୍ତି)

ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଗୁରୁବାର ଶ୍ରୀମନ୍ଦିର ଭିତରେ ମୋବାଇଲ ଫୋନ୍ ଦ୍ୱାରା ଭିଡିଓ ଏବଂ ଫଟୋ ଉତ୍ତୋଳନ କରୁଥିବାବେଳେ ଜଣେ ନାବାଳିକା(୧୫) ସୁରକ୍ଷା କର୍ମଚାରୀଙ୍କ ହାତରେ ଧରାପଡ଼ିଛନ୍ତି। ସେ ତେଲଙ୍ଗାନା ହାଇଦ୍ରାବାଦରୁ ଆସିଥିଲେ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ନାବାଳିକା ଜଣକ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଶ୍ରୀମନ୍ଦିର ଭିତର ବେଢାରେ ଥାଇ କୀର୍ତ୍ତନଚକଡ଼ା, ନୀଳଚକ୍ର ଆଦିର ଫଟୋ ଉଠାଇଥିଲେ। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିରରୁ ପ୍ରସ୍ଥାନ ସମୟରେ ମୋବାଇଲରେ ପତିତପାବନଙ୍କ ଫଟୋ ଉତ୍ତୋଳନ କରିଥିଲେ। ଏହି ସମୟରେ ସେବାୟତଙ୍କ ନଜର ତାଙ୍କ ଉପରେ ପଡ଼ିଥିଲା। ତାଙ୍କୁ ନେଇ ସେ ସୁରକ୍ଷାକର୍ମୀଙ୍କ ଜିମା ଦେଇଥିଲେ। ସୁରକ୍ଷାକର୍ମୀ ତାଙ୍କ ଫୋନକୁ ଯାଞ୍ଚ କରିବା ସହ ଫଟୋ ଓ ଭିଡିଓଗୁଡ଼ିକୁ ଡିଲିଟ କରି ତାଙ୍କୁ ସିଂହଦ୍ୱାର ଥାନାକୁ ନେଇଥିଲେ। ସେଠାରେ ପଚରାଉଚରା କରିବା ପରେ ଏକ ଅଣ୍ଡରଟେକିଂ ଲେଖି ଛାଡ଼ିଦେଇଛି। ତେବେ ଏପରି ଘଟଣା ବାରମ୍ବାର ଘଟୁଥିବାରୁ ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡ଼ି ସହ ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ଆଣି କଠୋର ଦଣ୍ଡବିଧାନ କରାଯିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

## ଖରା ପାଇଁ ସ୍କୁଲ ସମୟର ପରିବର୍ତ୍ତନ କରାଯାଉ : ଓଷ୍ଟା

ଭୁବନେଶ୍ୱର,୧୬।୪(ସୁଚିସ୍ମିତା ସାହୁ)

ରାଜ୍ୟରେ ମୁଣ୍ଡଫଟା ଖରା ସାଙ୍ଗକୁ ଓଡ଼ିଶାର ଅଧିକାଂଶ ଜିଲା ଅସହ୍ୟ ଗରମ ଓ ପ୍ରଚଣ୍ଡ ତାତିରେ ସିଝିଲାଣି। ସକାଳ ୧୦ଟା ପରେ ଟାଣଖରାରେ ଘରୁ ବାହାରିବା କଷ୍ଟକର ହେଉଛି। ରାଜ୍ୟରେ ପ୍ରଚଣ୍ଡ ତାତି ସାଙ୍ଗକୁ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଛି। ତେଣୁ ରାଜ୍ୟରେ ସ୍କୁଲ ସମୟର ପରିବର୍ତ୍ତନ କରାଯିବା ପାଇଁ ଗୁରୁବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି।

ସେ କହିଛନ୍ତି, ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ସକାଳ ୬ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ସ୍କୁଲ ସମୟ ସ୍ଥିର କରାଯାଇଛି। କିନ୍ତୁ ଦିନ ୧୦ଟାରୁ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଆରମ୍ଭ ହୋଇଯାଉଛି। ଏଭଳି ପରିସ୍ଥିତିରେ ଦିନ ୧୦ଟା ୩୦ରେ ବିଦ୍ୟାଳୟକୁ ଛୁଟି କରାଗଲେ ଛାତ୍ରୀଛାତ୍ରମାନେ ଘରକୁ ଫେରିବା ବେଳକୁ ଅଂଶୁଘାତ ସମ୍ମୁଖୀନ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରୀଷ୍ମପ୍ରବାହକୁ ନେଇ ସରକାର ପୂର୍ବରୁ ଘୋଷଣା କରିଥିବା ସମୟର ପୁନର୍ବିଚାର କରି ସମୟ ପରିବର୍ତ୍ତନ କରିବାକୁ ଓଷ୍ଟା ଦାବି କରିଛି। ଗ୍ରୀଷ୍ମଛୁଟି ପର୍ଯ୍ୟନ୍ତ ସ୍କୁଲ ସମୟକୁ ସକାଳ ୬ଟାରୁ ୯ଟ ୩୦ ପର୍ଯ୍ୟନ୍ତ କରିବାକୁ ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କୁ ନିବେଦନ କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଭିଷେକ



@ ପ୍ରଦୀପ



@ ଲକି



@ କ୍ରିଷ୍ଣା



@ ଜିତେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଶାରେ ମିଳିବ ବିଶ୍ୱସ୍ତରୀୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା

## ଜିପାଇଗୋ ସହ ସ୍ୱାସ୍ଥ୍ୟ ବିଭାଗର ବୁଝାମଣାପତ୍ର ସ୍ୱାକ୍ଷରିତ



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ଅଧିକାରୀମାନେ।

ଭୁବନେଶ୍ୱର,୧୬।୪(ସୁଚିସ୍ମିତା ସାହୁ)

ନର୍ସିଂସେବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଅଣସଂକ୍ରାମକ ରୋଗ ଚିକିତ୍ସା, ପୁଷ୍ଟିସାଧନ ଏବଂ ପ୍ରସୂତିଙ୍କ ପାଇଁ ଜରୁରିକାଳୀନ ଚିକିତ୍ସା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସାଧାରଣ ଲୋକଙ୍କୁ ବିଶ୍ୱସ୍ତରୀୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମିଳିବ। ଏଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବଂ ଜନ୍ ହପ୍‌କିନ୍ସ ଅନ୍ତର୍ଜାତୀୟ ସ୍ତ୍ରୀରୋଗ, ପ୍ରସୂତି ଓ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ(ଜିପାଇଗୋ) ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଲୋକସେବା ଭବନଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡ. ସନ୍ତୋଷ ମିଶ୍ର ଏବଂ ଜିପାଇଗୋର ଜାତୀୟ ନିର୍ଦ୍ଦେଶକ ଡ. ଅମିତ୍ ଶାହ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ବିଶ୍ୱସ୍ତରୀୟ ଗୁଣାତ୍ମକ ସେବା ନିମନ୍ତେ ଜ୍ଞାନ ଓ ପ୍ରାଜ୍ଞତାର ଆଦାନପ୍ରଦାନ ଉପରେ ଏହି ବୁଝାମଣାପତ୍ର ଆଧାରିତ। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କହିଲେ, ବୁଝାମଣା ପତ୍ର ଦ୍ୱାରା ଜିପାଇଗୋ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗିତା ଓ ସହଭାଗିତା ପ୍ରତିଷ୍ଠା ହେବ। ମୁଖ୍ୟତଃ ସ୍ୱାସ୍ଥ୍ୟସେବାର ବିଶ୍ଳେଷଣ, ଯୋଜନା ଓ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ବୈଷୟିକ ସହାୟତା, ବିଭିନ୍ନ ଜିଲା ଓ ରାଜ୍ୟ ମଧ୍ୟରେ ଅଭିଜ୍ଞତା ଓ ଶିକ୍ଷାର ଆଦାନପ୍ରଦାନ, ବିଶ୍ୱସ୍ତରୀୟ ସର୍ବୋତ୍ତମ ପ୍ରଣାଳୀଗୁଡିକୁ ଓଡ଼ିଶାର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟାନ୍ୱୟନ କରାଯିବ। ରାଜ୍ୟ ସ୍ୱାସ୍ଥ୍ୟସେବାରେ ବିଶ୍ୱସ୍ତରୀୟ ଗୁଣାତ୍ମକମାନ ବୃଦ୍ଧି ପାଇଁ ବୈଷୟିକ ପରାମର୍ଶ, ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ବ୍ୟବସ୍ଥାର ଦୃଢ଼ୀକରଣ, ପ୍ରଶିକ୍ଷକଙ୍କ ଦକ୍ଷତା ବିକାଶ, ଡିଜିଟାଲ ଏବଂ ଇ-ଲର୍ନିଂ ପ୍ଲାଟ୍‌ଫର୍ମର ବ୍ୟବହାର, ସିମୁଲେଶନ ଆଦି ରହିଛି। ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଏସ୍. ଅଶ୍ୱଥିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ ନିର୍ଦ୍ଦେଶକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପ ଶାସନ ସଚିବ ଅରୁଣା ତ୍ରିପାଠୀ ସଂଯୋଜନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।

# କିଟ୍‌ରେ ଫ୍ୟାଶନ ଶୋ 'କୀର୍ତ୍ତି କଳ୍ପନା'



ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)

କିଟ ଫ୍ୟାଶନ୍ ଟେକ୍ନୋଲୋଜି ସ୍କୁଲର ଫ୍ୟାଶନ୍ ଶୋ 'କୀର୍ତ୍ତି କଳ୍ପନା'ର ୧୪ତମ ସଂସ୍କରଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ କହିଲେ, ଭୁବନେଶ୍ୱର ପୂର୍ବ ଭାରତରେ ଏକ ପ୍ରମୁଖ ଫ୍ୟାଶନ୍ ହବ୍‌ରେ ପରିଣତ ହେବାକୁ ଯାଉଛି। ମିସ୍ ଇଣ୍ଡିଆ ସଂଗଠନର ଜାତୀୟ ନିର୍ଦ୍ଦେଶକ, ବ୍ରାଣ୍ଡ ଆଣ୍ଡ ଅପରେସନ୍ସ ମୁଖ୍ୟ ନତାଶା ଗ୍ରୋଭର, ଦିଲ୍ଲୀର ବିଶିଷ୍ଟ ଫ୍ୟାଶନ୍ ଡିଜାଇନର ଅନୁଜ ଦୁର୍ଗା ଶର୍ମା, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ ଡି, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଫ୍ୟାଶନ୍‌ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସ୍କୁଲର ଡିନ ଡ. ରାଜୀବ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ବାଉରୀ ରାଉଳା ଧନ୍ୟବାଦ ଦେଇଥିଲେ।

# ଦେବୋତ୍ତର କମିଶନରଙ୍କୁ ଭେଟିଲା ମନ୍ଦିରାଧୀଶ ପୂଜକ ମହାସଂଘ

## ୧୨ ଦଫା ଦାବିପତ୍ର ପ୍ରଦାନ

ଖୋର୍ଦ୍ଧା,୧୬।୪(ପ୍ରଭାତ ପାଣିଗ୍ରାହୀ)



ନିଖିଳ ଉତ୍କଳ ମନ୍ଦିରାଧୀଶ ପୂଜକ ମହାସଂଘ ଖୋର୍ଦ୍ଧା ପକ୍ଷରୁ ୧୨ ଦଫା ଦାବି ନେଇ ଭୁବନେଶ୍ୱର ସହକାରୀ ଦେବୋତ୍ତର କମିଶନରଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ରାଜା, ମହାରାଜାମାନେ ମଠ ଏବଂ ମନ୍ଦିର ପ୍ରତିଷ୍ଠା କରି ଠାକୁରଙ୍କ ପୂଜା ଓ ନୀତିକାନ୍ତି ନିମନ୍ତେ ଜମିବାଡ଼ି ଖଞ୍ଜି ପୂଜକମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ। ଇଂରେଜ ଶାସନ କାଳରେ ମଧ୍ୟ ଏହା ଅକ୍ଷୁଣ୍ଣ ଥିଲା। ସ୍ୱାଧୀନୋତ୍ତର ଭାରତରେ ଠାକୁରଙ୍କ ନୀତିକାନ୍ତି, ପୂଜକ (ସେବାୟତ)ଙ୍କ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଛି। ଓଡ଼ିଶାର ବିଭିନ୍ନ ମଠ, ମନ୍ଦିରରେ କାର୍ଯ୍ୟ କରୁଥିବା ପୂଜକ ଏବଂ ସେବାୟତମାନେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଉତ୍କଳର ମନ୍ଦିରାଧୀଶ ଏବଂ ପୂଜକ ବର୍ଗ ଅବହେଳିତ ଅବସ୍ଥାରେ ରହିଛନ୍ତି। ବଂଶାନୁକ୍ରମିକ ଭାବେ ଦେବଦେବୀ ମନ୍ଦିରର ପରିଚାଳନା, ପୂଜା, ଦେବନୀତି କରି ଆସୁଥିବା ସେବାୟତ ଏବଂ ପୂଜକଙ୍କ ଭୂସମ୍ପତ୍ତି ଉପରେ କୌଣସି ଅଧିକାର ନାହିଁ। ଠାକୁରଙ୍କ ସେବାରେ ନିୟୋଜିତ ରହିଥିବା ଏହି ବର୍ଗ ଆର୍ଥିକ ସ୍ଥିତି ଦେଇ ଗତି କରୁଥିବା ବେଳେ ଦୟନୀୟ ଅବସ୍ଥାରେ ପରିବାର ପ୍ରତିପୋଷଣ କରୁଛନ୍ତି। ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସେବାୟତଙ୍କ ଦେବୋତ୍ତର ଭୂସମ୍ପତ୍ତି ଉପରେ କୌଣସି ମୌଳିକ ଅଧିକାର ନାହିଁ। କୌଣସି ସମୟରେ ଟଙ୍କା ଆବଶ୍ୟକ ପଡ଼ିଲେ ବ୍ୟାଙ୍କ ଋଣ ଦେଉନାହିଁ। ଘରବାରି ଠାକୁରଙ୍କ ନାମରେ ଥିବାରୁ କୌଣସି ସୁବିଧା ମିଳୁନାହିଁ। ସେବାୟତଙ୍କୁ ଜମିର ମାଲିକନା ସ୍ୱତ୍ୱ ଦିଆଯାଉ। ଜାତୀୟ ରାଜପଥ ଓ ରେଲୱେରେ ଯାଉଥିବା ଜମିର କ୍ଷତିପୂରଣ ସମ୍ପୃକ୍ତ ପ୍ରକୃତ ଚାଷୀ ସେବାୟତଙ୍କୁ ଦିଆଯାଉ। ଗଣତନ୍ତ୍ର ରାଷ୍ଟ୍ରରେ ସରକାର ହିନ୍ଦୁ ଦେବୋତ୍ତର ଆଇନ ପ୍ରଣୟନ କରି ବହୁ ଧାର୍ମିକ ଅନୁଷ୍ଠାନକୁ ନିଜ ଅକ୍ତିଆରକୁ ନେଇ ପୂଜକ, ସେବାୟତ, ନ୍ୟାସୀ ଟ୍ରଷ୍ଟିମାନଙ୍କ ଅଧିକାର ଛଡ଼ାଇ ନେଇ ନିଜ ଅଧୀନରେ ରଖି ସେବାୟତଙ୍କୁ ଅଣଦେଖା କରୁଛନ୍ତି। ଓଡ଼ିଶାରେ ଓଏଚ୍ଆର୍ଇ ଆକ୍ଟ ଅନୁସାରେ ବହୁ ଧର୍ମାନୁଷ୍ଠାନର ୨୭ଧାରା ଲାଗୁ କରାଯାଇ ସେବାୟତଙ୍କୁ ଭୂସମ୍ପତ୍ତିରୁ ଉଚ୍ଛେଦ କରାଯାଇଛି। ପୁଣି ଥରେ ପୂଜକ ଓ ସେବାୟତମାନଙ୍କୁ ଭୂସମ୍ପତ୍ତିର ଅଧିକାର ସୁବିଧା ଯୋଗାଇଦେବା ପାଇଁ ଦାବି କରିଛନ୍ତି । ବାଙ୍କୀ, ଗୋପାଳପୁର ଗ୍ରାମର ରତ୍ନମାଳିକା ଦେବୀ ଠାକୁରାଣୀଙ୍କ ସମ୍ପତ୍ତି ମାର୍ଫତ୍‌ଦାର ମଧୁରଣା ଓଗେର ସେବାୟତଙ୍କ ନାମରେ ପଟ୍ଟା ଥିଲା। ତେବେ ୨୦୨୫ ମସିହାରେ ବିନା ନୋଟିସରେ ଏହା ବଦଳାଯାଇ ଦେବୋତ୍ତର କମିଶନରଙ୍କ ନାମରେ କିପରି କରାଯାଇଛି ବୋଲି ମହାସଂଘ ପ୍ରଶ୍ନ କରିଛି। ଏଭଳି ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀରେ କରାଯାଇଛି। ମାର୍ଫତ୍‌ଦାରଙ୍କ ମୃତ୍ୟୁ ପରେ ତାଙ୍କ ସନ୍ତାନମାନଙ୍କୁ ମାର୍ଫତ୍‌ଦାର ସ୍ୱତ୍ୱ ଦିଆଯାଉ। ହିନ୍ଦୁ ମଠ, ମନ୍ଦିର ଉପରେ ଦେବୋତ୍ତର ଆଇନ ଲାଗୁ କରାଯାଉଥିବା ବେଳେ ଅନ୍ୟ ଧର୍ମାନୁଷ୍ଠାନ ପ୍ରତି କାହିଁକି ଲାଗୁ କରାଯାଇ ନାହିଁ ବୋଲି ପ୍ରଶ୍ନ କରିବା ସହ ଦେବୋତ୍ତର ଆଇନକୁ ଶୀଘ୍ର ରଦ୍ଦ କରାଯାଉ। ସିକିମ ପ୍ରଜାମାନେ ଠାକୁରଙ୍କ ଦେବନୀତି ପାଇଁ କୌଣସି ସହଯୋଗ କରୁନାହାନ୍ତି। ଠାକୁରଙ୍କ ନୀତିରେ ବ୍ୟାଘାତ ଘଟୁଛି। ସେମାନଙ୍କଠାରୁ ଜମି ଠାକୁରଙ୍କୁ ଫେରାଇ ଦେବାର ବ୍ୟବସ୍ଥା କରାଯାଉ। ଭାରତରେ ସଂସ୍କୃତି ତଥା ମନ୍ଦିର, ମଠର ସୁପରିଚାଳନା ପାଇଁ ସେବାୟତ ବୋର୍ଡ଼ ଗଠନ କରାଯାଉ। ମହାସଂଘ ପକ୍ଷରୁ ଗୁଣନିଧି ମହାପାତ୍ର, ତ୍ରିଲୋଚନ ମହାପାତ୍ର, ବୈକୁଣ୍ଠ ମହାପାତ୍ର, କଂଗ୍ରେସ ରଣା, ପଞ୍ଚାନନ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ଅଶୋକ ମହାପାତ୍ର, ପ୍ରତାପ ମହାପାତ୍ର, ଆଡ୍‌ଭୋକେଟ କାଳିନ୍ଦୀ ଚରଣ ରଣା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଡିଭାଇଡରରେ ପିଟିହୋଇ ଓଲଟିଲା କାର୍



ଟାଙ୍ଗୀ,୧୬।୪(ରଘୁନାଥ ସାହୁ)

ଚାନ୍ଦପୁର ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବେଷ୍ଟ ଛକ ନିକଟରେ ଗୁରୁବାର ଏକ କାର୍ ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହୋଇ ଓଲଟି ପଡ଼ିଥିଲା। ଫଳରେ ଗାଡ଼ିରେ ଥିବା ଯୁବକମାନେ ଆହତ ହୋଇଥିଲେ। ଖବରପାଇ ଚାନ୍ଦପୁର ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ୮ଜଣ ଯୁବକ ଢେଙ୍କାନାଳରୁ ଉକ୍ତ କାର୍‌ରେ ଚିଲିକା ବୁଲିବାକୁ ଯାଉଥିବା ବେଳେ ବେଷ୍ଟ ଛକ ନିକଟରେ ଦୁର୍ଘଟଣା ଘଟିଥିଲା।

# ୨ୟ ଦିନରେ ଉଚ୍ଛେଦ ହେଲାନି

## ବରସାହି ମୌଜା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ

ଖୋର୍ଦ୍ଧା,୧୬।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ବରସାହିରେ ଦୀର୍ଘ ଦିନ ଧରି ଜବରଦଖଲରେ ରହିଥିବା ସରକାରୀ ଜମି ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ ଏବଂ ଜବରଦଖଲକାରୀଙ୍କୁ ପ୍ରଶାସନର ଅନୁକମ୍ପା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଜଣେ ବ୍ୟକ୍ତି ବରସାହି ମୌଜାରେ ୩ ଏକର ବିଶିଷ୍ଟ ସରକାରୀ ଜମି ଜବରଦଖଲ କରି ୨ ମହଲା କୋଠା ଓ ଫାର୍ମ ହାଉସ୍ ନିର୍ମାଣ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଏକରରୁ ଅଧିକ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଥିବା ବେଳେ କୋଠା ଭିତରେ ଥିବା ଆସବାବପତ୍ର ସ୍ଥାନାନ୍ତର ପାଇଁ ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ମହଲତ ଦିଆଯାଇଥିଲା। ତେବେ ଗୁରୁବାର ପୁଣି ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଥିବା ବେଳେ କୌଣସି ଉଚ୍ଛେଦ କରାଗଲା ନାହିଁ। ତେବେ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ସତ୍ତ୍ୱେ ଉଚ୍ଛେଦ କାର୍ଯ୍ୟରେ ବିଳମ୍ବ ଏବଂ ଜବରଦଖଲକାରୀଙ୍କୁ ପ୍ରଶାସନ କାହିଁକି ଅନୁକମ୍ପା ଦେଖାଯାଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଜବରଦଖଲକାରୀ ଉଚ୍ଚ ନ୍ୟାୟାଳୟରୁ ରହିତାଦେଶ ଆଣିବା ପାଇଁ ମସୁଧା ଚଳାଇଥିବା ଜଣାପଡ଼ିଛି। ଦୋକାନୀମାନଙ୍କୁ ସରକାରୀ ଜମିରୁ ଉଚ୍ଛେଦ କ୍ଷେତ୍ରରେ ପ୍ରଶାସନର ନିୟମ କଡ଼ାକଡ଼ି ପାଳନ ହେଉଥିବା ବେଳେ ଫାର୍ମ ହାଉସ୍ ମାଲିକଙ୍କ କ୍ଷେତ୍ରର ଉଚ୍ଛେଦ ନିୟମ ଭିନ୍ନ ବୋଲି ଦେଖିବାକୁ ମିଳିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ତୁରନ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଦାବି ହୋଇଛି। ଏନେଇ ତହସିଲଦାର ବିଭାସ ପାଣିଗ୍ରାହୀ କହିଛନ୍ତି, ଏନ୍‌ଜିଟିଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଏକ ଯୁଗ୍ମ କମିଟି ଖୋର୍ଦ୍ଧା ଓ ଜଟଣୀ ଅଞ୍ଚଳର ବିଭିନ୍ନ ବେଆଇନ ଖନନ ସ୍ଥଳ ପରିଦର୍ଶନ ରହିଥିଲା। ପୂରା ଟିମ୍ ନିୟୋଜିତ ରହିଥିଲା। ତେବେ ଉଚ୍ଛେଦ ଅଭିଯାନ ତ୍ୱରାନ୍ୱିତ କରାଯିବ।

## ସଂକ୍ଷେପରେ

### ଘର ବୁଲି ନମ୍ବରିଂ କଲେ ଜନଗଣନାକାରୀ

ଟାଙ୍ଗୀ,୧୬।୪(ରଘୁନାଥ ସାହୁ): ଚଳିତ ମାସ ୧୬ତାରିଖରୁ ଆସନ୍ତା ମେ'୧୫ ତାରିଖ ପର୍ଯ୍ୟନ୍ତ ଜନଗଣନା ଅଧିକାରୀମାନେ ଘରକୁ ଘର ବୁଲି ଜନଗଣନା କରିବା ପାଇଁ ଜନଗଣନା ନିର୍ଦ୍ଦେଶକଙ୍କ ଆଦେଶ ରହିଛି। ପ୍ରଥମ ୩ଦିନ ଜନଗଣନା ଅଧିକାରୀମାନେ ଘର ନମ୍ବରିଂ କରିବେ। ଏଥିପାଇଁ ଗୁରୁବାର ସକାଳେ ଟାଙ୍ଗୀ ଏନ୍‌ଏସିରେ ଜନଗଣନା ଅଧିକାରୀଭାବେ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଭିନ୍ନ ଅଞ୍ଚଳରେ ବୁଲି ଘର ନମ୍ବରିଂ କରୁଥିବା ଦେଖିବାକୁ ମିଳିଛି। ଘର ନମ୍ବରିଂ ପରେ ଘରକୁ ଯାଇ ନିର୍ଦ୍ଧାରିତ ୩୩ଟି ପ୍ରଶ୍ନର ତଥ୍ୟକୁ ଡିଜିଟାଲରେ ଆଣିବେ। ଜନଗଣନା ଅଧିକାରୀମାନେ ଏଚ୍‌ଏଲଭି ଆପ୍‌ରେ ସମସ୍ତ ତଥ୍ୟ ଅପଲୋଡ କରିବେ। ଜନଗଣନା ଅଧିକାରୀମାନେ ଘରକୁ ତଥ୍ୟ ସଂଗ୍ରହ କରିବାକୁ ଯିବାବେଳେ ସାଥିରେ ପରିଚୟପତ୍ର ଓ ନିଯୁକ୍ତି ପତ୍ର ନେବା ପାଇଁ ନିର୍ଦ୍ଦେଶ ରହିଛି।

### 'କଲେଜର ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ'

ବୋଲଗଡ଼,୧୬।୪(ଦେବବ୍ରତ ହୋତା): ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ଦେବାଶିଷ ପୃଷ୍ଟି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି କଲେଜର ଅଧକ୍ଷା ଦାୟିତ୍ୱରେ ଥିବା ପ୍ରାଧାପିକା ଅନସୂୟା ପୃଷ୍ଟିଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଖଣ୍ଡପଡ଼ା କଲେଜରୁ ଚାକିରି ଆରମ୍ଭ କରିଥିବା ପୃଷ୍ଟି ଗତ ୧୦ବର୍ଷ ଧରି ନୟାଗଡ଼ କଲେଜରେ



ଉତ୍ତମ ଶିକ୍ଷାଦାନ କରି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କର ନିଜ ବାସସ୍ଥାନ ବୋଲଗଡ଼ ବ୍ଲକ ମାଣିକାଗୋଡାରେ ହୋଇଥିବା ବେଳେ ସେ ନିଜ ଅଞ୍ଚଳ କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରୟାସ ଜାରି ରଖିବେ ବୋଲି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଆୟୋଜିତ ସଭାରେ ପ୍ରକାଶ କରିଥିଲେ। ଏହି କଲେଜର ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ସମସ୍ତ ଅଧାପିକା, ଅଧାପକ ଏବଂ କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ।



ପୁରୀ ଚନ୍ଦନ ପୁଷ୍କରିଣୀ ପରିସରରେ ହେବାକୁ ଥିବା ଚନ୍ଦନଯାତ୍ରା ପାଇଁ ଚନ୍ଦନ ଚକଡ଼ାକୁ ଶିଳ୍ପୀ ସଜାଉଛନ୍ତି।

# ଚନ୍ଦନଯାତ୍ରାରେ ମୁତୟନ ହେବେ ୫ ପ୍ଲାଟୁନ୍ ଫୋର୍ସ

## ପ୍ରସ୍ତୁତିର ସମୀକ୍ଷା କଲେ ଏସ୍‌ପି

ପୁରୀ,୧୬।୪(ଅଜିତ୍ କୁମାର ମହାନ୍ତି)

ଅକ୍ଷୟ ତୃତୀୟା ଅବସରରେ ଆସନ୍ତା ୨୦ ତାରିଖଠାରୁ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଅରମ୍ଭ ହେବାକୁ ଯାଉଛି। ଏ ନେଇ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ପାଇଁ ଗୁରୁବାର ଏସ୍‌ପି ପ୍ରତୀକ ସିଂ ନରେନ୍ଦ୍ର ପୁଷ୍କରିଣୀ ଓ ଏହାର ଚତୁଃପାର୍ଶ୍ୱରେ ବିସ୍ତୃତ ସମୀକ୍ଷା କରିଛନ୍ତି। ବାହାର ଚନ୍ଦନ ଯାତ୍ରା ୨୧ ଦିନ ଚାଲିବ। ପାଲିଙ୍କିରେ ରାମକୃଷ୍ଣ ଓ ୨ ବିମାନରେ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନ ବିଜେ କରି ବିରାଟ ରୋଷଣୀରେ ନରେନ୍ଦ୍ର ଚକଡ଼ାକୁ ବିଜେ କରିବେ। ପଞ୍ଚ ମହାଦେବ (ଯମେଶ୍ୱର, ମାର୍କଣ୍ଡେୟ, ଲୋକନାଥ, କପାଳମୋଚନ ଓ ନୀଳକଣ୍ଠ)ଙ୍କ ବିଜେ ପ୍ରତିମାମାନେ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରିବା ସମୟରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥାପନ ଏବଂ ସମଗ୍ର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବା ପାଇଁ ଆଲୋଚନା ହୋଇଥିଲା। ୫ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ସେହିପରି ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୮ ଇନ୍ସପେକ୍ଟର ଓ ୨୦ ଜଣ ଏସ୍‌ଆଇ/ଏଏସ୍‌ଆଇଙ୍କ ସମେତ ୫୮ଜଣ ହୋମଗାର୍ଡ ଉପସ୍ଥିତ ରହିବେ। ପାର୍କିଂ ଓ ଟ୍ରାଫିକ୍ ବ୍ୟବସ୍ଥାକୁ ଶକ୍ତିଶାଳୀ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବିଶେଷ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା, ପ୍ରବେଶ ଓ ପ୍ରସ୍ଥାନ ପଥକୁ ଅଲଗା କରାଯିବା ଏବଂ ଆବଶ୍ୟକତାନୁସାରେ ବ୍ୟାରିକେଡିଂ ବ୍ୟବସ୍ଥା ହେବ। ମାଇକିଂ ବ୍ୟବସ୍ଥା, ସୂଚନା ପ୍ରଦାନ କେନ୍ଦ୍ର ଓ ସେବା କ୍ୟାମ୍ପ ସ୍ଥାପନ କରାଯିବ। ପୋଲିସ ମୁତୟନ ସହ ସିସିଟିଭି କ୍ୟାମେରା ଲାଗିବ। ସନ୍ଦିଗ୍ଧ ବ୍ୟକ୍ତି ଓ କାର୍ଯ୍ୟକଳାପ ଉପରେ କଟକଣା ରଖାଯିବା ସହିତ ଆଣ୍ଟି-ସବୋଟାଜ୍ ଚେକିଂ ବ୍ୟବସ୍ଥାକୁ ମଧ୍ୟ ଜୋରଦାର କରାଯିବ। ଫାୟାର ସେଫ୍ଟି ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଲାଇଫ ଜ୍ୟାକେଟ୍, ଲାଇଫ ଗାର୍ଡ ଓ ରେସ୍କ୍ୟୁ ଟିମ୍ ନିୟୋଜିତ ହେବେ। ବରିଷ୍ଠ ନାଗରିକ, ମହିଳା ଓ ଶିଶୁଙ୍କ ସୁବିଧା ପାଇଁ ବିଶେଷ ବ୍ୟବସ୍ଥା କରାଯିବ। ସିନିୟର ସିଟିଜେନ୍‌ମାନଙ୍କ ପାଇଁ ଅଲଗା ବସିବା ବ୍ୟବସ୍ଥା, ସହଜ ଆଗମନ-ପ୍ରସ୍ଥାନ ସୁବିଧା ଓ ସାହାଯ୍ୟ କେନ୍ଦ୍ର ସ୍ଥାପନା କରାଯିବ। ଭକ୍ତଙ୍କ ପାଇଁ ପାଣି, ଚିକିତ୍ସା ସହାୟତା ଓ ସ୍ୱଚ୍ଛତା ବ୍ୟବସ୍ଥା ଉପରେ ମଧ୍ୟ ନଜର ରଖାଯିବ।

# ଇସ୍‌ଲାମିକ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାଲିପାଟଣା,୧୬।୪(ଅଭିମନ୍ୟୁ ନାୟକ): ବନମାଳିପୁର ବଟା ପଡିଆଠାରେ ଗୁରୁବାର ୨୭ତମ ଇସ୍‌ଲାମିକ ପ୍ରିମିୟର ଲିଗ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ମିର ନାସିର ଅଲ୍ଲି, କର୍ପୋରେଟର ଭରତ ଚନ୍ଦ୍ର ଲେଙ୍କା, ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ସାମ୍ବାଦିକ ରମେଶ ଚନ୍ଦ୍ର ରଥ, ଏସ୍.କେ ୟୁସୁଫ, ସନ୍ଦୀପ ସେନାପତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ତାହିର ଅଲ୍ଲୀ, ମିର ଅତର ଅଲ୍ଲୀ, ମିର ନସଦ ଅଲ୍ଲୀ ମ୍ୟାଚ୍ ପରିଚାଳନା କରିଥିଲେ। ମିର ଅରସଦ ଅଲ୍ଲି, ଏସ୍.କେ ହସିବୁଲ ହୋଦା, ଏସ୍. କେ ସାହିଲ, ଏସ୍.କେ ହାଫିଜୁଲ ହୋଦା, ଏସ୍. କେ ତାରୋ, ଏସ୍ କେ ପପି, ଏସ୍ କେ ସାହିଲ, ଅନ୍ୱାର ଅଲ୍ଲି,ଏସ୍.କେ ୟୁସୁଫ ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୧୮ତାରିଖରେ ଫାଇନାଲ ମ୍ୟାଚ ହେବ। ଚାମ୍ପିୟନ ଦଳକୁ ୫୦ ହଜାର ଟଙ୍କା ଓ ରନରଅପ୍ ଦଳକୁ ୩୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ଏଥି ସହିତ ଶ୍ରେଷ୍ଠ ଶୃଙ୍ଖଳିତ ଦଳକୁ ଏକ ଇଲେକ୍ଟ୍ରି ସ୍କୁଟି ପ୍ରଦାନ କରାଯିବ।

# ଦୁର୍ଘଟଣାରେ କମ୍ୟୁନିଷ୍ଟ ନେତା ବସନ୍ତ ଆହତ

ବେଗୁନିଆ,୧୬।୪(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ଥାନା ଅଧୀନ ସାନପଦର ଗ୍ରାମର ବରିଷ୍ଠ କମ୍ୟୁନିଷ୍ଟ ନେତା ବସନ୍ତ କୁମାର ପାଇକରାୟ ଗତ ୧୪ତାରିଖରେ ଏକ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଭୁବନେଶ୍ୱରରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସେ ଏକ ଅଟୋରେ ଯାଉଥିଲେ। ଅଟୋଟି ଏକ ଖାଲରେ ପଡିଯିବା ଯୋଗୁ ମେରୁଦଣ୍ଡରେ ଗୁରୁତର ଆଘାତ ପାଇଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା କରିବା ପରେ ଆସନ୍ତା ଏକ ମାସ ପର୍ଯ୍ୟନ୍ତ ଘରେ ବିଶ୍ରାମ ନେଇ ଚିକିତ୍ସିତ ହେବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ରହି ଚିକିତ୍ସିତ ହେଉଥିବା ବେଳେ ସେ ଏବେ କୌଣସି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ପାରିବେ ନାହିଁ ବୋଲି ବସନ୍ତ କହିଛନ୍ତି।

# ବିଏସ୍‌ଏଫ୍ ଯବାନ ସତ୍ୟପ୍ରକାଶଙ୍କ ପରଲୋକ



ବିଏସ୍‌ଏଫ୍ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

ବୋଲଗଡ଼/କଳାପଥର,୧୬।୪
(ଦେବବ୍ରତ ହୋତା/ଗଙ୍ଗାଧର ସାହୁ)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ପାଟପୁର ଶାସନ ପଞ୍ଚାୟତ ଅଧୀନ ସାନନୟାପଲ୍ଲୀ ଗ୍ରାମର ବିଏସ୍‌ଏଫ୍ ଯବାନ ସତ୍ୟପ୍ରକାଶ ଦାସଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳେ ପରଲୋକ ଘଟିଛି। ତାଙ୍କୁ ୨୬ବର୍ଷ ବୟସ ହୋଇଥିଲା। ସେ ଆସାମ ରାଜ୍ୟରେ ନିଯୁକ୍ତ ଥିବା ବେଳେ ଶାରୀରିକ ଅସୁସ୍ଥତାରୁ ଛୁଟିନେଇ ଗତ ମାସ ୨୮ତାରିଖରେ ଗ୍ରାମକୁ ଆସିଥିଲେ। ତାଙ୍କ ପରିବାରରେ ସେ ଏକମାତ୍ର ରୋଜଗାରକ୍ଷମ ହୋଇ ପରିବାର ପ୍ରତିପୋଷଣ କରୁଥିଲେ। ତେବେ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମୟରେ ବିଏସ୍‌ଏଫ୍ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଅନ୍ତିମ ଶ୍ରଦ୍ଧାଞ୍ଜଳି ପରେ ସାନ ଭଉଣୀ ଲିପ୍ସା ଦାସ ମୁଖାଗ୍ନି ଦେଇଥିଲେ। ସୀମା ସୁରକ୍ଷା ବାହିନୀର ମୁଖ୍ୟ କମାଣ୍ଡର ନାରାୟଣ ମାଝୀ, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ହୋତା, ବାଙ୍କୋଇ ଫାଣ୍ଡି ଅଧିକାରୀ ମିହିର କୁମାର ପ୍ରଧାନ, ଧଳାପଥର ରାଜସ୍ୱ ନିରୀକ୍ଷକ ମନୋଜ କୁମାର ନାୟକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି

ସାକ୍ଷୀଗୋପାଳ,୧୬।୪(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ): ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁବାର ଲୋକ ଭବନରେ ରାଜ୍ୟପାଳ ତଥା କୁଳାଧିପତି ଡ. ହରି ବାବୁ କମ୍ଭମପାଟିଙ୍କୁ ପ୍ରଥମ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ରଶ୍ମିରେଖା ଦାସ ଓ ବିତ୍ତ ନିୟନ୍ତ୍ରକ ସଞ୍ଜୀବ ଜେନା ଉପସ୍ଥିତ ଥିଲେ। ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ପ୍ରଦାନ କରି ଏହି ଶୁଭ ସାକ୍ଷାତ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ସାକ୍ଷାତ ସମୟରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ କୁଳାଧିପତିଙ୍କ ସହ କୁଳପତି ପ୍ରଫେସର ଆଚାର୍ଯ୍ୟ ଆଲୋଚନା କରିଥିବା ସୂଚନା ମିଳିଛି।

# ବାଙ୍କୀ-କଟକ ମୁଖ୍ୟ ରାସ୍ତା ପୁନରୁଦ୍ଧାର ଦାବି



କଳାପଥର,୧୬।୪(ଗଙ୍ଗାଧର ସାହୁ)

ବାଙ୍କୀ-କଟକ ମୁଖ୍ୟ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଏହାର ପୁନରୁଦ୍ଧାର ପାଇଁ ଗୁରୁବାର ସାମାଜିକ କର୍ମୀ ଅବିନାଶ ପଟ୍ଟନାୟକ ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ମୁଖ୍ୟରାସ୍ତାର ଦୂରାବସ୍ଥା ଓ ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଥିବାରୁ ବହୁ ଘଟଣା ଓ ଦୁର୍ଘଟଣା ଘଟୁଛି। ପୁନରୁଦ୍ଧାର କରାଗଲେ ଯାତାୟାତ ସଚଳ ହେବା ସହ ଧନଜୀବନ ସୁରକ୍ଷିତ ହୋଇପାରିବ ବୋଲି ଉପଜିଲାପାଳଙ୍କୁ କହିଛନ୍ତି। ଏକ ସପ୍ତାହ ମଧ୍ୟରେ ରାସ୍ତାର ପୁନରୁଦ୍ଧାର କରାଯିବ ବୋଲି ଉପଜିଲାପାଳ କହିଥିବା ବେଳେ ବାଲିଘାଟରୁ ଯାଉଥିବା ଗାଡ଼ି ସମ୍ପର୍କରେ ତଦନ୍ତ କରିବା ସହ ଲୋକଙ୍କ ଜୀବନ କିପରି ସୁରକ୍ଷିତ ରହିବ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି ।

# ଆମେ ଓଡ଼ିଆର ମକର ମିଳନ

ପୁରୁଣା ଭୁବନେଶ୍ୱର, ୧୬।୪ (ସୁବାସ ଚନ୍ଦ୍ର ପ୍ରଧାନ): ଓଡ଼ିଆ ଭାଷା ଓ ସଂସ୍କୃତି ସାରା ଦେଶରେ ସ୍ୱତନ୍ତ୍ର। ଏହାର ପ୍ରସାର ଓ ପ୍ରୋତ୍ସାହନ ପାଇଁ ଓଡ଼ିଆମାନେ ମିଳିତଭାବେ ଉଦ୍ୟମ କରିବା ଆବଶ୍ୟକ ବୋଲି ଗୁରୁବାର କେଦାରନାଥ ଗବେଷଣା ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଆମେ ଓଡ଼ିଆ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ମକର ମିଳନରେ ପ୍ରଶାସକ ରଘୁନାଥ ମିଶ୍ର, ପ୍ରଫେସର ଶରତ ଚନ୍ଦ୍ର ରଥ ଓ କବି ମନୋରମା ବିଶ୍ୱାଳ ମହାପାତ୍ର ଯୋଗଦେଇ କହିଛନ୍ତି। ଏଥିରେ ଡ.ରବି ନାରାୟଣ ସେନାପତି ସଭାପତିତ୍ୱ କରିଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ପାଣି ସ୍ୱାଗତ ଭାଷଣ, ଦେବାଶିଷ ମହାପାତ୍ର ଅତିଥି ପରିଚୟ, ଡା.ଜୀବନ କୃଷ୍ଣ ମିଶ୍ର ବେଦପାଠ ଏବଂ ମେଘା ମନସ୍ୱିନୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଜେନାମଣି ସଞ୍ଜୀବ କୁମାରଙ୍କ ସଂଯୋଜନାରେ ୨୦ଜଣ କବି କବିତା ପାଠ କରିଥିଲେ। ଉପସଭାପତି ଜୟନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ସିଏମ୍ ଟ୍ରଫି: ଆନ୍ତଃ ଜିଲା ଖୋ-ଖୋ ଚାମ୍ପିୟନଶିପ୍ ଉଦ୍‌ଯାପିତ

ଖୋର୍ଦ୍ଧା,୧୬।୪(ପ୍ରଭାତ ପାଣିଗ୍ରାହୀ)



ଅତିଥିଙ୍କ ସହ ଖେଳାଳି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଖୋର୍ଦ୍ଧା ଷ୍ଟାଡିୟମରେ ଆୟୋଜିତ ସିଏମ୍ ଟ୍ରଫି ଆନ୍ତଃ ଜିଲା ଖୋ-ଖୋ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ସ୍ପୋର୍ଟ୍ସ ଆସୋସିଏଶନ ସଭାପତି ଅକ୍ଷୟ କୁମାର ମହାନ୍ତି ଯୋଗଦେଇ ଶାରୀରିକ, ମାନସିକ, ବୌଦ୍ଧିକ ଓ ସୃଜନୀଶକ୍ତିର ଅଭିବୃଦ୍ଧିରେ କ୍ରୀଡ଼ାର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। କ୍ରୀଡ଼ା ସଂସଦ କାର୍ଯ୍ୟକର୍ତ୍ତା ଜ୍ୟୋତି ପ୍ରକାଶ ମହାନ୍ତି, ଅନିଲ କୁମାର ସାହୁ, ଡାନିଏଲ ନାୟକ, ବୀର କିଶୋର ସିଂହ, କେଦାର ବରାଳ, ଭାଗୀରଥି ଜେନା, ହାସିମୁଦ୍ଦିନ ଖାଁ, କାଳୀ ପ୍ରସାଦ ଚାଟାର୍ଜୀ, ମନୋଜ ନିଶଙ୍କ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ସଂସଦ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ଉକ୍ତ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିବା ସହ କ୍ରୀଡ଼ା ପ୍ରତିଯୋଗୀମାନଙ୍କ ମଧ୍ୟରେ ସ୍ନେହ, ସୌହାର୍ଦ୍ଦ୍ୟ, ଭ୍ରାତୃତ୍ୱ, ବନ୍ଧୁତା, ଅଧ୍ୟବସାୟ ଓ ସହନଶୀଳତା ଗୁଣର ବିକାଶ କରିବାରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ପ୍ରତିଯୋଗିତାରେ ଜିଲା କ୍ରୀଡ଼ା ସଂସଦର ସଦସ୍ୟମାନେ ସହଯୋଗ କରିଥିଲେ।




୧୬।୪।୨୦୨୬

| | |
|---|---|
| ୫,୬୬,୨୫୭ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# କ୍ୟାମ୍ପସକୁ ଉତ୍ସବମୁଖର କଲା ଛାତ୍ରୀଛାତ୍ରଙ୍କ ଫ୍ଲାଶମବ

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଫିନ୍‌କନ୍ ୨୦୨୬

ଭୁବନେଶ୍ୱର,୧୬।୪(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କମର୍ସ ବିଭାଗର ଏମ୍‌ବିଏ (ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ) କୋର୍ସର ବାର୍ଷିକ ଉତ୍ସବ 'ଫିନ୍‌କନ୍-୨୦୨୬' ଗୁରୁବାର ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଏବଂ ପିଜି କାଉନ୍ସିଲ ଅଧ୍ୟକ୍ଷା ପ୍ରଫେସର ମିତାଲି ଚିନାରା ଉତ୍ସବକୁ ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସର ଗାନ୍ଧୀ ସ୍ମୃତି ଉଦ୍ୟାନ ସମ୍ମୁଖରେ ଏକ ଫ୍ଲାଶମବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ. ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଡ. ଦୁର୍ଗାପ୍ରସାଦ ମିଶ୍ର, ଉତ୍କଳିକା ମିଶ୍ର, ସୌମ୍ୟା ମହାନ୍ତି ଓ ବ୍ରହ୍ମପୁତ୍ର ବିଶ୍ୱାଳଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ରମାନେ ପ୍ରାୟ ୪୫ରୁ ୬୦ ମିନିଟ୍ ଧରି ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌କମ୍ ଓ ଏମ୍‌ବିଏ (ଏଫ୍‌ଏମ୍) ଛାତ୍ରୀଛାତ୍ରମାନେ ଯୋଗଦେଇ ନୃତ୍ୟ ମାଧ୍ୟମରେ ବାର୍ଷିକ ଉତ୍ସବକୁ ଉପଭୋଗ କରିଥିଲେ। ଶତାଧିକ ଛାତ୍ରୀଛାତ୍ର ସମାନ ଢଙ୍ଗର ପୋଷାକ ପିନ୍ଧି ନାଚୁଥିବାରୁ କ୍ୟାମ୍ପସରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା।


ଫ୍ଲାଶ୍‌ମବରେ ଛାତ୍ରୀଛାତ୍ରମାନେ ସମ୍ମିଳିତ ଭାବେ ନାଚୁଛନ୍ତି।

# ମଦର୍ସ ଗ୍ରୁପ୍ ଅଫ୍ ସ୍କୁଲର ୧୦୦% ପାସ୍


ଟିନା ରଥ ଓ ଅନ୍ୟ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଅବସରରେ ସ୍କୁଲ ପ୍ରିନ୍‌ସପାଲ ପଲି ପଟ୍ଟନାୟକ।

ଭୁବନେଶ୍ୱର,୧୬।୪ (ଅନୁରାଧା ମହାରଣା)

## ୫୦୦ରୁ ୫୦୦ ମାର୍କ ରଖି ଟପ୍ପର ହେଲେ ଟିନା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପକ୍ଷରୁ ଦଶମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ୧୦୦% ପାସ୍ ହାର ସହ ମଦର୍ସ ଗ୍ରୁପ୍ ଅଫ୍ ସ୍କୁଲ୍‌ସ ପୁଣି ଥରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସ୍କୁଲର ପୁରୀ ବ୍ରାଞ୍ଚର ଛାତ୍ରୀ ଟିନା ରଥ ୫୦୦ରୁ ୫୦୦(୧୦୦%) ନମ୍ବର ରଖି ସ୍କୁଲ, ରାଜ୍ୟ ଓ ଦେଶର ଟପ୍ପର ହୋଇଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ସ୍କୁଲର ମୋଟ ୨୯୯ ଛାତ୍ରୀଛାତ୍ର ୧୦ମ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୭୭ ଜଣ ୬୦% ଅଧିକ ମାର୍କ ରଖିଛନ୍ତି। ଏଥିସହ ମଦର୍ସ ଗ୍ରୁପ୍ ଅଫ୍ ସ୍କୁଲର ୟୁନିଟ୍-୧ ବ୍ରାଞ୍ଚ ୯୧.୩%ର ଆଭ୍‌ରେଜ ରେକର୍ଡ କରିଛି। ଏହି ସ୍କୁଲର ଅକ୍ଷିତ ସାମଲ ୯୯.୮% ମାର୍କ ରଖି ୨ୟ ସ୍ଥାନରେ ରହିଥିବା ବେଳେ ୯୯.୪% ମାର୍କ ରଖି ମୋଟ ୭ଜଣ ଛାତ୍ରୀଛାତ୍ର ୩ୟ ସ୍ଥାନରେ ରହିଛନ୍ତି। ସେହିଭଳି ଖଣ୍ଡଗିରି, ପୁରୀ ଓ ପାହାଳ ବ୍ରାଞ୍ଚ ଭଲ ପ୍ରଦର୍ଶନ କରିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଦ୍ୟାଳୟ ପରିସରରେ ଟିନାଙ୍କ ସମେତ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅନ୍ୟ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲର ପ୍ରତିଷ୍ଠାତ୍ରୀ ଓ ପ୍ରିନ୍ସିପାଲ ପଲି ପଟ୍ଟନାୟକ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଶ୍ରୀଜୟଦେବ କଲେଜରେ ଆତ୍ମରକ୍ଷା କୌଶଳ ଶିବିର


ଅତିଥିଙ୍କ ଗହଣରେ ତାଲିମ ନେଇଥିବା ଛାତ୍ରୀମାନେ।

ଭୁବନେଶ୍ୱର,୧୬।୪ (ସୁଚିସ୍ମିତା ସାହୁ)

ନହରକଣ୍ଟାସ୍ଥିତ ଶ୍ରୀଜୟଦେବ କଲେଜ ଅଫ୍ ଏଜୁକେଶନ ଆଣ୍ଡ୍ ଟେକ୍ନୋଲୋଜିରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦେବାଶିଷ ଦାସଙ୍କ ନେତୃତ୍ୱରେ ୮ଦିନ ଧରି ଚାଲିଥିବା ଏହି ଶିବିରରେ କଲେଜର ଯୁକ୍ତ୩ ପ୍ରଥମ ବର୍ଷର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ଦିଆଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କଲେଜର ପ୍ରାଣୀବିଜ୍ଞାନ ପ୍ରାଧ୍ୟାପିକା ସୁପ୍ରିୟା ଦାସ ଓ ପ୍ରାଧ୍ୟାପିକା ପ୍ରତିମା କୁମାରୀ ରାଉତ ଯୋଗଦେଇ ଆତ୍ମରକ୍ଷା କୌଶଳ ତାଲିମର ଉପକାରିତା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିବିରର ସଂଯୋଜିକା ଦିବ୍ୟାସା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜୟଶ୍ରୀ ମାଝୀ, ସୁନିତାରାଣୀ ପାଣି, ବିଜେତା ଦାସ ସହଯୋଗ କରିଥିଲେ। ମାଷ୍ଟର ଟ୍ରେନର ହରପ୍ରିୟା ପୃଷ୍ଟି ତାଲିମ ଦେଇଥିଲେ।

# ଗୋଦାମରୁ ୭ ପେଟି କଫ୍‌ସିରପ୍ ଜବତ କଲା ଏସ୍‌ଟିଏଫ

ଭୁବନେଶ୍ୱର,୧୬।୪(ତ୍ରିନାଥ ମହାନ୍ତି)

କଟକ ସଦର ଥାନା ଫୁଲନଖରା ଅଞ୍ଚଳରେ ଥିବା ଭିଆର୍‌ଏଲ୍ ଲଜିଷ୍ଟିକ୍ସ ଗୋଦାମ ଘରୁ ବିପୁଳ ପରିମାଣର କଫ୍‌ସିରପ୍ ଜବତ କରିଛି ଏସ୍‌ଟିଏଫ୍। ଜବତ କଫ୍‌ସିରଫର ମୂଲ୍ୟ ୧୯ ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏସ୍‌ଟିଏଫ୍ ଉକ୍ତ ଗୋଦାମ ଘରୁ ୭ଟି ପେଟିରୁ ୮ହଜାର ୪ଶହ କଫ୍‌ସିରପ୍‌କୁ ଜବତ କରିଛି। ଏହି ଗ୍ୟାରେଜରେ କିଏ ଓ କାହିଁକି କଫ୍‌ସିରପ ରଖିଥିଲେ ସେନେଇ ଏସ୍‌ଟିଏଫ୍ ଖୋଳତାଡ଼ କରୁଛି । କଟକ ସଦର ଥାନା ଅଞ୍ଚଳରେ ଏକ ସଂସ୍ଥାର ଗୋଦାମରେ ବିପୁଳ ପରିମାଣର କଫ୍ ସିରପ ରହିଥିବା ଏସ୍‌ଟିଏଫ୍‌କୁ ଖବର ମିଳିଥିଲା।

ଏସ୍‌ଟିଏଫ୍ ଅଧିକାରୀ ଖବର ପାଇ ତୁରନ୍ତ ସେଠାରେ ଅତର୍କିତ ଚଢ଼ାଉ କରି ୭ ପେଟି କଫସିରପକୁ ଜବତ କରିଥିବା ବେଳେ ସେଠାରେ ରହିଥିବା ଲୋକ ଫେରାର ମାରିଥିଲେ। ଏସ୍‌ଟିଏଫ ଉକ୍ତ କମ୍ପାନୀର ମାଲିକଙ୍କୁ ଡାକି ପଚରାଉଚରା କରୁଛି। ଏହି ଗୋଦାମରେ କଫ୍‌ସିରପ୍ ରଖାଯାଇ ଖୋର୍ଦ୍ଧା, ଭୁବନେଶ୍ୱର, କଟକ ଆଦି ସ୍ଥାନକୁ ଚାଲାଣ କରାଯାଉଥିବା ଏସ୍‌ଟିଏଫ ଅଧିକାରୀ ଜାଣିବାକୁ ପାଇଛି।

# କାର୍ଡିଓଲୋଜିଷ୍ଟ ହେବାକୁ ଲକ୍ଷ୍ୟ



ରେଜଲ୍ଟ ଜାଣିବା ପରେ ମୁଁ କାନ୍ଦି ପକେଇଲି। ୫୦୦ରୁ ୫୦୦ ନମ୍ବର ରହିବ ବୋଲି ଭାବି ନ ଥିଲି। ସବୁ ବେଳେ ୯୯%ରୁ ଅଧିକ ରଖୁଥିଲି, ହେଲେ ଶହେ ପ୍ରତିଶତ ରଖିବାକୁ ମୋର ସ୍ୱପ୍ନ ଥିଲା। ସେଥିପାଇଁ ମୁଁ ବହୁତ ଲେଖା ଉପରେ ଧ୍ୟାନ ଦେଉଥିଲି। ସ୍କୁଲ ଏବଂ ଘରେ ମୁଁ ଯାହା ପଢୁଥିଲି, ତାକୁ ମୁଁ ଲେଖିକି ଅଭ୍ୟାସ କରୁଥିଲି। ଦିନକୁ ୫ରୁ ୬ ଘଣ୍ଟା ପଢୁଥିଲି। ପ୍ରତି ବିଷୟକୁ ୪ରୁ ୫ ଥର ଲେଖୁଥିଲି। ଲେଖିବା ଦ୍ୱାରା ମୋର ଲେଖା ସ୍ପିଡ୍ ହେବା ସହିତ ସବୁ ମନେରଖି ପାରୁଛିକି ନାହିଁ ଜାଣିପାରୁଥିଲି। ପାଠପଢ଼ାରେ ଘର ଲୋକେ ସବୁବେଳେ ସହଯୋଗ କରୁଥିଲେ। ଏବେ ମୁଁ ନିଟ୍ ପାଇଁ ପ୍ରସ୍ତୁତ ହେଉଛି। ମୋର ଲକ୍ଷ୍ୟ ଅଛି, ମୁଁ କାର୍ଡିଓଲୋଜିଷ୍ଟ ହେବି। ବହୁ ଲୋକଙ୍କର ହାର୍ଟ ସମସ୍ୟା ଦେଖାଯାଉଥିବାରୁ ସେମାନଙ୍କୁ ଚିକିତ୍ସା କରିବି। ଗ୍ରାମାଞ୍ଚଳରେ ଲୋକଙ୍କ ପାଇଁ ଡାକ୍ତରଖାନା କରିବି। ଲୋକମାନେ କମ୍ ଖର୍ଚ୍ଚରେ ଯେମିତି ଚିକିତ୍ସା ସୁବିଧା ପାଇପାରିବେ, ସେଥିପାଇଁ ଉଦ୍ୟମ କରିବି।

**-ଟିନା ରଥ, ମଦର ପବ୍ଲିକ ସ୍କୁଲ, ପୁରୀ**

# ମହିଳାଙ୍କୁ ଅଧିକ ସଶକ୍ତ କରିବ 'ନାରୀଶକ୍ତି ବନ୍ଦନ'



ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହ ଅନ୍ୟ ଅତିଥିବୃନ୍ଦ ।

ପୁରୀ,୧୬।୪(ଅଜିତ୍ କୁମାର ମହାନ୍ତି)

## ଅଧିନିୟମକୁ ସମର୍ଥନ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ, ବାଚସ୍ପତିଙ୍କ ଆହ୍ୱାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ତେଣୁ ସେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା କରିବାକୁ ସଂସଦରେ ପ୍ରୟାସ କରିଆସୁଛନ୍ତି। ମହିଳାମାନେ ଯେପରି ସରକାରୀ ନିଯୁକ୍ତି ସମେତ ସମସ୍ତ କ୍ଷେତ୍ରରେ ଅଧିକ ସଂରକ୍ଷଣ ସୁବିଧା ପାଇବେ ସେଥିଲାଗି ମୋଦିଜୀ ନାରୀଶକ୍ତି ବନ୍ଦନ ଅଧିନିୟମ ଆଣିଛନ୍ତି। ଏହାକୁ ସମସ୍ତେ ସମର୍ଥନ କରିବା ଉଚିତ। ଏହି ଅଧିନିୟମ ମହିଳାମାନଙ୍କୁ ଅଧିକ ସଶକ୍ତ କରିବ। ପୂର୍ବରୁ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ମହିଳାଙ୍କ ନିଯୁକ୍ତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିଲା, କିନ୍ତୁ ମୋଦି ସରକାରଙ୍କ ପାଇଁ ତାହା ଏବେ ସମ୍ଭବ ହୋଇପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଗୁରୁବାର ପୁରୀ ଟାଉନ୍ ହଲ୍‌ରେ ଜିଲା ପ୍ରଶାସନ ଓ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ନାରୀଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ ସଂକ୍ରାନ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ 'ବିକଶିତ ଭାରତ ବିକଶିତ ଓଡ଼ିଶା'ର ଧ୍ୱନି ଦେବା ସହ କେନ୍ଦ୍ର ସରକାରଙ୍କ ନାରୀଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ ଦେବା ପାଇଁ ସମସ୍ତ ମହିଳାଙ୍କୁ ନିବେଦନ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ମହିଳା ସଶକ୍ତୀକରଣ ଯୋଗୁ ସମାଜରେ ନାରୀ ଅଧିକ ସଶକ୍ତ ଓ ପ୍ରଭାବଶାଳୀ ହୋଇପାରିଛନ୍ତି ବୋଲି କହିଛନ୍ତି। ସେ ମଧ୍ୟ ଏହି ଅଧିନିୟମକୁ ସମର୍ଥନ ଜଣାଇବାକୁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। ରାଜ୍ୟ ମହିଳା କମିଶନର ଊର୍ମିଳା ମହାପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲା ପରିଷଦର ଉନ୍ନୟନ ଅଧିକାରୀ ତଥା ପୌରାଞ୍ଚଳ କମିଶନର ଅରୁଗୁଳା ସ୍ନେହା, ମହିଳା ଆଇପିଏସ୍ ଅଧିକାରୀ ଅନନ୍ତା କେ. ବିଜୟ, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ମଞ୍ଚାସୀନ ଥିଲେ।

ଏହି ଅବସରରେ ୧ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ ପ୍ରଥମେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଛକଠାରୁ ଟାଉନ୍ ହଲ୍ ପର୍ଯ୍ୟନ୍ତ ପଦଯାତ୍ରା ଆୟୋଜିତ ହୋଇଥିଲା। ପଦଯାତ୍ରାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ପତାକା ହଲାଇ ଶୁଭାରମ୍ଭ କରିଥିଲେ।

# ୫୦୦ରୁ ୫୦୦ ନମ୍ବର ରହିବ ବୋଲି ଆଶା କରି ନ ଥିଲି



୫୦୦ରୁ ୫୦୦ ନମ୍ବର ରହିବ ବୋଲି ମୁଁ ଆଶା କରି ନ ଥିଲି। ମୋର ୯୯ କିମ୍ବା ୯୮% ରହିବ ବୋଲି ଭାବିଥିଲି। ରେଜଲ୍ଟ ବାହାରିବା ପରେ ମୁଁ ବହୁତ ଖୁସି ହୋଇଯାଇଥିଲି। ମୋ ସଫଳତାର ଶ୍ରେୟ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଟ୍ୟୁଶନ ଶିକ୍ଷକ ଏବଂ ବାପା ମାଆଙ୍କୁ ଦେବି। ବିଜ୍ଞାନ, ଗଣିତ ଏବଂ ଲାଙ୍ଗୁଏଜ ବିଷୟକୁ ବେଶି ଧ୍ୟାନ ଦେଇଥିଲି। ଦିନରେ ୩ରୁ ୪ ଘଣ୍ଟା ପରିଶ୍ରମ କରୁଥିଲି। ନିଜ ପାଠପଢ଼ା ପାଇଁ ମୁଁ ଟାଇମ୍ ମ୍ୟାନେଜମେଣ୍ଟ କରୁଥିଲି। ଏନ୍‌ସିଇଆର୍‌ଟି ବହିକୁ ଅଧିକ ଗୁରୁତ୍ୱ ଦେଇଥିଲି। ସୋସିଆଲ ମିଡିଆଠାରୁ ଦୂରେଇ ରହୁଥିଲି। ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି। ତେଣୁ ନିଟ୍ କ୍ଲିୟର ହେବା ପରେ ସୋସିଆଲ ମିଡ଼ିଆରେ ଆକାଉଣ୍ଟ ଖୋଲିବି ବୋଲି ଭାବିଛି।

**-ଆଲିଶା ବିଶ୍ୱାଳ, କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର**

# ଟ୍ରକ୍ ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ମାମଲା, ଡ୍ରାଇଭର ଗିରଫ

ଭୁବନେଶ୍ୱର,୧୬।୪ (ପ୍ରସନଜିତ୍ ସାହୁ)


ଡ୍ରାଇଭର ବିଘ୍ନେଶକୁମାର କେ।

ଟ୍ରକ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଅଭିଯୋଗରେ ତମାଣ୍ଡୋ ଥାନା ପୋଲିସ ଗୁରୁବାର ଅଭିଯୁକ୍ତ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ତାମିଲନାଡୁ ବିରୁଧୁନଗରର ବିଘ୍ନେଶ କୁମାର କେ (୩୧)। ୧୫ ତାରିଖ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ସମୟରେ ସୂର୍ଯ୍ୟଭାନୁ ମହାକୁଡ଼ (୨୬) ତାଙ୍କ ମୋଟରସାଇକେଲରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିଲେ। ଏହି ସମୟରେ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ଆଦିତ୍ୟ ହ୍ୟୁଣ୍ଡାଇ ଶୋ'ରୁମ ନିକଟରେ ତାଙ୍କୁ ଧକ୍କା ଦେଇଥିଲା। ସେ ଗୁରୁତର ଆହତ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥ ଏମ୍‌ସ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ସୂର୍ଯ୍ୟଭାନୁଙ୍କ ବାପା କାର୍ତ୍ତିକେଶ୍ୱର ମହାକୁଡ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୧୨୬/୨୦୨୬ ) ରୁଜୁ କରି ଘଟଣାସ୍ଥଳର ସିସିଟିଭି ଯାଞ୍ଚ କରିଥିଲା। ଟ୍ରକ ଚାଳକଙ୍କ ଦ୍ରୁତଗତି ଏବଂ ଅବହେଳାପୂର୍ଣ୍ଣ ଡ୍ରାଇଭିଂ କାରଣରୁ ଦୁର୍ଘଟଣା ଘଟିଥିବା ତଦନ୍ତରୁ ସ୍ପଷ୍ଟ ହେବା ପରେ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ବେଆଇନ ଖଣିରେ ଚଢ଼ାଉ: ୨ ଟ୍ରାକ୍ଟର, କମ୍ପ୍ରେସର ଜବତ

ବେଗୁନିଆ,୧୬।୪
(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ତହସିଲ ଅଞ୍ଚଳରେ ବେଆଇନ ଖଣି ଖନନ ଦିନକୁଦିନ ବଢ଼ିବାରେ ଲାଗିଛି। ଖୋର୍ଦ୍ଧା ଖଣି ବିଭାଗ ପକ୍ଷରୁ ବୁଧବାର ରାତିରେ ଚଢ଼ାଉ କରାଯାଇଥିଲା। ଦଲକ ମୌଜାରେ ଥିବା ଏକ ବେଆଇନ କଳାପଥର ଖଣି ଉପରେ ନଜର ପଡ଼ିଥିଲା। ଖବରପାଇ ଘଟଣାସ୍ଥଳରୁ ମାଫିଆ ଓ ଖନନ କାର୍ଯ୍ୟ କରୁଥିବା ଶ୍ରମିକମାନେ ଛତ୍ରଭଙ୍ଗ ଦେଇଥିଲେ। ଖନନ ସ୍ଥଳରୁ ୨ଟି ଟ୍ରାକ୍ଟର ସହିତ କମ୍ପ୍ରେସର ଜବତ ହୋଇଛି। ଏହା ସହିତ ଖନନ କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ଉପକରଣ ଜବତ କରାଯାଇଛି। ଖୋର୍ଦ୍ଧା ଖଣି ବିଭାଗର ସହକାରୀ ଅଧିକାରୀ ଅନଙ୍ଗ ଉଦୟ ନାୟକଙ୍କ ଅଭିଯୋଗକ୍ରମେ ବେଗୁନିଆ ଥାନାରେ ଏକ ମାମଲା (ନଂ.୧୫୭/୨୬) ରୁଜୁ ହୋଇଥିବା ବେଳେ ଏସ୍‌ଆଇ ଉଷାରାଣୀ ଦାସ ଘଟଣାର ତଦନ୍ତ କରୁଛନ୍ତି। ଖୋର୍ଦ୍ଧା ଖଣି ବିଭାଗ, ବେଗୁନିଆ ତହସିଲ କର୍ମଚାରୀ ଏବଂ ଥାନା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା।

# ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି

ସାକ୍ଷୀଗୋପାଳ,୧୬।୪(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁବାର ଲୋକ ଭବନରେ ରାଜ୍ୟପାଳ ତଥା କୁଳାଧିପତି ଡ. ହରି ବାବୁ କମ୍ଭମପାଟିଙ୍କୁ ପ୍ରଥମ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ରଶ୍ମିରେଖା ଦାସ ଓ ବିତ୍ତ ନିୟନ୍ତ୍ରକ ସଞ୍ଜୀବ ଜେନା ଉପସ୍ଥିତ ଥିଲେ। ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ପ୍ରଦାନ କରି ଏହି ଶୁଭ ସାକ୍ଷାତ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ସାକ୍ଷାତ ସମୟରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ କୁଳାଧିପତିଙ୍କ ସହ କୁଳପତି ପ୍ରଫେସର ଆଚାର୍ଯ୍ୟ ଆଲୋଚନା କରିଥିବା ସୂଚନା ମିଳିଛି।



ରାଜ୍ୟପାଳଙ୍କୁ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଭେଟୁଛନ୍ତି ।

# ୯୯.୬% ରଖିଲେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶ୍ରେୟାଂଶ, ଆଶୀର୍ବାଦ

ଭୁବନେଶ୍ୱର,୧୬।୪
(ସୁଚିସ୍ମିତା ସାହୁ)


ଆଶୀର୍ବାଦ ମିଶ୍ର


ଶ୍ରେୟାଂଶ ନନ୍ଦ

ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ଛାତ୍ରୀଛାତ୍ର ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଚଳିତ ବର୍ଷ ଆଦର୍ଶ ବିଦ୍ୟାଳୟରୁ ମୋଟ ୧୬,୯୬୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୫,୯୯୦ ଜଣ ଛାତ୍ରୀଛାତ୍ର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍‌ହାର ୯୪.୨୫% ରହିଛି। ୮ ଜଣ ଛାତ୍ରୀଛାତ୍ର ୯୯% ରୁ ଅଧିକ ମାର୍କ ରଖିଥିବା ବେଳେ ୧୫୯୮ଜଣ ୯୦% ରୁ ଅଧିକ ରଖିଛନ୍ତି। ବଲାଙ୍ଗୀର ଜିଲା ପଥରଚେପା ଓଏଭିର ଶ୍ରେୟାଂଶ ନନ୍ଦ ଏବଂ ପୁରୀ ଜିଲା ସତ୍ୟବାଦୀ ଓଏଭିର ଆଶୀର୍ବାଦ ମିଶ୍ର ରାଜ୍ୟରେ ସର୍ବାଧିକ ନମ୍ବର ରଖିଛନ୍ତି। ଉଭୟେ ୯୯.୬% ମାର୍କ ରଖିଛନ୍ତି। ଅନ୍ୟାନ୍ୟ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ମଧ୍ୟରେ ପଥରଚେପା ଓଏଭିର ସୋନାକ୍ଷୀ ପାଢ଼ୀ ୯୯.୪% ନମ୍ବର ରଖିଥିବା ବେଳେ ପଥରଚେପା ଓଏଭିର ପ୍ରୟାଗ ନାୟକ ୯୯.୨% ନମ୍ବର ରଖିଛନ୍ତି। ସେହିପରି ଗଞ୍ଜାମ ଜିଲା ସୋରଡା ଓଏଭିର ଅଂଶୁମାନ ପଣ୍ଡା ୯୯.୨% ନମ୍ବର ରଖିଥିବା ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛି।

# ରାଇରଙ୍ଗପୁର ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବ ଏମ୍‌ସ

ଭୁବନେଶ୍ୱର,୧୬।୪(ସୁଚିସ୍ମିତା ସାହୁ)

## ସ୍ୱାସ୍ଥ୍ୟ ବିଭାଗ ସହ ଚୁକ୍ତି ସ୍ୱାକ୍ଷରିତ

ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର ଓ ଏହାର ଆଖପାଖ ଅଞ୍ଚଳର ଲୋକମାନଙ୍କୁ ଏମ୍‌ସ ଭୁବନେଶ୍ୱର ସହାୟତରେ ବିଭିନ୍ନ ପ୍ରକାରର ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତରେ ଗୁରୁବାର ଲୋକସେବା ଭବନ ସଭା ଗୃହରେ ଭୁବନେଶ୍ୱରର ଏମ୍‌ସ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ଡ. ମହାଲିଙ୍ଗ କହିଲେ, ପ୍ରଧନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରେରଣାରେ ଆଜି ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଏମ୍‌ସ ଭୁବନେଶ୍ୱରଙ୍କ ସହଯୋଗିତାରେ ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳିପାରିବ। ରାଇରଙ୍ଗପୁର ଅଞ୍ଚଳ ସହିତ କେନ୍ଦୁଝର, ମୟୁରଭଞ୍ଜ ଓ ଆଖପାଖ ଜିଲାର ଅଧିବାସୀମାନେ ଉପକୃତ ହେବେ। ରାଇରାଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ହସ୍ପିଟାଲ ନିର୍ମାଣରେ ଏମ୍‌ସ ଭୁବନେଶ୍ୱର ସହାୟତା ଯୋଗାଇବ। ଏହାସହ ରୋଗୀଙ୍କ ଆବଶ୍ୟକତା ଅନୁଯାୟୀ ବିଭିନ୍ନ ବିଭାଗର ବହିଃ-ରୋଗ ଚିକିତ୍ସା ସେବା, ମାସିକ/ ଦ୍ୱିତମାସିକ ମେଡିକାଲ କ୍ୟାମ୍ପ, ଦନ୍ତ ଚିକିତ୍ସା, ଚକ୍ଷୁ ଚିକିତ୍ସା, ସଂକ୍ରାମକ ରୋଗ ସେବା ଶିବିର ଆଦିର ଆୟୋଜନ କରାଯିବ। ଟେଲି ଯୋଗାଯୋଗ ମାଧ୍ୟମରେ ପରାମର୍ଶ ଓ ଚିକିତ୍ସା ଏବଂ ଜରୁରୀ ସ୍ଥିତିରେ ଭୁବନେଶର ଏମ୍‌ସକୁ ରୋଗୀଙ୍କୁ ସ୍ଥାନାନ୍ତର ସୁଗମ ଓ ସହଯୋଗ କରିବା ଆଦି ଏହି ବୁଝାମଣା ପତ୍ରରେ ଉଲ୍ଲେଖ ରହିଛି। ଏମ୍‌ସର ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ଏବଂ ରାଜ୍ୟ ସରକାରଙ୍କ ତରଫରୁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡ. ପ୍ରଦୀପ ଗୁରୁ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବ ଏସ. ଅଶ୍ୱଥିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ ନିର୍ଦ୍ଦେଶକମାନେ ବୁଝାମଣା ପତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପ ଶାସନ ସଚିବ ଅରୁଣା ତ୍ରିପାଠୀ ସଂଯୋଜନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଯୋଗେନ୍ଦ୍ର ନାଥ ଭୋଇ ହେଲେ ଅନୁସୂଚିତ ଜାତି ଜିଲା ସଭାପତି

କଟକ ସଦର,୧୬।୪(ସୁଶାନ୍ତ କୁମାର ଜେନା)

କଟକ ନଗର ଜିଲା ଭାରତୀୟ ଜନତା ପାର୍ଟି ଅନୁସୂଚିତ ଜାତି ସଭାପତି ଭାବେ ଯୋଗେନ୍ଦ୍ର ନାଥ ଭୋଇ ମନୋନୀତ ହୋଇଛନ୍ତି। କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ଲକ୍ଷ୍ମୀ ନାରାୟଣପୁର ଗ୍ରାମର ଯୋଗେନ୍ଦ୍ର ଯୁବକ ଅବସ୍ଥାରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହ ଜଡ଼ିତ ରହିଛନ୍ତି। ସେ ଜଣେ ଜଣାଶୁଣା କଣ୍ଠଶିଳ୍ପୀ। ପୂର୍ବରୁ କନ୍ଦରପୁର ଗ୍ରାମପଞ୍ଚାୟତର ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହ ନିଯୁକ୍ତି ପାଇଁ ଭୋଇ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ଅନୁସୂଚିତ ଜାତି ସଭାପତି ବାଇଧର ମଲ୍ଲିକ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲା ସଭାପତି ସୁକାନ୍ତ ବିଶାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ସିବିଏସ୍‌ଇ ଦଶମ ପରୀକ୍ଷା: ଶୁଭମ୍ ବ୍ରହ୍ମଗିରି ବ୍ଲକ ଟପ୍ପର



ପୁରୀ/ବ୍ରହ୍ମଗିରି ୧୬।୪(ଅଜିତ୍ କୁମାର ମହାନ୍ତି / ସ୍ୱାଧୀନ ଚମ୍ପତିରାୟ )

ଚଳିତ ଶିକ୍ଷାବର୍ଷ ବ୍ରହ୍ମଗିରିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୭୯ ଜଣ ଛାତ୍ରୀଛାତ୍ର ସିବିଏସ୍‌ଇ ବୋର୍ଡ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୯୮.୭୪ ପ୍ରତିଶତ ରହିଛି। ୧୯ ଜଣ ଏ ୧, ୧୯ ଜଣ ଏ୨, ୧୩ ଜଣ ବି୧, ୧୪ଜଣ ବି୨, ୧୨ ଜଣ ସି୧, ୨ ଜଣ ସି ୨ରେ କୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଗଜ୍ଜୀବନ ରଥ ଓ ଶୁଚିସ୍ମିତା ରଥଙ୍କ ପୁତ୍ର ଶୁଭମ ସଞ୍ଜୀବ ରଥ ସର୍ବୋଚ୍ଚ ୯୮.୬୦ ପ୍ରତିଶତ ମାର୍କ ରଖି ବ୍ରହ୍ମଗିରି ବ୍ଲକ ଟପ୍ପର ହୋଇଥିବା ସୂଚନା ମିଳିଛି। ତାଙ୍କ ସଫଳତାରେ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ମାତାପିତାଙ୍କ ଅବଦାନ ରହିଛି ବୋଲି ଶୁଭମ କହିଛନ୍ତି।

### 'ସ୍ମୃତିକୁ ସାଉଁଟି ରଖିଛି କିରନ ଜ୍ୟୋତି' ପୁସ୍ତକ ଉନ୍ମୋଚିତ

ପୁରୀ,୧୬।୪(ଅଜିତ୍ କୁମାର ମହାନ୍ତି)

କିରନ ଜ୍ୟୋତି ସଙ୍ଗୀତ ପରିଷଦ ପକ୍ଷରୁ ଗୁରୁବାର ସିଦ୍ଧ ବକୁଳ ମଠ ପରିସରରେ 'ସ୍ମୃତିକୁ ସାଉଁଟି ରଖିଛି କିରନ ଜ୍ୟୋତି' ପୁସ୍ତକ ଉନ୍ମୋଚିତ ହୋଇଛି। ମଠାଧୀଶ ଶ୍ରୀନିବାସ ଦାସ ମହାରାଜ ପୁସ୍ତକକୁ ଲୋକାର୍ପଣ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାତା ନାରାୟଣ ସିହ୍ନା ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ଶିବସୁନ୍ଦର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ କିରନ ଜ୍ୟୋତି ସଙ୍ଗୀତ ପରିଷଦର ଧାର୍ମିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନାମ ଚନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

### ହାଇସ୍କୁଲ, ମେଡିକାଲରେ ମକ୍‌ଡ୍ରିଲ

ନିମାପଡ଼ା,୧୬।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ଅଗ୍ନି ସୁରକ୍ଷା ସପ୍ତାହ ପାଳନ ଅବସରରେ ବୁଧବାର ନିମାପଡ଼ା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ସମ୍ପର୍କିତ ସଚେତନତା ମକ୍‌ଡ୍ରିଲ ପ୍ରଦର୍ଶିତ ହୋଇଥିଲା। ହଠାତ୍ କେଉଁଠି ଅଗ୍ନିକାଣ୍ଡ ଘଟିଲେ ଆମେ କ'ଣ କରିବା, ନିଆଁଠାରୁ ଆମେ କିପରି ନିଜକୁ ସୁରକ୍ଷିତ ରଖିପାରିବା, ଅଗ୍ନି ନିର୍ବାପକ ମେଶିନର କିଭଳି ବ୍ୟବହାର କରିବା, ରୋଷେଇ ସମୟରେ କିଭଳି ନିଜକୁ ସୁରକ୍ଷିତ ରଖିପାରିବା, ମେଡିକାଲ୍‌ରେ ହଠାତ୍ ଅଗ୍ନିକାଣ୍ଡ ଘଟିଲେ ରୋଗୀଙ୍କୁ କିପରି ଉଦ୍ଧାର କରିବା, ତୁରନ୍ତ ସ୍ଥାନୀୟ ଅଗ୍ନିସେବା ସଂସ୍ଥାକୁ ଫୋନ୍ କରି ଅବଗତ କରିବା ଓ ସହାୟତା ସମ୍ପର୍କରେ ସ୍ଥାନୀୟ ଅଗ୍ନି ସେବାସଂସ୍ଥା ଅଧିକାରୀ ସରୋଜକାନ୍ତ ସାହୁ ଆଲୋକପାତ କରିଥିଲେ। କର୍ମଚାରୀମାନେ ମକ୍‌ଡ୍ରିଲ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଏବଂ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁବ୍ରତ ମହାପାତ୍ର, ନର୍ସିଂ କର୍ମଚାରୀ, ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଦୋଳବେଦି ଛକ ଉପଡାକଘର ସ୍ଥାନାନ୍ତର ମସୁଧା

## ପ୍ରତିବାଦରେ ଅଞ୍ଚଳବାସୀଙ୍କ ବିକ୍ଷୋଭ ଓ ଧାରଣା

ନିମାପଡ଼ା,୧୬।୪(ବିଚିତ୍ରାନନ୍ଦ ସାହୁ)



ଉପଡାକଘର ସମ୍ମୁଖରେ ଜନସାଧାରଣ ଧାରଣା ଦେଇଛନ୍ତି।

ନିମାପଡ଼ା ଦୋଳବେଦି ଛକଠାରେ ଦୀର୍ଘ ୪୩ ବର୍ଷ ଧରି ରହିଥିବା ଉପଡାକଘରକୁ ଥାନା ନିକଟ ମୁଖ୍ୟ ଡାକଘର ସହ ମିଶ୍ରଣ କରାଯିବାକୁ ବିଭାଗ ପକ୍ଷରୁ ମସୁଧା କରାଯାଉଛି। ଏହା ପ୍ରତିବାଦରେ ବିଭିନ୍ନ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଓ ଜନସାଧାରଣ ଗୁରୁବାର ଦୋଳବେଦି ଛକ ଉପଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ଦୋଳବେଦି ଛକ ଉପଡାକଘରକୁ ସେଠାରେ ରଖାଯିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଗତ୍‌ସିଂହପୁର ଏମ୍‌ପି ବିଭୂପ୍ରସାଦ ତରାଇ, ଡାକ ବିଭାଗର ସିପିଏମ୍‌ଜି ସୁପରିଣ୍ଟେଣ୍ଡେଣ୍ଟ, ସ୍ଥାନୀୟ ଡାକବିଭାଗ ଇନ୍ସପେକ୍ଟର ପ୍ରମୁଖଙ୍କ ନିକଟରେ ଦାବି କରାଯାଇଛି। ପୂର୍ବତନ ବିଧାୟକ ବେଣୁଧର ସେଠୀ, ଅଣ୍ଡିଆସାହି ଗ୍ରାମ ମଙ୍ଗଳ କମିଟି ସଭାପତି ବିବେକାନନ୍ଦ ପାତ୍ର, ବଜାର କମିଟି ସଭାପତି ସୂର୍ଯ୍ୟନାରାୟଣ ମିଶ୍ର, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଦିଗମ୍ବର ନାୟକ, ଜାଗ୍ରତ ଯୁବଶକ୍ତି ସଂଗଠନ ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ, ଆର୍ତ୍ତବନ୍ଧୁ ସେନାପତି, ମାଧବ ମଲ୍ଲିକ, ଅଜୟ ମିଶ୍ର ପ୍ରମୁଖ ଏହି ଦାବି କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀମାନଙ୍କୁ ଦାବିପତ୍ର ଦିଆଯାଇଛି। ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ନେତୃବୃନ୍ଦମାନେ କହିଛନ୍ତି। ଦୋଳବେଦି ଛକ ଉପଡାକଘର ଉପରେ ଦୈନିକ ଦୁଇଶହରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବାବେଳେ ବାର୍ଷିକ କାରବାର ୨୫କୋଟିରୁ ଊର୍ଦ୍ଧ୍ୱ ବୋଲି ଡାକବିଭାଗ କର୍ମଚାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

# ବୋମାମାଡ଼ ଘଟଣାରେ ୩ ଗିରଫ

## ବିସ୍ଫୋରକ ପଦାର୍ଥ, ମାରଣାସ୍ତ୍ର ଓ ଟ୍ରକ ଜବତ

ସାକ୍ଷୀଗୋପାଳ,୧୬।୪(ଭରତ ରାଉତ/ ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସାକ୍ଷୀଗୋପାଳ କଲେଜ ଛକସ୍ଥିତ ଜୟା ହୋଟେଲ ନିକଟରେ ବୁଧବାର ହୋଇଥିବା ବୋମାମାଡ଼ ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗୁରୁବାର ସତ୍ୟବାଦୀ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପିପିଲି ଥାନା ଅନ୍ତର୍ଗତ ସିରିଆପୁର ଗ୍ରାମର ବୈଦ୍ୟନାଥ ଦାଶ ଓରଫ ବାଦଲ (୨୫) ପ୍ରଭାକର ପ୍ରଧାନ ଓରଫ ବୁଲୁ (୨୭) ଏବଂ ବୀରେନ୍ଦ୍ର କୁମାର ସାହୁ ଓରଫ ବାବୁ (୨୦)। ଘଟଣା ସମୟରେ ଏମାନେ ବ୍ୟବହାର କରିଥିବା କିଛି ବିସ୍ଫୋରକ ପଦାର୍ଥ, ଏକ ମାରଣାସ୍ତ୍ର, ଟ୍ରକ (ନଂ. ଓଡ଼ି ୦୨ ସିକ୍ୟୁ ୨୯୨୩)କୁ ପୋଲିସ ଜବତ କରିଛି। ଅଭିଯୁକ୍ତଙ୍କ ନାମରେ ସତ୍ୟବାଦୀ ଥାନାରେ ଏକ କେସ୍ (ନଂ.୧୬୮/୨୬) ରୁଜୁ କରାଯାଇଛି। ଏନେଇ ଗୁରୁବାର ସତ୍ୟବାଦୀ ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବୁଧବାର ପୂର୍ବାହ୍ନରେ ଅଭିଯୁକ୍ତମାନେ ପ୍ରଚୁର ମଦ ପିଇ ଏକ କାର ଯୋଗେ ସାକ୍ଷୀଗୋପାଳ କଲେଜ ଛକ ନିକଟରେ ଥିବା ଜୟା ହୋଟେଲକୁ ଖାଇବା ପାଇଁ ଆସିଥିଲେ। ଖାଇବା ସମୟରେ ହୋଟେଲ ମାଲିକ ପ୍ରଦୀପ ବାରିକ ଓ ଗ୍ରାହକଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ପ୍ରଦୀପ ବାରଣ କରିଥିଲେ ମଧ୍ୟ ସେମାନେ ଅଧିକ ଉତ୍ପାତ କରିଥିଲେ। ପରେ ସେମାନେ ହୋଟେଲରୁ ଚାଲିଯାଇଥିଲେ। ପ୍ରାୟ ୩୦ ମିନିଟ ପରେ ପୁନର୍ବାର ହୋଟେଲକୁ ଫେରି ତିନୋଟି ବୋମାମାଡ଼ କରିବା ସହ ହାଂସୁଆ ଧରି ଆତଙ୍କ ସୃଷ୍ଟି କରିଥିଲେ। ବୋମା ମାଡରେ ଏକ କାର୍ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରଦୀପ ଏ ନେଇ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ।



ଗିରଫ ଅଭିଯୁକ୍ତମାନଙ୍କ ସମ୍ପର୍କରେ ପୋଲିସ ଅଧିକାରୀ ସୂଚନା ଦେଉଛନ୍ତି ।

# ବିଦ୍ୟାଳୟ ଫାଟକରେ ତାଲା ପକାଇଲେ ଛାତ୍ରୀଛାତ୍ର



ବିଦ୍ୟାଧରପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି ।

## ଶିକ୍ଷକଙ୍କ ବଦଳି ବାତିଲ ଦାବି

ସାକ୍ଷୀଗୋପାଳ,୧୬।୪(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନୀଳକଣ୍ଠ ପ୍ରଧାନଙ୍କ ବଦଳି ବାତିଲ ଦାବିରେ ଗତ ସୋମବାରଠାରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଉଛନ୍ତି। ଛାତ୍ରୀଛାତ୍ରଙ୍କ ନିମନ୍ତେ ଆସୁଥିବା ଖାଦ୍ୟକୁ ସେମାନେ ଗ୍ରହଣ କରୁ ନ ଥିବା ଦେଖିବାକୁ ମିଳିଛି। ସକାଳୁଆ ସ୍କୁଲ ହେଉଥିଲେ ମଧ୍ୟ ୮ଟା ପରେ ଖରାରେ ପିଲାମାନେ ଆନ୍ଦୋଳନ ଚଳାଇଛନ୍ତି। ଆନ୍ଦୋଳନ ଯୋଗୁ ଗତ କିଛିଦିନ ହେଲା ଶିକ୍ଷାଦାନ ବନ୍ଦ ରହିଛି ବୋଲି ପ୍ରଧାନ ଶିକ୍ଷକ ଆନନ୍ଦନନ୍ଦ ସାମନ୍ତରାୟ କହିଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ୧୦୮ ଜଣ ଛାତ୍ରୀଛାତ୍ର ପଢୁଥିବାବେଳେ ମାତ୍ର ୨ ଜଣ ଶିକ୍ଷକ ରହିଛନ୍ତି। ଏଭଳି ସ୍ଥିତିରେ ଜଣେ ଶିକ୍ଷକଙ୍କୁ ଏଠାରୁ ବଦଳି କରିବାରୁ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହୋଇଛି। ସେପଟେ ଉକ୍ତ ବିଦ୍ୟାଳୟରୁ ଯେଉଁ ଶିକ୍ଷକ ବଦଳି ହୋଇଛନ୍ତି, ସେ ଡେପୁଟେଶନରେ ଆସିଥିଲେ। ତେଣୁ ସେ ଯିବା ପରେ ଶିକ୍ଷାଦାନରେ ବାଧା ସୃଷ୍ଟି ନ ହେବା ପାଇଁ ତୁରନ୍ତ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କୁ ଅବସ୍ଥାପିତ କରାଯାଇଛି। ହେଲେ ବିଦ୍ୟାଳୟରେ ତାଲା ପଡ଼ିଥିବାରୁ ଶିକ୍ଷୟତ୍ରୀ ଜଣଙ୍କ କାର୍ଯ୍ୟରେ ଯୋଗଦେଇ ପାରିନାହାନ୍ତି। ତେଣୁ ଖୁବଶୀଘ୍ର ଏହି ସମସ୍ୟା ସମାଧାନ କରାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ କହିଛନ୍ତି।

### ବ୍ରାଉନସୁଗାର ଜବତ: ବ୍ୟବସାୟୀ ଗିରଫ

ନିମାପଡ଼ା,୧୬।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ଚାରିଛକ ଥାନା ଅନ୍ତର୍ଗତ ତମ୍ପାଳୋ ଛକ ରାସ୍ତାରେ ଚଢ଼ାଉ କରାଯାଇ ଜଣେ ଚୋରା ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଗୋପ ଥାନା ଅନ୍ତର୍ଗତ ଗଡ଼ସିଠା ଗ୍ରାମର ସୁମନ ଦାସ (୨୨)। ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ତାଙ୍କଠାରୁ ୧୧୫ ଗ୍ରାମ୍ ବ୍ରାଉନସୁଗାର, ନଗଦ ୧୨ଶହ ଟଙ୍କା, ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧୦ ଲକ୍ଷ ୧୫ ହଜାର ଟଙ୍କା ହେବ ବୋଲି ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ କହିଛନ୍ତି। ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ଏକ କେସ୍ (ନଂ.୫/୨୬-୨୭) ରୁଜୁ କରାଯାଇ ତଦନ୍ତ ଚାଲିଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ ସଦଳବଳ ଏହି ଚଢ଼ାଉ କରିଥିଲେ।

### ମଙ୍ଗଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ଅସ୍ତରଙ୍ଗ,୧୬।୪(ମମତା ଜେନା)

କାକଟପୁର ମଙ୍ଗଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ କବିତା ପାଠୋତ୍ସବ କଲେଜ ଛକସ୍ଥିତ ଦୀପ୍ତି କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଷ୍ୟକାର ତ୍ରିଲୋଚନ ବିଶ୍ୱାଳ ଅଧ୍ୟକ୍ଷତା କରିଥିବାବେଳେ ଶତାଧିକ ସାହିତ୍ୟପ୍ରେମୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ କାକଟପୁର ବିଡିଓ ନାରାୟଣ ଦୀକ୍ଷିତ, ସମ୍ମାନିତ ଅତିଥି ଭାବେ ପ୍ରଶାସକ ତଥା ସଂସଦ ସଭାପତି ପ୍ରଭାତ କୁମାର ତରାଇ, ବ୍ୟଙ୍ଗ କବି ସମ୍ପଦ କୁମାର ରଥ, କବି ଡ. ହୃଦାନନ୍ଦ ସାସମଲ, ଧୃଶାସନ ନାୟକ, ପରିବେଶବିତ୍ ଶୋଭାକର ବେହେରା, ସାଧୁ ଚରଣ ବିଶ୍ୱାଳ, ମନ୍ଦରଧର ମହାନ୍ତି, ବିଚିତ୍ରାନନ୍ଦ ପାତ୍ର, ଗୁରୁ ପ୍ରସାଦ ମହାନ୍ତି, ସୁରେଶ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ମଙ୍ଗଳା ମହାବିଦ୍ୟାଳୟର ଅଧ୍ୟାପକ ଡ. ସଂଗ୍ରାମ ଛାଟୋଇ ଯୋଗଦେଇ ଓଡ଼ିଆ ନବବର୍ଷରେ ଓଡ଼ିଆ ଅସ୍ମିତା ଏବଂ ଓଡ଼ିଶାର ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। କବି ଓ କବୟିତ୍ରୀଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

# ବିକଶିତ ଭାରତ ଗଠନ ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

## ସରସ୍ୱତୀ ବିଦ୍ୟା ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ

ପିପିଲି,୧୬।୪(ପ୍ରଭାତ କୁମାର ମହାପାତ୍ର)

ପିପିଲି ଜଇସପାଟଣା ପାଟଶାହାଣୀପୁରସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ଶାନ୍ତି ମୈଦାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିକଶିତ ଭାରତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ପୀତବାସ ସେଠୀ ମୁଖ୍ୟ ବକ୍ତା, ମହୋଦଧି ପରିଚାଳନା ନିର୍ଦ୍ଦେଶକ ଶୁଭ୍ରଜିତ ମହାପାତ୍ର, ଅବସରପ୍ରାପ୍ତ ପ୍ରଫେସର କାର୍ତ୍ତିକ ଚରଣ ସାହୁ, ଜାଗୃତି ସଂଗଠନ ସଭାପତି ପ୍ରଭାତ କୁମାର ମହାପାତ୍ର, ଶିକ୍ଷକ ହେମନ୍ତ କୁମାର ପ୍ରଧାନ, ଆମ୍ବା ଅଧ୍ୟକ୍ଷ ସୁବୋଧ କୁମାର ମହାନ୍ତି, ସାମାଜିକକର୍ମୀ ରଘୁନାଥ ଜେନା, ଉପଦେଷ୍ଟା ଚରଣ କୁମାର ନାୟକ, ପରିଚାଳନା କମିଟି ସଭାପତି ବିପିନ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉତ୍ତମ ଛାତ୍ରୀଛାତ୍ର ଗଠନରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଚିନ୍ତାମଣି ଓଝା ସଭାପତିତ୍ୱ କରି ପିଲାଙ୍କଠାରୁ ମୋବାଇଲ୍ ଫୋନ୍ ଦୂରେଇବା ପାଇଁ ସେ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ମୁଖ୍ୟ ସମ୍ପାଦକ ସଞ୍ଜିତ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ସନ୍ତାପ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷ ଓ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ପାଣ୍ଡେ ଧନ୍ୟବାଦ ଦେଇଥିବାବେଳେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ବିଧାୟକ ଆଶ୍ରିତ ପଟ୍ଟନାୟକ ଜଣେ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି

ସାକ୍ଷୀଗୋପାଳ,୧୬।୪(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)




ରାଜ୍ୟପାଳଙ୍କୁ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଭେଟୁଛନ୍ତି ।

ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁବାର ଲୋକ ଭବନରେ ରାଜ୍ୟପାଳ ତଥା କୁଳାଧିପତି ଡ. ହରି ବାବୁ କମ୍ଭମପାଟିଙ୍କୁ ପ୍ରଥମ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ରଶ୍ମିରେଖା ଦାସ ଓ ବିତ୍ତ ନିୟନ୍ତ୍ରକ ସଞ୍ଜୀବ ଜେନା ଉପସ୍ଥିତ ଥିଲେ। ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ପ୍ରଦାନ କରି ଏହି ଶୁଭ ସାକ୍ଷାତ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ସାକ୍ଷାତ ସମୟରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ କୁଳାଧିପତିଙ୍କ ସହ କୁଳପତି ପ୍ରଫେସର ଆଚାର୍ଯ୍ୟ ଆଲୋଚନା କରିଥିବା ସୂଚନା ମିଳିଛି।

# ସଫଳତା ପାଇଁ ୬ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ଗୋପ,୧୬।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଖୋର୍ଦ୍ଧାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ପୁରୀ ଜିଲା ଚାମ୍ପିୟନ ହୋଇଥିବାବେଳେ ଗୋପ ବ୍ଲକ ଅନ୍ତର୍ଗତ ବେଦପୁର ପଞ୍ଚାୟତସ୍ଥିତ ମା' ଭୁଆସୁଣୀ ଉଚ୍ଚ ବିଦ୍ୟାଳୟବିଦ୍ୟାଳୟର ୬ ଜଣ ଛାତ୍ରୀ ସଫଳତା ପାଇଁ ଗର୍ବ ଆଣିଛନ୍ତି। ଗୁରୁବାର ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ପ୍ରଧାନଶିକ୍ଷକ ବିଭୂଦତ୍ତ ନାୟକ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରକାଶ ଯେ, କିଛି ଦିନ ଧରି ଜର୍ମାନର ମାଣ୍ଡାଲସ ସ୍ୱାଇଁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଥିଲା। ଏହାପରେ ପ୍ରତିଯୋଗିତାରେ ରେ ମା' ଭୁଆସୁଣୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଭାଗନେଇ ଦେଇ ସଫଳତା ହାସଲ କରିଥିଲେ। ଚଳିତ ବର୍ଷ ଟାଏକୋଣ୍ଡୋ ଇଣ୍ଡିଆ ପକ୍ଷରୁ ଆଇ ଆଇ ଜି ସ୍ପୋର୍ଟସ ଆନୁକୂଲ୍ୟରେ ଖୋର୍ଦ୍ଧାର କେଟି ଗ୍ଲୋବାଲ ରାଜ୍ୟସ୍ତରୀୟ ବାଳିକା ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପୁରୀ ଜିଲା ଚାମ୍ପିୟନ ହୋଇଥିଲା। ପ୍ରତିଯୋଗିତାରେ ମା' ଭୁଆସୁଣୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ସାହୁ ଓ ପ୍ରତିପ୍ରଜ୍ଞା ଭୋଇଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବା ବେଳେ ରାଜଶ୍ରୀ ମହାପାତ୍ର ଓ ଶୁଭଲକ୍ଷ୍ମୀ ଭୋଇଙ୍କୁ ରୌପ୍ୟ, ଶୁଭସ୍ମିତା ସାହୁ ଓ ଅଦିତି ସେଠୀଙ୍କୁ କାଂସ୍ୟ ପଦକ ମିଳିଥିଲା।



କାର୍ଯ୍ୟକ୍ରମରେ ଅତିଥି ଏବଂ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀମାନେ ।

# ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଏନ୍‌ଏସି ଅଫିସ ପରିସରରେ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ।

ନିମାପଡ଼ା,୧୬।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ସଫେଇ କର୍ମଚାରୀମାନେ ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ ଏନ୍‌ଏସି ଅଞ୍ଚଳରେ ସଫେଇ କାର୍ଯ୍ୟ ଠପ୍ ହୋଇପଡ଼ିଛି। ମୁଖ୍ୟ ଛକ ବଜାର ରାସ୍ତା ସମେତ ବିଭିନ୍ନୱାର୍ଡରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ିରହିଛି। ସଫେଇ କର୍ମଚାରୀମାନେ ମାସର ଠିକ୍ ସମୟରେ ଦରମା ଏବଂ ଇପିଏଫ୍ ପାଉ ନ ଥିବା, କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଆଦି ଅଭିଯୋଗ ଆଣିଛନ୍ତି। ଏହା ପ୍ରତିବାଦରେ ସଫେଇ କର୍ମଚାରୀମାନେ ସକାଳେ ଏନ୍‌ଏସି ଅଫିସ ପରିସରରେ ଧାରଣା ଦେଇଥିଲେ। ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ପ୍ରତ୍ୟେକ ମାସର ୧୦ ତାରିଖ ଭିତରେ ସଫେଇ କର୍ମଚାରୀଙ୍କୁ ସେମାନଙ୍କ ଦରମା ଏବଂ ଠିକ ସମୟରେ ଇପିଏଫ୍ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ଅନ୍ୟପକ୍ଷରେ ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ କହିଛନ୍ତି, କର୍ମଚାରୀଙ୍କୁ ପ୍ରତିମାସରେ ଠିକ୍‌ଭାବେ ଦରମା ଦିଆଯାଉଛି। ମାର୍ଚ୍ଚ ମାସର ଦରମା ଗୁରୁବାର ଅପରାହ୍ନ ସୁଦ୍ଧା ଦେବା ସହ ଠିକ ସମୟରେ ଇପିଏଫ୍ ପ୍ରାପ୍ୟ ପ୍ରଦାନ କରାଯିବାକୁ ରୟାଲ ସିକ୍ୟୁରିଟି ସଂସ୍ଥାକୁ ନୋଟିସ କରି ତାଗିଦା କରାଯାଇଛି। ମୁଁ କୌଣସି ସଫେଇ କର୍ମଚାରୀଙ୍କୁ ଧମକଚମକ ଦେଇନାହିଁ କି ଦୁର୍ବ୍ୟବହାର ପ୍ରଦର୍ଶନ କରିନାହିଁ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ କହିଛନ୍ତି।

## ମହୁଲି ମଦ ଜବତ, ୫ ଗିରଫ

ଚୌଦ୍ୱାର,(ଆଶୁତୋଷ ଦାସ): ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ଅବକାରୀ ଥାନା ଓ କଟକ ମୋବାଇଲ ସ୍କ୍ୱାର୍ଡର ମିଳିତ ସହଯୋଗରେ ଗୁରୁବାର ଚୌଦ୍ୱାର ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ୫ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଡାଳିଯୋଡା ବ୍ରହ୍ମପୁର ଗ୍ରାମର ବନମାଳୀ ଭୋଇ, ପଦଗାଁର କାର୍ତ୍ତିକ ରାଉତ ଓ ସନ୍ତୋଷ ଗୋଚ୍ଛାୟତ, ସଫା ଗ୍ରାମର ସନ୍ତୋଷ ପାଣ୍ଡବ ଓ ପ୍ରଦୀପ୍ତ ଦାସ। ସେମାନଙ୍କ ନିକଟରୁ ୨୬୫ ଲିଟର ବେଆଇନ ମହୁଲି ମଦ ଜବତ କରାଯାଇଛି। ଚଢାଉରେ ଚୌଦ୍ୱାର ଅବକାରୀ ଥାନା ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା, ଅକ୍ଷୟ ଜେନା, ଆଶୁତୋଷ ଜେନା, ଜୟପ୍ରକାଶ ବେହୁରା, ଦେବବ୍ରତ ଓଝା, ଅଜୟ ଜେନା, ରାଜକୃଷ୍ଣ ବିଶ୍ୱାଳ, ମୋନାଲିସା ଦାସ, ଲକ୍ଷ୍ମଣ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

**ସଂକ୍ଷେପରେ**

## ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ଆଦାୟ



କଟକ,୧୬।୪(କୁମାରଶ୍ରୀ)

କଟକ ରେଳଷ୍ଟେଶନ ପାର୍କିଂରେ ମନଇଚ୍ଛା ଦେୟ ଆଦାୟ କରାଯାଉଛି। ବିଲ୍‌ରେ ଉଲ୍ଲେଖ ମୂଲ୍ୟଠାରୁ ଅଧିକ ୪ ଟଙ୍କା ଆଦାୟ ହେଉଛି। ଏ ନେଇ ପ୍ରଶ୍ନ କଲେ ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା କର୍ମଚାରୀମାନେ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ଗୁରୁବାର ପୂର୍ବାହ୍ନରେ ଜଣେ ଯୁବକ ବାଇକ୍ ପାର୍କିଂ କରିଥିଲେ। ସେଠାରେ ଉପସ୍ଥିତ କର୍ମଚାରୀ ତାଙ୍କୁ ଏକ ବିଲ୍ ଦେଇଥିଲେ। ତେବେ ବିଲ୍‌ରେ ୬ ଟଙ୍କା ଉଲ୍ଲେଖ ଥିବା ବେଳେ କର୍ମଚାରୀ ଜଣକ ଏହାକୁ କଲମରେ କାଟି ଦେଇ ୧୦ ଟଙ୍କା ଲେଖି ଦେଇଥିଲେ। ପୂର୍ବତଟ ରେଲୱେ ନାମରେ ରହିଥିବା ଏହି ବିଲ୍‌ରେ ମନଇଚ୍ଛା ଦର ପକାଇବାକୁ ନେଇ ଯୁବକ କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ। ଏହା ବଦଳରେ କର୍ମଚାରୀ ଜଣକ ଗାଳିଗୁଲଜ କରିଥିବା ଯୁବକ ଜଣକ ଅଭିଯୋଗ କରିଛନ୍ତି।

## ଯୋଗେନ୍ଦ୍ର ନାଥ ଭୋଇ ହେଲେ ଅନୁସୂଚିତ ଜାତି ଜିଲା ସଭାପତି

କଟକ ସଦର,୧୬।୪(ସୁଶାନ୍ତ କୁମାର ଜେନା)

କଟକ ନଗର ଜିଲା ଭାରତୀୟ ଜନତା ପାର୍ଟି ଅନୁସୂଚିତ ଜାତି ସଭାପତି ଭାବେ ଯୋଗେନ୍ଦ୍ର ନାଥ ଭୋଇ ମନୋନୀତ ହୋଇଛନ୍ତି।



କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ଲକ୍ଷ୍ମୀ ନାରାୟଣପୁର ଗ୍ରାମର ଯୋଗେନ୍ଦ୍ର ଯୁବକ ଅବସ୍ଥାରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହ ଜଡ଼ିତ ରହିଛନ୍ତି। ସେ ଜଣେ ଜଣାଶୁଣା କଣ୍ଠଶିଳ୍ପୀ। ପୂର୍ବରୁ କନ୍ଦରପୁର ଗ୍ରାମପଞ୍ଚାୟତର ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହ ନିଯୁକ୍ତି ପାଇଁ ଭୋଇ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ଅନୁସୂଚିତ ଜାତି ସଭାପତି ବାଇଧର ମଲ୍ଲିକ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲା ସଭାପତି ସୁକାନ୍ତ ବିଶାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମଙ୍ଗଳା ମନ୍ଦିରରେ ଭଜନ ସମାରୋହ

କଟକ ସଦର,୧୬।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ରାଜହଂସ ଗ୍ରାମର ମା' ମଙ୍ଗଳା ମନ୍ଦିରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ଦିନ ବେଳା ମା'ଙ୍କ ଖାମୁଯାତ୍ରା ସହିତ ପଣା ବଣ୍ଟନ କରାଯାଇଥିଲା। ଏହି ଅବସରରେ କଟକ ସଦର ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ପ୍ରଫୁଲ୍ଲ କୁମାର ସିଂହ, ହୃଷିକେଶ ଜେନା, ପୁଷ୍ପରାଜ ପ୍ରଧାନ, ନିର୍ମଳ ଦାସ, ସୁବାସ ଚନ୍ଦ୍ର ରଥ, ସମର ବେହେରା, ପୀୟୂଷ ପରିଡ଼ା, ପ୍ରଫୁଲ୍ଲ କୁମାର ଲାଲ ଏବଂ ତ୍ରିଲୋଚନ ସ୍ୱାଇଁଙ୍କୁ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସୁବୋଧ ବେହେରା ଓ ଗ୍ରାମବାସୀ ପରିଚାଳନା କରିଥିଲେ।

## ଏନ୍‌ଫୋର୍ସମେଣ୍ଟ ଷ୍ଟାଫ୍‌ଙ୍କ ଉପରେ ଆକ୍ରମଣ: ୨ ମାମଲା ରୁଜୁ

କଟକ ସଦର,୧୬।୪(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ବେଣ୍ଟକାର ପଞ୍ଚାୟତ ବନ୍ଧୁଣିଆ ଗ୍ରାମର ଜଣେ ବିଦ୍ୟୁତ୍ ଉପଭୋକ୍ତାଙ୍କ ଘରେ ଗୁରୁବାର ଟାଟା ପାୱାର ଏନ୍‌ଫୋର୍ସମେଣ୍ଟ ଷ୍ଟାଫ ଚଢାଉ କରିଥିଲେ। ଏହି ଘଟଣାକୁ ନେଇ ଗୃହ ମାଲିକ ଓ ମହିଳାଙ୍କ ସହ ଷ୍ଟାଫ୍‌ଙ୍କ ମଧ୍ୟରେ ହାତାହାତି ହୋଇଥିଲା। ପରେ ଉଭୟ ପକ୍ଷ ୪୨ ମୌଜା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨ଟି ମାମଲା (ନଂ. ୧୧୨ ଓ ୧୧୩/୨୬) ରୁଜୁକରିତଦନ୍ତ ଆରମ୍ଭ କରିଛି। ହୁକ ପକାଇ ବିଦ୍ୟୁତ୍ ସଂଯୋଗ ନେଇଥିବା ଏନ୍‌ଫୋର୍ସମେଣ୍ଟ ଷ୍ଟାଫ ଜାଣିବା ପରେ ଚଢ଼ାଉ କରିଥିଲା। ମାତ୍ର ଉପଭୋକ୍ତାଙ୍କ ଘରର ମହିଳାଙ୍କ ସହ ଷ୍ଟାଫ ଅସଦାଚରଣ କରିଥିବା ଦର୍ଶାଇ ଏନ୍‌ଫୋର୍ସମେଣ୍ଟ ଷ୍ଟାଫଙ୍କ ନାମରେ ପାଲଟା ଅଭିଯୋଗ ହୋଇଛି।

# ୪୮ ବିଦ୍ୟାଳୟର ଅସୁରକ୍ଷିତ କୋଠା ତଥ୍ୟ ଦେଲା ଜିଲା ପ୍ରଶାସନ

କଟକ,୧୬।୪(କାର୍ତ୍ତିକ ସାହୁ)

**ହାଇକୋର୍ଟରେ କଟକ ସହର ସମସ୍ୟା**



ହାଇକୋର୍ଟରେ କଟକ ସହର ସମସ୍ୟାର ଶୁଣାଣି ବେଳେ ଜିଲା ପ୍ରଶାସନ ୪୮ଟି ବିଦ୍ୟାଳୟର ଅସୁରକ୍ଷିତ କୋଠା ସଂକ୍ରାନ୍ତରେ ତଥ୍ୟ ପ୍ରଦାନ କରିଛି। ଜିଲା ପ୍ରଶାସନ ରିପୋର୍ଟରେ ଦର୍ଶାଯାଇଛି, କଟକ ସହରରେ ଥିବା ସ୍କୁଲଗୁଡ଼ିକ ମଧ୍ୟରୁ ୪୮ଟି ସ୍କୁଲକୁ ପରିଦର୍ଶନ କରାଯାଇଛି। କଟକ ଆର୍‌ଆଣ୍ଡ ବି ଡିଭିଜନ-୧ ଓ କଟକ ଆରଆଣ୍ଡ ବି ଡିଭିଜନ-୨ ପକ୍ଷରୁ ୨୪ଟି ଲେଖାଏ ବିଦ୍ୟାଳୟର ସୁରକ୍ଷା ସ୍ଥିତି ସଂକ୍ରାନ୍ତରେ ତଥ୍ୟ ପ୍ରଦାନ କରାଯାଇଛି। ଉକ୍ତ ରିପୋର୍ଟ ବିଦ୍ୟାଳୟ କୋଠାଗୁଡ଼ିକ ଅତ୍ୟନ୍ତ ବିପଦସଙ୍କୁଳ ସ୍ଥିତିରେ ଅଛି ବୋଲି ଦର୍ଶାଉଛି। ବିଶେଷ କରି ବକ୍ସିବଜାର ମିଶନ ରୋଡ଼ସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ମରାମତି ଅଭାବରୁ ଭାଙ୍ଗିରୁଜି ଯାଇଥିବା ଏକ ପୁରୁଣା ଓ ଅତ୍ୟନ୍ତ ଖରାପ କୋଠାରେ ପରିଚାଳିତ ହେଉଛି। ତେବେ ଏହି ବିଦ୍ୟାଳୟର ସୁରକ୍ଷିତ ସ୍ଥିତି ସଂକ୍ରାନ୍ତରେ କୌଣସି ଷ୍ଟ୍ରକଚରାଲ ଷ୍ଟାବିଲିଟି ରିପୋର୍ଟ ପ୍ରଦାନ କରାଯାଇ ନ ଥିବା ହାଇକୋର୍ଟ ତାଙ୍କ ଆଦେଶରେ ଦର୍ଶାଇଛନ୍ତି। କଟକ ଅତିରିକ୍ତ ଜିଲାପାଳ କମଳଜିତ ଦାଶ ହାଇକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି, ଅଧ୍ୟୟନରତ ପିଲା, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ପଦକ୍ଷେପ ଗ୍ରହଣ କରାଯିବ। ଆବଶ୍ୟକ ହେଲେ ସ୍କୁଲ ମ୍ୟାନେଜମେଣ୍ଟ ସହ ପରାମର୍ଶ କରି ଅତ୍ୟାବଶ୍ୟକ ବ୍ୟବସ୍ଥା ନିଆଯିବ। ତେବେ ଏ ସଂକ୍ରାନ୍ତରେ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଆଗାମୀ ମେ' ୪ ତାରିଖ ସୁଦ୍ଧା ଜିଲା ପ୍ରଶାସନ ସତ୍ୟପାଠ ଆକାରରେ ଜଣାଇବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି କେ.ଆର. ମହାପାତ୍ର ଓ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ମେ' ୭ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ଅପରପକ୍ଷରେ ହାଇକୋର୍ଟଙ୍କୁ ସହଯୋଗ କରିବା ନିମନ୍ତେ ଆଡ୍‌ଭୋକେଟ କମିଟିର ପୁନର୍ଗଠନ କରାଯାଇଥିବା ସଂକ୍ରାନ୍ତରେ ଅବଗତ କରାଯାଇଛି। ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ହୃଦାନନ୍ଦ ମହାପାତ୍ରଙ୍କ ସମେତ ଆଇନଜୀବୀ ପ୍ରଶାନ୍ତ କୁମାର ଜେନା, ନିରଞ୍ଜନ ଲେଙ୍କା, କାଜଲ ସାହୁ, ସୁଧାମୟୀ ଦାସ ଓ ସରୋଜ କୁମାର ପାଢ଼ୀ କମିଟି ସଦସ୍ୟ ଭାବେ ସାମିଲ ହୋଇଛନ୍ତି। ଏହି ଆଡ୍‌ଭୋକେଟ କମିଟି ନିୟମିତ ଭାବେ ଏସ୍‌ସିବି ମେଡିକାଲ ଓ ଶିଶୁଭବନର ବିଭିନ୍ନ ସମସ୍ୟା ହାଇକୋର୍ଟରେ ଉପସ୍ଥାପନ କରିବେ। ଅଗ୍ନିକାଣ୍ଡ ଘଟିଥିବା ଏସ୍‌ସିବି ମେଡିକାଲ ଟ୍ରମା କେୟାର ସେଣ୍ଟର ମରାମତି କାର୍ଯ୍ୟ ଦ୍ରୁତଗତିରେ କରାଯାଉଥିବା ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଅନ୍ୟପକ୍ଷରେ ଏସ୍‌ସିବି ମେଡିକାଲ ଓ ଶିଶୁଭବନ ବାହାରେ ଥିବା ଖୋଲା ଡ୍ରେନ୍ ଜବରଦଖଲ ହୋଇଥିବା ସଂକ୍ରାନ୍ତରେ ସ୍ଥିତି ଅନୁଧ୍ୟାନ କରି ମେ' ୪ ସୁଦ୍ଧା ରିପୋର୍ଟ ଦେବା ନିମନ୍ତେ ହାଇକୋର୍ଟ ଆଡ୍‌ଭୋକେଟ୍ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆଡ୍‌ଭୋକେଟ କମିଟି ଶିଶୁଭବନ ପରିସରସ୍ଥ ଡ୍ରେନେଜ୍ ବ୍ୟବସ୍ଥାର ଡିପିଆର୍ ୭ ଦିନ ମଧ୍ୟରେ ଜଣାଇବେ। ଏହାବାଦ ଆହୁରି କେତେକ ସମସ୍ୟା ସଂକ୍ରାନ୍ତରେ ମଧ୍ୟ ହାଇକୋର୍ଟ ଶୁଣାଣି କରିଛନ୍ତି।



କଳା ବିକାଶ କେନ୍ଦ୍ର ଅଡିଟୋରିୟମରେ ନବବର୍ଷ ସମିତି ପକ୍ଷରୁ ବଙ୍ଗୀୟ ନବବର୍ଷ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି ଅତିଥିମାନେ। (ଫଟୋ: ରାଜକିଶୋର ମହାନ୍ତି)

## ୩ଜଣ ହଷ୍ଟେଲରୁ ବିଦା, ୨ଜଣଙ୍କ ଇଣ୍ଟର୍ନଶିପ୍ ଅର୍ଥ ବନ୍ଦ

କଣ୍ଟାପଡା,୧୬।୪(ସୁରନାରାୟଣ ସାହୁ)

**ଜୁନିୟର ଛାତ୍ରଙ୍କୁ ଗାଳିଗୁଲଜ କରିବା ମହଙ୍ଗା ପଡ଼ିଲା**

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରଣାଳୟ ଅଧୀନରେ ଥିବା ଓଲଟପୁରସ୍ଥିତ ଏସ୍‌ଭି ନିରତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରରେ ଅଧ୍ୟୟନ ରତ ୩୯ତମ ବ୍ୟାଚର ଜୁନିୟର ଛାତ୍ରମାନଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ଗୁରୁବାର କର୍ତ୍ତୃପକ୍ଷ ୩ଜଣ ଛାତ୍ରଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ହଷ୍ଟେଲରୁ ସେମାନଙ୍କୁ ବିଦା କରାଯାଇ ଥିବାବେଳେ ସେମାନଙ୍କ ମଧ୍ୟରୁ ୨ଜଣ ଛାତ୍ରଙ୍କ ୧ ମାସର ଇଣ୍ଟର୍ନଶିପ ଅର୍ଥ ବନ୍ଦ କରିଦିଆଯାଇଛି। ଖବରରୁ ପ୍ରକାଶ, ଗତ ୧୦ ତାରିଖ ରାତିରେ ହଷ୍ଟେଲରେ ୩୯ତମ ବ୍ୟାଚର ଜଣେ ଛାତ୍ରଙ୍କ ଜନ୍ମଦିନ ପାଳନ ବେଳେ କେତେଜଣ ସିନିୟର ଛାତ୍ର ସେଠାରେ ପହଞ୍ଚିଥିଲେ। ପୂର୍ବରୁ କ୍ରିକେଟ ଖେଳକୁ ନେଇ ସମ୍ପୃକ୍ତ ଛାତ୍ରଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ଏହାକୁ ନେଇ ସିନିୟର ଛାତ୍ରମାନେ ଜୁନିୟର ଛାତ୍ରମାନଙ୍କୁ ଗାଳିଗୁଲଜ କରିଥିଲେ। ଜୁନିୟର ଛାତ୍ରମାନେ ନିରତାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ୧୨ ତାରିଖରେ ନିରତାର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଘଟଣାର ଯାଞ୍ଚ କରିଥିଲା। ଏଥିରେ ୩୪ତମ ବ୍ୟାଚର, ୩୫ ତମ ବ୍ୟାଚର ଓ ୩୭ ତମ ବ୍ୟାଚର ଛାତ୍ର ସମ୍ପୃକ୍ତ ଥିବା ତଦନ୍ତ ବେଳେ ଜଣାପଡିଥିଲା। ଉକ୍ତ ୩ଜଣ ଛାତ୍ରଙ୍କୁ ହଷ୍ଟେଲରୁ ବହିଷ୍କାର କରାଯାଇ ଥିବାବେଳେ ଦୁଇଜଣ ଛାତ୍ରଙ୍କ ୧ ମାସର ଇଣ୍ଟର୍ନଶିପ ଅର୍ଥକୁ ବନ୍ଦ କରାଯାଇଛି। ଆଗକୁ ହଷ୍ଟେଲର କୌଣସି ଅନ୍ତେବାସୀ ଏଭଳି ନ କରିବା ପାଇଁ ନିରତାର କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି।

## ଦୁଧୁଘାଟ ପାଣିଘାଟ ଯାତ୍ରା ଉଦ୍‌ଯାପିତ

ଚୌଦ୍ୱାର,୧୬।୪(ଆଶୁତୋଷ ଦାସ)



ଦୁଧୁଘାଟ ପାଣିଘାଟ ଯାତ୍ରା ଉଦ୍‌ଯାପନୀ ଉତ୍ସବରେ କଳାକାରଙ୍କ ସହ ଅତିଥିମାନେ।

ଚୌଦ୍ୱାର ପୌରପାଳିକା ୩ ନଂ. ୱାର୍ଡ ଅନ୍ତର୍ଗତ ମଙ୍ଗଳାସାହିରେ ଥିବା ମା' ମଙ୍ଗଳାଙ୍କ ମନ୍ଦିରରେ ଦୁଧୁଘାଟ ପାଣିଘାଟ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଆଜକୁ ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଏହି ଯାତ୍ରା ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତବର୍ଷ ବେଶ ଧୁମଧାମରେ ପାଳିତ ହୋଇଥିଲା। ସାରାଦିନ ବ୍ୟାପି ମା'ଙ୍କ ପୂଜା ନୀତିକାନ୍ତି ଅନୁଯାୟୀ ହୋଇଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଶିଶୁମାନଙ୍କ ଦ୍ୱାରା ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଚିତ୍ତାକର୍ଷକ ହୋଇଥିଲା। ଭଗବାନ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଉନସିଲର ଆଶୁତୋଷ ଦାସ, ଭାସ୍କର ଚନ୍ଦ୍ର ପ୍ରଧାନ, ଭାଜପାର ସନ୍ତୋଷ ସାହୁ, କିରଣବାଳା ନାୟକ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଲୋଚନ ସାହୁ, ବିଜୟ କୁମାର ସେଠୀ, ବିଶ୍ୱନାଥ ସାହୁ, ଅଲେଖ ଚନ୍ଦ୍ର ସାହୁ, ଦିଲୀପ ସାହୁ, ଗଗନ ବେହେରାଙ୍କ ସମେତ ସାହିର ସମସ୍ତ ଯୁବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୁରୁନାନକ ପବ୍ଲିକ ସ୍କୁଲ ଟପ୍ପର ପ୍ରଜ୍ଞାକୁମାରୀ

କଟକ,୧୬।୪(କାର୍ତ୍ତିକ ସାହୁ)

କାଳିଆବୁଦାସ୍ଥିତ ଗୁରୁନାନକ ପବ୍ଲିକ ସ୍କୁଲରେ ସିବିଏସ୍‌ଇ ଦଶମ ପରୀକ୍ଷାରେ ସମସ୍ତ ୧୪୮ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୨୨ ଜଣ ୯୦%ରୁ ଊର୍ଦ୍ଧ୍ୱ, ୨୪ ଜଣ ୮୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଛାତ୍ରୀ ପ୍ରଜ୍ଞା କୁମାରୀ ଶତକଡା ୯୮.୮% ରଖି ଟପ୍ପର ହୋଇଛନ୍ତି। ଛାତ୍ରୀ ଅର୍ପିତା ସାହୁ ୯୭.୬% ଓ ବିଷ୍ଣୁପ୍ରିୟା ମହାପାତ୍ର ୯୭.୪% ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସର୍ଦ୍ଦାର ଦେବେନ୍ଦ୍ର ସିଂ ସବରୱାଲ, ସମ୍ପାଦକ ସର୍ଦ୍ଦାର ସମ୍ରାଟ ବିକ୍ରମ ସିଂଙ୍କ ସମେତ ବିଦ୍ୟାଳୟ ଅଧକ୍ଷା ସଞ୍ଜିତା ମହାନ୍ତି, ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ସେନାପତିଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଚୋରି ସ୍କୁଟି, ବାଇକ୍ ସହିତ ୩ ମୋବାଇଲ ଜବତ: ୨ କୋର୍ଟ ଚାଲାଣ

ଖୁଣ୍ଟୁଣୀ,୧୬।୪(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ପୋଲିସ ବୁଧବାର ୨ଜଣ ବାଇକ୍ ଚୋରଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ୩ଟି ମୋବାଇଲ ଓ ଏକ ସ୍କୁଟି ସହିତ ବାଇକ୍ ଜବତ କରିଛି। ଗିରଫ ୨ ଜଣ ହେଲେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଚନ୍ଦ୍ରଶେଖରପ୍ରସାଦ ଗ୍ରାମର ମନୋରଞ୍ଜନ ଦାସ, ଚୌଦ୍ୱାର ଥାନା କପାଳେଶ୍ୱର ଗ୍ରାମର ବିକାଶ ବିନ୍ଧାଣି ବୋଲି ଖୁଣ୍ଟୁଣୀ ଥାନା ଆଇଆଇସି ଜହର ଆବେଦିନ ସୂଚନା ଦେଇଛନ୍ତି। ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ରାଧାଶ୍ୟାମପୁର (ଗରିଆ) ଗ୍ରାମର ବିଶ୍ୱନାଥ ବେହେରା ଖୁଣ୍ଟୁଣୀ ଥାନାରେ ଲିଖିତ ଅଭିଯୋଗ କରି ମଙ୍ଗଳବାର ରାତିରେ ତାଙ୍କର ଏକ ସ୍କୁଟି, ଦୁଇଟି ମୋବାଇଲ ଫୋନ ଏବଂ ୫୦ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୦୪/୨୬) ରୁଜୁ କରି ତଦନ୍ତ ଭାର ଏସ୍‌ଆଇ ଶକୁନ୍ତଳା ଦାସଙ୍କୁ ଦେଇଥିଲା। ଏସ୍‌ଆଇ ଦାସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଗୁରୁଡ଼ିଝାଟିଆ ଅଞ୍ଚଳରେ ଚୋରମାନେ ଥିବା ସୂଚନା ପାଇ ଏସ୍‌ଆଇ ଦାସ ଓ ସହଯୋଗୀ ଘଣ୍ଟିଖାଲ ଫାଣ୍ଡି ଅଧିକାରୀ ସୁନୀଲ ସାମଲ ପ୍ରମୁଖ ଚଢ଼ାଉ କରି ୨ଜଣ ଚୋରଙ୍କୁ ଧରିବା ସହିତ ଏକ ବାଇକ୍‌ଚୋରିସ୍କୁଟିଓ୩ଟିମୋବାଇଲ ଫୋନ ଜବତ କରିଥିଲା ବୋଲି ତଦନ୍ତକାରୀ *ଅଧିକାରୀ ଏସ୍‌ଆଇ ଦାସ କହିଛନ୍ତି।*

## ଇଭୋଲ୍ୟୁଶନ ଅଫ୍ ଲ' ଥ୍ରୋ ଦି ଜଜ୍‌ମେଣ୍ଟ ଅଫ୍ ଡକ୍ଟର ଜଷ୍ଟିସ୍ ବି.ଆର୍. ଷଡ଼ଙ୍ଗୀ ପୁସ୍ତକ ଉନ୍ମୋଚିତ




ଅତିଥିମାନେ ପୁସ୍ତକଙ୍କୁ ଉନ୍ମୋଚନ କରୁଛନ୍ତି।

କଟକ,୧୬।୪(କାର୍ତ୍ତିକ ସାହୁ)

ଇଂଲଣ୍ଡର ହଲସ୍‌ବରୀ ଆଇନ ଯେଭଳି ଇଂଲଣ୍ଡର ବିଭିନ୍ନ ଆଇନକୁ ସଂକଳିତ କରିଛି ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ରଚିତ ଇଭୋଲ୍ୟୁଶନ ଅଫ୍ ଲ' ଥ୍ରୋ ଦି ଜଜ୍‌ମେଣ୍ଟ ଅଫ୍ ଡକ୍ଟର ଜଷ୍ଟିସ ବି.ଆର. ଷଡ଼ଙ୍ଗୀ ପୁସ୍ତକଟି ଜଷ୍ଟିସ ଷଡ଼ଙ୍ଗୀଙ୍କ ପ୍ରଦତ୍ତ ବିଭିନ୍ନ ଜଜମେଣ୍ଟର ଏକ ଉଚ୍ଚକୋଟୀର ସଂକଳନ। ଏହି ପୁସ୍ତକଟି ଆଇନର ବିଶ୍ୱସ୍ତ ଜ୍ଞାନକୋଷ ବୋଲି ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଓଡ଼ିଶା ହାଇକୋର୍ଟ ପୂର୍ବତନ କାର୍ଯ୍ୟନିର୍ବାହୀ ମୁଖ୍ୟ ବିଚାରପତି, ଝାଡ଼ଖଣ୍ଡ ହାଇକୋର୍ଟ ପୂର୍ବତନ ମୁଖ୍ୟ ବିଚାରପତି, ଜାତୀୟ ମାନବାଧିକାର କମିଶନର ସଦସ୍ୟ ଡକ୍ଟର ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ରଚିତ ଉକ୍ତ ପୁସ୍ତକ ଉନ୍ମୋଚନ ଉତ୍ସବରେ ସୁପ୍ରିମକୋର୍ଟ ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଗୋପାଳ ବଲ୍ଲଭ ପଟ୍ଟନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ମତପ୍ରକାଶ କରିଛନ୍ତି। ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଯୋଗଦେଇ ଏହି ପୁସ୍ତକଟି ଆଇନଜୀବୀ, ବିଚାରପତି ସାଧାରଣ ଲୋକଙ୍କୁ ବିଭିନ୍ନ ଆଇନ ପ୍ରତି ସଚେତନ କରାଇବ ବୋଲି କହିଥିଲେ। ମୁଖ୍ୟବକ୍ତା ଆଡ୍‌ଭୋକେଟ ଜେନେରାଲ ତଥା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଜଷ୍ଟିସ ଷଡ଼ଙ୍ଗୀଙ୍କୁ ଜଣେ ଶୃଙ୍ଖଳିତ ଓ ଦକ୍ଷ ବିଚାରପତି ଭାବେ ବର୍ଣ୍ଣନା କରି ତାଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ଆଇନଜୀବୀ ଦେବସ୍ମାନ ଦାସଙ୍କ ଦ୍ୱାରା ପରିଚାଳିତ ଉତ୍ସବରେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନ ସଭାପତି ବରିଷ୍ଠ ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାୟ ସ୍ୱାଗତ ଭାଷଣ ଦେଇଥିଲେ। ହାଇକୋର୍ଟ ବାର ଆସୋସିଏଶନର ସମ୍ପାଦକ ହୃଦାନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଉପସଭାପତି ପ୍ରଦୀପ କୁମାର ମହାପାତ୍ର, ଯୁଗ୍ମସମ୍ପାଦକ ପ୍ରଦୀପ ମହାନ୍ତି, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟାସଦସ୍ୟମାନେ ଅତିଥିମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହ ପ୍ରଦାନ କରିଥିଲେ। ହାଇକୋର୍ଟ ସମସ୍ତ ବିଚାରପତି, ପ୍ରାକ୍ତନ ବିଚାରପତି, ରେଜିଷ୍ଟ୍ରାର, ବରିଷ୍ଠ ଆଇନଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ଦଧୀଚି ପବ୍ଲିକ ସ୍କୁଲରେ ଶତପ୍ରତିଶତ ସଫଳତା



କଟକ,୧୬।୪(କାର୍ତ୍ତିକ ସାହୁ)

ସୁନ୍ଦରଗ୍ରାମସ୍ଥିତ ଦଧୀଚି ପବ୍ଲିକ ସ୍କୁଲରେ ସିବିଏସ୍‌ଇ ଦଶମ ପରୀକ୍ଷାଫଳ ଶତପ୍ରତିଶତ ହୋଇଛି। ଉତ୍ତୀର୍ଣ୍ଣ ହୋଇଥିବା ୧୧୮ଜଣଙ୍କ ମଧ୍ୟରୁ ୧୧ ଜଣ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଦୀପ୍ତିମୟୀ ସାହୁ ସର୍ବାଧିକ ୯୭% ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସାଇସୁଶ୍ରୀ ପରିଜା ଇଂଲିଶରେ ୧୦୦ ନମ୍ବର ରଖିଛନ୍ତି। ଦଧୀଚି ଶୈକ୍ଷିକ ସଂସ୍ଥାନର ଅଧକ୍ଷ ଡ. ମନୋଜ କୁମାର ଦାଶ ଓ ମ୍ୟାନେଜିଂ ଟ୍ରଷ୍ଟି ବବିତା ଦାଶ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଅଧକ୍ଷ ଦେବେନ୍ଦ୍ର ନାଥ ଭଞ୍ଜଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସାଧୁବାଦ ଜଣାଇଛନ୍ତି।

## ସେଣ୍ଟ ଜାଭିୟର୍ସରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



କଟକ,୧୬।୪(କାର୍ତ୍ତିକ ସାହୁ)

ନୂଆବଜାରସ୍ଥିତ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରି ସ୍କୁଲରେ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶିତ ହେବା କୃତୀ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ତ୍ରିପାଠୀ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ପାର୍ଥପ୍ରିତମ ପତିଙ୍କୁ ୧୦, ୦୦୦ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। କେକ୍ କଟାଯାଇ ମିଷ୍ଟାନ୍ ବଣ୍ଟନ କରାଯାଇଥିଲା। ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅଭିଜ୍ଞତା ଓ ଭବିଷ୍ୟତ ବିଷୟରେ ନିଜ ମତପୋଷଣ କରିଥିଲେ।

## ଦୀର୍ଘ ବର୍ଷ ପରେ ବ୍ଲକ ଶିକ୍ଷା କନିଷ୍ଠ ସହାୟକଙ୍କୁ ବଦଳି

ମଙ୍ଗୁଳି-ଜଗତପୁର,୧୬।୪(ମାନସ ସାମଲ)

**ପଦବୀର ଅପବ୍ୟବହାର ଅଭିଯୋଗ ରହିଥିଲା**

୧୨ ବର୍ଷ ଧରି ଚୌକି ମାଡି ବସିଥିବା ଜଣେ ବ୍ଲକ ଶିକ୍ଷା କନିଷ୍ଠ ସହାୟକ ପ୍ରିୟଦର୍ଶୀ ନାୟକଙ୍କୁ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବଦଳି କରାଯାଇଛି। ତାଙ୍କ ନାମରେ ପଦବୀର ଅପବ୍ୟବହାର ଓ ଅନିୟମିତତା କାର୍ଯ୍ୟ ଲିପ୍ତ ଥିବା ଅଭିଯୋଗ ରହିଥିଲା। ଏ ନେଇ ଏକାଧିକ ବ୍ୟକ୍ତି ଅଭିଯୋଗ କରିଥିବା ବେଳେ ଟାଙ୍ଗୀ କୋଟସାହିର ସମରେନ୍ଦ୍ର ଷଡଙ୍ଗୀ ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ଶିକ୍ଷାଧିକାରୀ କୌଣସି ପଦକ୍ଷେପ ନ ନେବାରୁ ୮ ଅଗଷ୍ଟ ୨୦୨୫ ଚିଠି ନଂ. ୨୨୦୬୯ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥଲେ। ଅଭିଯୋଗ ଅନୁଯାୟୀ, ସରକାରଙ୍କ ନିୟମ ଅନୁଯାୟୀ ଜଣେ ସରକାରୀ କର୍ମଚାରୀ ୩ ବର୍ଷ ଗୋଟିଏ ସ୍ଥାନରେ ରହି ପାରିବେ। କିନ୍ତୁ ପ୍ରିୟଦର୍ଶୀ ନାୟକ କିପରି ୧୧ବର୍ଷ ଧରି ଟାଙ୍ଗୀ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟ କରିଆସୁଛନ୍ତି। ଫଳରେ ସେ କିଛି ମୁଷ୍ଟିମେୟ ଶିକ୍ଷକଙ୍କୁ ଧରି ସମସ୍ତ ଅନିୟମିତତା କାର୍ଯ୍ୟରେ ଲିପ୍ତରେ ରହିଛନ୍ତି। ଇଣ୍ଟେଲିଜେନ୍ସ ମାଧ୍ୟମରେ ଏହାର ତଦନ୍ତ କରାଇଲେ ସତ୍ୟତା ଜଣାପଡିବ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି।

## ଅଧିକାରୀ ଆସିଲେନି, ଷ୍ଟାଣ୍ଡିଂ କମିଟି ବୈଠକ ନିଷ୍ଫଳ

କଟକ,୧୬।୪(କୁମାରଶ୍ରୀ)

- ବାହାନା ଦେଖାଇ ଅଧିକାରୀ ଅନୁପସ୍ଥିତ ଥିବା କର୍ପୋରେଟରଙ୍କ ଅଭିଯୋଗ
- ସହରର ବିକାଶମୂଳକ କାର୍ଯ୍ୟରେ ବାଧା ହୋଇପାରେ

ଅଧିକାରୀମାନଙ୍କ ଅନୁପସ୍ଥିତ ଯୋଗୁ କଟକ ମହାନଗର ନିଗମ (ସିଏମ୍‌ସି)ର ପବ୍ଲିକ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ଅଧାରୁ ବାତିଲ ହୋଇଛି। ବୈଠକରେ ଉପସ୍ଥିତ ରହିବାକୁ ସମସ୍ତ ଅଧିକାରୀଙ୍କୁ ଚିଠି ଦିଆଯାଇ ନିବେଦନ କରାଯାଇଥିଲା। ହେଲେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ବାହାନା ଦେଖାଇ ବୈଠକରେ ଯୋଗ ନ ଦେବାରୁ ଏହା ସମ୍ପୂର୍ଣ୍ଣ ନିଷ୍ଫଳ ହୋଇଗଲା ବୋଲି ଅଭିଯୋଗ ହୋଇଛି। ଅଧିକାରୀମାନଙ୍କ ଏଭଳି ମନୋମୁଖୀ କାର୍ଯ୍ୟକୁ ନେଇ ଅନେକ କର୍ପୋରେଟର ଅସନ୍ତୋଷ ଜାହିର କରିଛନ୍ତି।

ଘଟଣାରୁ ପ୍ରକାଶ, ବୁଧବାର ନିଗମର ପବ୍ଲିକ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ରହିଥିଲା। ଏପ୍ରିଲରୁ ନୂଆ ଆର୍ଥିକ ବର୍ଷ ଆରମ୍ଭ ହେଉଥିବା ବେଳେ ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଆଲୋଚନା ହୋଇଥାନ୍ତା। ବର୍ଷା ଦିନ ପୂର୍ବରୁ ସହରର ପଙ୍କଉଦ୍ଧାର କାର୍ଯ୍ୟ ସମେତ ସହରୀ ବିକାଶ ଯୋଜନାର ବିଭିନ୍ନ କାମ ବାବଦରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥାନ୍ତା। ଯାହାକି ଆଗାମୀ କାଉନସିଲ ବୈଠକରେ ପ୍ରସ୍ତାବିତ ହୋଇ କାର୍ଯ୍ୟରେ ରୂପାନ୍ତରଣ କରାଯାଇଥାନ୍ତା। ମାତ୍ର ଅଧିକାରୀମାନଙ୍କ ଅନୁପସ୍ଥିତ ଯୋଗୁ ବୈଠକ ଫଳପ୍ରଦ ହୋଇ ପାରିଲାନାହିଁ। ପବ୍ଲିକ ୱାର୍କସ ଷ୍ଟାଣ୍ଡିଂ କମିଟିରେ କର୍ପୋରେଟ ପ୍ରଦୀପ୍ତ କିଶୋର ଖୁଣ୍ଟିଆ ଅଧକ୍ଷ ଥିବା ବେଳେ କର୍ପୋରେଟର ତାପସ ସାମନ୍ତରାୟ, ଚନ୍ଦନ କୁମାର ଜେନା, ବିକାଶ ରଞ୍ଜନ ବେହେରା, କେଜେଡ୍ ଆଫ୍ରିନ, ମଧୁସ୍ମିତା ବାରିକ, ସନ୍ତୋଷ ଭୋଳ ସଦସ୍ୟ ଭାବେ ରହିଛନ୍ତି। ଅଧକ୍ଷଙ୍କ ସମେତ ଅନ୍ୟ କର୍ପୋରେଟରମାନେ ଅପେକ୍ଷା କରିଥିଲେ ସୁଦ୍ଧା ଅଧିକାରୀମାନେ ବୈଠକକୁ ନ ଆସିବା ନିଗମର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଜଣେ କର୍ପୋରେଟର ଆଲୋଚନା ପ୍ରସଙ୍ଗରେ କହିଛନ୍ତି, ପବ୍ଲିକ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ସମୟ ପରେ କଟକ ସଦର ବିଧାୟକଙ୍କ ଦ୍ୱାରା ସମୀକ୍ଷା ବୈଠକ ରହିଥିଲା। ଅଧିକାରୀମାନେ ଷ୍ଟାଣ୍ଡିଂ କମିଟି ବୈଠକରେ ଅନୁପସ୍ଥିତ ରହିଥିଲେ ସୁଦ୍ଧା ବିଧାୟକଙ୍କ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। କଟକ ସହରର ବିକାଶ ନେଇ ଅଧିକାରୀମାନଙ୍କ ମନୋବୃତ୍ତି ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି ବୋଲି କର୍ପୋରେଟର ଜଣକ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତର ଅର୍ଜୁନ-ଆଦିତ୍ୟ ଯୋଡ଼ିଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୧୬।୪ (ପି.ଟି.):** ଭାରତର ଅର୍ଜୁନ ସିଂ ଓ ଆଦିତ୍ୟ ସିଂ ଯୋଡ଼ି ଫ୍ଲୋରିଡ଼ାର ନାପଲ୍ସଠାରେ ଚାଲିଥିବା ୟୁଏସ୍ ଓପନ ପିକଲବଲ୍ ଚାମ୍ପିୟନଶିପ୍ ପୁରୁଷ ଡବଲ୍ସ ୫.୦ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଫାଇନାଲରେ ସେମାନେ ଜେ. ମେଓଡ୍ ଓ ଡବ୍ଲ୍ୟୁ ଲିନ୍‌ଙ୍କୁ ୯-୧୧, ୧୧-୨, ୧୧-୭ରେ ହରାଇ ଦେଇଛନ୍ତି। ଅନ୍ୟ ଏକ ଭାରତୀୟ ଯୋଡ଼ି ପନ୍ଥ ଠକ୍କର ଓ ଅଥର୍ବ ସେଠ୍ ପୁରୁଷ ୪.୫ ଡବଲ୍ସ କାଟେଗୋରୀରେ ଏକ ରୌପ୍ୟ ପଦକ ଲାଭ କରିଛନ୍ତି। ଟାଇଟଲ ମୁକାବିଲାରେ ଏହି ଯୋଡ଼ି କାଇଆନ୍ ଆପେଲ ଓ ମାଇକେଲ ଭାନ୍ ଡୁସେନଙ୍କଠାରୁ ୮-୧୧, ୯-୧୧ରେ ହାରିଯାଇଛନ୍ତି। ଟୁର୍ନାମେଣ୍ଟରେ ଅର୍ଜୁନଙ୍କର ଏହା ହେଉଛି ତୃତୀୟ ସ୍ୱର୍ଣ୍ଣ। ତାଙ୍କ ଭାଇ ଆଦିତ୍ୟଙ୍କ ସହ ଏହା ଦ୍ୱିତୀୟ ସ୍ୱର୍ଣ୍ଣ।

## କୃତିତ୍ୱ



ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୩, ମଞ୍ଚେଶ୍ୱର ଭୁବନେଶ୍ୱରର ଛାତ୍ର ଶ୍ରୀ ଆଶୁତୋଷ ପଲାଇ ୯୯% ନମ୍ବର ରଖି ସେକେଣ୍ଡ ଟପ୍ପର ହୋଇଛନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ଆୟୋଜିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଗତ ବୁଧବାର ଦିନ ପ୍ରକାଶ ପାଇଛି। ଏହି ପରୀକ୍ଷାରେ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୩, ମଞ୍ଚେଶ୍ୱର, ଭୁବନେଶ୍ୱର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିଛନ୍ତି। ଶ୍ରୀ ଆଶୁତୋଷ ପଲାଇ ୯୯ ପ୍ରତିଶତ ନମ୍ବର ରଖି ପରୀକ୍ଷାରେ କୃତକାର୍ଯ୍ୟ ହେବା ସହ ବିଦ୍ୟାଳୟରେ ସେକେଣ୍ଡ ଟପ୍ପର ସ୍ଥାନ ହାସଲ କରିଛନ୍ତି ଓ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଧ-୧୧୩

# ଇଷ୍ଟବେଙ୍ଗଲ-ବେଙ୍ଗାଲୁରୁ ଏଫ୍‌ସି ମ୍ୟାଚ୍ ଡ୍ର

**କୋଲକାତା, ୧୬।୪ (ପି.ଟି.)**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ଗୁରୁବାର ଇଷ୍ଟବେଙ୍ଗଲ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୩-୩ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଛି। ପ୍ରଥମାର୍ଦ୍ଧ ଖେଳରେ ଇଷ୍ଟବେଙ୍ଗଲ ଦଳର ଖେଳାଳି ସଂଖ୍ୟା ୧୦କୁ ହ୍ରାସ ପାଇଥିଲେ ସୁଦ୍ଧା ଅନୱାର ଅଲି (୨୧ତମ ମିନିଟ), ସୌଲ କ୍ରେସ୍ପୋ (୫୫ତମ)ଏବଂ ଆଣ୍ଟନ ଏସ୍‌ଏ (୯୦+୭)ଙ୍କ ଗୋଲ୍ ବଳରେ ଦଳ ଏହି ମ୍ୟାଚକୁ ଅମୀମାଂସିତ ରଖିବାରେ ସମର୍ଥ ହୋଇଥିଲା। ବେଙ୍ଗାଲୁରୁ ଏଫ୍‌ସି ପକ୍ଷରୁ ଆଶିକ୍ କୁରୁନିୟାନ (୧୨ତମ), ସୁରେଶ ସିଂ (୩୯ତମ) ଓ ର୍‌ୟାନ ୱିଲିୟମ୍ସ (୭୧ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ଗୁରୁବାର ଏହି ଫଳାଫଳ ପରେ ଉଭୟ ଦଳର ପଏଣ୍ଟ ସଂଖ୍ୟା ୧୫ରେ ପହଞ୍ଚିଛି। ଇଷ୍ଟବେଙ୍ଗଲର ଏହା ୮ମ ଏବଂ ବେଙ୍ଗାଲୁରୁର ଏହା ୮ମ ମ୍ୟାଚ ଥିଲା। ଗୋଲ୍ ବ୍ୟବଧାନ ଭିତ୍ତିରେ ଇଷ୍ଟ ବେଙ୍ଗଲ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଥିବା ବେଳେ ବେଙ୍ଗାଲୁରୁ ଏଫ୍‌ସି ୪ର୍ଥ ସ୍ଥାନରେ ରହିଛି। ମିଡ୍‌ଫିଲ୍ଡରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ସୌଲ କ୍ରେସ୍ପୋ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ବେଙ୍ଗାଲୁରୁ ଏଫ୍‌ସିର ସୁନୀଲ ଛେତ୍ରୀ (ନୀଳ ଜର୍ସି) ଓ ଇଷ୍ଟବେଙ୍ଗଲ ଏଫ୍‌ସିର ସୌଭିକ୍ ଚକ୍ରବର୍ତ୍ତୀ ବଲ୍ ପାଇଁ ସଂଘର୍ଷ କରୁଛନ୍ତି।

# 'ଡୋପିଂ ସମସ୍ୟାର ସମାଧାନ ଲାଗି ଭାରତ ଆନ୍ତରିକତା ଉଦ୍ୟମ କରୁଛି'

**ନୂଆଦିଲ୍ଲୀ,୧୬।୪(ପିଟି)**

ଭାରତରେ ଡୋପିଂ ସମସ୍ୟା କାହାକୁ ଅଛପା ନାହିଁ। କିନ୍ତୁ ଏହାର ସମାଧାନ କରିବା ଲାଗି ଆନ୍ତରିକତା ସହିତ ଉଦ୍ୟମ କରାଯାଉଛି। ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି (ୱାଡା) ମୁଖ୍ୟ ୱିଟୋଲ୍ଡ ବାଙ୍କା ଗୁରୁବାର ଭାରତ ଗସ୍ତ ଶେଷ କରିବା ଅବସରରେ ଏହା କହିଛନ୍ତି। ୱାଡା ମୁଖ୍ୟ ତାଙ୍କର ଭାରତ ଗସ୍ତରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ନ୍ୟାଶନାଲ ଆଣ୍ଟି-ଡୋପିଂ ଏଜେନ୍ସି (ନାଡା) ମୁଖ୍ୟ ଅନନ୍ତ କୁମାର, କ୍ରୀଡ଼ା ସଚିବ ହରି ରଞ୍ଜନ ରାଓ ଏବଂ ସିବିଆଇ ମୁଖ୍ୟଙ୍କୁ ଭେଟିଥିଲେ।

''ପ୍ରଦର୍ଶନ ବୃଦ୍ଧିକାରୀ ଔଷଧ (ପିଇଡି) ଓ ଷ୍ଟେରଏଡ୍ସର ସବୁଠୁ ବଡ଼ ନିର୍ମାତା ହେଉଛି ଭାରତ। ଏଠାରେ ଏହା ଏକ ଗୁରୁତର ସମସ୍ୟା ରହିଛି ଏବଂ ଏହା କାହାକୁ ଅଛପା ନାହିଁ। ସମାନ ସମୟରେ ଭାରତ ବିଭିନ୍ନ କ୍ରୀଡ଼ାର ବିଶ୍ୱ ଚାମ୍ପିୟନଶିପ୍ସ ଓ ଅଲିମ୍ପିକ୍ସ ଭଳି ଇଭେଣ୍ଟ ଆୟୋଜନ କରିବାକୁ ଚାହୁଁଛି, ଯାହାକି ୱାଡା ନିୟମ ପାଳନ କରିବା ବିନା ସମ୍ଭବ ନୁହେଁ। ଅଲିମ୍ପିକ୍ସ ଅଭିଳାଷକୁ ପୂରଣ କରିବା ପାଇଁ ଡୋପ ସମସ୍ୟାର ସମାଧାନ ଦିଗରେ ଉଦ୍ୟମ କରାଯାଉଛି। ମୋ ମତରେ ଆନ୍ତରିକତା ସହିତ ପ୍ରୟାସ କରାଯାଉଛି। ମୁଁ ଭାରତର ଭବିଷ୍ୟତ ଲାଗି ଏକ ଆଶାବାଦୀ ରହିଛି'' ବୋଲି ବାଙ୍କା ଖବରଦାତା ସମ୍ମିଳନୀରେ କହିଛନ୍ତି। ୨୦୧୯ରେ ଇଣ୍ଟରପୋଲ ୱାଡାର ପାର୍ଟନର ହେବା ପରେ ଆରମ୍ଭ କରାଯାଇଥିବା 'ଅପରେଶନ ଅପଷ୍ଟ୍ରିମ' ମାଧ୍ୟମରେ ୨୫୦ ସ୍ଥାନରେ ଚଢ଼ାଉ କରାଯିବା ସହ ୯୦ ଟନ ପିଇଡିଏସ୍ ଜବତ କରାଯାଇଛି, ଯାହା ଫଳରେ ପ୍ରାୟ ୧୮୦ କୋଟି ଡୋଜ୍‌ର ନିଷିଦ୍ଧ ଔଷଧ ମାର୍କେଟରେ ପହଞ୍ଚିପାରି ନାହିଁ। ୨୦ ଦେଶରେ ଥିବା ୮୮ ବେଆଇନ ଲାବୋରେଟୋରିକୁ ମଧ୍ୟ ବନ୍ଦ କରାଯାଇଛି। ଏ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଗୋଇନ୍ଦା ତଥ୍ୟ ସଂଗ୍ରହ କରିବା ପାଇଁ ଆମେ ସିବିଆଇ ସହ ଆଲୋଚନା କରିଥିଲୁ। ବର୍ତ୍ତମାନ ଅପରେଶନ ଜାରି ରହିଥିବାରୁ ଏ ସମ୍ପର୍କରେ ଅଧିକ ତଥ୍ୟ ପ୍ରକାଶ କରାଯାଇପାରିବ ନାହିଁ।

# ସୁଇସ୍ ହକି କୋଚ୍ ଫିଂଶର ବହିଷ୍କୃତ

**ଜୁରିଚ୍, ୧୬।୪ (ଏପି)**

## କୋଭିଡ୍ ଭ୍ୟାକ୍ସିନ ସାର୍ଟିଫିକେଟ ଜାଲିଆତି

ଜଣେ ସୁଇସ୍ ହକି କୋଚ୍ ପ୍ୟାଟ୍ରିକ୍ ଫିଂଶର ତାଙ୍କ ପଦବୀରୁ ବହିଷ୍କୃତ ହୋଇଛନ୍ତି। କୋଭିଡ୍-୧୯ ମହାମାରୀ ଯୋଗୁ ୨୦୨୨ ୱିଣ୍ଟର ଅଲିମ୍ପିକ୍ସ ପାଇଁ ଚାଇନା ଗସ୍ତ ଲାଗି କଟକଣା ଥିଲା। ସେତେବେଳେ କିନ୍ତୁ ଫିଂଶର ଜାଲ କୋଭିଡ୍ ଭ୍ୟାକ୍ସିନ ସାର୍ଟିଫିକେଟ ଦାଖଲ କରି ସୁଇଜରଲାଣ୍ଡ ପୁରୁଷ ଦଳ ସହିତ ବେଜିଂ ଯାଇଥିଲେ। ଏକଥା ସ୍ୱୀକାର କରିବା ପରେ ସେ ତାଙ୍କ ପଦବୀରୁ ବହିଷ୍କୃତ ହୋଇଛନ୍ତି। ଫିଂଶର ତାଙ୍କ ଦୋଷ ସ୍ୱୀକାର କରିଥିବାରୁ ସୁଇସ୍ ଆଇସ୍ ହକି ଫେଡେରେଶନ ପ୍ରଥମେ ତାଙ୍କୁ ସମର୍ଥନ କରିଥିଲା ଏବଂ ଏହି ମାମଲାର ପରିସମାପ୍ତି ଘଟିଛି ବୋଲି କହିଥିଲା। ଆଇନଗତ ଭାବେ ଏହି ମାମଲାକୁ ବନ୍ଦ କରିଦିଆଯାଇଥିଲା। ମାତ୍ର ଏହାକୁ ନେଇ ସାଧାରଣରେ ବିତର୍କ ହେବାରୁ ଫେଡେରେଶନ ବୁଧବାର ଏହାର ଆଭିମୁଖ୍ୟ ବଦଳାଇ ତାଙ୍କୁ ପଦବୀରୁ ବହିଷ୍କୃତ କରିଛି।

# ଖଲିଲ, ପେନ୍ ଆଇପିଏଲ୍‌ରୁ ବାଦ୍

**ନୂଆଦିଲ୍ଲୀ, ୧୬।୪ (ପି.ଟି.)**




ଆଘାତପ୍ରାପ୍ତ ଯୋଗୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପେସ୍ ବୋଲର ଖଲିଲ ଅହମଦ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ସିମ ବୋଲର ଡେଭିଡ ପେନ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅବଶିଷ୍ଟାଂଶରୁ ବାଦ୍ ପଡ଼ିଛନ୍ତି। ଖଲିଲ ଏପର୍ଯ୍ୟନ୍ତ ସିଏସ୍‌କେର ସମସ୍ତ ୫ଟି ଗେମ୍‌ରେ ଖେଳିଛନ୍ତି। ଏପ୍ରିଲ ୧୪ରେ କେକେଆର ବିପକ୍ଷ ଗେମ୍ ବେଳେ ସେ ତାଙ୍କ ଡାହାଣ ପିଚାରେ ଯନ୍ତ୍ରଣା ଅନୁଭବ କରିଥିଲେ। ସିଏସ୍‌କେ ପାଇଁ ଟୁର୍ନାମେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ଥିର ପ୍ରଦର୍ଶନ କରିଆସୁଥିବା ଖେଳାଳିମାନଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ। ଆଘାତଜନିତ ସମସ୍ୟାରୁ ମୁକୁଳିବା ପାଇଁ ତାଙ୍କୁ ଅତି କମ୍‌ରେ ୧୦ରୁ ୧୨ ସପ୍ତାହ ସମୟ ଲାଗିବ ବୋଲି ଆଇପିଏଲ୍ ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ୩୫ ବର୍ଷୀୟ ପେନ୍ ସନ୍‌ରାଇଜର୍ସ ଦଳ ତରଫରୁ ପ୍ରଥମ ୨ଟି ମ୍ୟାଚ ଖେଳି ଦୁଇଟି ଉଇକେଟ ନେଇଥିଲେ। ପେନ୍‌ଙ୍କ ପାଦରେ ଆଘାତ ଲାଗିଛି। ସେ ଶୀଘ୍ର ଫିଟ୍ ହୋଇଯିବେ ବୋଲି ଆଶା କରାଯାଉଛି। ହାତରେ ଆଘାତପ୍ରାପ୍ତ ଯୋଗୁ ଇଂଲଣ୍ଡର ଅନ୍ୟ ଜଣେ କ୍ରିକେଟର ବ୍ରାଇଡନ୍ କାର୍ସ ଆଇପିଏଲ୍‌ରୁ ଓହରି ଯାଇଛନ୍ତି ସନ୍‌ରାଇଜର୍ସ ତାଙ୍କ ସ୍ଥାନରେ ଶ୍ରୀଲଙ୍କା ପେସ୍‌ର ଦିଲ୍‌ସାନ ମଦୁସାନକାଙ୍କୁ ଦଳରେ ନେଇଛି।


# Classified Everyday

0674-2580101, 9692975378



**REAL ESTATE**

**SALE**

**Ready to move apartment Sale Near Hanspal, Rasulgarh, Bhubaneswar. 9777433701.** D-29

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880.** D-106

**Plot Sale Near Sundarpada OEC College with Boundary wall- 6372670155.** D-30

**Ready to move Duplex at prime location near V2 Showroom, Patrapada, Bhubaneswar. Contact: 9861037729/ 9040337729.** D-76961

**Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay- 7077144498.** D-250



All types of physiotherapy and massage. Contact: 9556924059 / 7656969134. D-109

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly open Jyoti spa positively health benefits (Expert therapist). 8458067955. D-76960

**AFFIDAVIT**

By virtue of an affidavit sworn before the Notary Public, Birmaharajpur, Dtd.- 15.04.26, I, Pratyushranjan Patra, S/o- Pranabandhu Patra, R/o.- Bikalpur, P.O.- Kamira, P.S.- Subalaya, Dist.- Sonepur declare that I have changed my name and DOB from Pratyush Patra, DOB- 01.11.2010 to Pratyushranjan Patra, DOB- 12.11.2007. Henceforth I shall be known as Pratyushranjan Patra, DOB- 12.11.2007 for all purposes.
Pratyushranjan Patra
D-125

I, Indersan Gouda (DOB-10.06.1962), S/o.- Late Bhimsen Gouda, R/o. At-BTM Staff Colony, Qr. No.22, P.O.- Industrial Estate, P.S.- Sadar, Dist.- Jharsuguda (Odisha)-768203 declare by this affidavit No.1935, Dtd.- 15.04.2026 that now onwards I shall be known as Indrasen Gouda for all future purposes. D-124

I, ANANYA JAIN, aged about 37 yrs, W/o- Bikash Jain, resident of At- Khuntia Lane, Saanta Sahi, P.O.- Buxibazar, P.S.- Purighat, Dist.- Cuttack, PIN-753001, Odisha declare by this Affidavit No.- 867, dtd.- 16.04.2026 that now onwards I shall be known as ANANYA RAY for all future purposes. D-123

By virtue of an affidavit sworn before Notary Public, Bhubaneswar, dtd.-04.09.2023, I, Babita Behera, D/o.- Banamali Das, W/o.- Bhagyarathi Behera, At- Dolabedi Sahi, Jharapada, P.O.- Budheswari Colony, P.S.- Laxmisagar, Bhubaneswar, Dist.- Khurda, Odisha declare that I have changed my name from BABITA DAS to BABITA BEHERA. Henceforth, I shall be known as BABITA BEHERA for all purposes.
Babita Behera
D-122

By an affidavit sworn before Executive Magistrate, Bhubaneswar, I, N. Padmabati, W/o.- Late Pabitra Sahoo, R/o. IR-08 PHD Colony, Palasuni, P.O.-Rasulgarh, P.S.- Mancheswar, Bhubaneswar, Dist.- Khordha-751010 declare that I have changed my name from N. Padmabati to Padmabati Sahoo. Henceforth, I shall be known as Padmabati Sahoo for all purposes. D-121

By virtue of an affidavit in the Court of Executive Magistrate, Khaira, I, Hariram, S/o.- Bhim Ram declare that in my Aadhaar card my name has been mentioned as Hariram, S/o- Bhim Ram. But in Postal Savings Account, Damodarpur & National Savings Certificate my name has been recorded as Hari Ghadei, S/o- Bhima Ghadei. Both the above names belongs to one & same person. D-120

By virtue of an affidavit sworn before Notary Public, Bhubaneswar, Dtd.- 15.04.26, I, Kalyani Sahoo, Address: At/P.O.- Salabani, P.S.- Anandapur, Dist.- Keonjhar declare that I have changed the name of my son from Priti Suman Sahoo to Pritish Suman Sahoo. Henceforth, he shall be known as Pritish Suman Sahoo for all purposes.
Kalyani Sahoo
D-307

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଉଦୟନାଥ ମିଶ୍ର**
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୫।୨୦୦୮
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୨୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ହେମଲତା ଦେହୁରୀ**
ସ୍ଥାନ- ଆମ୍ବସରମୁଣ୍ଡା, ଆଠମଲ୍ଲିକ
ଆବିର୍ଭାବ: ୨୦।୦୧।୧୯୨୫
ତିରୋଧାନ: ୦୬।୦୪।୨୦୨୬
ତୋର ଅବର୍ତ୍ତମାନରେ ସମଗ୍ର ପରିବାର ଶୋକାକୁଳ। ତୋର ଅନୁପସ୍ଥିତି ମୁଁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ସଂଘର୍ଷମୟ ଜୀବନ, ପରିବାର ପ୍ରତି ସ୍ନେହ, ଶ୍ରଦ୍ଧା, ଧୈର୍ଯ୍ୟ, ସହନଶୀଳତା, ନିଷ୍ଠା, ସଂସ୍କାର, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ସର୍ବୋପରି ପରୋପକାରିତା ଆମ୍ଭ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଏଇ ଅଭାଗାପରି ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ତୋର ଆରାଧ୍ୟ ତଥା ପ୍ରାଣର ପ୍ରାଣ, ସ୍ୱପ୍ନେଶ୍ୱର ମହାଦେବଙ୍କ ଚରଣାରବିନ୍ଦରେ ଅନନ୍ତ କୋଟି ପ୍ରଣାମ କରୁଛୁ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୧୨୭

**ଏକାଦଶାହ ଉପଲକ୍ଷେ**



**୰ସୁଧାଂଶୁ ଶେଖର ଦାସ**
ପ୍ଲଟ୍ ନଂ-୧୪୨୧/୧୪୨୨, ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଆବିର୍ଭାବ : ୦୫.୧୧.୧୯୫୫
ତିରୋଧାନ : ୦୭.୦୪.୨୦୨୬
ଆପଣଙ୍କର ସରଳ ହୃଦୟ ଓ କର୍ମଠ ଜୀବନ ଆମ୍ଭମାନଙ୍କୁ ସର୍ବଦା ମାର୍ଗଦର୍ଶନ କରୁଥାଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ : ସହଧର୍ମିଣୀ-ପ୍ରଣତି ଦାସ, ଝିଅ-ଆଦ୍ୟାଶ୍ରୀ ଦାସ ଓ ତନୁଶ୍ରୀ ଦାସ, ଜ୍ୱାଇଁ-ସୌରଭ ମେହେଟ୍ଟା ଓ ତ୍ରିନୟ ହଜାରିକା, ନାତି-ନିଲ୍ ମେହେଟ୍ଟା ଓ ଅନ୍ୟ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୧୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।



**୰କ୍ରିଷ୍ଣ ପ୍ରସାଦ ମିଶ୍ର**
ଭୁବନେଶ୍ୱର
ଆବିର୍ଭାବ: ୦୧।୧୨।୧୯୫୪
ତିରୋଧାନ: ୦୭।୦୪।୨୦୨୬
ଏକାଦଶ ଦିନ ପାର ହୋଇଗଲା ତଥାପି ଶୁଖୁନି ଆଖିର ଲୁହ। ନୀରବତା ମଧ୍ୟେ ଆଜି ବି ଖୋଜୁଛୁ ତୁମ ସ୍ମିତ ହସଭରା ନିରୀହ ମୁହଁ।। ହୃଦୟରେ ଥାଉ ତୁମ ସରଳ ଛବି ଓ କର୍ମ ଭୂମିରେ ସ୍ମୃତି। ପ୍ରାର୍ଥନା ଓ ପୁଷ୍ପାଞ୍ଜଳିରେ କରୁଛୁ ସ୍ମରଣ ଈଶ୍ୱର ଦିଅନ୍ତୁ ତୁମ ଆତ୍ମାକୁ ଶାନ୍ତି।।
-:ଶୋକସନ୍ତପ୍ତ:-
ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୬

**ଊନବିଂଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବସନ୍ତ କୁମାରୀ ମହାପାତ୍ର**
ଆବିର୍ଭାବ : ୧୫.୦୨.୧୯୩୫ (ବସନ୍ତ ପଞ୍ଚମୀ)
ତିରୋଧାନ : ୦୭.୦୫.୧୯୯୭ (ରୁକ୍ମିଣୀ ଅମାବାସ୍ୟା)
ସ୍ୱାମୀ: ସ୍ୱର୍ଗତ ଇଂ. ଶ୍ରୀଯୁକ୍ତ ଦୟାନିଧି ମହାପାତ୍ର
ପ୍ଲଟ୍ ନଂ- ଜି-୫. ବି.ଜେ.ବି. ନଗର, ଭୁବନେଶ୍ୱର-୧୪
ତୋରି ଦେହର ଅଂଶ ଆମେ ସବୁ, ତୁ ନ'ମାସ ଗର୍ଭରେ ଆମକୁ ରଖିଥିଲୁ । ଆଶୀର୍ବାଦ କର ଚିରଦିନ ପାଇଁ ତୁ ଆମ ପାଖରେ ରହିଥିବୁ । ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ଗୁହାରି ।
ଶୋକସନ୍ତପ୍ତ: ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି, ନାତୁଣୀ ଓ ପରିବାରବର୍ଗ
ଧ-୧୧୦

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

# ଆଇପିଏଲ୍‌ର ନୂଆ ତାରକା



**ଆଇପିଏଲ୍‌ର ନୂଆ ତାରକା ଭାବେ ଉଭା ହୋଇଛନ୍ତି ଦୁଇ ଦ୍ରୁତ ବୋଲର ନାଗପୁରର ପ୍ରଫୁଲ୍ଲ ହିଙ୍ଗେ ଓ ବିହାରର ସାକିବ ହୁସେନ। ଆଇପିଏଲ୍‌ରେ ସାଧାରଣତଃ ବ୍ୟାଟରମାନେ ଚର୍ଚ୍ଚାର ଶିରୋନାମାରେ ରହିଥାନ୍ତି। ମାତ୍ର ଏହି ଦୁଇ ଦ୍ରୁତ ବୋଲର ପ୍ରଥମ ପଦାର୍ପଣରେ ହିଁ ଦକ୍ଷତା ପ୍ରଦର୍ଶନ କରି ନିଜ ଉପସ୍ଥିତି ଜାହିର କରିଛନ୍ତି...**



ସାକିବ ହୁସେନ

ପ୍ରଫୁଲ୍ଲ ହିଙ୍ଗେ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଅନେକ ଯୁବ ଖେଳାଳିଙ୍କ ଭାଗ୍ୟ ପରିବର୍ତ୍ତନ କରିବାରେ ସହାୟକ ହୋଇଛି। ଏଥିରେ ଉଚ୍ଚକୋଟୀର ପ୍ରଦର୍ଶନ କରି କେତେଜଣ ଖେଳାଳି ସେମାନଙ୍କ ଜାତୀୟ ଦଳରେ ସ୍ଥାନ ପାଇ ପାରିଛନ୍ତି। ପ୍ରକୃତ କଥା ହେଲା ଯେଉଁ ଖେଳାଳିମାନେ ସୁଯୋଗର ସଦୁପଯୋଗ କରିଛନ୍ତି ସେମାନେ ଆଗକୁ ବଢ଼ିଛନ୍ତି। ଏଥର ଆଇପିଏଲ୍‌ରେ ନୂଆ ତାରକା ଭାବେ ଉଭା ହୋଇଛନ୍ତି ନାଗପୁରର ପ୍ରଫୁଲ୍ଲ ହିଙ୍ଗେ ଓ ବିହାରର ସାକିବ ହୁସେନ। ୨୪ ବର୍ଷରେ ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଆଇପିଏଲ୍ ପଦାର୍ପଣ କରିବାର ସୁଯୋଗ ପାଇଥିବା ହିଙ୍ଗେ ମିଳିଥିବା ସୁଯୋଗର ଭରପୂର ଉପଯୋଗ କରିଛନ୍ତି। ସେହିପରି ୨୧ ବର୍ଷୀୟ ସାକିବ ମଧ୍ୟ ସୁଯୋଗ ମିଳିବା ମାତ୍ରେ ନିଜ ଫ୍ରାଞ୍ଚାଇଜ୍‌କୁ ଖୁସି କରିଛନ୍ତି।

### ପ୍ରଫୁଲ୍ଲ ହିଙ୍ଗେ

ଆଇପିଏଲ୍ ପଦାର୍ପଣରେ ଘାତକ ବୋଲିଂ ଯୋଗୁ ପ୍ରଫୁଲ୍ଲ ହିଙ୍ଗେ ବର୍ତ୍ତମାନ କ୍ରିକେଟ ପ୍ରଶଂସକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ନିଜ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ, ୪ର୍ଥ ବଲ୍‌ରେ ଇନ୍‌ଫର୍ମ ଧ୍ରୁବ ଜୁରେଲ ଓ ୬ଷ୍ଠ ବଲ୍‌ରେ ଏଲ.ଜି. ପ୍ରିଟୋରିଅସଙ୍କ ଉଇକେଟ ନେଇ ସେ ଚହଳ ପକାଇ ଦେଇଥିଲେ। କେବଳ ସେତିକି ନୁହେଁ ଦ୍ୱିତୀୟ ଓଭରର ୬ଷ୍ଠ ବଲ୍‌ରେ ଅଧିନାୟକ ରିୟାନ ପରାଗଙ୍କୁ ମଧ୍ୟ ପ୍ୟାଭିଲିଅନ ପଥ ଦେଖାଇଥିଲେ। ହେଲେ ଗତ ସୋମବାର ରାଜସ୍ଥାନ ରୟାଲ୍ସ ବିପକ୍ଷରେ ସେ ଖେଳିବେ ବୋଲି ତାଙ୍କ ପରିବାର ସଦସ୍ୟଙ୍କୁ ଜଣା ନ ଥିଲା। ଏହା ତାଙ୍କ ବାପା ପ୍ରକାଶ ହିଙ୍ଗେ ପ୍ରକାଶ କରିଛନ୍ତି। 'ପ୍ରଫୁଲ୍ଲ ଇମ୍ପାକ୍ଟ ପ୍ଲେୟର ଲିଷ୍ଟରେ ସ୍ଥାନ ପାଇଥିବାରୁ କେବେ ଖେଳିପାରନ୍ତି ବୋଲି ଆମକୁ ଜଣାଥିଲା। ମାତ୍ର ସେ ଖେଳିବେ କି ନାହିଁ ବୋଲି ଆମେ କେବେ ତାଙ୍କୁ ପଚାରି ନାହୁଁ। ସେ ପ୍ରତିଦିନ ଶୋଇବା ପୂର୍ବରୁ ରାତି ୧୦ରେ ଫୋନ୍ କରନ୍ତି। ଆମେ ତାଙ୍କୁ ଖାଇଲୁ କି ନାହିଁ ଭଳି ସାଧାରଣ କଥା ପଚାରୁ। ସୋମବାର ଆଇପିଏଲ୍ ମ୍ୟାଚ୍ ଦେଖିବାରୁ ଯାଇ ଆମେ ତାଙ୍କ ପଦାର୍ପଣ ସମ୍ପର୍କରେ ଜାଣିବାକୁ ପାଇଥିଲୁ। ଏହା ଆମକୁ ବହୁତ ଖୁସି ଦେଇଥିଲା' ବୋଲି ପ୍ରକାଶ ହିଙ୍ଗେ କହିଛନ୍ତି। ମ୍ୟାଚ୍ ଆଗକୁ ବଢ଼ିବା ସହ ଆମ ଖୁସି ଦ୍ୱିଗୁଣିତ ହୋଇଥିଲା। ପ୍ରଫୁଲ୍ଲ(୨-୦-୬-୪) ଜବରଦସ୍ତ ବୋଲିଂ କରି ରାଜସ୍ଥାନର ଟପ୍ ଅର୍ଡରକୁ ଧ୍ୱଂସ କରି ଦେଇଥିଲେ, ଯାହାଫଳରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୫୭ ରନ୍‌ରେ ବିଜୟୀ ହୋଇଥିଲା।

ନାଗପୁରରେ ଜନ୍ମିତ ପ୍ରକାଶ ୧୩ ବର୍ଷ ତଳେ ପୁଅ ପ୍ରଫୁଲ୍ଲଙ୍କ କ୍ରିକେଟ ପ୍ରତି ଭଲପାଇବା ଦେଖି ସ୍ଥାନୀୟ ଜିମ୍‌ଖାନା କ୍ଲବ୍‌ରେ ତାଙ୍କ ନାମ ଲେଖାଇଥିଲେ। ଏ ସମ୍ପର୍କରେ ତାଙ୍କ ବାପା କହିଛନ୍ତି, ମୋ ପୁଅର କ୍ରିକେଟ ପ୍ରତି ଦୁର୍ବଳତା ଥିଲା। ଏଣୁ ସ୍ଥାନୀୟ ଏକାଡେମୀରେ ତାଙ୍କ ନାମ ଲେଖାଇଥିଲି। କିନ୍ତୁ ମୁଁ ତାଙ୍କୁ ପାଠପଢ଼ା ଓ କ୍ରିକେଟ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କହିଥିଲି। ମୁଁ ତାଙ୍କୁ ନିଜ ବାଟ ବାଛିବାର ସ୍ୱାଧୀନତା ଦେଇଥିଲି। ୧୬ ବର୍ଷରୁ କମ୍ ବିଦର୍ଭ ଦଳରେ ସେ ସ୍ଥାନ ପାଇବା ପରେ ମୁଁ ସେମାନଙ୍କ ଉପରେ ଭରସା କରିଥିଲି। ବିଦର୍ଭ କ୍ରିକେଟ ଆସୋସିଏଶନ ସହ ଜଡ଼ିତ ଥିବା ପୂର୍ବତନ ଭାରତୀୟ ପେସର ପ୍ରଶାନ୍ତ ବୈଦ୍ୟ ମୋ ପୁଅ ପ୍ରଫୁଲ୍ଲଙ୍କ ପାଖରେ କିଛି କରି ଦେଖାଇବାର ନିଶାଥିବା ଜାଣି ପାରିଥିଲେ ଏବଂ ସେ ମୋତେ ତାଙ୍କୁ ଚେନ୍ନାଇସ୍ଥିତ ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନ ପଠାଇବାକୁ ପରାମର୍ଶ ଦେଇଥିଲେ। ସେହି ସମୟରେ ଅଣ୍ଟାର ତଳଭାଗରେ ଦେଖାଇଥିବା ଇଞ୍ଜୁରି ତାଙ୍କ କ୍ୟାରିୟର ପ୍ରତି ବିପଦ ସୃଷ୍ଟି କରିଥିଲା। ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନ କୋଚ୍ ଏମ୍. ସେଥିଲନାଥନ ଓ ବର୍ତ୍ତମାନ ଏସ୍‌ଆର୍‌ଏଚ୍‌ର ବୋଲିଂ କୋଚ୍ ଥିବା ବରୁନ ଆରୋନଙ୍କ ମାର୍ଗଦର୍ଶନରେ ପ୍ରଫୁଲ୍ଲଙ୍କ ବୋଲିଂ ଆହୁରି ଶାଣିତ ହୋଇଥିଲା। ''ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନ କୋଚ୍ ସେଥିଲନାଥନ ଓ ବରୁନ୍‌ଙ୍କୁ ଯେତେ ବି ଧନ୍ୟବାଦ ଦେଲେ କମ୍ ହେବ। ପ୍ରଫୁଲ୍ଲ ଯଦି ଆଜି ଆଇପିଏଲ୍‌ରେ ଖେଳିପାରିଛି, ତେବେ ସେଥିଲାଗି ସେମାନଙ୍କୁ ଶ୍ରେୟ ଦିଆଯିବା ଦରକାର। ଗ୍ଲେନ୍ ମ୍ୟାକ୍‌ଗ୍ରା ପ୍ରଫୁଲ୍ଲଙ୍କୁ ଖୁବ୍ ଆତ୍ମବିଶ୍ୱାସ ଦେଇଥିଲେ। ସେ ହାଇପର୍‌ଫର୍ମାନ୍ସ କୋଚ୍‌ଙ୍କ ସହ ଟ୍ରେନିଂ ଲାଗି ବ୍ରିସ୍‌ବେନ ମଧ୍ୟ ଯାଇଥିଲେ।

### ସାକିବ ହୁସେନ

୨୦୦୪ ଡିସେମ୍ବର ୧୪ରେ ଜନ୍ମିତ ସାକିବ ହୁସେନ ଘରୋଇ କ୍ରିକେଟରେ ବିହାର ପକ୍ଷରୁ ୬ଟି ପ୍ରଥମଶ୍ରେଣୀ ଏବଂ ୧୩ଟି ଟି୨୦ ମ୍ୟାଚ ଖେଳିବାର ଅଭିଜ୍ଞତା ରଖି ଆଇପିଏଲ୍ ପଦାର୍ପଣ କରିଛନ୍ତି। ପ୍ରଥମ ଓଭରରେ ପ୍ରଫୁଲ୍ଲ ହିଙ୍ଗେ ଚର୍ଚ୍ଚାର ଶିରୋନାମା ପାଲଟି ଯାଇଥିବାରୁ ସାକିବଙ୍କ ପାଇଁ ନିଜ ଉପସ୍ଥିତି ଜାହିର କରିବା ସହଜ ନ ଥିଲା। ମାତ୍ର ପ୍ରତିଭା କେବେହେଲେ ଲୁଚି ରହେନାହିଁ। ସେ ନିଜ ପ୍ରଥମ ଓଭରର ୪ର୍ଥ ବଲ୍‌ରେ ଫର୍ମରେ ଥିବା ଯଶସ୍ୱୀ ଜୟସ୍ୱାଲଙ୍କ ଉଇକେଟ ନେଇ ମନୋବଳ ଦୃଢ଼ କରିଥିଲେ। ଏହାପରେ ଇନିଂସର ଟପ୍ ସ୍କୋରର ଡୋନୋଭାନ ଫେରେରା, ଜୋଫ୍ରା ଆର୍ଚର ଓ ରବି ବିଷ୍ଣୋଇଙ୍କୁ ଆଉଟ କରି ହିଙ୍ଗେଙ୍କ ସମ୍ମାନ ଭାଗ କରିଥିଲେ।

–ଅନାଦି କର

## ଭୁବନେଶ୍ୱରରେ ଟ୍ରେନିଂ ନେଇଥିଲେ ପ୍ରଫୁଲ୍ଲ ଓ ସାକିବ



କୋଚ୍ ଶିବ ଶଙ୍କର ରାଓ

୨୪ ବର୍ଷୀୟ ପ୍ରଫୁଲ୍ଲ ଓ ତାଙ୍କ ସନରାଇଜର୍ସ ହାଇଦ୍ରାବାଦ ସାଥୀ ସାକିବ ହୁସେନ (୨୧)ଙ୍କର ଭୁବନେଶ୍ୱରର ପଟିଆସ୍ଥିତ ରାଓ କ୍ରିକେଟ ଏକାଡେମୀ ସହିତ କନେକ୍‌ଶନ ରହିଛି। ଆଇପିଏଲ୍ ପୂର୍ବରୁ ପୂର୍ବତନ ଝାଡ଼ଖଣ୍ଡ ଖେଳାଳି ତଥା କୋଚ୍ ଶିବ ଶଙ୍କର ରାଓଙ୍କ ଦ୍ୱାରା ପରିଚାଳିତ ଏକାଡେମୀରେ ସ୍ୱତନ୍ତ୍ର ଟ୍ରେନିଂ ନେବା ପାଇଁ ଦୁଇ ଖେଳାଳିଙ୍କୁ ଭାରତ ତଥା ଝାଡ଼ଖଣ୍ଡର ପୂର୍ବତନ ପେସର ବରୁନ ଆରୋନ ପଠାଇଥିଲେ। ବରୁନ ଆରୋନ ମଧ୍ୟ ପୂର୍ବରୁ ଝାଡ଼ଖଣ୍ଡ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ବେଳେ ରାଓଙ୍କ ନିକଟରୁ ଟ୍ରେନିଂ ନେଇଥିଲେ। ତେଣୁ ସେ ତାଙ୍କର ଦକ୍ଷତା ଏବଂ କାମ କରିବାର ତରିକା ସମ୍ପର୍କରେ ଭଲଭାବେ ଜାଣିଥିଲେ। ରାଓଙ୍କ ଅଧୀନରେ ଟ୍ରେନିଂ ନେଲେ ହିଙ୍ଗେ ଓ ହୁସେନଙ୍କ ବୋଲିଂ ଅଧିକ ଶାଣିତ ହେବ ବୋଲି ସେ ଜାଣିଥିଲେ। ତାଙ୍କର ଏହି ଉଦ୍ୟମ ଫଳପ୍ରଦ ହୋଇଛି। ଦୁଇ ଖେଳାଳି ନିଜର ପ୍ରଥମ ମ୍ୟାଚରେ ହିଁ ଦକ୍ଷତା ପ୍ରଦର୍ଶନ କରିଛନ୍ତି ଏବଂ କ୍ରିକେଟ ମହଲରେ ପରିଚିତ ହୋଇ ଯାଇଛନ୍ତି।

ଏ ସମ୍ପର୍କରେ ରାଓ କହିଛନ୍ତି ଯେ, ''ଜାନୁଆରୀ ମଧ୍ୟଭାଗରେ ୧ ମାସ ଟ୍ରେନିଂ ପାଇଁ ହିଙ୍ଗେ ଓ ହୁସେନ ଭୁବନେଶ୍ୱର ଆସିଥିଲେ। ବରୁନ ପୂର୍ବରୁ ମୋ ନିକଟରୁ ଟ୍ରେନିଂ ନେଉଥିଲେ। ତାଙ୍କର ମୋ ଉପରେ ବିଶ୍ୱାସ ଥିବାରୁ ସନ୍‌ରାଇଜର୍ସର ବୋଲିଂ କୋଚ୍‌ଭାବେ ସେ ଏହି ଦୁଇ ଖେଳାଳିଙ୍କ ପ୍ରଦର୍ଶନକୁ ମାର୍ଜିତ କରିବାକୁ ଏଠାକୁ ପଠାଇଥିଲେ। ମୁଁ କୌଣସି ନିର୍ଦ୍ଦିଷ୍ଟ ଏରିଆ ଉପରେ କାମ ନ କରି ସେମାନଙ୍କ ଓଭରଅଲ୍ ବୋଲିଂରେ ସୁଧାର ଆଣିବାକୁ ଚେଷ୍ଟା କରିଥିଲି। ତାହାର ଫଳାଫଳ ଏବେ ପୂରା କ୍ରିକେଟ ଜଗତ ଦେଖୁଛି। ଦୁଇ ଖେଳାଳି ଏଠାକାର ହଷ୍ଟେଲରେ ରହିଥିଲେ ଏବଂ କଠିନ ପରିଶ୍ରମ କରିଥିଲେ। ଏକାଡେମୀର ଖେଳାଳିଙ୍କ ସହିତ ସେମାନଙ୍କ ବଣ୍ଡିଂ ଖୁବ୍ ଭଲ ଥିଲା। କିଛି କରି ଦେଖାଇବାର ଭୋକ ସେମାନଙ୍କ ମଧ୍ୟରେ ମୁଁ ଦେଖିବାକୁ ପାଇଥିଲି। ତେଣୁ ଆଗାମୀ ଦିନରେ ସେମାନେ କିଛି ନା କିଛି କରିବେ ବୋଲି ମୋ ମନରେ ବିଶ୍ୱାସ ହୋଇଥିଲା। ମାତ୍ର ପଦାର୍ପଣର ପ୍ରଥମ ମ୍ୟାଚରେ ହିଁ ଦୁହେଁ ସେମାନଙ୍କ ପ୍ରତିଭା ଦେଖାଇଛନ୍ତି। ଉଭୟଙ୍କ ପ୍ରଦର୍ଶନରେ ଆମେ ଅତ୍ୟନ୍ତ ଖୁସି। ଆମ ପରିଶ୍ରମ ଫଳପ୍ରଦ ହୋଇଛି। ସେମାନଙ୍କ ସଫଳତାକୁ ନେଇ ଆମେ ଏକାଡେମୀରେ ସେଦିନ ସେଲିବ୍ରେଟ କରିଥିଲୁ। ଏକାଡେମୀରେ ଟ୍ରେନିଂ ନେଉଥିବା ସମସ୍ତ ଖେଳାଳି ଓ କୋଚ୍ ଅତ୍ୟନ୍ତ ଖୁସି'' ବୋଲି ରାଓ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଉଭୟ ହିଙ୍ଗେ ଓ ହୁସେନ ସେମାନଙ୍କ ବେସ୍ ପ୍ରାଇସ୍ ୩୦ ଲକ୍ଷ ଟଙ୍କାରେ ସନ୍‌ରାଇଜର୍ସ ଦଳକୁ ଯାଇଥିଲେ। ମାତ୍ର ଏବେ ପୂରା କ୍ରିକେଟ ଜଗତର ନଜର ତାଙ୍କ ଉପରେ ରହିଥିବାରୁ ଆଗାମୀ ମେଗା ଅକ୍ସନ ସମୟରେ ସେମାନେ ଫାଇଦାରେ ରହିବା ଆଶା କରାଯାଉଛି। ପ୍ରକାଶ ଯୋଗ୍ୟ ଯେ, ୨୦୦୧ରୁ ୨୦୧୪ ମଧ୍ୟରେ ବିହାର ପକ୍ଷରୁ ୫୩ ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ୍ ଖେଳିଥିବା ରାଓଙ୍କ ତତ୍ତ୍ୱାବଧାନରେ ପଟିଆରେ ଏକାଡେମୀ ପରିଚାଳିତ ହେଉଛି। ଏହି ଏକାଡେମୀରେ ଏବେ ୧୫୦ରୁ ଊର୍ଦ୍ଧ୍ୱ ପିଲା ପ୍ରଶିକ୍ଷଣ ନେଉଛନ୍ତି। ସେମାନଙ୍କ ମଧ୍ୟରୁ ପାଖାପାଖି ୭୦ ପିଲା ହଷ୍ଟେଲରେ ରହି ଟ୍ରେନିଂ କରୁଛନ୍ତି ବୋଲି ରାଓ ପ୍ରକାଶ କରିଛନ୍ତି।

–ତପନ ସ୍ୱାଇଁ

# ଭିନ୍ନ ସୋପାନରେ ବୈଶାଳୀ

କ୍ୟାଣ୍ଡିଡେଟ୍ସ ଚେସ୍ ଇତିହାସରେ ଭାରତ ପକ୍ଷରୁ ୧୯୯୫ ଓ ୨୦୧୪ରେ ବିଶ୍ୱନାଥନ ଆନନ୍ଦ ଏବଂ ୨୦୨୪ରେ ଚାମ୍ପିୟନ ହୋଇଥିଲେ ଡି. ଗୁକେଶ। ଓପନ ବର୍ଗରେ ଏହି ଦୁଇ ଖେଳାଳି ପ୍ରଭାବୀ ପ୍ରଦର୍ଶନ କରି ଦେଶକୁ ଗର୍ବିତ କରିଥିଲେ। ଆନନ୍ଦ ୫ ଥର ବିଶ୍ୱ ଚାମ୍ପିୟନ ହୋଇଥିବା ବେଳେ ବର୍ତ୍ତମାନ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲର ଅଧିକାରୀ ଅଛନ୍ତି ଗୁକେଶ। ଏହି ପଥରେ ଏବେ ଜଣେ ଭାରତୀୟ ମହିଳା ଖେଳାଳି ଅଗ୍ରସର ହୋଇଛନ୍ତି। ପ୍ରଥମ ଭାରତୀୟ ମହିଳା ଖେଳାଳିଭାବେ କ୍ୟାଣ୍ଡିଡେଟ୍ସ ଟାଇଟଲ ଜିତି ବିଶ୍ୱ ଚାମ୍ପିୟନଶିପରେ ଚ୍ୟାଲେଞ୍ଜର ହେବାକୁ ଯୋଗ୍ୟତା ଅର୍ଜନ କରିଥିବା ଖେଳାଳି ହେଉଛନ୍ତି ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ। ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପିଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା ଭାବେ ସେ ବିଶ୍ୱ ଟାଇଟଲ ପାଇଁ ମୁକାବିଲା କରିବେ। ସାଇପ୍ରସର ପାଫୋସଠାରେ ଗତ ୧୫ ତାରିଖରେ ଅନୁଷ୍ଠିତ କ୍ୟାଣ୍ଡିଡେଟ୍ସ ଚେସ୍‌ର ଅନ୍ତିମ ରାଉଣ୍ଡରେ ପ୍ରତିଦ୍ୱନ୍ଦ୍ୱୀ ୟୁକ୍ରେନିଆନ-ରୁଷିଆନ ଗ୍ରାଣ୍ଡମାଷ୍ଟର କାଟରିନା ଲଗ୍ନୋଙ୍କୁ ପରାସ୍ତ କରି କ୍ୟାରିୟରର ଏକ ଭିନ୍ନ ସୋପାନରେ ପହଞ୍ଚି ଯାଇଛନ୍ତି ବୈଶାଳୀ। ପୂର୍ବରୁ ସାନଭାଇ ଆର. ପ୍ରଜ୍ଞାନନ୍ଦଙ୍କ ସଫଳତାରେ ପରିଚିତ ହେଉଥିବା ବୈଶାଳୀ ଏବେ ନିଜପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ହେବାକୁଥିବା ମହିଳା ଚେସ୍‌ର ସବୁଠାରୁ ବଡ଼ ପ୍ରତିଯୋଗିତା ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଚାଇନାର ଜୁ ୱେନଜୁନ୍‌ଙ୍କୁ ଭେଟିବେ। ଭାରତରେ ମହିଳା ଚେସ୍‌କୁ ଏକ ନୂଆ ପରିଚୟ ଦେଇଥିଲେ କୋନେରୁ ହମ୍ପି। ବୈଶାଳୀ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟରେ ମୋଟ ୮.୫ ପଏଣ୍ଟ ହାସଲ କରି ତାଙ୍କ ପଦାଙ୍କ ଅନୁସରଣ କରିଛନ୍ତି। ଏବେ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟର ବିଜେତା ବିଶ୍ୱ ଚାମ୍ପିୟନଶିପ୍‌ରେ ଅବତୀର୍ଣ୍ଣ ହେଉଛନ୍ତି। ବିଶ୍ୱ ଟାଇଟଲ ହାସଲଧାରୀଙ୍କ ସହ ସେମାନଙ୍କର ମୁକାବିଲା ହେଉଛି। ମାତ୍ର ପୂର୍ବରୁ ପ୍ରଥମ ଭାରତୀୟ ମହିଳା ଭାବେ ବିଶ୍ୱ ଚେସ୍ ଖେଳି ସାରିଥିବା ହମ୍ପି କିନ୍ତୁ କ୍ୟାଣ୍ଡିଡେଟ୍ସ ଚେସ୍ ବିଜେତା ହୋଇ ନ ଥିଲେ। ସେ ୨୦୦୯-୨୦୧୧ ଫିଡେ ମହିଳା ଗ୍ରାଁ ପ୍ରିରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଶ୍ୱ ଚାମ୍ପିୟନଶିପ୍ ଖେଳିଥିଲେ। ତେବେ ୧୫ ବର୍ଷ ପୂର୍ବରୁ ଫାଇନାଲରେ ସେ ଚାଇନିଜ୍ ଗ୍ରାଣ୍ଡମାଷ୍ଟର ହୋଉ ୟିଫାନଙ୍କଠାରୁ ହାରି ଯାଇଥିଲେ। ଏଥର ଯଦି ବୈଶାଳୀ ଚାମ୍ପିୟନ ହେବେ ତେବେ ପ୍ରଥମ ଭାରତୀୟ ମହିଳାଭାବେ ଇତିହାସ ରଚିବେ।



ଆର. ବୈଶାଳୀ



**ପ୍ରଥମ ଭାରତୀୟ ମହିଳା ଭାବେ ମହିଳା କ୍ୟାଣ୍ଡିଡେଟ୍ସ ଚେସ୍ ଟାଇଟଲ ହାସଲ କରି ଇତିହାସ ରଚିଛନ୍ତି ଆର. ବୈଶାଳୀ। କୋନେରୁ ହମ୍ପିଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା ଭାବେ ସେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ମୁକାବିଲା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଫଳରେ ବୈଶାଳୀଙ୍କ କ୍ୟାରିୟର ଭିନ୍ନ ସୋପାନରେ ପହଞ୍ଚିଛି...**

୨୦୦୧ ଜୁନ ୨୧ରେ ଚେନ୍ନାଇରେ ଜନ୍ମିତ ବୈଶାଳୀଙ୍କ ପରିବାର ହେଉଛନ୍ତି ଚେସ୍‌ପ୍ରତି ସମର୍ପିତ। ତାଙ୍କ ସାନଭାଇ ଆର. ପ୍ରଜ୍ଞାନନ୍ଦ ମଧ୍ୟ ଜଣେ ଗ୍ରାଣ୍ଡମାଷ୍ଟର ଏବଂ ଭାରତୀୟ ଚେସ୍ ମହଲରେ ବିସ୍ମୟ ବାଳକଭାବେ ପରିଚିତ। ତାଙ୍କ ବାପାଙ୍କ ନାମ ରମେଶବାବୁ ଏବଂ ମା' ନାଗାଲକ୍ଷ୍ମୀ। ତୁଳସୀ ଦୁଇପତ୍ରରୁ ବାସିବାପରି ବୈଶାଳୀ ପିଲାଟି ଦିନରୁ ଚେସ୍ ବୋର୍ଡରେ ନିଜ ପ୍ରତିଭା ପ୍ରଦର୍ଶନ କରି ଆଗକୁ ବଢ଼ିଛନ୍ତି। ସେ କ୍ୟାରିୟରରେ ଦୁଇଥର ୨୦୨୩ ଓ ୨୦୨୫ରେ ଫିଡେ ମହିଳା ଗ୍ରାଣ୍ଡ ସୁଇସ୍ ଟୁର୍ନାମେଣ୍ଟ ଜିତି ସାରିଛନ୍ତି। ୨୦୨୪ରେ ମହିଳା ୱାର୍ଲ୍ଡ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏବେ କ୍ୟାରିୟରର ସବୁଠାରୁ ବଡ଼ ମୁକାବିଲା ପାଇଁ ସେ ପ୍ରସ୍ତୁତ। ବୈଶାଳୀ ୨୦୧୮ରେ ମହିଳା ଗ୍ରାଣ୍ଡମାଷ୍ଟର, ୨୦୨୧ରେ ଅନ୍ତର୍ଜାତୀୟ ମାଷ୍ଟର ଏବଂ ୨୦୨୪ରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିଲେ। ଭାରତର ତୃତୀୟ ମହିଳା ଖେଳାଳିଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିଲେ। ପ୍ରଥମ ଭାଇ-ଭଉଣୀ ଭାବେ ପ୍ରଜ୍ଞାନନ୍ଦ ଓ ବୈଶାଳୀ ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ପାଇଥିଲେ।

### ସଂକ୍ଷେପରେ ବୈଶାଳୀ

ଜନ୍ମ: ୨୦୦୧ ଜୁନ ୨୧
ମା: ନାଗାଲକ୍ଷ୍ମୀ, ବାପା: ରମେଶବାବୁ,
ସାନଭାଇ: ଆର. ପ୍ରଜ୍ଞାନନ୍ଦ
ଫିଡେ ରେଟିଂ: ୨୪୭୦ (ଏପ୍ରିଲ ୨୦୨୬)
ପିକ୍ ରେଟିଂ: ୨୫୦୬ (ଅଗଷ୍ଟ ୨୦୨୪)
୨୦୧୬: ମହିଳା ଅନ୍ତର୍ଜାତୀୟ ମାଷ୍ଟର
୨୦୧୮: ମହିଳା ଗ୍ରାଣ୍ଡମାଷ୍ଟର
୨୦୨୧: ଅନ୍ତର୍ଜାତୀୟ ମାଷ୍ଟର
୨୦୨୪: ଗ୍ରାଣ୍ଡମାଷ୍ଟର ଟାଇଟଲ
୨୦୨୪: ଅର୍ଜୁନ ପୁରସ୍କାର

### ଆଇପିଏଲ୍

ପାଞ୍ଚ ମ୍ୟାଚରୁ ଚାରି ମ୍ୟାଚ ଜିତି
ଶୀର୍ଷରେ ଆରସିବି ଦଳ
ରସିଖ ସଲାମ ଦାରଙ୍କ ଘାତକ
ବୋଲିଂ ଆଣିଲା ବଳ
ବିରାଟ ମାରିଲା ତାଳ
ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ହେଲା
ରୟାଲ ଚ୍ୟାଲେଞ୍ଜର୍ସ କାଳ.. ୧

ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ
କେକେଆର୍ କ୍ୟାପଟେନ
ଅଜିଙ୍କ୍ୟ ରାହାନେ ସ୍ଲୋ ବୋଲିଂ କରି
ହୋଇଗଲା ସାବଧାନ
ଜୋରି ମାନା ଦେବ ଧନ
ବାର ଲକ୍ଷ ଟଙ୍କା ରୋକ ଠୋକ ଗଣିବ
ଟଙ୍କା ନୁହଁ ସତେ ପାନ.. ୨

ଆଇପିଏଲର ଊଣେଇଶତମ
ସଂସ୍କରଣ ଚାଲେ ଏଠି
ଛେଳି ମେଣ୍ଢା ଘୋଡା ନିଲାମ ପରିକା
ଭଡାରେ ଖେଳନ୍ତି ପାର୍ଟି
ଲକ୍ଷ ନୁହଁ ଉଡେ କୋଟି
ଦି ଓଳି ମୁଠାଏ ପାଆନ୍ତିନି କେତେ
ଜୀବନଟା ଖଟି ଖଟି..୩

–ସୁବାସ ଚନ୍ଦ୍ର ପ୍ରଧାନ

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ Business queries: <advt@dharitri.com>